# ଧରିତ୍ରୀ
DHARITRI

Dharitri 50 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୩/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, November 23/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୩୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 358 | ମୂଲ୍ୟ ₹୭/-




### ଡା. ମନୀତା ତମାଙ୍ଗଙ୍କୁ 'ୟୁସି ଚକ୍ରବର୍ତ୍ତୀ ପୁରସ୍କାର'

ଶିଶୁରୋଗ ସର୍ଜରି କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା ପାଇଁ ଏମ୍ସର ଡା. ମନୀତା ତମାଙ୍ଗଙ୍କୁ ଦେଶର ମର୍ଯ୍ୟାଦାଜନକ 'ୟୁସି ଚକ୍ରବର୍ତ୍ତୀ ପୁରସ୍କାର' ମିଳିଛି। ୦୯

୧୪

### ବୁମ୍ରାଙ୍କ ପ୍ରଭାବୀ ବୋଲିଂ

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ୪ଉଇକେଟ ନେଇଛନ୍ତି ଭାରତର ଯଶପ୍ରୀତ ବୁମ୍ରା।



# ଆଦାନୀ ଲାଞ୍ଚ: ତଦନ୍ତ ଆରମ୍ଭ କରିନି ସେବି

## ଆମେରିକୀୟ ନିବେଶକଙ୍କୁ ବିଭ୍ରାନ୍ତ କରିଥିବା ତଥ୍ୟ ମାଗିଲା ବିଏସ୍ଇ, ଏନ୍ଏସ୍ଇ

ଆଦାନୀ ଗ୍ରୁପ୍ ମାର୍କେଟ ପାଇଁ ଉଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାରେ ବିଫଳ ହେବା ସହ ନିୟମଗୁଡ଼ିକର ଉଲ୍ଲଂଘନ କରିଥିଲା କି? ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ଭାରତୀୟ ପୁଞ୍ଜିବଜାର ନିୟନ୍ତ୍ରକ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ଯାଞ୍ଚ ଆରମ୍ଭ କରିଥିବା କେତେକ ସୂତ୍ରରୁ ଜଣାପଡ଼ିଛି ବୋଲି ବ୍ଲୁମ୍ବର୍ଗ ସମେତ ଭାରତର କିଛି ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତେବେ ଆମେରିକୀୟ ହ୍ୱିସିଲ ବ୍ଲୋୟର ହିଣ୍ଡେନ୍ବର୍ଗ ରିସର୍ଚ୍ଚ ପକ୍ଷରୁ ୨୦୨୩ ଜାନୁଆରୀ ୨୪ରେ ଆଦାନୀ ଗ୍ରୁପ୍ର ଷ୍ଟକ୍ସ ଜାଲିଆତି ପ୍ରଘଟ ଏବଂ ୨୦୨୪ ଅଗଷ୍ଟ ୧୦ରେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ଙ୍କ ଦୁର୍ନୀତି ପେଡ଼ି ଖୋଲାଯିବା ପରେ ମାର୍କେଟ ରେଗୁଲେଟର୍ର ଭୂମିକା ସନ୍ଦେହଜନକ ରହିଆସିଛି। ହେଲେ ଅଦ୍ୟାବଧି ସେବି ଆଦାନୀ ବିରୋଧରେ ତଦନ୍ତ ଆରମ୍ଭ କରିନାହିଁ।



ଗୌତମ ଆଦାନୀ



ମାଧବୀ ପୁରୀ ବୁଚ୍

**ମୁମ୍ବାଇ,୨୨।୧୧**

୬୨ ବର୍ଷୀୟ ବିଲିୟନେୟାର ଗୌତମ ଆଦାନୀ, ତାଙ୍କ ପୁତୁରା ସାଗର ଆଦାନୀ ଏବଂ କମ୍ପାନୀର ଏକ୍ଜିକ୍ୟୁଟିଭ୍ମାନେ ନିଜର ଆଦାନୀ ଗ୍ରୁପ୍ ଅଧୀନ ଏକ ଅକ୍ଷୟ ଶକ୍ତି କମ୍ପାନୀକୁ ସୌରଶକ୍ତି କଣ୍ଟ୍ରାକ୍ଟ କରାଇଦେବା ପାଇଁ ଓଡ଼ିଶା ସମେତ ୬ ରାଜ୍ୟର ଅଧିକାରୀମାନଙ୍କୁ ୨୬୫ ନିୟୁତ ଡଲାର (ପ୍ରାୟ ୨,୨୦୦ କୋଟି ଟଙ୍କା) ଲାଞ୍ଚ ଦେଇଥିଲେ। ଆମେରିକାରେ ଲାଞ୍ଚ ମାମଲାର ତଦନ୍ତ ବେଳେ ଆଦାନୀ ଗ୍ରୀନ୍ ଏନର୍ଜି ପକ୍ଷରୁ ☞ପୃଷ୍ଠା-୨

# ପ୍ରକାଶ ପାଇଲା ଓଟିଇଟି ପରୀକ୍ଷାଫଳ

**ଅନ୍ଲାଇନ୍ରେ ମିଳିବ ଡିଜିଟାଇଜ୍ଡ ସାର୍ଟିଫିକେଟ୍**

**କଟକ,୨୨।୧୧ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହା ବୋର୍ଡ ୱେବ୍ସାଇଟ୍ www.bseodisha.ac.inରେ ଉପଲବ୍ଧ ହୋଇଛି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ସେମାନଙ୍କ ଡିଜିଟାଇଜ୍ଡ୍ ସାର୍ଟିଫିକେଟ ଅନ୍ଲାଇନ୍ରୁ ଡାଉନ୍ଲୋଡ୍ କରିପାରିବେ। ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ସ୍ଥାନ ହୋଇଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସମ୍ପ୍ରସାରଣର ଶାସନ**






# ୨ ଗିରଫ: ଏଏନ୍ଏମ୍ କାର୍ଯ୍ୟରୁ ନିଲମ୍ବିତ

**ଲାଠୋର, ୨୨।୧୧ (ଭୁବନେଶ୍ୱର ବାରିକ)**

**ନବଜାତ ଶିଶୁକନ୍ୟା ବିକ୍ରି ଚର୍ଚ୍ଚା ଘଟଣା**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ କରୁଆଁଝର ପଞ୍ଚାୟତ ଅଞ୍ଚଳର ଏକ ନବଜାତ ଶିଶୁକନ୍ୟା ବିକ୍ରିହେବା ନେଇ ଚର୍ଚ୍ଚା ହୋଇଥିଲା। ଏହି ଘଟଣାରେ ଶିଶୁକୁ ନେଇଥିବା ଦୁଇଜଣ ରାଜକୁମାର ମିତ୍ତଲ ଓ ଆଲୋକ ଅଗ୍ରୱାଲଙ୍କୁ ପୋଲିସ ଗିରଫ କରିଛି। ଏହାଛଡ଼ା ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସୁନାମୁଦି ସ୍ୱାସ୍ଥ୍ୟ ☞ପୃଷ୍ଠା-୨

# ସୁକ୍ମା ଏନ୍କାଉଣ୍ଟରରେ ୧୦ ମାଓବାଦୀ ନିହତ

**ମାଲକାନଗିରି,୨୨।୧୧ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ର ସୁକ୍ମା ଜିଲାରେ ଶୁକ୍ରବାର ସୁରକ୍ଷା ଯବାନଙ୍କ ସହ ଗୁଳି ବିନିମୟ ବେଳେ ୧୦ ଜଣ ମାଓବାଦୀ ନିହତ ହୋଇଛନ୍ତି। ରାଜଧାନୀ ରାୟପୁରଠାରୁ ଦକ୍ଷିଣରେ ୫୦୦ କିଲୋମିଟର ଦୂର ଭଣ୍ଡାରପଦର-କୋରାଜୁଗୁଡ଼ା-ନଗରାମ୍ ଜଙ୍ଗଲ ଅଞ୍ଚଳରେ ଏହି ଏନ୍କାଉଣ୍ଟର ଘଟିଛି। କୋଣ୍ଟା ଏବଂ କିସ୍ତରାମ ଏରିଆ କମିଟିର ଏହି ମାଓବାଦୀମାନେ ସୁକ୍ମାର ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହିଥିବା ☞ପୃଷ୍ଠା-୨







# ଦିଲ୍ଲୀ ପ୍ରଦୂଷଣ ଅସମ୍ଭାଳ

## ଜିଆର୍‌ଏପି-୪ କାର୍ଯ୍ୟକାରିତାରେ ବିଫଳତା ନେଇ ସୁପ୍ରିମକୋର୍ଟଙ୍କ ଅସନ୍ତୋଷ



ଧୂଆଁ ଆଚ୍ଛାଦିତ ପୂର୍ବ ଦିଲ୍ଲୀର ଆନନ୍ଦବିହାର ଅଞ୍ଚଳ। (ଫଟୋ-ପି.ଟି.)

**ନୂଆଦିଲ୍ଲୀ,୨୨।୧୧(ପି.ଟି.)**

ବାୟୁ ଗୁଣବତ୍ତା ସୂଚକାଙ୍କ ସ୍ତର ନିମ୍ନଗାମୀ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ-ଏନ୍‌ସିଆର୍‌ରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି) ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଥିଲା। ତେବେ ଏହି କଟକଣା କାର୍ଯ୍ୟକାରୀ କରିବାରେ ଦିଲ୍ଲୀ ସରକାର ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଣଅତ୍ୟାବଶ୍ୟକ ସାମଗ୍ରୀ ନେଇ ଆସୁଥିବା ଟ୍ରକ୍‌ଗୁଡ଼ିକର ଦିଲ୍ଲୀରେ ପ୍ରବେଶ ପାଇଁ ଅନୁମତି ନ ଥିବାବେଳେ ସେଗୁଡ଼ିକ ଅବାଧରେ ପ୍ରବେଶ କରୁଥିବା ଜଣାପଡ଼ିଛି। ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ସମସ୍ତ ୧୧୩ଟି ପ୍ରବେଶ ପଥରେ ତୁରନ୍ତ ଚେକ୍‌ପୋଷ୍ଟ ଲଗାଇବା ପାଇଁ ଜଷ୍ଟଇସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମେସିହଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କଟକଣାକୁ ହ୍ରାସ କରାଯିବ କି ନାହିଁ, ତାହା ସୋମବାର ସୁପ୍ରିମକୋର୍ଟ ବିଚାର କରିବେ ବୋଲି କହିଛନ୍ତି।

ଦିଲ୍ଲୀ ବାୟୁ ଗୁଣବତ୍ତାରେ ସାମାନ୍ୟ ଉନ୍ନତି ଘଟିଥିବାବେଳେ ଶୁକ୍ରବାର ପୁଣିଥରେ ଗମ୍ଭୀର ସ୍ତରକୁ ଖସିଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୧ରେ ପହଞ୍ଚିଛି। ଦିଲ୍ଲୀର ୩୯ଟି ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟରେ ୧୯ଟିରେ ଏକ୍ୟୁଆଇ ସ୍ତର ଅତ୍ୟଧିକ ନିକୃଷ୍ଟ ରହିଥିବାବେଳ ଜାହାଙ୍ଗୀରପୁରୀରେ ସର୍ବାଧିକ ୪୪୫ ରେକର୍ଡ କରାଯାଇଛି। ପାଖାପାଖି ସପ୍ତାହେ ହେଲା ଦିଲ୍ଲୀର ବାୟୁ ମାନ ଉତ୍କଟ ଏବଂ ଅତ୍ୟଧିକ ଉତ୍କଟ ବର୍ଗରେ ରହିଥିଲା। ଶୁକ୍ରବାର ସକାଳେ ଏଥିରେ ସାମାନ୍ୟ ଉନ୍ନତି ଘଟିଥିବାବେଳେ ଏକ୍ୟୁଆଇ ୩୭୧କୁ ଖସିଥିଲା। ତେବେ ସନ୍ଧ୍ୟା ସୁଦ୍ଧା ଏହା ପୁଣିଥରେ ୪୦୦ ଅତିକ୍ରମ କରିଛି।

### ବାୟୁ ପ୍ରଦୂଷଣ ଜାତୀୟ ଜରୁରୀ ସ୍ଥିତି ସୃଷ୍ଟି କରିଛି: ରାହୁଲ

ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ଜାତୀୟ ଜରୁରୀ ପରିସ୍ଥିତି ସୃଷ୍ଟି କରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର କହିଛନ୍ତି। ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ଗୁଣବତ୍ତା ବିପଜ୍ଜନକ ସ୍ତରକୁ ଚାଲିଯାଇଥିବାରୁ ପାର୍ଲାମେଣ୍ଟର ଆଗାମୀ ଶୀତ ଅଧିବେଶନରେ ଉକ୍ତ ସଙ୍କଟକୁ ସଦସ୍ୟମାନେ ପ୍ରାଥମିକତା ଦେବା ପାଇଁ ସେ ନିବେଦନ କରିଛନ୍ତି। ଜାତୀୟ ସ୍ତରରେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଥିବା ସେ ଏକ୍ସ'ରେ ଲେଖିଛନ୍ତି। ଏହି ସଙ୍କଟର ବହୁମୁଖୀ ପ୍ରଭାବ ସମ୍ପର୍କରେ ସେ ପରିବେଶବିତ୍ ବିମଳେନ୍ଦୁ ଝା'ଙ୍କ ସହ ଆଲୋଚନା କରୁଥିବାର ଭିଡିଓକୁ ମଧ୍ୟ ଶେୟାର କରିଛନ୍ତି। ବାୟୁ ପ୍ରଦୂଷଣ ଏକ ଜନସ୍ୱାର୍ଥ ସଙ୍କଟ, ଯାହା ଆମ ପିଲାମାନଙ୍କ ଭବିଷ୍ୟତକୁ ଉଜାଡ଼ି ଦେବା ସହ ବରିଷ୍ଠ ନାଗରିକମାନେ ଅଣନିଃଶ୍ୱାସୀ ଅନୁଭବ କରୁଛନ୍ତି। ଏହା ଗରିବ ଜନସାଧାରଣଙ୍କୁ ଅଧିକ ପ୍ରଭାବିତ କରିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ବଢ଼ାଇଛି ଓ ଆର୍ଥିକ ସୁଯୋଗକୁ ଅବରୋଧ କରିଛି ବୋଲି ରାହୁଲ ଏକ୍ସ'ରେ ଲେଖିଛନ୍ତି।



ଧୂଳିଜନିତ ପ୍ରଦୂଷଣ ଏଡାଇବା ପାଇଁ ଦିଲ୍ଲୀ ରାସ୍ତାରେ ପାଣି ସ୍ପ୍ରେ କରାଯାଉଛି।

## ନଡ଼ାପୋଡ଼ିର ତଦାରଖ ପାଇଁ ପୂର୍ବତନ ବିଚାରପତିଙ୍କ କମିଟିକୁ କେନ୍ଦ୍ରର ଦୃଢ଼ ବିରୋଧ

**ନୂଆଦିଲ୍ଲୀ,୨୨।୧୧(ପି.ଟି.)**

ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ାପୋଡି ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ ବାୟୁ ପ୍ରଦୂଷଣର ଅନ୍ୟତମ ମୁଖ୍ୟ କାରଣ। ଏହାକୁ ରୋକିବା ଦିଗରେ ନିଆଯାଇଥିବା ପଦକ୍ଷେପଗୁଡ଼ିକର ତଦାରଖ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତିମାନଙ୍କ କମିଟି ଦ୍ୱାରା କରାଯିବା ପାଇଁ ଏକ ପ୍ରସ୍ତାବକୁ କେନ୍ଦ୍ର ସରକାର ଶୁକ୍ରବାର ସର୍ବୋଚ୍ଚ ଅଦାଲତରେ ଦୃଢ଼ ବିରୋଧ କରିଛନ୍ତି। ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠରେ ବରିଷ୍ଠ ଆଇନଜୀବୀ ଏବଂ ଆମିକସ୍ କ୍ୟୁରି ଅପରାଜିତା ସିଂ ଉକ୍ତ ପ୍ରସ୍ତାବ ରଖିଥିଲେ। ପ୍ରସ୍ତାବିତ ଫ୍ୟାକ୍ଟ ଫାଇଣ୍ଡିଂ କମିଟିରେ ବିଚାରପତିମାନଙ୍କୁ ସାମିଲ କରି ଏହାର ଫାଇଦା ନେବାକୁ ଅପରାଜିତା ଅଦାଲତଙ୍କୁ ନିବେଦନ କରିଥିଲେ। ପୂର୍ବରୁ ବିଚାରପତିମାନେ ବାୟୁ ପ୍ରଦୂଷଣ ଏବଂ ନଡ଼ାପୋଡ଼ି ଘଟଣା ସହ ସମ୍ପୃକ୍ତ ରହିଥିଲେ। ୨୦୨୦ରେ ତତ୍କାଳୀନ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପୂର୍ବତନ ବିଚାରପତି ମଦନ ବି ଲୋକୁରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ ବୋଲି ଆମିକସ୍ କ୍ୟୁରି କହିଥିଲେ। ତେବେ ତାଙ୍କ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ଦୃଢ଼ ବିରୋଧ କରିଥିଲେ। କେନ୍ଦ୍ର ସରକାର ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ବାୟୁ ପ୍ରଦୂଷଣ ରୋକିବା ଦିଗରେ ଯଥେଷ୍ଟ ପଦକ୍ଷେପ ନେଇଛନ୍ତି। ଆଉ ଏକ ନ୍ୟାୟିକ କମିଟି ଗଠନ କରିବାର ଓଲଟା ପରିଣାମ ହେବ ବୋଲି ଭଟି କହିଛନ୍ତି।

## ଆଜି ମହାରାଷ୍ଟ୍ର, ଝାଡ଼ଖଣ୍ଡ ନିର୍ବାଚନ ଫଳାଫଳ



**ନୂଆଦିଲ୍ଲୀ,୨୨।୧୧**

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଭୋଟଗଣତି ଶନିବାର ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ଉଭୟ ରାଜ୍ୟରେ ଶାସକ ଓ ବିରୋଧୀ ମେଣ୍ଟ ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିଲା। ଏଥିସହିତ କେରଳର ୱାୟନାଡ ଲୋକ ସଭା ଆସନ ସମେତ ବିଭିନ୍ନ ରାଜ୍ୟର ୪୬ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନର ଫଳାଫଳ ମଧ୍ୟ ଶନିବାର ଆସିବ। ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ଲାଗି ନଭେମ୍ବର ୧୩ ଏବଂ ୨୦ ଦୁଇଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ସେଠାରେ କ୍ଷମତା ବଜାୟ ରଖିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଭାଜପା ପୁଣିଥରେ କ୍ଷମତାକୁ ଫେରିବା ନେଇ ଆଶାବାଦୀ ରହିଛି। ଝାଡ଼ଖଣ୍ଡରେ ୬୮.୯୫ ପ୍ରତିଶତ ମତଦାନ ହୋଇଥିଲା।

ସେହିପରି ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ପାଇଁ ଗତ ୨୦ ତାରିଖରେ ମତଦାନ ହୋଇଥିଲା। ସେଠାରେ ଶାସକ ଭାଜପା ନେତୃତ୍ୱାଧୀନ ମହାଯୁତି ମେଣ୍ଟ ଏବଂ ବିରୋଧୀ ମହା ବିକାଶ ଅଘାଡ଼ି ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିଲା। ସେଠାରେ ମତଦାନ ହାର ୬୬.୦୫ ରହିଛି। ଭାଜପା, ଶିବସେନା (ଏକନାଥ ଶିନ୍ଦେ ଗୋଷ୍ଠୀ) ଏବଂ ଅଜିତ ପାୱାରଙ୍କ ଏନ୍‌ସିପିକୁ ନେଇ ଗଠିତ ମହାଯୁତି ମେଣ୍ଟକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ (ବୁଥ୍‌ବାହୁଡ଼ା ଜନମତ ସର୍ଭେ) ରିପୋର୍ଟ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କଂଗ୍ରେସ, ଶିବସେନା (ୟୁବିଟି) ଏବଂ ଏନ୍‌ସିପି(ଏସ୍‌ପି)କୁ ନେଇ ଗଠିତ ମହାବିକାଶ ଅଘାଡ଼ି କ୍ଷମତାକୁ ଫେରିବା ନେଇ ଆଶାବାଦୀ ରହିଛି। ଶନିବାର ପୂର୍ବାହ୍ନ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲଟ ଗଣନା କରାଯିବା ପରେ ୮ଟା ୩୦ରୁ ଇଭିଏମ୍‌ଗୁଡ଼ିକର ଭୋଟ ଗଣନା କରାଯିବ।

## ସଂକ୍ଷେପରେ

### ଜଳନ୍ଧରରୁ ୨ ଗ୍ୟାଙ୍ଗଷ୍ଟର ଗିରଫ

**ଚଣ୍ଡିଗଡ଼,୨୨।୧୧**

ଜଳନ୍ଧର ଉପକଣ୍ଠ ଫୋଲରିୱାଲ ଗ୍ରାମରେ ଗୁଳିବିନିମୟ ପରେ କୁଖ୍ୟାତ ଲଣ୍ଡା ଗ୍ୟାଙ୍ଗର ୨ ଗ୍ୟାଙ୍ଗଷ୍ଟରଙ୍କୁ ପଞ୍ଜାବ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୭ଟି ଅସ୍ତ୍ର, ୬ଟି ମାଗାଜିନ୍ ଏବଂ ୬ କାର୍ଟ୍ରିଜ୍ ଜବତ ହୋଇଛି। ଗିରଫ ଗ୍ୟାଙ୍ଗଷ୍ଟର ହେଲେ କର୍ତାରପୁର ଅଞ୍ଚଳର ଜସ୍କରନ ଓରଫ କରନ ଏବଂ ମୋହଲା ଥାନେଦାର ଅଞ୍ଚଳର ଫତେହଦୀପ୍ ସିଂ ଓରଫ ପ୍ରଦୀପ ସାଇନି। ଜଳନ୍ଧରରେ ସେମାନଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ମିଳିବା ପରେ ଜଳନ୍ଧର ପୋଲିସ କମିଶନରଙ୍କ ନେତୃତ୍ୱରେ ଏକ ଟିମ୍ ଫୋଲରିୱାଲ ଗ୍ରାମ ନିକଟରେ ଚଢ଼ାଉ କରିଥିଲା। ଗ୍ୟାଙ୍ଗଷ୍ଟରମାନେ ଗୁଳି ଚଳାଇବାରୁ ପୋଲିସ ଏହାର ପାଲଟା ଜବାବ ଦେଇଥିଲା। ଗୁଳିମାଡ଼ରେ ୨ ଗ୍ୟାଙ୍ଗଷ୍ଟର ଏବଂ ୨ ପୋଲିସ ଅଫିସର ଆହତ ହୋଇଛନ୍ତି।

### ପୂର୍ବ ମୁଖ୍ୟମନ୍ତ୍ରୀଙ୍କଠାରୁ ଆତିଶୀ ହଜାରେ ଗୁଣ ଭଲ: ଉପରାଜ୍ୟପାଳ



ଆତିଶୀ

**ନୂଆଦିଲ୍ଲୀ,୨୨।୧୧**

ଏକ ବିରଳ ଘଟଣାକ୍ରମରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଶୁକ୍ରବାର ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଆତିଶୀ ପୂର୍ବ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କଠାରୁ ହଜାରେ ଗୁଣ ଭଲ ବୋଲି ଉପରାଜ୍ୟପାଳ କହିଛନ୍ତି। ଇନ୍ଦିରା ଗାନ୍ଧୀ ଦିଲ୍ଲୀ ଟେକ୍‌ନିକାଲ ୟୁନିଭର୍ସିଟି ଫର୍ ୱମେନ୍‌ର ସପ୍ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ସାକ୍ସେନା କହିଥିଲେ, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଜଣେ ମହିଳା ହୋଇଥିବାରୁ ସେ ବହୁତ ଖୁସୀ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କଠାରୁ ହଜାରେ ଗୁଣ ଭଲ ବୋଲି ମୁଁ ଦୃଢ଼ତାର ସହ କହିପାରେ। ସମାବର୍ତ୍ତନ ଉତ୍ସବରେ ଆତିଶୀ ମଧ୍ୟ ଉପସ୍ଥିତ ଥିଲେ।

### ଉଠି ବସିଲେ 'ମୃତ' ବ୍ୟକ୍ତି: ୩ ଡାକ୍ତର ନିଲମ୍ବିତ

**ଜୟପୁର,୨୨।୧୧(ପି.ଟି.)**

ରାଜସ୍ଥାନର ଝୁନ୍‌ଝୁନୁ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ତାଙ୍କୁ ଶେଷକୃତ୍ୟ ପାଇଁ ନିଆଯାଇ ଚିତାରେ ରଖିବା ପରେ ସେ ଉଠି ବସିଥିଲେ। ଜୀବିତ ବ୍ୟକ୍ତିଙ୍କୁ ଠିକ୍ ଭାବେ ଯାଞ୍ଚ ନ କରି ମୃତ ଘୋଷଣା କରିଥିବା ଜୟପୁରସ୍ଥିତ ବିଡିକେ ହସ୍ପିଟାଲର ମୁଖ୍ୟ ମେଡିକାଲ ଅଫିସରଙ୍କ ସମେତ ୩ ଡାକ୍ତରଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି। ଏକ ଆଶ୍ରୟସ୍ଥଳରେ ରହୁଥିବା ମୂକ ବଧିର ରୋହିତାଶ ସଂଜ୍ଞାହୀନ୍ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୨୦୩୫ ସୁଦ୍ଧା ବର୍ଷକୁ ୨୫୦ ବିଲିୟନ ଡଲାର ଦେବେ ବିକଶିତ ରାଷ୍ଟ୍ର

**ବକୁ(ଆଜରବୈଜାନ), ୨୨।୧୧(ପି.ଟି.)**

ଆଜରବୈଜାନର ବକୁଠାରେ ଜାତିସଂଘ ଜଳବାୟୁ ସମ୍ମିଳନୀ କପ୍‌୨୯ର ଶେଷ ଦିନରେ ବିକଶିତ ରାଷ୍ଟ୍ରଗୁଡ଼ିକ ବିକାଶଶୀଳ ରାଷ୍ଟ୍ରଙ୍କ ପାଇଁ ଜଳବାୟୁ ପାଣ୍ଠି ୧୦୦ ବିଲିୟନ ଡଲାରରୁ ୨୫୦ ବିଲିୟନ ଡଲାରକୁ ବଢ଼ାଇବା ନିମନ୍ତେ ଶୁକ୍ରବାର ପ୍ରସ୍ତାବ ରଖିଛନ୍ତି। ବଢ଼ୁଥିବା ଜଳବାୟୁ ସଙ୍କଟର ମୁକାବିଲା ପାଇଁ ୧ ଟ୍ରିଲିୟନ ଡଲାରର ଆବଶ୍ୟକତା ଥିବାବେଳେ ବିକଶିତ ରାଷ୍ଟ୍ରଗୁଡ଼ିକର ପ୍ରସ୍ତାବ ବହୁତ କମ୍। ଦୁଇ ସପ୍ତାହର ବୁଝାମଣା ପରେ ପ୍ରଥମ ଥର ପାଇଁ ବିକଶିତ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ନିର୍ଦ୍ଦିଷ୍ଟ ସଂଖ୍ୟାର କ୍ଲାଇମେଟ୍ ଫାଇନାନ୍ସ ପ୍ୟାକେଜ୍‌ର ଚିଠା ଉପସ୍ଥାପନ କରାଯାଇଛି। ୨୦୨୫ ଆରମ୍ଭରୁ ବିକଶିତ ରାଷ୍ଟ୍ରଗୁଡ଼ିକ ବର୍ଷକୁ ୧.୩ ଟ୍ରିଲିୟନ ଡଲାର ଜଳବାୟୁ ପାଣ୍ଠି ଯୋଗାଇଦେବାକୁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଦାବି କରିଥିଲେ। ୨୦୧୫ର ପ୍ୟାରିସ୍ ଚୁକ୍ତିନାମା ଅନୁଯାୟୀ, ଧନୀ ଦେଶଗୁଡ଼ିକ ପାଣ୍ଠି ଯୋଗାଇଦେବା ପାଇଁ ୧୯୦ରୁ ଊର୍ଦ୍ଧ୍ୱ ଦେଶ ବୁଝାମଣା ଚଳାଇଥିଲେ।

**ଜଳବାୟୁ ପାଣ୍ଠି**

**୧.୩ ଟ୍ରିଲିୟନ ଡଲାର ଦାବି କରିଥିଲେ ବିକାଶଶୀଳ ରାଷ୍ଟ୍ର**

## ମଣିପୁରକୁ ଆଉ ୧୦ ହଜାର ସୈନ୍ୟ ପଠାଯିବ



**ନୂଆଦିଲ୍ଲୀ,୨୨।୧୧**

ଜାତିଆଣ ହିଂସା ପ୍ରପୀଡ଼ିତ ମଣିପୁରକୁ କେନ୍ଦ୍ର ସରକାର ପୁଣି ୧୦,୦୦୦ରୁ ଅଧିକ ସୈନ୍ୟ ପଠାଇବେ। ଏହାକୁ ମିଶାଇ ମଣିପୁରରେ ମୋଟ କେନ୍ଦ୍ରୀୟ ବଳ ସଂଖ୍ୟା ୨୮୮ କମ୍ପାନୀରେ ପହଞ୍ଚିବାକୁ ଯାଉଥିବା ରାଜ୍ୟର ମୁଖ୍ୟ ସୁରକ୍ଷା ଉପଦେଷ୍ଟା କୁଲ୍‌ଦୀପ ସିଂ କହିଛନ୍ତି। ୨୦୨୩ ମେ'ରୁ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଜାତିଆଣ ହିଂସା ଲାଗିରହିଥିବାବେଳେ ୨୫୮ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏବେ କେନ୍ଦ୍ର ସରକାର ୯୦ କମ୍ପାନୀ ସଶସ୍ତ୍ର ବଳ ପଠାଇବାକୁ ନିଷ୍ପତ୍ତି ନେଇଥିବାବେଳେ ସେଥିରୁ କେତେଜଣ ଇମ୍ଫାଲରେ ପହଞ୍ଚିସାରିଲେଣି। ସାଧାରଣ ନାଗରିକଙ୍କ ଧନଜୀବନର ସୁରକ୍ଷା ଦାୟିତ୍ୱରେ ଏହି ସୈନ୍ୟମାନେ ନିୟୋଜିତ ରହିବେ। ଏଥିପାଇଁ ପ୍ରତି ଜିଲାରେ ନୂଆ ସମନ୍ୱୟ କେନ୍ଦ୍ର ଓ ଯୁଗ୍ମ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ମେଇତି ଏବଂ କୁକି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ବେଳେ ପୋଲିସ ଅସ୍ତ୍ର ଭଣ୍ଡାର ଲୁଟ୍ ହୋଇଥିଲା। ସୁରକ୍ଷା ବଳ ଇତିମଧ୍ୟରେ ୩,୦୦୦ ଅସ୍ତ୍ର ଉଦ୍ଧାର କଲାଣି। ରାଜ୍ୟ ପୋଲିସ ସହିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍), ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), ସେନା, ଆସାମ ରାଇଫଲ୍ସ, ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି) ଏବଂ ସଶସ୍ତ୍ର ସୀମା ବଳର ଯବାନମାନେ ଏକାଠି କାର୍ଯ୍ୟ କରୁଛନ୍ତି।

### ବିଧାୟକଙ୍କ ସମ୍ପତ୍ତି ନଷ୍ଟ ଘଟଣାରେ ଆଉ ୭ ଗିରଫ

**ଗୁଆହାଟୀ,୨୨।୧୧**

ମଣିପୁରରେ ବିଧାୟକମାନଙ୍କ ଘରେ ନିଆଁ ଲଗାଇବା ଓ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ପୋଲିସ ଆଉ ୭ ଜଣଙ୍କୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ୨୫ ଜଣଙ୍କୁ ଗିରଫ କରାଯାଇଥିଲା। ଜିରିବାମ୍ ଜିଲାର ୬ ଅପହୃତ ମେଇତି ସମ୍ପ୍ରଦାୟର ଲୋକଙ୍କୁ କୁକି ଉଗ୍ରପନ୍ଥୀମାନେ ହତ୍ୟା କରିବା ଘଟଣାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଇମ୍ଫାଲ ଉପତ୍ୟକାରେ ଥିବା କେତେଜଣ ମନ୍ତ୍ରୀ ଓ ବିଧାୟକଙ୍କ ଘରକୁ ଆକ୍ରମଣ କରିଥିଲେ। ସେମାନେ ମନ୍ତ୍ରୀ ବିଧାୟକଙ୍କ ଘରେ ନିଆଁ ଲଗାଇବା ସହ ସେମାନଙ୍କ ଇସ୍ତଫା ଦାବି କରିଥିଲେ।

## ନାଗା-ଶୋଭିତାଙ୍କ ଲଭ୍‌ଷ୍ଟୋରି



ଶୋଭିତା ଧୁଳିପାଲା

ନାଗା ଚୈତନ୍ୟ

**ହାଇଦ୍ରାବାଦ:** ଆଉ ଦିନ କେଇଟାର ଅପେକ୍ଷା। ପ୍ରେମିକା ଶୋଭିତା ଧୁଳିପାଲାଙ୍କ ହାତ ଧରିବେ ସାଉଥ୍ ସୁପରଷ୍ଟାର ନାଗା ଚୈତନ୍ୟ। ଇତିମଧ୍ୟରେ ବିବାହକୁ ନେଇ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କାର୍ଡ ଛପା ସରିଥିବା ବେଳେ ଅତିଥି ତାଲିକା ପ୍ରସ୍ତୁତ ହେଉଛି। ଏହି ସମୟରେ ବାପା ନାଗାର୍ଜୁନ ଅକ୍କିନେନୀ ନାଗାଙ୍କ ପ୍ରେମକାହାଣୀ ଉପରୁ ପରଦା ହଟାଇଛନ୍ତି। ୨୦୧୮ରେ ଶୋଭିତାଙ୍କ ଫିଲ୍ମ 'ଗୁଡ଼ାଚାରୀ' ରିଲିଜ ହୋଇଥିଲା। ଏଥିରେ ନାଗାର୍ଜୁନଙ୍କୁ ତାଙ୍କ ଅଭିନୟ ପ୍ରଶଂସନୀୟ ଲାଗିଥିଲା। ଏହାପରେ ସେ ଅଭିନେତ୍ରୀଙ୍କ ସହ ଫୋନ୍‌ରେ କଥାହେବା ସହ ଭେଟିବାକୁ କହିଥିଲେ। କିଛି ସମୟ ପରେ ସେ ଘରକୁ ଆସିଥିଲେ। କର୍ମମୟ ଜୀବନ ବିଷୟରେ କଥା ହେଉ ହେଉ ତାହା ବ୍ୟକ୍ତିଗତ ଜୀବନ ଯାଏ ପହଞ୍ଚିଥିଲା। ଏହି ସମୟରେ ନାଗା ଚୈତନ୍ୟ ସେଠାକୁ ଆସିଥିଲେ। ବାସ୍ କିଛି ଏଭଳି ଥିଲା ଉଭୟଙ୍କ ପ୍ରଥମ ଭେଟ। ଅଭିନେତ୍ରୀ ଭାବେ ସେ ବହୁତ ପରିଶ୍ରମ କରି ଆଗକୁ ବଢ଼ିଥିବାରୁ ନାଗା ଚୈତନ୍ୟ ପ୍ରଭାବିତ ହୋଇଥିଲେ। ଏବେ ଦୁହେଁ ନୂଆ ସମ୍ପର୍କକୁ ନେଇ ବହୁତ ଖୁସି ଅଛନ୍ତି। ଅଗଷ୍ଟରେ ସେମାନଙ୍କ ନିର୍ବନ୍ଧ ହୋଇଥିଲା। ଡିସେମ୍ବର ୪ରେ ଦୁହିଁଙ୍କ ବିବାହ ଅନୁଷ୍ଠିତ ହେଉଥିବା ବାପା ନାଗାର୍ଜୁନ କହିଛନ୍ତି।

କହିରଖୁଛୁ, ପୂର୍ବରୁ ନାଗା ୨୦୧୭ରେ ସାଉଥ୍ ସୁନ୍ଦରୀ ସମାନ୍ଥା ରୁଥ୍ ପ୍ରଭୁଙ୍କୁ ବିବାହ କରିଥିଲେ। ହେଲେ ୨୦୨୧ରେ ସେମାନଙ୍କ ବାଟ ଅଲଗା ହୋଇଛି। ସମାନ୍ଥା କାମରେ ବ୍ୟସ୍ତ ଥିବା ବେଳେ ନାଗା ଚୈତନ୍ୟ ଜୀବନରେ ଆଗକୁ ବଢ଼ିବାକୁ ଯାଉଛନ୍ତି। ଏହାକୁ ନେଇ ପରିବାର ଲୋକଙ୍କ ସହ ପ୍ରଶଂସକମାନେ ଉତ୍ସାହିତ ଅଛନ୍ତି।



ପଶ୍ଚିମବଙ୍ଗର ନଦିଆରେ କପରସ୍ମିଥ୍ ବାର୍‌ବେଟ୍ ଗଛ ଡାଳରେ ବସି ଫଳ ଖାଉଛି।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୨୩/୨୦୨୪ | Bhubaneswar, Saturday, November 23/2024 | ପୃଷ୍ଠା-୧


# ଟ୍ରକ୍-ବାଇକ୍ ଧକ୍କା, ୪ ମୃତ

- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ପରିବାରର ୩ ଜଣଙ୍କ ଜୀବନ ଗଲା

ଜୟପୁର,୨୨।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅନ୍ତର୍ଗତ ଜବାକନାଡି ନିକଟରେ ଶୁକ୍ରବାର ସକାଳ ୮ଟାରେ ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୪ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୩ ଜଣ ଥିବା ବେଳେ ଜଣେ ପଡ଼ୋଶୀ ରହିଛନ୍ତି। ମୃତକମାନେ ହେଲେ ଧୋବା ପରଜା(୩୦), ଲୋକୀନାଥ ଜାନୀ(୧୬), ପଦ୍ମନ ପରଜା (୧୩) ଓ ଧନ ପରଜା (୧୬)। ଏଥିରେ ୩ ଜଣ ନାବାଳକ ଅଛନ୍ତି। ଏମାନେ ବୈପାରିଗୁଡ଼ା ବ୍ଲକ୍ ବିଚ୍‌କୋଟା କଲୋନୀ ଗ୍ରାମର। ଗୋଟିଏ ବାଇକ୍‌ରେ ଭଙ୍ଗାଛିଅଁକୁ ଧାନ ବାନ୍ଧିବାକୁ ଯାଉଥିବା ସମୟରେ ଜବାକନାଡି ନିକଟରେ ଟ୍ରକ୍ ସହ ବାଇକ୍ ଧକ୍କା ହୋଇଥିଲା। ଏମାନଙ୍କ ମୃତ୍ୟୁ ପରେ ଗ୍ରାମବାସୀ ଓ ସମ୍ପର୍କୀୟମାନେ ଟାୟାର ଜାଳି ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ହଜାର ଲେଖାଏ ସହାୟତା ରାଶି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଟ୍ରକ୍ ଜବତ ସହ କେସ ନଂ.୩୬୩/୨୪ରେ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ପଙ୍କଜିନୀ ଶବର ତଦନ୍ତ କରୁଛନ୍ତି।



# ୩୦ରେ ଏକକ ବିଷୟ, ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷା

- ୨୦ କେନ୍ଦ୍ରରେ ୪୧୩୫ ପରୀକ୍ଷାର୍ଥୀ
- ଆଡ୍‌ମିଟ୍ କାର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ

କଟକ,୨୨।୧୧ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଏକକ ବିଷୟ ପରୀକ୍ଷା ଏବଂ ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷା ୨୦୨୪ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟରେ ମୋଟ୍ ୨୦ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଉଭୟ ପରୀକ୍ଷା ଦେବା ନିମନ୍ତେ ମୋଟ୍ ୪୧୩୫ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ସେଥିମଧ୍ୟରୁ ଏକକ ବିଷୟ ପରୀକ୍ଷାରେ ୩୮୩୩ ଜଣ ଏବଂ ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷାରେ ୩୦୨ ଜଣ ପରୀକ୍ଷାର୍ଥୀ ଅଛନ୍ତି। ସମସ୍ତଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଶୁକ୍ରବାରଠାରୁ ଉପଲବ୍ଧ ହୋଇଛି। ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷାର ଲିଖିତ ପୂର୍ବାହ୍ନ ୯ରୁ ୧୦ଟା ପର୍ଯ୍ୟନ୍ତ ଏବଂ ମୌଖିକ ପୂର୍ବାହ୍ନ ୧୦ଟାରୁ ଅନୁଷ୍ଠିତ ହେବ। ସେହିପରି ଏକକ ବିଷୟ ପରୀକ୍ଷା ସକାଳ ୮ଟାରୁ ପୂର୍ବାହ୍ନ ସାଢେ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରତି ଗାଁରେ କଳା, ସଂସ୍କୃତିର ଝଲକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୧(ଅନିଲ ଦାସ)

କଳା ଓ ସଂସ୍କୃତିରେ ଓଡ଼ିଶା କେବଳ ଦେଶରେ ନୁହେଁ, ସାରା ପୃଥିବୀରେ ପ୍ରସିଦ୍ଧ। ଓଡ଼ିଶାର ପ୍ରତି ଗାଁରେ, ପ୍ରତି ଗଳିକନ୍ଦିରେ ଭରି ରହିଛି କଳା ଓ ସଂସ୍କୃତିର ସ୍ୱତନ୍ତ୍ର ଝଲକ୍। ଓଡ଼ିଆ ସମାଜ ପକ୍ଷରୁ ନୂଆଦିଲ୍ଲୀଠାରେ ଶୁକ୍ରବାର ଆୟୋଜିତ ‘ଓଡ଼ିଶା ପର୍ବ-୨୦୨୪’ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ଭାଷା। ଓଡ଼ିଶୀ ନୃତ୍ୟ ଏକ ଶାସ୍ତ୍ରୀୟ ନୃତ୍ୟ। ଓଡ଼ିଶୀ ସଙ୍ଗୀତକୁ ମଧ୍ୟ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଆମ ଉଦ୍ୟମ ଜାରି ରହିବ। ଭାଷା ଓ ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଜାତିର ଅସ୍ମିତା। ଯାବତୀୟ ଘନଘଟା, ସଂଘର୍ଷ, ଆହ୍ୱାନ ଓ ଆକ୍ରମଣକୁ ଭ୍ରୂକ୍ଷେପ ନ କରି ଆମ ଓଡ଼ିଆ ଜାତି ଗର୍ବର ସହ ମୁଣ୍ଡ ଟେକି ଠିଆହେବା ଶିଖିଛି। ଆରମ୍ଭ ହୋଇଥିବା ଏହି ୩ ଦିନିଆ ଓଡ଼ିଶା ପର୍ବ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ଐତିହ୍ୟର ଏକ ମହାନ୍ ନିଦର୍ଶନ। ଆମେ ସମସ୍ତେ ଗର୍ବିତ ଯେ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମିରେ ଜନ୍ମଲାଭ କରିଛୁ ଏବଂ ମହାନ୍ ଓଡ଼ିଆ ଭାଷା ଓ ସଂସ୍କୃତିର ଉପାସକ। କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାରେ ମଧ୍ୟ ଏହି ସମୃଦ୍ଧ ପରମ୍ପରାକୁ ଆପଣମାନେ ଏବଂ ଅନ୍ୟାନ୍ୟ ରାଜ୍ୟରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀମାନେ ଯେପରି ପ୍ରଚାର ପ୍ରସାର କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ଆମେ ସମସ୍ତେ ଜାଣିଛୁ ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ଇତିହାସ ଅତି ମହାନ୍। ଏ ଜାତି ହାରିବାର ହଜାର କାରଣ ଭିତରୁ ଜିତିବାର କଳାକୁ ଆୟତ୍ତ କରିବା ଶିଖିଛି। ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ସବୁକିଛି ବିକଶିତ ହୋଇଛି। କିନ୍ତୁ ଦୁଃଖର ବିଷୟ, ପୂର୍ବ ସରକାରଙ୍କ ସମୟରେ ଜଗନ୍ନାଥଙ୍କ ନାମକୁ ଯେପରି ଭାବେ ବ୍ୟବସାୟକରଣ କରି ଭୋଟ ପାଇଁ ଅପବ୍ୟବହାର କରିଥିଲେ, ତାହାର ଉଚିତ ଜବାବ ଜନସାଧାରଣ ଦେଇସାରିଛନ୍ତି। ଆମ ସରକାର ଗଠନ ହେବାର ପ୍ରଥମ ଦିନ ହିଁ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରଭୁଙ୍କ ସେବା ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ସହିତ ରତ୍ନ ଭଣ୍ଡାରର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୦ କୋଟି ଟଙ୍କାରେ ଏକ ସ୍ୱତନ୍ତ୍ର ଓଡ଼ିଆ ଅସ୍ମିତା କର୍ପସ ପାଣ୍ଠି ଗଠନ କରାଯାଇଛି। କଳାକାରମାନଙ୍କୁ ସହାୟତା ଦେବା ପାଇଁ ୭୨ କୋଟି ଟଙ୍କା ଏବଂ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ପାଇଁ ୧୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହାସହିତ ସ୍ୱତନ୍ତ୍ର ଓଡ଼ିଆ ଅସ୍ମିତା ଭବନ, ଓଡ଼ିଆ ଅନୁବାଦ ଏକାଡେମୀ ପ୍ରତିଷ୍ଠା, ତାଳପତ୍ର ପୋଥିର ସଂରକ୍ଷଣ ପାଇଁ ଏକ ବିଶ୍ୱ ସ୍ତରୀୟ ମ୍ୟୁଜିୟମ ପ୍ରତିଷ୍ଠା ଆଦି ଅନେକ କାର୍ଯ୍ୟକ୍ରମ ଆମେ ହାତକୁ ନେଇଛୁ। ଓଡ଼ିଶାର ସାଂସ୍କୃତିକ ମର୍ଯ୍ୟାଦାର ସୁରକ୍ଷା ପାଇଁ ଆମ ସରକାର ପ୍ରତ୍ୟେକ ସ୍ତରରେ ପ୍ରତିଶ୍ରୁତିବଦ୍ଧ ଭାବରେ କାମ କରୁଛି ଓ କରିଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା-୨




ନୂଆଦିଲ୍ଲୀଠାରେ ଶୁକ୍ରବାର ଆୟୋଜିତ ‘ଓଡ଼ିଶା ପର୍ବ-୨୦୨୪’ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଅଛନ୍ତି। **(ଫଟୋ: ଚମନ ଗୌତମ)**

## ‘ଓଡ଼ିଶା ପର୍ବ ୨୦୨୪’ ଉଦ୍‌ଘାଟିତ




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଷ୍ଟେଟ୍ ସିଭିଲ ସପ୍ଲାଇଜ୍ କର୍ପୋରେଶନ ଲିମିଟେଡ୍ ଏମ୍ପ୍ଲୟିଜ୍ ୱେଲଫେୟାର ଆସୋସିଏଶନ ପକ୍ଷରୁ ସାଧାରଣ ପରିଷଦ ବୈଠକ, ସ୍ଥାନ: କସ୍ତୁରବା ନାରୀମହଲ, ୟୁନିଟ-୧, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟ ସାଇ ବାବାଙ୍କ ୯୯ତମ ପୁଣ୍ୟ ଜନ୍ମୋତ୍ସବ, ସାଇ ଜନନୀ, ୟୁନିଟ-୩, ସମୟ: ସକାଳ ୯ଟା ୩୦।
- ଜନନେତା ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ସ୍ଥାନ: ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର୍ସ, ୟୁନିଟ-୪, ସମୟ: ପୂର୍ବାହ୍ନ ୧୦ଟା୩୦।
- ସହର୍ଷ-୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ଆଇଏମ୍‌ଆଇଏସ୍, ବାଙ୍କୁଆଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିନିୟର ସିଟିଜେନ ଫୋରମର ୨୪ତମ ପ୍ରତିଷ୍ଠା ଦିବସ ଏବଂ ୨୩ତମ ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ: ସିନିୟର ସିଟିଜେନ ଫୋରମ, ଭିଏସ୍ଏସ୍ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ବିପ୍ଳବୀ ଗୁରୁଚରଣ ପଟ୍ଟନାୟକଙ୍କ ଷୋଡ଼ଶ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସ୍ମରଣୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବର ୯ମ ଦିବସ, ସ୍ଥାନ: କୁଆଖାଇ ନଦୀ ପଠା, ସମୟ: ଅପରାହ୍ନ ୩ ଟା।

## କଟକ

- ରକ୍ତଦାନ ଶିବିର, ସ୍ଥାନ: ଚୌଦ୍ୱାରସ୍ଥିତ ଇମ୍ପା ଷ୍ଟାଫ୍ କ୍ଲବ୍, ସମୟ: ସକାଳ ୯ଟା।
- ସାମ୍ୟବାଦୀ ନେତା ତଥା ସାହିତ୍ୟିକ ଗୁରୁଚରଣ ପଟ୍ଟନାୟକଙ୍କ ସ୍ମୃତିସଭା, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ମନୋଜ ପଟ୍ଟନାୟକଙ୍କ ରଚିତ ବିକାଶ ପର୍ବରେ ସାଂପ୍ରତିକ ଓଡ଼ିଆ ଗୀତିକବିତା ପୁସ୍ତକର ଉନ୍ମୋଚନ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଏନ୍‌ସିସି ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଏନ୍‌ସିସି କାର୍ଯ୍ୟାଳୟ, ତାଳବଣିଆ, ସମୟ: ସକାଳ ୯ଟା।
- ଶ୍ରୀପର୍ଣ୍ଣା ପ୍ରକାଶନୀ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୩ଟା।
- ନାଭାଲ ଦିବସ ଅବସରରେ ନାଭାଲ ବ୍ୟାଣ୍ଡ୍ ପ୍ରଦର୍ଶନ, ସ୍ଥାନ: ପୁରୀ ପୌରସଦନ ପରିସର, ସମୟ: ଅପରାହ୍ନ ୪ଟା।
- ଜାତୀୟ ଶିଶୁ ମହୋତ୍ସବ, ସ୍ଥାନ: ପୁରୀ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଣା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଶ୍ରୀ ସତ୍ୟସାଇ ବାବାଙ୍କର ୯୯ତମ ଜନ୍ମ ଉତ୍ସବ ଓ ରକ୍ତଦାନ ଶିବିର, ସ୍ଥାନ: ସତ୍ୟସାଇ ସେବା ସମିତି, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରୌପ୍ୟଜୟନ୍ତୀ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରତିଭା ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମିଶନ ସ୍କୁଲ କମ୍ପାଉଣ୍ଡ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ସତ୍ୟସାଇ ମନ୍ଦିର, ତିହିଡ଼ି, ସମୟ: ସକାଳ ୭ଟା।

## କେନ୍ଦୁଝର

- ସତ୍ୟ ସାଇବାବାଙ୍କ ୯୯ତମ ଜନ୍ମ ଉତ୍ସବ, ସ୍ଥାନ: ସାଇଜ୍ୟୋତି, ବଡ଼ବିଲ, ସମୟ: ସକାଳ ୫ ରୁ ରାତି ୮ ଟା ୩୦ ପର୍ଯ୍ୟନ୍ତ।
- ସତ୍ୟସାଇ ସମିତି ତରଫରୁ ସତ୍ୟସାଇଙ୍କ ଜନ୍ମ ଜୟନ୍ତୀ ଉତ୍ସବ, ଆଧାତ୍ମିକ ଆଲୋଚନା ଚକ୍ର, ନଗର ପରିକ୍ରମା, ସ୍ଥାନ: ଡ଼ଅଁର, ମରୈଗାଁ, ହାଟଡ଼ିହୀ, ସମୟ: ସକାଳ ୫ ଟା।
- ଶ୍ରୀ ଶନିଗ୍ରହ ମନ୍ଦିରରେ ମେଳା, ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ମୋଟରାଗଡିଆ, ଛେନାପଦି, ହାଟଡ଼ିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ମା' ଦୁଆରଶୁଣୀଙ୍କ ପ୍ରତିଷ୍ଠା ଉତ୍ସବ, କଳସ ଶୋଭାଯାତ୍ରା, ଯଜ୍ଞ, ଭଜନ ସମାରୋହ, ପାଲା ପରିବେଷଣ, ସ୍ଥାନ: ମଠ ଗୋବିନ୍ଦପୁର, ହାଟଡ଼ିହୀ, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ

- ସତ୍ୟସାଇ ବାବାଙ୍କ ୯୯ତମ ଜନ୍ମ ବାର୍ଷିକୀ ପାଳନ, ସ୍ଥାନ: ଉଦଳା ସତ୍ୟସାଇ ସେବାସଦନ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ମେଳା, ସ୍ଥାନ:ଉଦଳା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ବ ଭାରତ ବିଶ୍ୱବିଦ୍ୟାଳୟସ୍ତରୀୟ ଭଲିବଲ କ୍ରୀଡ଼ା ମହାକୁମ୍ଭର ଉଦ୍‌ଯାପନୀ ଉତ୍ସବ,ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ମେଳା, ସ୍ଥାନ:ଭଞ୍ଜପୁର ବାରିପଦା,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ସତ୍ୟସାଇ ମନ୍ଦିରରେ ପ୍ରସାଦ ବଣ୍ଟନ, ସ୍ଥାନ: କୁଲିଅଣା, ସମୟ: ଅପରାହ୍ନ ୧ଟା।
- ସତ୍ୟସାଇ ଗୁରୁକୁଳମ୍‌ର ବାର୍ଷିକୋତ୍ସବ,ସ୍ଥାନ:ଚିତ୍ରଡ଼ା, ମୋରଡ଼ା ବ୍ଲକ,ସମୟ: ଅପରାହ୍ନ ୩ଟା।
- ମାୟରା ଫାଶନ ର୍ୟାମ୍ପ ପ୍ରଦର୍ଶନ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ବଲିଉଡ ନାଇଟ୍ସ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- ନବକୃଷ୍ଣ ଚୌଧୁରୀ ଜୟନ୍ତୀ ପାଳନ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୯ ଘଟିକା।
- ସତ୍ୟସାଇଙ୍କ ୯୯ତମ ଜୟନ୍ତୀ ପାଳନ, ସ୍ଥାନ: ଅନୁଗୋଳ ହାଟ ଛକ ସାଇ ବିହାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରତିଭା ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ପୌରପାଳିକା ଟାଉନ ହଲ, ସମୟ : ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ମଧୁମେହ ସଚେତନତା ରାଲି, ସ୍ଥାନ: ନୂଆ ବସଷ୍ଟାଣ୍ଡରୁ ଆରମ୍ଭ, ସମୟ: ସକାଳ ୮ଟା ୧୫।

## ଗଞ୍ଜାମ

- ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: ବୁଗୁଡା ଶ୍ରୀସତ୍ୟସାଇ ସେବା ମନ୍ଦିର ପରିସର, ସମୟ: ଭୋର ୪ଟା ୩୦ରୁ ଆରମ୍ଭ
- ସତ୍ୟସାଇବାବାଙ୍କ ଜନ୍ମୋତ୍ସବ ପାଳନ, ସ୍ଥାନ:ସତ୍ୟସାଇ ସେବା ସମିତି, ରେଡିକା ସାହି, ଆସିକା, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର

- ଛାତ୍ରୀଛାତ୍ରଙ୍କ ପାଇଁ ୨ ଦିନିଆ ପୁସ୍ତକ ମେଳା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହଚିକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ଆଳି କନିକା ଯୁବ ସମନ୍ୱୟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କନିକା ଆଥେଲେଟିକ ଆସୋସିଏଶନ କକ୍ଷ, ବାଘବୁଦା ସ୍କୁଲ ନିକଟ, ରାଜକନିକା, ସମୟ: ସକାଳ ୯ଟା।
- ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆଞ୍ଚଳିକ ଯୁବ ସାରମୁଖ୍ୟ କକ୍ଷ, ଡେରାବିଶ ଉଚ୍ଚ ବିଦ୍ୟାଳୟ ନିକଟ, ଡେରାବିଶ, ସମୟ: ସକାଳ ୯ଟା।

## ନୟାଗଡ଼

- ଶ୍ରୀ ସତ୍ୟସାଇ ବାବାଙ୍କର ୯୯ତମ ଜନ୍ମ ମହୋତ୍ସବ ଅବସରରେ ନଗର ସଂକୀର୍ତ୍ତନ, ସ୍ଥାନ: ନୟାଗଡ଼ କଲେଜ ରୋଡର ଅମରେନ୍ଦ୍ର କଲୋନୀ ଶ୍ରୀସତ୍ୟସାଇ ମନ୍ଦିର, ଓଡ଼ଗାଁ ବିଜୟ ମଣ୍ଡପ ସାହି, ସମୟ: ସକାଳ ୫ଟା।
- ନୀଳମାଧବଙ୍କ ପ୍ରଥମାଷ୍ଟମୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୮ଟା।
- ଗୋକୁଳାନନ୍ଦ ଜୀଉଙ୍କ ପ୍ରଥମାଷ୍ଟମୀ ପର୍ବ, ସ୍ଥାନ: ସିଦ୍ଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ମନ୍ଦିର, ସମୟ: ସକାଳ ୮ଟା।
- ଜିଲା ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ମିଲେଟ ମେଳା କାର୍ଯ୍ୟକ୍ରମ, ସ୍ଥାନ: ସିଆଇଏସଏଫ ନ୍ୟୁ କମ୍ୟୁନିଟୀ ସେଣ୍ଟର ହଲ୍,ଦାମନଯୋଡି, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଧାନ ସଂଗ୍ରହ ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ସକାଳ ୯ଟା।
- ଭାଲୁବାହାଲ ମା' ଲକ୍ଷ୍ମୀ କ୍ଲବ ଆୟୋଜନରେ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ପିଟିକିରା ଖେଳପଡିଆ, ସମୟ: ପୂର୍ବାହ୍ନ ୯ଟା।
- ରାଜସ୍ୱ ମନ୍ତ୍ରୀଙ୍କ ଧାନ ମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ବରେଇପାଲି ମାର୍କେଟ ୟାର୍ଡ, ସମୟ: ସକାଳ ୯ଟା ୪୦।
- ରାଷ୍ଟ୍ରଦୀପର ଷଷ୍ଟିପୂର୍ତ୍ତି ସମାରୋହ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆଡମିନିଷ୍ଟ୍ରେଟିଭ କନଫେରେନ୍ସ ହଲ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ଲୋକକଳା ସଙ୍ଗମ -୨୪ ଦ୍ୱିତୀୟ ଦିବସ କବିତା ପାଠୋତ୍ସବ ତଥା ସାହିତ୍ୟ ଆଲୋଚନା,ସ୍ଥାନ: ସୁରଙ୍ଗମ ନାଟ୍ୟ ମଣ୍ଡପ ,ସମୟ: ପୂର୍ବାହ୍ନ ୧୦ ଟା।

## ସୁବର୍ଣ୍ଣପୁର

- ମା' ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଉଫୁଲା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅମରପାଲି କ୍ରିକେଟ କପର ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୪ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।

## ଝାରସୁଗୁଡ଼ା

- ପ୍ରଥମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: କୁକୁରଜଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଭିକମପାଲି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ୨ ଦିନିଆ ୪ର୍ଥ ଇଏମଆରଏସ ନ୍ୟାଶନାଲ ସ୍ପୋର୍ଟସ ମିଟ ଉଦ୍‌ଯାପନୀ ଦିବସ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ,କୁଆଁରମୁଣ୍ଡା,ସମୟ:ପୂର୍ବାହ୍ନ ୧୦ ଟା।

## ରାଉରକେଲା

- ସାହିତ୍ୟରେ ସରଳ ଭାଷାର ଆବଶ୍ୟକତା କର୍ମଶାଳା, ସ୍ଥାନ: ଉଦିତନଗର ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୫ଟା ୩୦।
- ୟୁନିଭର୍ସିଟି ପୁରୁଷ ହକି ମ୍ୟାଚ୍, ସ୍ଥାନ: ପାନପୋଷ ସ୍ପୋର୍ଟସ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଦେବଗଡ଼

- ଭଗବାନ ଶ୍ରୀସତ୍ୟ ସାଇ ବାବାଙ୍କ ୯୯ତମ ଜନ୍ମମହୋତ୍ସବ, ସ୍ଥାନ: ସାଇ ନିଳୟମ ସାଇ ବିହାର, ମଠସାହି ଦେବଗଡ଼, ସମୟ: ପ୍ରାତଃ ୫ଟା।
- ଭଗବାନ ଶ୍ରୀସତ୍ୟ ସାଇ ବାବାଙ୍କ ଷୋଡଶ ଉପଚାର ପୂଜା, ସ୍ଥାନ: ସାଇ ନିଳୟମ ସାଇ ବିହାର ମଠସାହି, ସମୟ: ସକାଳ ୯ଟା।
- ନାରାୟଣ ସେବା ଓ ପ୍ରସାଦ ସେବନ, ସ୍ଥାନ: ସାଇ ନିଳୟମ ସାଇ ବିହାର, ମଠସାହି ଦେବଗଡ଼, ସମୟ: ଅପରାହ୍ନ ୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ସତ୍‌ସଙ୍ଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାଇ ନିଳୟମ ସାଇ ବିହାର ମଠସାହି, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଖରିଆର ରୋଡ୍ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଏଫ୍‌ସିଆଇ ଗୋଦାମ ପଡିଆ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ସତ୍ୟସାଇ ବାବାଙ୍କ ୯୯ତମ ଜନ୍ମୋତ୍ସବ, ସ୍ଥାନ: ସତ୍ୟସାଇ ସେବା ମନ୍ଦିର, ବୌଦ୍ଧ, ସମୟ: ସକାଳ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ସମସ୍ୟାକୁ ନେଇ ମାନସିକ ଅଶାନ୍ତି ଲାଗି ରହିବ। କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିପାରେ। ଆର୍ଥିକ ସଂକଟ ରହିଥିଲେ ମଧ୍ୟ ସରକାରୀ ସ୍ତରରୁ ସାହାଯ୍ୟ ନିଶ୍ଚିତ ପାଇବେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ବିବାଦଗ୍ରସ୍ତ ହୋଇପାରନ୍ତି।

**ବୃଷ** ଶୁକ୍ରଙ୍କ ଅଶୁଭ ସଂସ୍ଥାନ ହେତୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବ। ରବିଙ୍କ ଦୁର୍ବଳତା ପାରିବାରିକ ଆବଶ୍ୟକତା ପୂରଣ ପାଇଁ ଚିନ୍ତିତ କରାଇବ। ପ୍ରତ୍ୟେକ ସ୍ତରରେ ପ୍ରତିବନ୍ଧକକୁ ହଟାଇବାରେ ବନ୍ଧୁଙ୍କ ସହଯୋଗ ନିଶ୍ଚିତ ପାଇବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ ଏବଂ ଚେଷ୍ଟା କରୁଥିବା କାମରେ କିଛିଟା ଅଗ୍ରଗତି ଘଟିବାର ସୂଚନା ରହିଛି।

**ମିଥୁନ** କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ ପ୍ରତ୍ୟେକ କାମରେ ସଫଳତା ପାଇବେ। ବନ୍ଧୁମାନେ ପ୍ରଥମେ ଦୂରେଇ ରହୁଥିଲେ ମଧ୍ୟ ଠିକ୍ ସମୟରେ କାମରେ ସାହାଯ୍ୟ କରିବେ। କିଛି ନ ଦେଲେ ମଧ୍ୟ ପଡ଼ୋଶୀ ଆନୁଷଙ୍ଗିକ ପ୍ରେରଣା ଯୋଗାଇପାରନ୍ତି। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**କର୍କଟ** ମଙ୍ଗଳଙ୍କ କୁପ୍ରଭାବରୁ ଟିକିଏ ଟିକିଏ କଥାରେ ଚିଡ଼ିଚିଡ଼ା କିମ୍ବା ବିରକ୍ତି ଲାଗିବ। ଅନ୍ୟମାନଙ୍କ କଥାକୁ ଭିନ୍ନାର୍ଥରେ ଗ୍ରହଣ କରି ଅଶାନ୍ତ ରହିପାରନ୍ତି। କିନ୍ତୁ ଅର୍ଥ ସମ୍ପର୍କ, ସହକର୍ମୀଙ୍କ ସହଯୋଗ, ଉପରିସ୍ଥ କର୍ମଚାରୀଙ୍କ ସହ ଆଲୋଚନାଦି ମନ୍ଦ ହେବନାହିଁ। ଅଶ୍ଳେଷା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ପାଇବେ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ପରେ ସମସ୍ୟା ମୁଣ୍ଡ ଟେକିବ। ପାରିବାରିକ ସ୍ତରରୁ ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟି ଆଶଙ୍କା ରହିଛି। ସମ୍ପର୍କୀୟଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ବାଣିଜ୍ୟ, ସାମ୍ବାଦିକତା ତଥା ପ୍ରଶାସନ, ସାଂଗଠନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**କନ୍ୟା** କାମ ହାସଲ ଲକ୍ଷ୍ୟ ନେଇ ଅନ୍ୟମାନଙ୍କୁ ମନେଇ ନେବାରେ ଗ୍ରହାନୁକୂଳ ରହିଛି। ଆର୍ଥିକ ଦିଗଟି ଭଲ ରହିବା କାରଣରୁ କୌଣସି କାମ ଅଟକିବ ନାହିଁ। ସାଧାରଣ କଥାରେ କ୍ରୋଧ ପ୍ରକାଶ କଲେ ପରିସ୍ଥିତି ବିଗିଡ଼ିଯିବାର ଆଶଙ୍କାକୁ ଏଡ଼ି ହେବନାହିଁ। ଅଜଣା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କରିବା ଠିକ୍ ହେବନି।

**ତୁଳା** ପରିସ୍ଥିତିକୁ ଦେଖି କାମ କରିଜାଣିଲେ କୌଣସି ପ୍ରକାର ଅସୁବିଧା ହେବନାହିଁ। ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ ଜନିତ ମନସ୍ତାପ କରିପାରନ୍ତି। ଠିକ୍ କଥା କହିଲେ ମଧ୍ୟ ତାହା ବନ୍ଧୁମାନଙ୍କୁ ଖୁସି କରାଇବା ବଦଳରେ ଓଲଟା ପ୍ରତିକ୍ରିୟା ସୃଷ୍ଟି କରିବ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ଅତୀତର ବିବାଦୀୟ କଥା, ଦୂରେଇ ଯାଉଥିବା ବନ୍ଧୁ, ପାଇବାକୁ ଥିବା ଅର୍ଥ ଆଜିର ମୁଖ୍ୟ ଚିନ୍ତା ହୋଇପାରେ। ଅବଶ୍ୟ ସକାଳୁ ଦୀର୍ଘ ଦିନରୁ ପ୍ରତୀକ୍ଷିତ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ଶନିଙ୍କ ପ୍ରଭାବରୁ ଶିଥିଳ ମନ ଓ ଶରୀର ନେଇ ଦିନଟି ଅତିବାହିତ କରିବେ। ଯାହା ଚିନ୍ତା କରୁଥିବେ ତାହାର ଓଲଟା କାମ ମନକୁ ଭାରାକ୍ରାନ୍ତ କରିପାରେ। ଅବଶ୍ୟ ମନ ମୋହିଲା ଭଳି କଥା ଓ ସୁନ୍ଦର ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର** ବହୁତ ଦିନରୁ ଦେଖିନଥିବା କୌଣସି ବନ୍ଧୁ କିମ୍ବା କଥା କହୁନଥିବା ଅନ୍ତରଙ୍ଗଟି ପାଇଁ ମନ ଛଟପଟ ହୋଇପାରେ। କଠିନ ଶ୍ରମ ଓ ଭ୍ରମଣଜନିତ ଅସୁସ୍ଥତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ସାମ୍ବାଦିକତା, ପରିବହନରେ ଏବଂ ପରିବାର ଭିତରେ କୌଣସି ଅସୁବିଧା ହେବନାହିଁ।

**କୁମ୍ଭ** ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧା ଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଚିନ୍ତା କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ଅଶାନ୍ତ ସ୍ଥିତି ସୃଷ୍ଟି କରିବ।

**ମୀନ** କର୍ମକ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଆପଣଙ୍କୁ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି କାରଣରୁ ସାମୟିକ ମାନସିକ ସୁସ୍ଥତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ବ୍ୟସ୍ତ ବିବ୍ରତ ନ ହୋଇ କାମ କରିବା ଭଲ ହେବ।

ଆଜି ନଭେମ୍ବର ୨୩ ତାରିଖ, ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ, ଶନିବାର, ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ, ଶ୍ରୀଲିଙ୍ଗରାଜ ଦେବଙ୍କ ଯାତ୍ରା, କାଳଭୈରବ ଜୟନ୍ତୀ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମଘା/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୧ ଗତେ ଘ.୦୮।୪୮ ମଧ୍ୟେ, ଘ.୧୧।୫୪ ଗତେ ଘ.୧୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୮।୪୮ଗତେ ଘ.୧୦।୧୦ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଆଦାନୀ ଲାଞ୍ଚ: ତଦନ୍ତ ...

ପର୍ଯ୍ୟାପ୍ତ ତଥ୍ୟ ଦିଆଯାଇ ନ ଥିଲା ଏବଂ ସେଠାକାର ପୁଞ୍ଜିନିବେଶକାରୀଙ୍କୁ ବିଭ୍ରାନ୍ତ କରାଯାଇଥିଲା ବୋଲି ନ୍ୟାୟ ବିଭାଗ ଏବଂ ଇଷ୍ଟର୍ନ ଡିଷ୍ଟ୍ରିକ୍ଟ ଅଫ୍ ନ୍ୟୁୟର୍କ ପକ୍ଷରୁ ଦାଖଲ ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏନେଇ ଗୌତମ, ସାଗର ଏବଂ ଅନ୍ୟ ୬ ଅଧିକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁହେବା ସହ ଗିରଫ ପରୱାନା ଜାରି ହୋଇଛି। ଏହା ପରେ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍‌ର ବ୍ୟବସାୟିକ କାରବାର ଚର୍ଚ୍ଚାକୁ ଆସିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ସ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ଆଦାନୀ ଗ୍ରୁପ୍‌ର ୧୦ କମ୍ପାନୀ ତାଲିକାଭୁକ୍ତ ହୋଇଥିବାରୁ ଦୁଇ ସଂସ୍ଥା ଏହା ଉପରେ ଚିନ୍ତା ପ୍ରକଟ କରିବା ସହ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଜରିଆରେ ଆଦାନୀ ଗ୍ରୁପ୍‌ଠାରୁ ସ୍ପଷ୍ଟୀକରଣ ଲୋଡ଼ିଥିବା କୁହାଯାଉଛି। ଆଦାନୀ ସମୂହ ସ୍ପଷ୍ଟୀକରଣ ଦେବା ପରେ ତାକୁ ସାର୍ବଜନୀନ କରାଯାଇପାରେ। ସେଥିରେ କୌଣସି ଅନିୟମିତାତା ଧରାପଡ଼ିଲେ ସେବି ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିପାରେ ବୋଲି ସୂତ୍ରରୁ ଜଣାପଡ଼ିଛି।

ସୂତ୍ର ଆହୁରି ସ୍ପଷ୍ଟ କରିଛି ଯେ, କୌଣସି ତାଲିକାଭୁକ୍ତ କମ୍ପାନୀ ସିକ୍ୟୁରିଟି ଆଇନ ଉଲ୍ଲଂଘନ କଲେ ଆମେରିକୀୟ ବଜାର ନିୟନ୍ତ୍ରକ ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ କମିଶନ (ଏସ୍‌ଇସି)ର ଯେପରି କାର୍ଯ୍ୟାନୁଷ୍ଠାନ କ୍ଷମତା ରହିଛି, ଭାରତରେ ସେବିକୁ ସେଭଳି କ୍ଷମତା ଦିଆଯାଇନାହିଁ। ଏଠାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଲାଞ୍ଚ କାରବାରର ତଦନ୍ତ କରିପାରିବ। ସେହିପରି ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ କରୁଥିବାବେଳେ କମ୍ପାନୀ ଆଇନ ସମ୍ପର୍କିତ ପ୍ରସଙ୍ଗରେ ସିରିୟସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ୍ ଅଫିସ (ଏସ୍‌ଏଫ୍‌ଆଇଓ) ତଦନ୍ତ କରିଥାଏ। ସିକ୍ୟୁରିଟିଜ୍ ଆଇନ ଉଲ୍ଲଂଘନ ହୋଇଥିବା ପ୍ରମାଣିତ ହେଲେ ସେବି ନିଜ ସୀମିତ ପରିଧି ଭିତରେ କାର୍ଯ୍ୟାନୁଷ୍ଠାନ ନେଇପାରିବ ବୋଲି ଜଣେ ବିଶେଷଜ୍ଞ ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନ ଆମେରିକାରେ ବିଚାରାଧୀନ ଏକ ଲାଞ୍ଚ ମାମଲାରେ ସେବି କୌଣସି ନିୟାମକ ନିଷ୍କର୍ଷରେ ପହଞ୍ଚିପାରିବ ବୋଲି ଆଶା କରିବା 'ଅପରିପକ୍ୱ' ହେବ ବୋଲି ସେ କହିଛନ୍ତି।

ଆମେରିକାର ନ୍ୟାୟ ବିଭାଗ ଅଭିଯୋଗ ଆଣିଛି ଯେ, ଆଦାନୀ ଗ୍ରୀନ୍ ଏନର୍ଜି ସେଠାକାର ଏକ ତଦନ୍ତ ସମ୍ପର୍କିତ ବିଜ୍ଞପ୍ତିକୁ ଅଣଦେଖା କରି ବିଭ୍ରାନ୍ତିକର ବିବୃତି ଜାରି କରିଥିଲା। ଏହା ଆମେରିକାର ଦୁର୍ନୀତି ନିରୋଧୀ ଆଇନର ଉଲ୍ଲଂଘନ ହୋଇଥିବା ସତ୍ତ୍ୱେ ଆଦାନୀ ଗ୍ରୀନ୍ ଏନ୍‌ଏସ୍‌ଇ ଏବଂ ବିଏସ୍‌ଇରେ ଜାଲ୍ ଦସ୍ତାବିଜ ଦାଖଲ କରିଥିଲା। ଭାରତୀୟ ଷ୍ଟକ୍ ମାର୍କେଟରେ ଦାଖଲ ଲିଖିତ ଦସ୍ତାବିଜରେ ଦାବି କରାଯାଇଥିଲା ଯେ, ଆଦାନୀ ଗ୍ରୁପ୍ ଏବଂ ଇଣ୍ଡିଆନ୍ ଏନର୍ଜି କମ୍ପାନୀ ଆମେରିକା ସରକାରଙ୍କ ତଦନ୍ତ ନେଇ କୌଣସି ନୋଟିସ ପାଇନାହିଁ। ଅନ୍ୟପକ୍ଷେ ଏଭଳି ଅଭିଯୋଗକୁ ଆଦାନୀ ଗ୍ରୁପ୍‌ର ଜଣେ ପ୍ରତିନିଧି ଭିତ୍ତିହୀନ କହି ଖଣ୍ଡନ କରିଛନ୍ତି। ଅଭିଯୋଗ ପ୍ରମାଣିତ ନ ହେବା ଯାଏ କମ୍ପାନୀ ନିର୍ଦ୍ଦୋଷ। ସମସ୍ତ ସମ୍ଭାବ୍ୟ ଆଇନଗତ ବିକଳ୍ପର ସହାୟତା ନିଆଯିବ। ଅନ୍ୟପକ୍ଷେ ଲାଞ୍ଚ ଖବର ଆସିବା ପରେ ଗୁରୁବାର ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକର ଷ୍ଟକ୍ସ ମୂଲ୍ୟ ୨୩% ହ୍ରାସ ପାଇବାରୁ ଏହାର ପ୍ରଭାବରେ ଭାରତୀୟ ପୁଞ୍ଜିବଜାର ଧରାଶାୟୀ ହୋଇଯାଇଥିଲା। ଏହାସତ୍ତ୍ୱେ ଆଦାନୀ ଗ୍ରୁପ୍ ଷ୍ଟକ୍ସଗୁଡ଼ିକ ଶୁକ୍ରବାର ପୁନର୍ବାର ଉପରମୁହାଁ ହେବାରୁ ବିଏସ୍‌ଇ ସେନ୍‌ସେକ୍ସ ପ୍ରାୟ ୨,୦୦୦ ପଏଣ୍ଟ ଉପରକୁ ଉଠିଛି ଏବଂ ନିଫ୍ଟି୫୦ ୨୩,୯୦୦ ମାର୍କକୁ ଛୁଇଁଛି। ଆଦାନୀ ଏଣ୍ଟରପ୍ରାଇଜେସ୍‌ର ପ୍ରଦର୍ଶନରେ ୨.୫% ଉନ୍ନତି ପରିଲକ୍ଷିତ ହୋଇଥିବାବେଳେ ଅମ୍ବୁଜା ସିମେଣ୍ଟ ୬% ଉଠିଛି। ଆଦାନୀ ଗ୍ରୀନ୍ ଏନର୍ଜି ୧% ଏବଂ ଆଦାନୀ ପୋର୍ଟ୍ସ ୨% ବଢ଼ିଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଜାନୁଆରୀ ୨୪ରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ନିଜ ୱେବ୍‌ସାଇଟ୍‌ରେ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶକରି ଦର୍ଶାଇଥିଲା ଯେ, ଆଦାନୀ ଗ୍ରୁପ୍ ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଉକ୍ତ କମ୍ପାନୀ ନିଜ ଷ୍ଟକ୍ସ ଏବଂ ଆକାଉଣ୍ଟରେ ଅନେକ ଦଶନ୍ଧି ଧରି ଏହି କାରସାଦି କରିଥିବା ନେଇ ୨ ବର୍ଷର ଯାଞ୍ଚ ଓ ଖୋଳତାଡ଼ ପରେ ପ୍ରମାଣ ମିଳିଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ଗୌତମ ଆଦାନୀ ଅସାଧୁ ଉପାୟରେ ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୦ ବିଲିୟନ ଡଲାର ଠୁଳ କରିଥିବା ହିଣ୍ଡେନ୍‌ବର୍ଗ ନିଜ ପ୍ରଥମ ରିପୋର୍ଟରେ ଅଭିଯୋଗ ଆଣିଥିଲା। ଏହା ପରେ ୨୦୨୪ ଅଗଷ୍ଟ ୧୦ରେ ହିଣ୍ଡେନ୍‌ବର୍ଗ ୨.୦ ରିପୋର୍ଟ ପ୍ରଘଟ ହୋଇଥିଲା। ୨୦୧୭ ଏପ୍ରିଲରୁ ମାଧବୀ ସେବିର ପୂର୍ଣ୍ଣକାଳୀନ ସଦସ୍ୟା ଥିବାବେଳେ ୨୦୨୨ ମାର୍ଚ୍ଚ ୧୭ରେ ଏହାର ଅଧ୍ୟକ୍ଷା ନିଯୁକ୍ତ ହୋଇଥିଲେ। ଅଧ୍ୟକ୍ଷ ପଦ ଗ୍ରହଣ ପୂର୍ବରୁ ମାଧବୀ ତାଙ୍କ ସ୍ୱାମୀ ଧବଳ ବୁଚ୍ ବିଦେଶରେ କେତେକ ଜାଲ୍ କମ୍ପାନୀ ଖୋଲିଥିଲେ। ଉକ୍ତ କମ୍ପାନୀଗୁଡ଼ିକ ଜରିଆରେ ବୁଚ୍ ଦମ୍ପତି ବିପୁଳ ଅର୍ଥ ଲାଭ କରିଥିଲେ। ମାଧବୀ ଧରା ନ ପଡ଼ିବା ପାଇଁ ନିଯୁକ୍ତିର ୨ ସପ୍ତାହ ପୂର୍ବରୁ ଉକ୍ତ କମ୍ପାନୀଗୁଡ଼ିକରେ ଥିବା ନିଜ ସମସ୍ତ ଶେୟାରକୁ ସ୍ୱାମୀଙ୍କୁ ହସ୍ତାନ୍ତର କରିଥିଲେ। ଏହି କମ୍ପାନୀ ଆଦାନୀ ଗ୍ରୁପ୍ ସହ ସମ୍ପୃକ୍ତ ଥିବାରୁ ଗୌତମ ଆଦାନୀଙ୍କ ବିରୋଧରେ ମାଧବୀ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ବୋଲି ହିଣ୍ଡେନ୍‌ବର୍ଗ ନିଜ ଦ୍ୱିତୀୟ ରିପୋର୍ଟରେ ପ୍ରଘଟ କରିଥିଲା। ଦୁଇଟି ଯାକ ପ୍ରଘଟ ପରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଆଦାନୀ ଦୁର୍ନୀତିର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଏଭଳି ତଦନ୍ତ କରାଯାଇ ନାହିଁ। ଅନ୍ୟପକ୍ଷେ ଆଦାନୀ ଦୁର୍ନୀତିର ତଦନ୍ତ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସେବି ଗୌତମ ଆଦାନୀଙ୍କ କମ୍ପାନୀକୁ କ୍ଲିନ୍‌ଚିଟ୍ ଦେଇଥିଲା।

## ପ୍ରକାଶ ପାଇଲା..

ସେମାନଙ୍କ ଓଏମ୍‌ଆର୍ ଉତ୍ତର ଫର୍ଦ୍ଦ ଏବେଠାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ପରୀକ୍ଷାର୍ଥୀଙ୍କ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ଏବଂ ଓଏମ୍‌ଆର୍ ଶିଟ୍ ଡାଉନ୍‌ଲୋଡ୍ ନିମନ୍ତେ ବୋର୍ଡ ପକ୍ଷରୁ ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ୍ ପ୍ରଦାନ କରାଯିବ ବୋଲି ପ୍ରେସ୍ ଇସ୍ତାହାରରେ ଶୁକ୍ରବାର ସୂଚନା ଦିଆଯାଇଛି।

## ପ୍ରତି ଗାଁରେ କଳା,...

କଳା ଓ ସଂସ୍କୃତି ସହିତ ଆମର ଆର୍ଥିକ ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମାଜର ସବୁ ସ୍ତରର ଲୋକଙ୍କ ବିକାଶ ନ ହେଲେ, କେବଳ ସଂସ୍କୃତିକୁ ନେଇ ଆମେ ବେଶି ଆଗକୁ ଯାଇପାରିବା ନାହିଁ। ସେଥିପାଇଁ ଆମ ସରକାର ରାଜ୍ୟରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି। ୨୦୨୫ ଜାନୁଆରୀ ୨୮ ଓ ୨୯ ତାରିଖରେ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ବଡ଼ ବଡ଼ କମ୍ପାନୀମାନେ ଓଡ଼ିଶାକୁ ଆସନ୍ତୁ ଏବଂ ଶିଳ୍ପ ପ୍ରତିଷ୍ଠା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଓଡ଼ିଶା ପର୍ବ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ଥିଲେ।

## ସୁକ୍‌ମା ଏନ୍‌କାଉଣ୍ଟରରେ ...

ଗୁରୁବାର ସୂଚନା ପାଇବା ପରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି) ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ମିଳିତ ଟିମ୍ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଖବର ଅନୁଯାୟୀ, ଛତିଶଗଡର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମାଓବାଦୀ ଗୁରୁବାର ଡଙ୍ଗା ଯୋଗେ ସାବେରୀ ନଦୀ ପାରହୋଇ ମାଲକାନଗିରି ଜିଲାରେ ପ୍ରବେଶ ସମୟରେ ଗୋଇନ୍ଦା ସୂତ୍ରରୁ ଖବର ପାଇ ମାଲକାନଗିରି ଡିଭିଏଫ୍ ଏମ୍‌ଭି ୭୯ ଥାନା ଅନ୍ତର୍ଗତ ଜିଲେନଗୁଡା ଜଙ୍ଗଲ ନିକଟରେ ଛପିରହି ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଫଳରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ସୁକ୍‌ମା ଜିଲା କୋଣ୍ଟା ଅଞ୍ଚଳକୁ ପଳାଇଥିଲେ । ଏହି ଖବର ଗୋଇନ୍ଦା ସୂତ୍ରରୁ ଛତିଶଗଡ ପୋଲିସକୁ ମିଳିବା ପରେ ସୁକ୍‌ମା ଡିଆର୍‌ଜି ଓ ସିଆର୍‌ପିଏଫ୍ ଯବାନମାନେ କୋଣ୍ଟା ନିକଟ ଭେଜି ଜଙ୍ଗଲରେ କୋମ୍ବିଂ କରିଥିଲେ। ପରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଜୋର୍‌ଦାର ଗୁଳି ବିନିମୟ ଘଟି ଘଟଣାସ୍ଥଳରେ ୧୦ ମାଓବାଦୀ ନିହତ ହୋଇଥିଲେ। ଶୁକ୍ରବାର ସକାଳ ସୁଦ୍ଧା ଉକ୍ତ ଅଞ୍ଚଳରେ ତଲାସି ବେଳେ ୧୦ ମାଓବାଦୀଙ୍କ ମୃତଦେହ ମିଳିବା ସହ ୩ ଅଟୋମେଟିକ୍ ବନ୍ଧୁକ ଏବଂ ବହୁ ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ବସ୍ତର ଅଞ୍ଚଳର ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏନ୍‌କାଉଣ୍ଟରରେ କୌଣସି ସୁରକ୍ଷା ଯବାନ ଆହତ ହୋଇଥିବାର ଖବର ମିଳିନାହିଁ। ଚଳିତବର୍ଷ ମାଓବାଦୀ ପ୍ରବଣ ଦକ୍ଷିଣ ବସ୍ତର ଜୋନ୍‌ରେ ସୁରକ୍ଷା ଯବାନଙ୍କ ସହ ଗୁଳି ବିନିମୟରେ ବର୍ତ୍ତମାନ ସୁଦ୍ଧା ୨୦୭ ମାଓବାଦୀଙ୍କ ମୃତ୍ୟୁ ଘଟିଲାଣି। ସୁରକ୍ଷା ବଳର ସଫଳତାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ସନ୍ତୋଷ ବ୍ୟକ୍ତ କରିବା ସହ ତାଙ୍କ ସରକାର ମାଓବାଦୀଙ୍କ ବିରୋଧରେ ଶୂନ୍ୟ-ସହନଶୀଳ ନୀତିରେ କାର୍ଯ୍ୟ କରୁଥିବା କହିଛନ୍ତି।

## ୨ ଗିରଫ: ଏଏନ୍‌ଏମ୍ ...

ଉପକେନ୍ଦ୍ରରେ କାର୍ଯ୍ୟରତ ଏଏନ୍‌ଏମ୍ ମମତା ଭୋଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାଯାଇଛି।

ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରି, ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର,ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ସମ୍ପୃକ୍ତ ଶିଶୁର ଘରେ ପହଞ୍ଚି ପରିବାରବର୍ଗଙ୍କ ସହ ଆଲୋଚନା କରିବା ସହ ଆର୍ଥିକ ସ୍ଥିତି ପରଖି ଥିଲେ । ପରେ ଶିଶୁ ନେଇଥିବା ୨ ଜଣଙ୍କୁ ଗିରଫ କରାଯାଇଛି ବୋଲି ଜିଲାପାଳ ଇସଲୱାର ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ସେହିପରି ସରକାରୀ ନିୟମକୁ ଉଲ୍ଲଂଘନ କରି ଶିଶୁକନ୍ୟାକୁ ବେଆଇନ ଭାବେ ଦଲାଲ ହାତରେ ଟେକି ଦେବା ଘଟଣାରେ ସଂପୃକ୍ତ ଥିବା ଜଣାପଡ଼ିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କୁବେର ମହନ୍ତ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୭୭୯/ଏଫଡବ୍ଲ୍ୟୁ ତା ୨୧।୧୧।୨୦୨୪ ରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭୋଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ, ଗତ ନଭେମ୍ବର ୧ ତାରିଖରେ କରୁଆଁଝର ଅଞ୍ଚଳର ସମ୍ପୃକ୍ତ ଗର୍ଭବତୀଙ୍କୁ ତାଙ୍କ ଗ୍ରାମର ଆଶାକର୍ମୀ ପ୍ରସବ ପାଇଁ ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସୁନାମୁଦି ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ନେଇଥିଲେ। ସେଠାରେ ମହିଳା ଜଣକ ଏକ ସୁସ୍ଥ ଶିଶୁକନ୍ୟା ଜନ୍ମ ଦେଇଥିଲେ। କିନ୍ତୁ ଜନ୍ମ ହେବା ପରେ ଜଣେ ନିଃସନ୍ତାନ ଦମ୍ପତିଙ୍କୁ ଶିଶୁକୁ ଟେକି ଦିଆଯାଇଥିଲା। ଏହି ଘଟଣାରେ ଆଉ କେଉଁମାନଙ୍କର ସଂପୃକ୍ତି ରହିଛି ତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।




# ଜଳ ସମ୍ପଦ ବିଭାଗ ପାଇଁ ୨ ଏମ୍‌ଓୟୁ ସ୍ୱାକ୍ଷରିତ

- କେନାଲ ସେଚାଞ୍ଚଳରେ କୃଷି ଜଳ ଉତ୍ପାଦକତା ବୃଦ୍ଧି ହେବ
- ପାଣି ପଞ୍ଚାୟତ ପ୍ରଶିକ୍ଷକଙ୍କୁ ମିଳିବ ପ୍ରଶିକ୍ଷଣ



ଭୁବନେଶ୍ୱର,୨୨।୧୧(ଅନିଲ ଦାସ)

ଜଳ ସମ୍ପଦ ବିଭାଗ ପକ୍ଷରୁ ଭାରତୀୟ କୃଷି ଗବେଷଣା ପରିଷଦର ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍) ଏବଂ ଭୁବନେଶ୍ୱର ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଏକ୍ସଆଇଏମ୍‌ବି) ସହିତ ଶୁକ୍ରବାର ୨ଟି ପୃଥକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ଜଳ ସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଥମ ବୁଝାମଣା ଅନୁଯାୟୀ ସେଚାଞ୍ଚଳ ଉନ୍ନୟନ ଏବଂ ଭାଗୀଦାରି ଜଳସେଚନ ପରିଚାଳନା(ସିଏଡି-ପିଆଇଏମ୍)ର ନିର୍ଦ୍ଦେଶକ ଏବଂ ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍‌ର ନିର୍ଦ୍ଦେଶକଙ୍କ ମଧ୍ୟରେ ହୋଇଛି। ଏହାଦ୍ୱାରା ଡିଜିଟାଲ୍ ଜଳମାପକ ଏବଂ ବୈଜ୍ଞାନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ କେନାଲ ସେଚାଞ୍ଚଳ(କମାଣ୍ଡ)ରେ କୃଷି ଜଳ ଉତ୍ପାଦକତା ବୃଦ୍ଧି ନିମନ୍ତେ ମୃତ୍ତିକା ଆର୍ଦ୍ରତା ଜାଣିବାରେ ସହାୟକ ହେବ। ଏହି ପ୍ରକଳ୍ପ କଟକ ଫୁଲନଖରା ନିକଟସ୍ଥ ଉସୁମା ଗାଁର କାକଟପୁର-ପୁରୀ ମୁଖ୍ୟ କେନାଲର ହରିଅନ୍ତା ଡିଷ୍ଟ୍ରିବ୍ୟୁଟାରୀରେ ଜଳସେଚନ ପାଇଁ କାର୍ଯ୍ୟକାରୀ ହେବ। ଏଥିରେ ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍ ଦ୍ୱାରା ବିକଶିତ ଡିଜିଟାଲ ଜଳମାପକ ଏବଂ ମୃତ୍ତିକା ଆର୍ଦ୍ରତା ଜାଣିବା ପ୍ରଣାଳୀର ମୂଲ୍ୟାଙ୍କନ ଆଧାରରେ କାର୍ଯ୍ୟ ସମ୍ପାଦିତ ହେବ। ଏହି ଡିଜିଟାଲ ଉପକରଣର ବ୍ୟବହାରରେ ଜଳସେଚନକୁ ସ୍ୱୟଂଚାଳିତ କରିବାରେ ପାଣିପଞ୍ଚାୟତର କ୍ଷମତା ବୃଦ୍ଧିରେ ସହାୟକ ହେବ। ଏହାସହ କେନାଲ ସେଚାଞ୍ଚଳରେ ଫସଲ ବିବିଧୀକରଣକୁ ପ୍ରୋତ୍ସାହିତ କରିବ। ଅନ୍ୟ ଏକ ବୁଝାମଣାପତ୍ର ସହନଶୀଳ ଜଳବାୟୁ ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆର୍‌ଏ)ର ନିର୍ଦ୍ଦେଶକ ଓ ଏକ୍ସଆଇଏମ୍‌ବିର କୁଳପତିଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ପ୍ରଶିକ୍ଷକମାନଙ୍କୁ (ଟିଓଟି) ଏବଂ ପାଣିପଞ୍ଚାୟତର କର୍ମକର୍ତ୍ତାମାନଙ୍କୁ ତାଲିମ ଦିଆଯିବ।

ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାପରେ ଉନ୍ନୟନ କମିଶନର ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର ଓ କଳାହାଣ୍ଡି ଜିଲାରେ ଓଆଇଆଇପିସିଆର୍‌ଏ ଜରିଆରେ କାର୍ଯ୍ୟକାରୀ ହେଉଥିବା ସ୍ଥାୟୀ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିବା ଜିଲାପାଳମାନେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ସାମଗ୍ରିକ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଉନ୍ନୟନ କମିଶନର ଏହି ପ୍ରକଳ୍ପ ଜରିଆରେ କୃଷକମାନେ କିପରି ଜଳର ଉତ୍ପାଦକତା ବୃଦ୍ଧିକରି ଅଧିକ ଉପକୃତ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ । କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ସାମୂହିକ ପ୍ରୟାସ ସହିତ ବିଶେଷଜ୍ଞମାନଙ୍କର ମିଳିତ ପ୍ରୟାସରେ ଫସଲ ବିବିଧୀକରଣ ଏବଂ କୃଷିର ଅଭିବୃଦ୍ଧି ଉପରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍, ଭୁବନେଶ୍ୱରର ପ୍ରମୁଖ ବୈଜ୍ଞାନିକ ରବୀନ୍ଦ୍ର ପଣ୍ଡା ଏବଂ ଏକ୍ସଆଇଏମ୍‌ବିର କୁଳପତି ଉଭାରୀ ଆଣ୍ଟୋନି ଆର୍‌ଙ୍କ ସମେତ ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅନ୍ୟ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଇଣ୍ଡିଆନ୍ ରକ୍ ବ୍ୟାଣ୍ଡ 'ଅଗ୍ନି'

## 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ'

ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏକ୍ଷେତ୍ରରେ ସହଭାଗୀ କରାଇପାରିବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'। ଚଳିତବର୍ଷର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ:ବିଲ୍ଡିଂ ରିଜିଲିଆନ୍ସ'। ଆସନ୍ତା ୨୪ ତାରିଖରେ ଭୁବନେଶ୍ୱରରେ ଧରିତ୍ରୀର ୫୧ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଯୁବ ସମ୍ମିଳନୀର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଯୁବ ପରିବେଶବିତ୍ ଏବଂ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ଯୋଗଦେବେ। ସେଥିମଧ୍ୟରେ ରହିଛି ରକ୍‌ବ୍ୟାଣ୍ଡ ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟୁଥିବା ଭାରତୀୟ ସଙ୍ଗୀତ ଜଗତର ଚର୍ଚ୍ଚିତ 'ଅଗ୍ନି' ବ୍ୟାଣ୍ଡ।



DHARITRI YOUTH CONCLAVE 2024 CLIMATE CHANGE: BUILDING RESILIENCE

ଆମ ଦେଶରେ ମନୋରଞ୍ଜନ ପାଇଁ ଫିଲ୍ମ ସଙ୍ଗୀତର ଅଧିକ ଚାହିଦା ରହିଆସିଥିବାବେଳେ ନିଜସ୍ୱ ଉଦ୍ୟମରେ ଆରମ୍ଭ ହୋଇଥିବା ବିଭିନ୍ନ ବ୍ୟାଣ୍ଡ ଏବେ ସଙ୍ଗୀତକୁ ଏକ ନୂଆ ଦିଗ ଦେଇଛି। ସେହି ବ୍ୟାଣ୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ 'ଅଗ୍ନି' ବ୍ୟାଣ୍ଡ। ଭାରତୀୟ ରକ୍ ବ୍ୟାଣ୍ଡ ଭାବେ ଏହା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, ଲୋକଗୀତ ଏବଂ ରକ୍ ମ୍ୟୁଜିକ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରୁଛି। ୨୦୦୬ରେ ମୁମ୍ବାଇରେ ସଙ୍ଗୀତଜ୍ଞ କାନନ ମୋହନ ଏବଂ ଗିଟାର ବାଦକ କୌସ୍ତୁଭ ଧାଭାଲେ ଓରଫ କୋକୋଙ୍କ ଦ୍ୱାରା ଏହି ବ୍ୟାଣ୍ଡ ପ୍ରତିଷ୍ଠା ହୋଇଥିଲା। ଏହାର ପ୍ରଥମ ଆଲ୍‌ବମ୍ ୨୦୦୭ ମେ' ୧୫ରେ ପୁଣେଠାରେ ସୋନୀ ବିଏମ୍‌ଜିରେ ପ୍ରଦର୍ଶିତ ହୋଇଥିଲା। ଅଗ୍ନି ବ୍ୟାଣ୍ଡ ଦେଶର ସର୍ବାଧିକ ପ୍ରଶଂସା ସାଉଁଟିଥିବା ଗୁରୁତ୍ୱପୂର୍ଣ୍ଣ ରକ୍ ବ୍ୟାଣ୍ଡମାନଙ୍କ ମଧ୍ୟରୁ ଅନ୍ୟତମ। ଉଦ୍ଦିପନା ସୃଷ୍ଟିକାରୀ ଲାଇଭ୍ ପ୍ରଦର୍ଶନ ଏବଂ ଭାରତୀୟ ସଙ୍ଗୀତର ଗଭୀର ମୂର୍ଚ୍ଛନା ସହିତ ଜଡ଼ିତ ସ୍ୱର ପାଇଁ ଅଗ୍ନି ବେଶ୍ ଜଣାଶୁଣା। ବିଶେଷକରି ମୂଳ ସଙ୍ଗୀତର ଭାବ ନ ବଦଳାଇ ଏହାକୁ ଏକ ନୂତନ ଢଙ୍ଗରେ ପରିବେଷଣ କରିବା ଅଗ୍ନି ବ୍ୟାଣ୍ଡର ଲକ୍ଷ୍ୟ। 'ସାଧୋ ରେ' ଏବଂ 'କବିରା' ସଙ୍ଗୀତରେ ସେମାନଙ୍କ ଗାୟନ ଶୈଳୀ କମ୍ ସମୟ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଥିଲା। ହିନ୍ଦୀ ଫିଲ୍ମ ଯଥା ଦିଲ୍ ଦୋସ୍ତି...ଏବଂ ସାଲାରେ ମଧ୍ୟ ସେମାନଙ୍କ ଗୀତ ସ୍ଥାନ ପାଇଛି। ସଙ୍ଗୀତ ପରିବେଷଣ ସହ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବାରେ ଅଗ୍ନି ବ୍ୟାଣ୍ଡ ମଧ୍ୟ ସକ୍ରିୟ ଭାବେ କାର୍ଯ୍ୟ କରି ଆସୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ନଷ୍ଟ ହେଉଥିବା ଜୈବ ବିବିଧତାକୁ କିପରି ରୋକାଯାଇପାରିବ ସେଦିଗରେ ଏହା କାର୍ଯ୍ୟ କରୁଛି। ଏହି ବ୍ୟାଣ୍ଡର ମୁଖ୍ୟ ଗାୟକ ମୋହନ କାନନ୍ ଜଳବାୟୁ ପରିବର୍ତ୍ତନ ସଚେତନତା ପାଇଁ ବାର୍ତ୍ତା ବଣ୍ଟୁଥିବା ଜଣେ ଅଗ୍ରଦୂତ। ଏହି ଟିମ୍ ସକାରାତ୍ମକ ପରିବର୍ତ୍ତନର ପ୍ରେରଣା ଦେଇଥାଏ। ବିଶେଷକରି ପୃଥିବୀର ଭବିଷ୍ୟତ ସମ୍ପର୍କରେ ଚିନ୍ତା କରିବାକୁ ଏହା ଆମକୁ ପ୍ରେରିତ କରିଥାଏ। ଅଗ୍ନି ଆଲବମ୍‌ରୁ ଯାତ୍ରା ଆରମ୍ଭ କରିଥିବା ଏହି ବ୍ୟାଣ୍ଡ ଏବେ ଟିଭିରେ ପ୍ରସାରିତ ବହୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ସହ ଯୋଡ଼ିହୋଇଯାଇଛି। ସୋନି ବିଏମ୍‌ଜି ସହିତ ଏହାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୨୦୧୨ରେ ଦ' ଆଭେଞ୍ଜର୍ସ ଫିଲ୍ମରେ ସଙ୍ଗୀତ ରଚନା କରିଥିଲା। ଏହି ବ୍ୟାଣ୍ଡ ଇତିମଧ୍ୟରେ ଏମ୍‌ଟିଭି ଭିଡିଓ ସଙ୍ଗୀତ ପୁରସ୍କାର, ଗ୍ଲୋବାଲ ଇଣ୍ଡିଆନ୍ ମ୍ୟୁଜିକ ଆୱାର୍ଡ ଏବଂ ସ୍ୱାଇକ୍ସ ଏସିଆ ଆୱାର୍ଡ ଭଳି ଅନେକ ପୁରସ୍କାର ସାଉଁଟିଛି।

# ସୁପ୍ରିମ୍‌କୋର୍ଟ ଲିଗାଲ ସର୍ଭିସେସ୍ କମିଟି ଅଧ୍ୟକ୍ଷ ଜଷ୍ଟିସ ସୂର୍ଯ୍ୟ କାନ୍ତ

କଟକ,୨୨।୧୧(କାର୍ତ୍ତିକ ସାହୁ)

ନୂଆଦିଲ୍ଲୀସ୍ଥିତ ସୁପ୍ରିମ୍‌କୋର୍ଟ ଲିଗାଲ ସର୍ଭିସେସ୍ କମିଟି ଅଧ୍ୟକ୍ଷ ଭାବେ ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ମନୋନୀତ ହୋଇଛନ୍ତି। ସେହିପରି ନ୍ୟାଶନାଲ ଲିଗାଲ ସର୍ଭିସେସ୍ ଅଥରିଟି(ନାଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ମନୋନୀତ ହୋଇଛନ୍ତି। ଉଭୟ ମନୋନୟନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ହୋଇଥିବା ନେଇ ଓଡ଼ିଶା ଲିଗାଲ ସର୍ଭିସେସ୍ ଅଥରିଟି ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

## ଯୁକ୍ତ ୨ ପରୀକ୍ଷା: ଶହେରୁ ୨୪ ରଖିଲେ ପାସ୍

ଭୁବନେଶ୍ୱର,୨୨।୧୧ (ସୁଚିସ୍ମିତା ସାହୁ)

ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପାଇଁ ସରଳ ହେଲା ପରୀକ୍ଷା। ପିଲାଙ୍କ ଉପରୁ ପରୀକ୍ଷା ଚାପ କମାଇବା ଓ ସେମାନଙ୍କ ମନରେ ପରୀକ୍ଷାକୁ ନେଇ ରହିଥିବା ଭୟ ଦୂର ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ପରୀକ୍ଷା ଢ଼ାଞ୍ଚାରେ ପରିବର୍ତ୍ତନ ଅଣାଯାଇଥିବାବେଳେ ଚଳିତବର୍ଷରୁ ନୂଆ ଶୈଳୀରେ ପରୀକ୍ଷା ମାର୍କିଂ କରାଯିବ। ଛାତ୍ରୀଛାତ୍ର ୮୦ ମାର୍କରେ ଥିଓରି ପରୀକ୍ଷା ଓ ୨୦ ମାର୍କର ଆସେସ୍‌ମେଣ୍ଟ ପରୀକ୍ଷା ଦେବେ। ଏହି ୧୦୦ ମାର୍କରୁ ୨୪ ରଖିଲେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିବେ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ବଡ଼ ମାର୍କର ପ୍ରଶ୍ନକୁ କିଛିମାତ୍ରାରେ କମ୍ କରାଯିବ। ୧୦ ନମ୍ବର ପ୍ରଶ୍ନକୁ କମାଇ ୭ ମାର୍କ କରାଯିବ। ଅଧିକ ସଂକ୍ଷିପ୍ତ ପ୍ରଶ୍ନ ଉପରେ ଗୁରୁତ୍ୱ ଦିଆଯିବ। ଏହା କେବଳ ରେଗୁଲାର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଯୁଜ୍ୟ ହେବ। ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ୧୦୦ ମାର୍କର ପରୀକ୍ଷା ଦେବେ, କିନ୍ତୁ ସେମାନଙ୍କ ପାସ୍ ମାର୍କ ୩୦ ରହିବ। ସେହିପରି ଧନ୍ଦାମୂଳକ ବିଭାଗଗୁଡ଼ିକରେ ପୂର୍ଣ୍ଣ ମାର୍କର ୩୦% ରଖିବାକୁ ପଡ଼ିବ। ଅର୍ଥାତ୍ ପୂର୍ଣ୍ଣ ମାର୍କ ୪୦ ରହିଥିଲେ, ଛାତ୍ରୀଛାତ୍ର ସର୍ବନିମ୍ନ ୧୨ ମାର୍କ ରଖିଲେ ପାସ୍ ହେବେ।

DADLS - 56



ଓଡ଼ିଶା ସରକାର

ବିଶିଷ୍ଟ ଜନନାୟକ ତଥା ପୂର୍ବତନ
ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୩ ନଭେମ୍ବର, ୨୦୨୪

ସାଧାରଣ ସଭା
ସନ୍ଧ୍ୟା ୬ ଘଟିକା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ସଂପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା
ସମ୍ମାନନୀୟ ଅତିଥି - ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ, ବିଶିଷ୍ଟ ଗାନ୍ଧିବାଦୀ ଲେଖକ ଓ ସ୍ତମ୍ଭକାର
ମୁଖ୍ୟବକ୍ତା - ଡ. ସତ୍ୟବ୍ରତ ପଣ୍ଡା, ସଦସ୍ୟ, ଆଇ ଆଇ ଟି ଗଭର୍ଣ୍ଣିଙ୍ଗ୍ ପରିଷଦ, ଭୁବନେଶ୍ୱର

ଭକ୍ତି ସଙ୍ଗୀତ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ
ଏହି କାର୍ଯ୍ୟକ୍ରମରେ
ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0295/2425

DSPL-216

ମହାନ ଜନନାୟକ
ଡଃ ହରେକୃଷ୍ଣ ମହତାବଙ୍କ
୧୨୫ତମ ଜୟନ୍ତୀ ସମାରୋହ



ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା
ଶ୍ରୀ ଭର୍ତ୍ତୃହରି ମହତାବ, ସାଂସଦ, ଲୋକସଭା
ପ୍ରଫେସର ବିଜୟ ଶତପଥୀ, ବିଶିଷ୍ଟ ଓଡ଼ିଆ ସାହିତ୍ୟିକ

ବିଶେଷ ଆକର୍ଷଣ
ପୁସ୍ତକ, ତୈଳ ଚିତ୍ର, ଫଟୋ ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମାରୋହରେ ଯୋଗଦେବା ପାଇଁ ଅନୁରୋଧ
୨୩ ନଭେମ୍ବର ୨୦୨୪ ‖ ମଧ୍ୟାହ୍ନ ୧୨ଟା ‖ ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

OIPR-03029/13/0024/2425

# ସମ୍ପ୍ରସାରଣର ଶାସନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରୁ ଅବସର ପରେ ବରିଷ୍ଠ ସିଭିଲ ସର୍ଭାଣ୍ଟଙ୍କୁ ବିଭିନ୍ନ ପଦବୀରେ ଅବସ୍ଥାପିତ କରାଯାଇଆସୁଛି। ମୋଦି ସରକାର କ୍ଷମତାକୁ ଫେରିବାର ସପ୍ତାହକ ପରେ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ମୁଖ୍ୟ ତପନ କୁମାର ଡେକାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ଏହାସହ ଅମିତ ଖାରେ ଏବଂ ତରୁଣ କପୁରଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବରେ ପୁନଃ ନିଯୁକ୍ତ କରାଯାଇଛି। ୨୦୧୭ ପରଠାରୁ ଆୟୁଷ ମନ୍ତ୍ରଣାଳୟର ସଚିବ ରାଜେଶ କୋଟେଚାଙ୍କ ନିଯୁକ୍ତି ପରେ ତୃତୀୟଥର ପାଇଁ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଲୋକ ସଭା(ସଚିବାଳୟ)ରେ କାର୍ଯ୍ୟରତ ସେକ୍ରେଟାରି ଜେନେରାଲ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଉତ୍ପଳ କୁମାର ସିଂଙ୍କ କାର୍ଯ୍ୟକାଳ ଆଉ ୧ ବର୍ଷ ବୃଦ୍ଧି କରାଯାଇଥିବା ସୂଚନା ମିଳିଛି। ଏହା ବ୍ୟତୀତ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକସନ ବୋର୍ଡ (ପିଇଏସ୍‌ବି )ର ଅଧ୍ୟକ୍ଷା ମଲ୍ଲିକା ଶ୍ରୀନିବାସନ ଅବସର ଗ୍ରହଣ କରିବାର ଦିନ କେଇଟା ପୂର୍ବରୁ ତାଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯାଇଥିଲା ଏବଂ ସେ ଏହି ପଦବୀରେ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ରହିବେ। ଏହାସହ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କ ୬ବର୍ଷର କାର୍ଯ୍ୟକାଳ ଡିସେମ୍ବର ୧୦ରେ ଶେଷ ହେବାକୁ ଯାଉଛି। ଏବେ ତାଙ୍କ କାର୍ଯ୍ୟକାଳର ପୁନଃ ସମ୍ପ୍ରସାରଣକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। କ୍ୟାବିନେଟ୍‌ର ନିଯୁକ୍ତି କମିଟି ଏ ବିଷୟରେ ଆଲୋଚନା କରିଛି । ଆଉ ଏକ କୌତୂହଳର ବିଷୟ ହେଉଛି, ଆର୍‌ବିଆଇ ଡେପୁଟି ଗଭର୍ନର ମାଇକେଲ ପାତ୍ରଙ୍କ କାର୍ଯ୍ୟକାଳ ଜାନୁଆରୀରେ ଶେଷ ହେବ। ଦାସ ହୁଅନ୍ତୁ କିମ୍ବା ପାତ୍ର ,ନେତୃତ୍ୱରେ ପରିବର୍ତ୍ତନ ହେବ ବୋଲି ପର୍ଯ୍ୟବେକ୍ଷକମାନେ ସହମତ। ବିଶେଷକରି ମୁଦ୍ରାସ୍ଫୀତିକୁ ଲଗାତର ନିୟନ୍ତ୍ରଣରେ ରଖିଥିବା ଦାସଙ୍କ ଭୂମିକାକୁ ଦେଖିଲେ ନେତୃତ୍ୱ ପରିବର୍ତ୍ତନ ସୁଧ ହାରରେ ଆର୍‌ବିଆଇର ଆଭିମୁଖ୍ୟକୁ ପ୍ରଭାବିତ କରିପାରେ।

### ନାରାୟଣ ମୂର୍ତ୍ତିଙ୍କ ଅମଲାତନ୍ତ୍ର ଚିନ୍ତା

ଭାରତର ଯୁବକମାନଙ୍କୁ ସପ୍ତାହକୁ ୭୦ଘଣ୍ଟା କାର୍ଯ୍ୟ କରିବାକୁ ପରାମର୍ଶ ଦେବା ପରେ ଇନ୍‌ଫୋସିସ୍ ସହ-ପ୍ରତିଷ୍ଠାତା ଏନ୍.ଆର୍. ନାରାୟଣ ମୂର୍ତ୍ତି ବର୍ତ୍ତମାନ ଭାରତୀୟ ଅମଲାତନ୍ତ୍ର ଜଗତ ଆଡ଼କୁ ନଜର ପକାଇଛନ୍ତି। ତାଙ୍କ ବିଚାର ହେଉଛି, କେବଳ ୟୁପିଏସ୍‌ସି ପରୀକ୍ଷା ଉପରେ ନିର୍ଭରକରିବା ପରିବର୍ତ୍ତେ ଟପ୍ ବିଜ୍‌ନେସ୍ ସ୍କୁଲରୁ ଚୟନ କରି ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ନିଯୁକ୍ତ କରାଯାଉ। କାରଣ ଆମକୁ ୨୦୪୭ ସୁଦ୍ଧା ୫୦ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପହଞ୍ଚିବାକୁ ହେଲେ ଭାରତର ସିଭିଲ ସର୍ଭାଣ୍ଟମାନଙ୍କୁ ମ୍ୟାନେଜମେଣ୍ଟରେ କମ୍ ସମୟରେ ଅଧିକ ଶିଖିବା ଆବଶ୍ୟକ। ମୂର୍ତ୍ତିଙ୍କ ଏଭଳି ମନ୍ତବ୍ୟ କୌତୂହଳପ୍ରଦ। ଯଦି କର୍ପୋରେଟଗୁଡ଼ିକର ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ବିଲିୟନ ଡଲାରର ଉଦ୍ୟୋଗଗୁଡ଼ିକୁ ପରିଚାଳନା କରିପାରୁଛନ୍ତି, ତେବେ ଶାସନ ବ୍ୟବସ୍ଥାରେ କର୍ପୋରେଟ ଚମକ ସେମାନେ ଦେଇପାରିବେ ନାହିଁ କାହିଁକି? ମୂର୍ତ୍ତି ଯୁକ୍ତି ବାଢ଼ିଛନ୍ତି ଯେ ଆମ ସରକାରୀ ବ୍ୟବସ୍ଥା ଅମଲାତାନ୍ତ୍ରିକ କେନ୍ଦ୍ରକୁ ସମର୍ଥନ କରୁଥିବାବେଳେ ବ୍ୟବସାୟିକ ନେତାମାନେ ମଧ୍ୟ ଏହା ହାସଲ କରିବା ପାଇଁ ଦୃଢ଼ ଆଶାୟୀ। ବିଜ୍‌ନେସ୍ ସହ ଜଡ଼ିତ ବାବୁମାନଙ୍କ ବିଷୟରେ ବିଚାରକରାଯିବା ଦରକାର। ମୋଦି ସରକାର ଅର୍ଥନୈତିକ ସଂସ୍କାର ଏବଂ ଆଧୁନିକୀକରଣକୁ ଗୁରୁତ୍ୱ ଦେଇଆସୁଥିବାରୁ ମୂର୍ତ୍ତି ବିଶ୍ୱାସ କରନ୍ତି ଯେ ପରିଚାଳନାଗତ ଯାଦୁକରୀ ଶକ୍ତିର ଏକ ପଦକ୍ଷେପ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରେ। ଏପରିକି କୃଷି, ପ୍ରତିରକ୍ଷା କିମ୍ବା ଉତ୍ପାଦନ ପରି କ୍ଷେତ୍ରଗୁଡ଼ିକର ଦାୟିତ୍ୱ ସଞ୍ଚାଳନ କରିବା ପୂର୍ବରୁ ସିଭିଲ ସର୍ଭାଣ୍ଟମାନେ ବ୍ୟବସାୟିକ ତାଲିମ ପାଇବା ଉଚିତ ବୋଲି ସେ ମତ ଦେଇଛନ୍ତି। କିନ୍ତୁ ପୂର୍ବରୁ ୟୁପିଏସ୍‌ସିର କଠିନ ପର୍ଯ୍ୟାୟକୁ ସହ୍ୟ କରିଥିବା ଆମ ପରମ୍ପରାବାଦୀ ବାବୁମାନେ ଏଥିରେ ସହମତ ହେବେ ତ?

### ସିଙ୍ଗଡ଼ା ଓ ସୋସିଆଲ ମିଡିଆ ବିବାଦ

ଶାସନ କୌଶଳ କଥା ଆସିଲେ ହିମାଚଳ ପ୍ରଦେଶ ଏବଂ କେରଳ ଘଟଣା ହାସ୍ୟାସ୍ପଦ ମନେହୁଏ। ହିମାଚଳ ପ୍ରଦେଶରେ ଜାତିସଂଘର ଏକ ସମ୍ମାନଜନକ ପଦବୀ ଛାଡ଼ିଥିବା ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ବାଦି ଏସ୍‌ପି ଇଲମା ଆଫ୍ରୋଜ୍‌ଙ୍କ ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ବେଆଇନ ଖଣି କାରବାର ଅଭିଯୋଗରେ ବିଧାୟକ ରାମ କୁମାର ଚୌଧୁରୀଙ୍କ ପରିବାର ସହ ଜଡ଼ିତ ଯାନଗୁଡ଼ିକ ଉପରେ ଜରିମାନା ଲଗାଇବାର ସାହସ କରିଛନ୍ତି। ତୁରନ୍ତ ଏହାର ପ୍ରତିକ୍ରିୟା ପ୍ରକାଶ ପାଇଲା। ବିଧାନସଭାରେ ସ୍ୱାଧିକାର ଭଙ୍ଗ ପ୍ରସଙ୍ଗ ଉଠିଲା ଏବଂ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାଧ୍ୟତାମୂଳକ ଛୁଟିରେ ତାଙ୍କୁ ପଠଗଲା। ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ପାଇଁ ରଖାଯାଇଥିବା ସିଙ୍ଗଡ଼ା କେହି ନେଇଯାଇଥିବାରୁ ତାହା ଉପରେ ଗୁରୁତ୍ୱ ଦିଆଯାଇଛି, ହେଲେ କଠିନ ପରିଶ୍ରମୀ ଅଧିକାରୀଙ୍କୁ ଡ୍ୟୁଟିରେ ରଖିବା ଜରୁରୀ ହେଉନାହିଁ। ଅନ୍ୟପଟେ କେରଳରେ ଅନ୍‌ଲାଇନ ବିବାଦକୁ ନେଇ ୨ଜଣ ଆଇଏଏସ୍ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। କେ. ଗୋପାଳକୃଷ୍ଣନ୍ 'ମଲ୍ଲୁ ହିନ୍ଦୁ ଅଧିକାରୀ ' ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନକରି ବରିଷ୍ଠ ହିନ୍ଦୁ ଆଇଏଏସ୍ ଅଧିକାରୀଙ୍କୁ ସାମିଲ କରିଥିବାରୁ ଏହି ନାଟକ ଆରମ୍ଭ ହୋଇଥିଲା। ଉକ୍ତ ଗ୍ରୁପ୍‌କୁ ତୁରନ୍ତ ହଟାଇ ଦିଆଯାଇଥିଲେ ମଧ୍ୟ ବିବାଦ ଥମି ନ ଥିଲା। ଅନ୍ୟ ଜଣେ ଅଧିକାରୀ ଏନ୍. ପ୍ରଶାନ୍ତ ବରିଷ୍ଠ ଅଧିକାରୀ ଏ. ଜୟତିଲକଙ୍କ ବିରୋଧରେ ଅନେକ ଅଭିଯୋଗ ପୋଷ୍ଟକରି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏବଂ ମୁଖ୍ୟ ସଚିବ ସାରଦା ମୁରଲୀଧରନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ଉଭୟ ଅଧିକାରୀଙ୍କୁ ନିଲମ୍ବନ କରିଥିଲେ। ଗୋଟିଏ ରାଜ୍ୟ ସଚ୍ଚୋଟ ଅଧିକାରୀଙ୍କୁ ଛୁଟି ଦେବାରେ ବ୍ୟସ୍ତ ଏବଂ ଅନ୍ୟଟି ବାବୁଙ୍କ ମଧ୍ୟରେ ସୋସିଆଲ ମିଡିଆ ବିବାଦ ବନ୍ଦ କରିବାରେ ଲାଗିଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 2 | | | 3 | |
| 6 | | | | | | | 2 | 5 |
| | 3 | | | | | | | |
| | | | | | 6 | 2 | | 8 |
| | | 3 | | 4 | | | 7 | |
| | | 5 | | 9 | 7 | | | |
| | | 6 | | | | | | |
| 2 | 9 | | 3 | 6 | | | 4 | |
| | 7 | | | | | 5 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 9 | 7 | 5 | 6 | 2 | 3 | 4 |
| 2 | 3 | 7 | 4 | 1 | 8 | 5 | 9 | 6 |
| 5 | 4 | 6 | 2 | 3 | 9 | 7 | 1 | 8 |
| 7 | 9 | 2 | 6 | 8 | 3 | 4 | 5 | 1 |
| 1 | 8 | 5 | 9 | 4 | 7 | 6 | 2 | 3 |
| 4 | 6 | 3 | 1 | 2 | 5 | 9 | 8 | 7 |
| 9 | 5 | 4 | 3 | 7 | 1 | 8 | 6 | 2 |
| 6 | 7 | 1 | 8 | 9 | 2 | 3 | 4 | 5 |
| 3 | 2 | 8 | 5 | 6 | 4 | 1 | 7 | 9 |

ଗତକାଲିର ଉତ୍ତର


# ଆଚାର୍ଯ୍ୟ, ଅବଧାନ ଓ ଶିକ୍ଷକ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବୈଦିକ ଯୁଗରେ ଅରଣ୍ୟରେ ଥିବା ଋଷିମାନଙ୍କର ଆଶ୍ରମଗୁଡ଼ିକ ଥିଲା ବିଦ୍ୟାଦାନର କେନ୍ଦ୍ର। ଧନୀ, ଗରିବ, ରାଜପୁତ୍ର ସମସ୍ତେ ସେଠାରେ ଏକତ୍ର ବିଦ୍ୟାଗ୍ରହଣ କରୁଥିଲେ। ସନ୍ଦିପନୀ ଉଭୟ ଶ୍ରୀକୃଷ୍ଣ ଓ ସୁଦାମାଙ୍କୁ ବିଦ୍ୟାଦାନ କରୁଥିଲେ। ସତ୍ୟକାମ ସଂଭ୍ରାନ୍ତବଂଶୀୟ ହୋଇ ନ ଥିଲେ ମଧ୍ୟ ସତ୍ୟନିଷ୍ଠ ଓ ଜିଜ୍ଞାସୁ ହୋଇଥିବାରୁ ଗୌତମ ଋଷି ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିଥିଲେ। ସେତେବେଳେ ଆଶ୍ରମଗୁଡ଼ିକରେ କେବଳ ମୌଖିକ ଶିକ୍ଷା ଦିଆଯାଉଥିଲା। ଗୁରୁମାନେ କହୁଥିଲେ ଓ ଶିଷ୍ୟମାନେ ଶୁଣୁଥିଲେ। ଏଣୁ ବେଦର ଅନ୍ୟ ନାମ ଥିଲା ଶ୍ରୁତି। ଗୁରୁମାନଙ୍କୁ କୁହାଯାଉଥିଲା ଆଚାର୍ଯ୍ୟ। ''ଆଚିନୋତି ଚ ଶାସ୍ତ୍ରାର୍ଥଂ ଆଚାରେ ସ୍ଥାପୟତ୍ୟପି/ ସ୍ୱୟଂ ଆଚରତେ ଯସ୍ତସ୍ମୁ ଆଚାର୍ଯ୍ୟ ଇତି ସ୍ମୃତଃ।'' ଅର୍ଥାତ୍ ଯିଏ ଶାସ୍ତ୍ରାର୍ଥ ଚୟନ କରନ୍ତି, ତଦନୁଯାୟୀ ଆଚରଣ କରିବା ପାଇଁ ଶିଷ୍ୟକୁ ପ୍ରେରଣ କରନ୍ତି ଓ ନିଜେ ସେହିଭଳି ଆଚରଣ କରନ୍ତି, ସେମାନଙ୍କୁ ଆଚାର୍ଯ୍ୟ କୁହାଯାଏ। ତତ୍କାଳୀନ ଗୁରୁମାନେ ଥିଲେ ସମନ୍ୱିତ ଉଚ୍ଚାରଣ ଓ ଆଚରଣର ଜୀବନ୍ତ ପ୍ରତୀକ। ଶିଷ୍ୟମାନେ ଗୁରୁଙ୍କ ଆଚରଣ ଦ୍ୱାରା ପ୍ରଭାବିତ ହେଉଥିଲେ ଓ ଠିକ୍ ସେହିଭଳି ଆଚରଣ କରିବା ପାଇଁ ଚେଷ୍ଟିତ ହେଉଥିଲେ। ଚରିତ୍ର ନିର୍ମାଣ ଥିଲା ସେକାଳର ଶିକ୍ଷାର ମୂଳଲକ୍ଷ୍ୟ। ଗୋପବନ୍ଧୁଙ୍କ ଭାଷାରେ- ''ଭାରତର ପ୍ରାଚୀନ ଯୁଗରେ ଛାତ୍ରମାନେ ଶିକ୍ଷା କରୁଥିଲେ କେବଳ ଶିକ୍ଷାଲାଭ ନିମନ୍ତେ। ପାଣ୍ଡିତ୍ୟ, ଜ୍ଞାନ ବ୍ୟତୀତ ଅଧ୍ୟୟନର ଆଉ କିଛି ସ୍ୱର୍ଣ୍ଣସୁଲଭ ଲକ୍ଷ୍ୟ ନ ଥିଲା। ବହୁ ଶ୍ରମରେ ଉପାର୍ଜିତ ବିଦ୍ୟାକୁ ଲୋକେ ଅର୍ଥ ସଙ୍ଗରେ ବିନିମୟ ବା ବିକ୍ରୟ କରୁନଥିଲେ। ସକଳ ଶ୍ରେଣୀର ଶିକ୍ଷାର ଆଧାର ଥିଲା ସରଳ ଜୀବନ ସଙ୍ଗେ ଉଚ୍ଚଚିନ୍ତା। ଜୀବନ ନିମନ୍ତେ ବାଳକମାନେ ନିଜ ନିଜର କ୍ରିୟାପୁଞ୍ଜି କଠୋର ନିୟମ ଦ୍ୱାରା ପରିଚାଳିତ କରୁଥିଲେ। ଗୁରୁ ମଧ୍ୟ ଛାତ୍ରମାନଙ୍କ ଚରିତ୍ର ଗଠନରେ ମଧ୍ୟ ପ୍ରଧାନ ସହାୟକ ଥିଲେ।''

ସେହି ଋଷି ଆଶ୍ରମର ପାଠଶାଳା ଓଡ଼ିଶାର ଗ୍ରାମ୍ୟ ପରିବେଶରେ ଚାଟଶାଳୀ ବା ଚାହାଳି ରୂପରେ ମୁଣ୍ଡ ଟେକିଥିଲା। ଚାଟଶାଳୀରେ ଅବଧାନ ମାନେ ଶିକ୍ଷାଦାନ କରୁଥିଲେ। ଅବଧାନ୍ ଶବ୍ଦରୁ ଅବଧାନ ଶବ୍ଦର ସୃଷ୍ଟି। ଏହାର ଅର୍ଥ ହେଲା ମନୋଯୋଗ। ସମ୍ବୋଧିତ ବ୍ୟକ୍ତିଙ୍କ ମନୋଯୋଗ ଆକର୍ଷଣ କରିବା ପାଇଁ ଏହି ଶବ୍ଦ ବ୍ୟବହୃତ ହେଉଥିଲା। ଶିକ୍ଷକ ଚାଟ(ଛାତ୍ର)ମାନଙ୍କୁ ଏକାଗ୍ର ଚିତ୍ତରେ ଶୁଣିବାକୁ କହୁଥିବାରୁ ତାଙ୍କୁ ଅବଧାନ କୁହାଯାଉଥିଲା। କୋଣାର୍କ ମନ୍ଦିର ଗାତ୍ରରେ ଏକ ଚାଟଶାଳୀରେ ବେତହସ୍ତେ ଅବଧାନଙ୍କ ପ୍ରସ୍ତରମୂର୍ତ୍ତି ଥିବା କବି



ମାୟାଧର ମାନସିଂହ ତାଙ୍କ କୋଣାର୍କ କବିତାରେ ଉଲ୍ଲେଖ କରିଛନ୍ତି। ଏଣୁ ତ୍ରୟୋଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ଚାଟଶାଳୀ ଥିବାର ସୂଚନା ମିଳେ, କାରଣ କୋଣାର୍କ ମନ୍ଦିର ୧୨୪୫ ରୁ ୧୨୫୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମିତ ହୋଇଥିଲା। ଏହି ଚାଟଶାଳୀଗୁଡ଼ିକ ଦାଣ୍ଡପିଣ୍ଡାରେ ବା ଦୋଳବେଦୀରେ ବା କାହାରି ଖୋଲା ଘରେ ଚାଲୁଥିଲା। ଏକ ଚାଳଘରେ ଅବଧାନ ଚାଟ(ଛାତ୍ର)ମାନଙ୍କୁ ପାଠ ପଢ଼ାଉଥିଲେ। ଛାତ୍ରମାନେ ଭୂମି ଉପରେ ମୁଣ୍ଡାଖଡ଼ିରେ ଲେଖି ଅକ୍ଷର ଶିକ୍ଷା କରୁଥିଲେ। ଓଡ଼ିଶାର ବହୁ ବିଶିଷ୍ଟ ସାରସ୍ୱତ ସାଧକ ବିଚାରପତି, ବୈଜ୍ଞାନିକ ଓ ପ୍ରାଜ୍ଞ ପୁରୁଷ ଏହି ଚାଟଶାଳୀରୁ ସୃଷ୍ଟି ହୋଇଛନ୍ତି।

ଓଡ଼ିଶାର ବିଶିଷ୍ଟ ବୈଜ୍ଞାନିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଡ. ପ୍ରାଣକୃଷ୍ଣ ପରିଜା ଲେଖିଛନ୍ତି ''ବାରଣ୍ଡା ଉପରେ ମୁଣ୍ଡାଖଡ଼ିରେ ଲେଖି ଆମେ ଅକ୍ଷର ଶିକ୍ଷା କରୁଥିଲୁ। ଯେତେବେଳେ ଲେଖାଲେଖି ଭୂଇଁରୁ ମାଟି ଉଠି ଯାଉଥିଲା, ସେତେବେଳେ ପିଲାମାନେ ପାଳିକରି ଗୋବରରେ ତାକୁ ଲିପି ଦେଉଥିଲେ (ମୋ ଛାତ୍ର ଜୀବନ)। ଡ. ଶ୍ରୀରାମଚନ୍ଦ୍ର ଦାଶ ଲେଖିଛନ୍ତି, ''ଫାଉଣ୍ଟେନ୍ କଲମ ବା ନିବ୍ ଥିବା ସାଧାରଣ କଲମର ବ୍ୟବହାର କାହାରିକୁ ଜଣାନଥିଲା। ଏପରିକି କାଗଜର ବ୍ୟବହାର ମଧ୍ୟ ନ ଥିଲା। ତେଣୁ ଆମେ ତାଳପତ୍ର ଉପରେ ଲୁହା କଲମ ବା ଲେଖନୀ ସାହାଯ୍ୟରେ ଅକ୍ଷର ଶିଖୁଥିଲୁ (ମୋ ଅକୁହା କାହାଣୀ)। ସମୟକ୍ରମେ କାଗଜ କଲମର ବ୍ୟବହାର ପ୍ରଚଳନ ହେଲା। ଜଷ୍ଟିସ୍ ହରିହର ମହାପାତ୍ର ତାଙ୍କ ଅବଧାନ ସମ୍ପର୍କରେ ଲେଖିଛନ୍ତି: ''ବଖରେ ଘରେ ତାଙ୍କର ରହିବା, ଶୋଇବା ଓ ପାଠ ପଢ଼ାଇବା। ସେ ବସନ୍ତି ଖଣ୍ଡିଏ ନଡିଆ ଚାଞ୍ଚ ଉପରେ। ରାତିରେ ତାହା ହୁଏ ତାଙ୍କର ଶଯ୍ୟା। ଖାଆନ୍ତି ପିଲାମାନଙ୍କ ଘରେ ଓଳିଏ ଓଳିଏ ପାଳିକରି।''(ଜୀବନ ଓ ଜୀବିକା)। ଡ. ଶ୍ରୀରାମଚନ୍ଦ୍ର ଦାଶ ମଧ୍ୟ ସେଭଳି ଚିତ୍ର ଦେଇଛନ୍ତି। ଅବଧାନମାନେ ଅତ୍ୟନ୍ତ ନିରାଡ଼ମ୍ବର ଜୀବନଯାପନ କରୁଥିଲେ। ପିଲାମାନଙ୍କୁ ପାଠ ପଢ଼ାଇବା ତାଙ୍କର ବୃତ୍ତି ନ ଥିଲା। ସେମାନେ ଦରମା ପାଉନଥିଲେ। ପାଠ ପଢ଼ାଇବା ଥିଲା ସେମାନଙ୍କ ବ୍ରତ। ପଣ୍ଡିତ ମୃତ୍ୟୁଞ୍ଜୟ ରଥ, କାଳିନ୍ଦୀଚରଣ ପାଣିଗ୍ରାହୀ, ଯତୀନ୍ଦ୍ର ମୋହନ ସିଂହ, ମହାପାତ୍ର ନୀଳମଣି ସାହୁଙ୍କ ଭଳି ଅନେକ ବିଶିଷ୍ଟ ଲେଖକ ଏହି ଚାଟଶାଳୀର ଗୁଣଗାନ କରିଛନ୍ତି। ସେଠାରେ ପଢ଼ା ହେଉଥିଲା ସଂଖ୍ୟା ଲିଖନ, ପଣିକିଆ, ଅକ୍ଷର ଲିଖନ, ମିଶାଣ, ଫେଡ଼ାଣ, ଗୁଣନ, ହରଣ, ଶ୍ରୁତଲିଖନ; ଯାହାକି ବ୍ୟାବହାରିକ ଜୀବନରେ କାମରେ ଆସୁଥିଲା। ଅବଧାନମାନଙ୍କ ବ୍ୟବହାର କଠୋର ଥିଲା। ସେମାନେ ଛାତ୍ରମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ପ୍ରଚଣ୍ଡ ମାଡ଼ ଦେଉଥିଲେ। ସ୍ୱୟଂ ପ୍ରାଣକୃଷ୍ଣ ପରିଜା ଓ ଲୋକରତ୍ନ କୁଞ୍ଜବିହାରୀ ଦାଶ ପ୍ରମୁଖ ଅବଧାନଙ୍କଠାରୁ ମାଡ଼ ଖାଇଥିବା ସ୍ୱୀକାର କରିଛନ୍ତି। କବି ଗଙ୍ଗାଧର ଓ ଫକୀରମୋହନ ମଧ୍ୟ ଅବଧାନଙ୍କ ମାଡ଼ ପ୍ରତି ସେମାନଙ୍କ ଭୟଥିବା ଉଲ୍ଲେଖ କରିଛନ୍ତି। ଥରେ ପ୍ରାଣକୃଷ୍ଣ ପରିଜାଙ୍କୁ ଅବଧାନ ବାନ୍ଧି ପକାଇଥିଲେ। ଦଉଡ଼ି ଛିଣ୍ଡି ଯାଆନ୍ତେ ସେ ପାଖରେ ପଡ଼ିଥିବା ଏକ ବେତ ଧରି ଶିକ୍ଷକଙ୍କୁ ବାଡ଼େଇବା ପାଇଁ ତାଙ୍କ ପଛେ ଗୋଡ଼ାଇଥିଲେ। ସେତେବେଳେ ସେ ଥିଲେ ଅବୋଧ ବାଳକ। ମାତ୍ର ସେହି ପ୍ରାଣକୃଷ୍ଣ ପରିଜା ଯେତେବେଳେ ୧୯୩୦ ମସିହାରେ ତାଙ୍କ ବାଲିକୁଦା ମାଇନର ସ୍କୁଲକୁ ବୁଲି ଆସିଲେ, ତତ୍କାଳୀନ ପ୍ରଧାନ ଶିକ୍ଷକ ନନ୍ଦକିଶୋର ସେନଗୁପ୍ତଙ୍କ ଆଗରେ ସେ ଚେୟାରରେ ନ ବସି ଡେସ୍କକୁ ଆଉଜି ଛିଡ଼ା ହୋଇଥିଲେ। ଡ. ଶ୍ରୀରାମଚନ୍ଦ୍ର ଦାଶ ଲେଖିଛନ୍ତି, ଏପରିକି ନଈପାଣି ଲୁଣି ହେବା ବେଳେ ଅବଧାନଙ୍କ ଗାଧୋଇବା ପାଇଁ ସେ କୂଅରୁ ପାଣି କାଢୁଥିଲେ (ତଥ୍ୟ- ଶ୍ରୀ ବୈଷ୍ଣବ ମହାନ୍ତି)। ଏହା ଥିଲା ଛାତ୍ର ଓ ଅବଧାନଙ୍କ ମଧ୍ୟରେ ସଂପର୍କ। ଯେଉଁମାନଙ୍କ ପାଇଁ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ହୋଇପାରିଛି, ସେମାନେ ଏହି ଚାଟଶାଳୀରେ ପଢ଼ି ମଣିଷ ହୋଇଛନ୍ତି। ସେମାନେ ପରିଣତ ବୟସରେ ମଧ୍ୟ ଅବଧାନଙ୍କ ଛାଟକଥା ଭୁଲିନାହାନ୍ତି ଓ ସେହି ଛାଟପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି।

ସଂପ୍ରତି ଆଶ୍ରମ ନାହିଁ କି ଚାଳନିର୍ମିତ ଚାଟଶାଳୀ ନାହିଁ, ଆଚାର୍ଯ୍ୟ ନାହାନ୍ତି କି ଅବଧାନ ନାହାନ୍ତି। ଅଛି ସୁଉଚ୍ଚ ସୁସଜ୍ଜିତ କୋଠା ଓ ଅଛନ୍ତି ଶିକ୍ଷକ। ଶିକ୍ଷାନୁଷ୍ଠାନ ଏବେ ଦଣ୍ଡମୁକ୍ତ ଅଞ୍ଚଳ। ସେଠାରେ ବେତର ସ୍ଥାନ ନାହିଁ। ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଏବେ ଶିକ୍ଷକଙ୍କ ମୁଖ୍ୟ କର୍ତ୍ତବ୍ୟ ନୁହେଁ। ଛାତ୍ରୀଛାତ୍ର କେଉଁ ପାଠ ପଢ଼ିଲେ ପ୍ରଚୁର ଅର୍ଥ ରୋଜଗାର କରିବେ, ସେହି ପାଠ ଯେଉଁ ଶିକ୍ଷକମାନେ ପଢ଼ାଇ ସେମାନଙ୍କୁ ସଫଳତାର ସ୍ୱାଦ ଚଖାନ୍ତି, ସେମାନେ ଶ୍ରେଷ୍ଠ ଶିକ୍ଷକ ଭାବରେ ପରିଗଣିତ। ଶିକ୍ଷକମାନେ ଅତୀତର ଆଚାର୍ଯ୍ୟ ଓ ଅବଧାନମାନଙ୍କ ଭଳି ବିଦ୍ୟାଦାନ କରୁନାହାନ୍ତି। ଶିକ୍ଷକତା ସେମାନଙ୍କ ପ୍ରବୃତ୍ତି ନ ହୋଇ ବୃତ୍ତି ହୋଇଛି। ଆଜିକାଲି ଶିକ୍ଷକମାନେ ଦୁର୍ନୀତିଗ୍ରସ୍ତ ହେଉଥିବାର ସମ୍ବାଦ ଦୃଷ୍ଟିଗୋଚର ହେଉଛି। ସେତେବେଳେ ମନେପଡୁଛନ୍ତି ସେହି ଅତୀତର ସଂସ୍କାରସିଦ୍ଧ, ଚରିତ୍ରବନ୍ତ ଆଚାର୍ଯ୍ୟ ଓ ଅବଧାନ।

ମୋ:୯୪୩୭୩୨୯୨୬୩

# କୃତଜ୍ଞତାର ସ୍ୱର




ହରେକୃଷ୍ଣ ଦାସ

ବୁଝିଲ ବନ୍ଧୁ, ଈଶ୍ୱରଙ୍କ ଆଶୀର୍ବାଦରୁ ଆମେ ଏ ଜୀବନ ପ୍ରାପ୍ତ ହେଇଛେ ସତ, ହେଲେ ଆମ ଜୀବନରେ ଆମ ମା'ବାପା, ଭାଇ ବନ୍ଧୁ, ପୃଥିବୀ, ଆକାଶ, ବଣ, ନଦୀ ସହ ସମସ୍ତ ପ୍ରକୃତି ତଥା ଆମ ଚତୁର୍ପାର୍ଶ୍ୱରେ ଆତଯାତ ହେଉଥିବା ଅନେକଙ୍କର ପ୍ରତି ମୁହୂର୍ତ୍ତରେ ଆମ ଉପରେ କିଛି ନା କିଛି ଉପକାର ଅଛି। ସବୁଦିନ ପୂଜା, ପ୍ରାର୍ଥନା, ହୋମଯଜ୍ଞ ମାଧ୍ୟମରେ ଯେମିତି ଆମେ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁ, ଠିକ୍ ସେମିତି ଅନ୍ୟ ସମସ୍ତଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଉଚିତ। ମନେଥିବ, ବଗିଚା ସଫା କରୁଥିବା ବୃଦ୍ଧ ଜଣଙ୍କୁ ସାହାଯ୍ୟ କରିବା ପାଇଁ ଛୋଟ ଅନାବନା ଗଛଟିଏ ଉପାଡ଼ି ଦେଇଥିବା ଲୋକଟି ପ୍ରତି କେମିତି ବୃଦ୍ଧ ଜଣକ କୃତଜ୍ଞତାରେ ଛଳଛଳ ହେଇଯାଇଥିଲେ ବୋଲି ଗୋଟେ କବିତାରେ ଆମେ ପଢ଼ିଥିଲେ। ଏ ଉପାଖ୍ୟାନଟି ଏକଥା ସୂଚାଇଦିଏ ଯେ, କାହା ପ୍ରତି କୃତଜ୍ଞତା ଦେଖେଇବା ପାଇଁ ଉପକାରର ଆକାର କିମ୍ବା ମାତ୍ରା ବିଚାରକୁ ନେବା ଆବଶ୍ୟକ ନୁହେଁ। ଆମକୁ ଉପକୃତ କରୁଥିବା ଯେ କୌଣସି କାର୍ଯ୍ୟ ପାଇଁ ଆମେ କୃତଜ୍ଞ ରହିବା ଉଚିତ। କିନ୍ତୁ ସତରେ କ'ଣ ସେୟା ଘଟେ? ଆମମାନଙ୍କର ଚରିତ୍ର ଏମିତି ଯେ, ଆମେ ସବୁବେଳେ ଇଚ୍ଛା କରୁ ଯେ ଅନ୍ୟମାନେ ଆମ ପାଇଁ ଆମ ଆଶା ମୁତାବକ କାର୍ଯ୍ୟ କରନ୍ତୁ। ଆମେ ଏକଥା ମଧ୍ୟ ଭାବୁ ଯେ ଆମ ପାଇଁ ଯିଏ ବି ଯାହା କରୁଛନ୍ତି ତାହା ସେମାନଙ୍କର କର୍ତ୍ତବ୍ୟ ଏବଂ ଆମେ ସେସବୁ ପାଇବାର ହକ୍‌ଦାର। ଯାହା ଆମର ପ୍ରାପ୍ୟ, ସେଥିପାଇଁ ଆମେ କାହା ପାଖରେ କୃତଜ୍ଞ କାହିଁକି ରହିବୁ? ଅନେକ ଅକୃତଜ୍ଞଙ୍କ ମେଳରେ ବଞ୍ଚି ବଞ୍ଚି ବହୁତ ଅଶାନ୍ତି ବୋଧ ହଉଛି।

ବନ୍ଧୁଙ୍କର ଏ ପ୍ରକାର ହତାଶା-ଦାର୍ଶନିକତାଭରା ଭାଷଣ ଶୁଣି କହିଲି, ''ଏ ଦୁନିଆରେ ଆମେ ସମସ୍ତେ କୌଣସି ନା କୌଣସି ପ୍ରକାରେ ହେଲେ ବି ଅକୃତଜ୍ଞ ବୋଲି କୁହାଯାଇପାରିବ। ଏଇ କଥାକୁ ନେଇ ଏତେ ବିଷାଦଗ୍ରସ୍ତ ହେବା ଠିକ ନୁହେଁ।''

ଘଟଣାଟିକୁ ମୁଁ ଏମିତି ହାଲୁକା କରିଦେବାଟା ତାଙ୍କୁ ପସନ୍ଦ ନ ଆସିବାରୁ ବନ୍ଧୁ କହିଲେ, ''ତମେ ଏ କଥାର ଗୁରୁତ୍ୱ ବୁଝିପାରୁନ। ଅକୃତଜ୍ଞତାର ସ୍ତର ବିଷୟରେ ମଧ୍ୟ ଜଣେ ସଚେତନ ହେବା ଉଚିତ। ଯେତେବେଳେ ଜଣେ ଆମ ଜୀବନ ସହିତ ଆଦୌ ଜଡ଼ିତ ନ ଥାଏ, କି ତା'ଠାରୁ ଆମର କିଛି ପ୍ରତ୍ୟାଶା ନଥାଏ, ସେତେବେଳେ ସେ ଲୋକଟି କୃତଜ୍ଞତା ପ୍ରକାଶ କଲା କି ନକଲା ଆମେ ସେକଥା ଭାବୁନା। କିନ୍ତୁ, ଆପଣାର ଲୋକ ଯଦି ସେମିତି କରେ? ଯାହା ସହିତ ଆମେ ସବୁଦିନ ଚଳୁଥିବା ସେ ଯଦି ସେମିତି କରେ? ସେସବୁ ସହିବା ବହୁତ କଷ୍ଟକର। ବୁଝିଲ, ଆମେମାନେ ପ୍ରାୟତଃ ଏୟା ଭାବୁ ଯେ କେବଳ ଆମେ ହିଁ ଠିକ୍, ଅନ୍ୟମାନେ ଭୁଲ୍। ଯାହା କିଛି ଭଲ ଘଟେ, ତା'ର ଶ୍ରେୟ ନେବାକୁ ଆମେ ତତ୍ପର ଏବଂ ଯାହା କିଛି ଖରାପ ଘଟେ, ସେଥିରେ ଆମର ସଂପୃକ୍ତି ଥିଲେ ବି ସେଥିପାଇଁ ଆମେ ଅନ୍ୟ ଉପରେ ଦୋଷ ଲଦିଦେଇ ତାକୁ ଗୋଟେ ଅବାଞ୍ଛିତ ଲୋକ ଭଳି ଚିତ୍ରଣ କରୁ। ଅନ୍ୟକୁ ଦୋଷ ଦେଲାବେଳେ ଆମେ ତିଳେମାତ୍ର ମନେରଖୁନା ସେ ଲୋକର ଆମ ଜୀବନ ପ୍ରତି କ'ଣ ଅବଦାନ ଅଛି, କ'ଣ ଉପକାର ଅଛି। ଆଉ ଏ କୃତଘ୍ନତାର ସବୁଠୁ ବେଶୀ



ଶରବ୍ୟ ହେଉଛନ୍ତି ମା'ବାପାମାନେ। ଆଜିକାଲିର ପିଲାମାନଙ୍କର ବିଚାରଧାରା ବଡ଼ ବିଚିତ୍ର। ବସ୍ତୁବାଦୀ ଦୁନିଆର ଭୋଗବିଳାସକୁ ଆଖି ଆଗରେ ରଖି ନିଜ ମା'ବାପାଙ୍କର ମୂଲ୍ୟାୟନ କରୁଛନ୍ତି। ନିଜ ଏକାନ୍ତ ବ୍ୟକ୍ତିଗତ ସୁଖକୁ ଜଳାଞ୍ଜଳି ଦେଇ, ନିଜ ପେଟରୁ କାଟି, ତିଳତିଳ ଜଳି, ନିଜ ସାଧ ମୁତାବକ ତ୍ୟାଗ ସ୍ୱୀକାର କରି ମା'ବାପାମାନେ ପିଲାଙ୍କ ପାଇଁ ଯେତେ କରିଥିଲେ ବି ଯଦି ପିଲାଙ୍କ ଆଶା ଅନୁସାରେ ସେତକ ଯଥେଷ୍ଟ ନ ହେଲା, ତେବେ ତମ ତ୍ୟାଗର, ତମ ମା'ବାପାପଣିଆର କିଛି ମହତ୍ତ୍ୱ ପିଲାମାନଙ୍କ ପାଇଁ ନଥାଏ। ତମ ତ୍ୟାଗ ଯଦି ସେମାନଙ୍କୁ ଇନ୍ଦ୍ର ସୁଖ ନ ଦେଇପାରିଲା, ତାହେଲେ ତମ ତ୍ୟାଗ ମୂଲ୍ୟହୀନ ପ୍ରମାଣ କରି ତମକୁ ଅସମ୍ମାନ ପ୍ରଦର୍ଶନ କରିବେ ତ ନିଶ୍ଚୟ, ତମେ ପିଲାମାନଙ୍କ ପ୍ରତି ନିଜର ସ୍ୱାଭାବିକ କର୍ତ୍ତୃତ୍ୱ ମଧ୍ୟ ଠିକ୍ ଭାବରେ ପାଳନ କରିନ ବୋଲି ଲାଞ୍ଛନା ଶୁଣିବାକୁ ପଡ଼ିବ। ଖାଲି ମୋ ପରିବାର, ମୋ ପିଲାଛୁଆ- ଏମିତିଆ ମିଛ ମୋହ ସକାଶେ ସମସ୍ତ ଯାହା ବାନ୍ଧି ହେଇ ପଡ଼ିରହିଛନ୍ତି। ଉପରେ ହସୁଥିଲେ ବି ଅଧିକାଂଶ ମା'ବାପା ଆଜି ଏପ୍ରକାର ଅକୃତଜ୍ଞତାର ଯନ୍ତ୍ରଣାରେ ଜର୍ଜରିତ।''

ବନ୍ଧୁଙ୍କ ସ୍ୱରରେ ସ୍ପଷ୍ଟ ଦୃଶ୍ୟମାନ ବ୍ୟକ୍ତିଗତ ଦୁଃଖର ଛାପକୁ ଏଡ଼ାଇଦେବା ଶୈଳୀରେ କହିଲି, ''ଆରେ, ଇଏ ତ ଆଜିକାଲିର ଅତି ସାଧାରଣ କଥା। ତାକୁ ନେଇ ଏତେ ଭାବପ୍ରବଣ ଭାଷଣ କାହିଁକି ମାରୁଛ? ତମର ମନେଥିବ ସେ ଗୀତ- ସହଜରେ ମିଳେ ସୁଖ ଯେଉଁଠି, ସୁଖ ଚିହ୍ନିବାରେ ଭୁଲ୍ ସେଇଠି। କିଛି ବି କଷ୍ଟ ନ ସହି ଯଦି ଆମେ କିଛି ପାଇଯାଉ, ତେବେ ସେ ଜିନିଷ କି ଘଟଣାର ମୂଲ୍ୟ ଆମେ ପ୍ରାୟତଃ ବୁଝିପାରୁନା। ଆମେ ଭାବୁ ଯେ ଆମେ ଯାର ହକ୍‌ଦାର ଥିଲୁ। କାହାର ଦୟା କି ତ୍ୟାଗ ଯୋଗୁ ଆମକୁ ମିଳିଛି ବୋଲି ଅନ୍ତରରେ ସ୍ୱୀକାର କରିପାରୁନି, ତେଣୁ କାହା ପ୍ରତି କୃତଜ୍ଞତା ପ୍ରକାଶ କରିବାର ପ୍ରଶ୍ନ ଉଠେନି। ଆଉ ଯିଏ ସବୁବେଳେ ସବୁକଥାରେ ଅଭିଯୋଗ କରିବାଟାକୁ ନିଜର ଚାରିତ୍ରିକ ବୈଶିଷ୍ଟ୍ୟ ବନେଇ ଦେଇଥାଏ, ସେ ବି କେବେହେଲେ କାହା ପ୍ରତି କୃତଜ୍ଞ ରହେନି। ସମାଜର ସବୁ ସ୍ତର ଏମିତି କୃତଘ୍ନତାରେ ଭରପୂର। ଏସବୁ କଷ୍ଟ ଲାଗେ, କିନ୍ତୁ ତାକୁ ଅଣଦେଖା କରିପାରିଲେ ଅନେକ ଶାନ୍ତି ମିଳିବ। ବୁଝିଲ ବନ୍ଧୁ, ଘରେ ତମେ ଭାଉଜଙ୍କୁ ଏତେ ସାହାଯ୍ୟ କରୁଛ ବୋଲି ଜାଣି ମୋ ପତ୍ନୀ ମତେ ଦେଖେଇ ଶିଖେଇ କୁହନ୍ତି ଯେ ମୁଁ ତାଙ୍କୁ କିଛି ସାହାଯ୍ୟ ନ କରି ଖାଲି ବୁଲୁଛି। ଯାଏଁ, ନହେଲେ ଡେରି ହେଲେ କେତେକ'ଣ ଶୁଣିବାକୁ ପଡିପାରେ।''

ଠିକ୍ ଏତିକିବେଳେ ଉଗ୍ରରୂପ ଧରି ବନ୍ଧୁଙ୍କ ପତ୍ନୀ ପହଞ୍ଚିଯାଇ ଚିତ୍କାର କରି ଉଠିଲେ, ''ଛୁଟିଦିନଟାରେ ମୋ ହାତରୁ କାମ ଛଡ଼େଇ କିଛି କରିଦେବାକୁ ବିବେକ କହିଲାନି? କ'ଣ ଟିକେ ସଫାସଫି କରିଦେଲ ଯେ ଏଠି ଆସି ଗପୁଛ! ସ୍ୱାର୍ଥପର କୋଉଠିକାର।'' ମୁହଁ ଫଣଫଣ କରି ସେ ଫେରିଯିବା ମାତ୍ରେ ବନ୍ଧୁ କହିଲେ, ''ତମ ସହ ଗପି ଦବାରୁ ଟିକେ ହାଲୁକା ଲାଗିଲା। କାମଛାଡ଼ି ମୋ ପାଇଁ ତମେ ଏତେ ସମୟ ନଷ୍ଟ କଲ, ମୁଁ କୃତଜ୍ଞ।'' ଆଉ ମୁଁ ନୀରବରେ ସ୍ୱାମୀ-ସ୍ତ୍ରୀଙ୍କର କୃତଜ୍ଞତାର ସ୍ୱର ତଉଲୁଥିଲି।

ଅଧ୍ୟାପକ, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ : ୯୮୬୧୩୪୫୬୫୮

## ଏଇ ଭାରତରେ

ପିତାଙ୍କ ଦେହାନ୍ତ ପରେ ମାତ୍ର ୬ ବର୍ଷ ବୟସରେ ଇଟାଭାଟିରେ କାମ କରୁଥିଲେ ତାମିଲନାଡୁର ଶିବକୁମାର। ଦିନକୁ ଦୁଇଓଳା ଖାଦ୍ୟ ଯୋଗାଡ଼ କରିପାରୁ ନ ଥିଲେ। କିନ୍ତୁ ସେ ଏବେ ଦାଦନ ଶ୍ରମିକ ପିଲାଙ୍କ ପାଇଁ ଆଶାର କିରଣ ପାଲଟିଛନ୍ତି। ଶିବ କୁମାର କହନ୍ତି, ପିଲାବେଳେ ଇଟାଭାଟିରେ କାମକରିବା ସମୟରେ ମାଲିକଙ୍କଠାରୁ ଜୋତାରେ ମାଡ଼ ଖାଇଛନ୍ତି। ହେଲେ ଏକ ଏନ୍‌ଜିଓ ତାଙ୍କୁ କୋଳେଇ ନେବା ପରେ ନିର୍ଯାତନାର ଅନ୍ତ ଘଟିଥିଲା। ପରେ ତା' ତତ୍ତ୍ୱାବଧାନରେ ଶିବକୁମାର ବାଣିଜ୍ୟରେ ସ୍ନାତକ ଓ ମାଡ୍ରାସ ଖ୍ରୀଷ୍ଟିଆନ କଲେଜରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏବେ ଶିବକୁମାରଙ୍କ ବୟସ ୩୦। ସେ ତାମିଲନାଡୁର ୧୩ଟି ଜିଲାରୁ ୨୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ଏପରି କି ସେମାନଙ୍କ ମଧ୍ୟରୁ କେତେକଙ୍କୁ ସ୍କୁଲ ଓ କଲେଜରେ ନାମ ଲେଖାଇବା ସହ ସେମାନଙ୍କ ପରିବାରକୁ ସାହାଯ୍ୟ କରିଛନ୍ତି। ପରିବାର ପାଇଁ ରାଶନ କାର୍ଡ, ପରିବାର ସଦସ୍ୟଙ୍କ ଆଧାର, ଜାତିଗତ ପ୍ରମାଣପତ୍ର ଆଦି ପ୍ରସ୍ତୁତ କରିଛନ୍ତି। ସରକାରୀ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଉଛନ୍ତି। ସେ ନିୟମିତ ଭାବେ ପିଲାମାନଙ୍କ ସହ ବୈଠକ କରି ସେମାନଙ୍କ ଶିକ୍ଷାର ଅଗ୍ରଗତି ସମ୍ପର୍କରେ ଅବଗତ ହେଉଛନ୍ତି। ପିଲାଙ୍କ ପାଇଁ ଇଂଲିଶ ଶିକ୍ଷା, ଟାଇପିଂ କ୍ଲାସ୍ ଓ ଟ୍ୟୁଶନର ବ୍ୟବସ୍ଥା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ନଭେମ୍ବର ୧୯୭୫

- ସଙ୍ଗଠନ କଂଗ୍ରେସ ଏମ୍‌ଏଲ୍‌ଏ ଆର୍. ପିରାମ୍ମା ଓ ତାଙ୍କର ୧୨ ଜଣ ସହକର୍ମୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରଗତିଶୀଳ ନୀତିକୁ ସମର୍ଥନ ଜଣାଇ ସଙ୍ଗଠନ କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି।
- ଭାରତ-ତିବ୍ବତ ସୀମାନ୍ତରେ କାମ କରୁଥିବା ପୋଲିସମାନଙ୍କ ମଧ୍ୟରୁ ହେଡ୍ କନ୍‌ଷ୍ଟେବଲ୍ ଶଶିଧରଣ ପିଲେ ଏବଂ ଜମାଦାର ଶଜନ ସିଂହଙ୍କୁ ସାହସିକତା ଲାଗି ପୋଲିସ ପଦକ ପ୍ରଦାନ।

## ଚିରନ୍ତନୀ

ବଞ୍ଚାନା ଶତ ଶତ
ସବୁ ଅପମାନ
ଏ ଜୀବନେ ବରିନେଲି
ମଣି ମହାଦାନ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହତେ ଯାହା ଆଚରିବେ

ମହାଶୟ,

ଓଡ଼ିଶା ହେଉ କି ସାରା ଦେଶରେ ରାଜନୀତି ଏତେ କଳୁଷିତ ହୋଇପଡ଼ିଛି, ଯାହା ବଡ଼ ଚିନ୍ତାର ବିଷୟ। ଜାତି, ଧର୍ମ, କଳାଧନ, ବ୍ୟଭିଚାର ଦେଶର ପ୍ରଗତିରେ ବାଧକ ସାଜିଛି। ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ରାମରାଜ୍ୟ ଆଜି ରାବଣ ରାଜ୍ୟରେ ପରିଣତ ହେବାକୁ ବସିଲାଣି। ଗୋଷ୍ଠୀବାଦ ଆଜି ମୁଣ୍ଡ ଟେକିଛି। ଯାହାର ଫଳ ଭୋଗୁଛନ୍ତି ସାଧାରଣ ଜନତା। ମୋର ଅନୁରୋଧ ଯେଉଁମାନେ ବଡ଼ ପଦପଦବୀରେ ଅଛନ୍ତି- ନେତା ହୁଅନ୍ତୁ ବା ଅଧିକାରୀ, ମନ୍ତ୍ରୀ ହୁଅନ୍ତୁ ବା ଶିଳ୍ପପତି ସମସ୍ତେ ଦେଶପ୍ରଗତିରେ ଭାଗୀଦାର ହୋଇ ଭାରତବର୍ଷକୁ ବିଶ୍ୱରେ ଏକ ନମ୍ବର ଲାଗି ପ୍ରୟାସ କରିବା ଜରୁରୀ। ବଡ଼ବଡ଼ିଆ ବା ମହତ ଜନ ଯାହା ଆଚରିବେ ସାଧାରଣ ଜନତା ସେହି ବାଟରେ ଯିବେ।

-ଈଶ୍ୱର ଚନ୍ଦ୍ର ପାତ୍ର, ଶ୍ରୀଚନ୍ଦନପୁର, କାକଟପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବବି ଇସଲାମ୍-ମନୋଜ ମିଶ୍ର ମୁହାଁମୁହିଁ

## ଭୁବନେଶ୍ୱର ଡିସିପି ଅଫିସ ସାମ୍ନାରେ ହାଇଡ୍ରାମା

ଭୁବନେଶ୍ୱର,୨୨।୧୧
(ସତ୍ୟଜିତ୍ ରାଉତ)

ସବୁ ସୀମା ଟପିଛି ଓଲିଉଡ୍ କଳି। ପୂର୍ବରୁ ସୋସିଆଲ ମିଡିଆ ସହ ବିଭିନ୍ନ ଗଣମାଧ୍ୟମରେ ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରି ଥାନାରେ ଏତଲା ଦେଉଥିଲେ। ହେଲେ ଏବେ ରାସ୍ତାରେ କଳି ଲାଗିଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ବବି ଇସଲାମ୍ ଓ ଅଭିନେତା ମନୋଜ ମିଶ୍ର ମୁହାଁମୁହିଁ ହୋଇଛନ୍ତି। ପୂର୍ବ ବିବାଦର ସମାଧାନ କରିବାକୁ ଆସି ଶୁକ୍ରବାର ପୋଲିସ ଉପସ୍ଥିତିରେ ଭୁବନେଶ୍ୱର ଡିସିପି ଅଫିସ ସାମ୍ନାରେ ପରସ୍ପରକୁ ଗାଳିଗୁଲଜ ଓ ଆକ୍ରମଣ ଉଦ୍ୟମ କରିଛନ୍ତି। ଏପରିକି ରାସ୍ତା ଉପରେ ମଧ୍ୟ ହାତାହାତି ପରିସ୍ଥିତି ଉପୁଜିଥିଲା। ତେବେ ପୋଲିସ ସେମାନଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ପରେ ଡିସିପି ପିନାକ ମିଶ୍ର ଉଭୟ ପକ୍ଷଙ୍କୁ କମିଶନରେଟ୍ ପୋଲିସ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିବା ସହ ଗଣ୍ଡଗୋଳରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ତେବେ ରାଜଧାନୀରେ ସ୍ୱଷ୍ଟ ଦିବାଲୋକରେ ଘଟିଥିବା ଏହି ହାଇଡ୍ରାମାକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ବବି ଇସ୍‌ଲାମ୍ ଏକ ଓଡ଼ିଆ ଟିଭି ଚ୍ୟାନେଲର ଲାଇଭ୍ ଶୋ'ରେ ଅପମାନଜନକ ମନ୍ତବ୍ୟ ଓ ଧମକ ଦେଉଥିବା ଅଭିଯୋଗ ଆଣି ମନୋଜ ୩ ଦିନ ତଳେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ସେପଟେ ଫୋନ୍‌ରେ ହତ୍ୟା ଧମକ ଦିଆଯାଇଥିବା ନେଇ କଟକ ଦରଘାବଜାର ଥାନାରେ ବବି ବୁଧବାର ଅଭିଯୋଗ କରିଥିଲେ। ମନୋଜଙ୍କ ସହଯୋଗୀ ଫୋନ୍‌ରେ ତାଙ୍କୁ ହତ୍ୟା ଧମକ ଦେଉଛନ୍ତି, ଯଦି ତାଙ୍କର କୌଣସି କ୍ଷତି ହୁଏ ସେଥିପାଇଁ ମନୋଜ ଦାୟୀ ରହିବେ ବୋଲି ଏତଲାରେ ଦର୍ଶାଇଥିଲେ। ଦୁଇ ଅଭିଯୋଗ ଆଧାରରେ ଦୁଇ ଥାନାର ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ ଉଭୟ ପକ୍ଷଙ୍କୁ ଭୁବନେଶ୍ୱର ଡିସିପି ଅଫିସକୁ ଡକାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ମନୋଜ ଡିସିପି ଅଫିସ ପଛଗେଟ୍ ଦେଇ ଭିତରକୁ ଯାଉଥିବାବେଳେ ବବି ଇସ୍‌ଲାମ୍, ନିର୍ଦ୍ଦେଶକ ଜ୍ୟୋତି ଦାଶ ଓ କେତେଜଣ ନିର୍ଦ୍ଦେଶକ ସେଠାରେ ଉପସ୍ଥିତ ଥିଲେ। ତେବେ ଏହି ସମୟରେ ମନୋଜଙ୍କୁ ବବି ଆକ୍ଷେପ କରି କିଛି କହିଥିଲେ। ଫଳରେ ମନୋଜ ଉତ୍ତେଜିତ ହୋଇପଡ଼ି ବବି ଓ ଜ୍ୟୋତିଙ୍କ ଆଡ଼କୁ ମାଡ଼ିଯାଇଥିଲେ। ଏପରିକି ପୋଲିସ ଉପସ୍ଥିତିରେ ବବି ଓ ମନୋଜ ହାତାହାତି ହେବା ପାଇଁ ଚେଷ୍ଟା କରିଥିଲେ। ପରସ୍ପର ମଧ୍ୟରେ ଗାଳିଗୁଲଜ ଓ ବୟାନବାଜି ହୋଇଥିଲା। ସ୍ଥିତି ବିଗିଡି ଯାଉଥିବା ଦେଖି ଚନ୍ଦ୍ରଶେଖରପୁର ଥାନା ଆଇଆଇସି ମନୋଜଙ୍କୁ ଭିଡିଆଣି ବୁଝାଇବା ସହ ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏପରିକି ନିର୍ଦ୍ଦେଶକମାନଙ୍କ ଆକ୍ଷେପକୁ ନେଇ ମନୋଜଙ୍କ ସ୍ତ୍ରୀ ମମତା ମଧ୍ୟ ଉତ୍ତେଜିତ ହୋଇ ବିରୋଧ କରିଥିଲେ। ପରେ କମିଶନରେଟ୍ ପୋଲିସ କାର୍ଯ୍ୟାଳୟକୁ ଉଭୟ ପକ୍ଷଙ୍କୁ ଡକାଯାଇ ଡିସିପି ପିନାକ ମିଶ୍ର ବୈଠକ ଜରିଆରେ ଆଲୋଚନା କରିଥିଲେ। ଡିସିପି ଅଫିସ ସାମ୍ନାରେ ଆଚରଣକୁ ନେଇ ମନୋଜ ସେଠାରେ କ୍ଷମା ମାଗିଥିଲେ।

ଏନେଇ ଡିସିପି ମିଶ୍ର କହିଛନ୍ତି, ଉଭୟଙ୍କୁ ବସାଇ ଅଭିଯୋଗ ଶୁଣିଥିଲୁ। ସେମାନେ ବ୍ୟକ୍ତିଗତ ଭାବେ ପରସ୍ପରକୁ ଆକ୍ଷେପ କରିଥିଲେ। ଦୁଇ ମାମଲାର ତଦନ୍ତ ହେଉଛି। ଉଭୟଙ୍କୁ କାଉନ୍‌ସେଲିଂ କରି ବ୍ୟକ୍ତିଗତ ଆକ୍ଷେପରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଛୁ। ସରକାରୀ ଦପ୍ତରରେ କୌଣସି ବିଶୃଙ୍ଖଳା ଆଚରଣ ଦେଖାଇପାରିବେ ନାହିଁ ବୋଲି ସେମାନଙ୍କୁ କଠୋରତାର ସହ ମନା କରିଥିଲୁ। ତେବେ ବ୍ୟକ୍ତିଗତ ଆକ୍ଷେପ ନେଇ ମାନହାନି ମାମଲା କରିବାକୁ ପରାମର୍ଶ ଦେଇଛୁ ବୋଲି ଡିସିପି ମିଶ୍ର କହିଛନ୍ତି। ଅପରପକ୍ଷରେ ମନୋଜଙ୍କ ଏଭଳି ଆଚରଣକୁ ନେଇ ଶହୀଦନଗର ଥାନାରେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ନିର୍ଦ୍ଦେଶକ ଜ୍ୟୋତି ଦାଶ। ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି ବୋଲି ଶହୀଦନଗର ଥାନାଧିକାରୀ ଦିଲୀପ ଭୂୟାଁ କହିଛନ୍ତି।




ମୁହାଁମୁହିଁ ହୋଇଥିବା ଅଭିନେତା ମନୋଜ ମିଶ୍ର ଓ ପ୍ରତିପକ୍ଷଙ୍କୁ ପୋଲିସ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣ କରୁଛି।

■ ବବିଙ୍କ ଆକ୍ଷେପକୁ ସହିପାରିଲେନି ମନୋଜ
■ ଶହୀଦନଗର ଥାନାରେ ଏତଲା ଦେଲେ ନିର୍ଦ୍ଦେଶକ ଜ୍ୟୋତି

### 'ରାଣ୍ଡୀ' ଶବ୍ଦକୁ ଓଡ଼ିଶାର ସବୁ ନାରୀ ବିରୋଧ କରିବେ: ମନୋଜ

ଆଗାମୀ ଦିନରେ ପ୍ରେକ୍ଷାଳୟକୁ ଆସିବାକୁ ଥିବା 'ରାଣ୍ଡୀ ପୁଅ ଅନନ୍ତା' ଚଳଚ୍ଚିତ୍ରକୁ ଅଭିନେତା ମନୋଜ ବାରମ୍ବାର ସମାଲୋଚନା କରୁଥିବା ବେଳେ ଏବେ ସେ ଅଧିକ ବିରୋଧ କରିବା ଆରମ୍ଭ କରିଛନ୍ତି। ଏନେଇ ମନୋଜ କହିଛନ୍ତି, ଆଜିକା ସମୟରେ 'ରାଣ୍ଡୀ ପୁଅ' ଶବ୍ଦ କୌଣସି ସିନେମାରେ ରହିବା କଥା ନୁହେଁ। ରାଣ୍ଡୀ ଶବ୍ଦର ବ୍ୟବହାର ନାରୀମାନଙ୍କୁ କରାଯାଇପାରିବ ନାହିଁ। ଏହି ଶବ୍ଦ ସିନେମାରେ ରହିଲେ କେବଳ ମୁଁ ନୁହେଁ, ଓଡ଼ିଶାର ସବୁ ନାରୀ ଓ ନାରୀ ସୁରକ୍ଷା ପାଇଁ କାମ କରୁଥିବା ପୁରୁଷ ବି ବିରୋଧ କରିବେ ବୋଲି ମନୋଜ କହିଛନ୍ତି। ଅନ୍ୟପକ୍ଷରେ ନିର୍ଦ୍ଦେଶକ ବବି ଇସ୍‌ଲାମ୍ ତାଙ୍କୁ 'ରାଣ୍ଡି ପୁଅ ଆସିଗଲା' ବୋଲି କହିବାରୁ ତାଙ୍କୁ ବହୁତ ଖରାପ ଲାଗିଲା। ସେଥିପାଇଁ ସେ ରାଗିଯାଇ ମାଡ଼ିଯାଇଥିଲେ। ଏହି ଆଚରଣ ପାଇଁ ସବୁ ନିର୍ଦ୍ଦେଶକଙ୍କୁ ମୁଁ କ୍ଷମା ମାଗୁଛି ଓ ଏହା ଭଲକଥା ନୁହେଁ ବୋଲି ସେ କହିଛନ୍ତି। ତେବେ ବବି ତାଙ୍କ ବାହାଘର ଓ ପରିବାର ଆଦିକୁ ନେଇ ବ୍ୟକ୍ତିଗତ ଆକ୍ଷେପ କରିଥିବାରୁ ଏହାକୁ ନେଇ କେଶ୍ ଚାଲିବ ବୋଲି ମନୋଜ କହିଛନ୍ତି।

# ପିକ୍‌ଅପ ଭ୍ୟାନ୍ ଓଲଟି ୩୦ ଆହତ

ଲହୁଣୀପଡା,୨୨।୧୧
(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରାଧରା ପଞ୍ଚାୟତ ଗଗନାପୋଷ ଛକଠାରେ ଶୁକ୍ରବାର ଭାରସାମ୍ୟ ହରାଇ ଏକ ପିକଅପ ଭ୍ୟାନ ଓଲଟି ପଡ଼ିବାରୁ ୩୦ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସାପରେ ସେଥିରୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଗୁରୁତର ଆହତଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଖବରପାଇ କେ. ବଲାଙ୍ଗ ପୋଲିସ ଗଗନାପୋଷରେ ପହଞ୍ଚି ପିକଅପ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗଗନାପୋଷଠାରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚୋରାଧରା ପଞ୍ଚାୟତ ଫଟାଟାଙ୍ଗର ଗ୍ରାମର ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ଲୋକ ଓଡି -୧୪ଏସ - ୧୫୦୨ ପିକଅପ ଭ୍ୟାନ ଯୋଗେ ଆସୁଥିବାବେଳେ ଗଗନାପୋଷ ଛକ ନିକଟରେ ପିକ୍‌ଅପ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ପ୍ରାୟ ୩୦ ଜଣ ଆହତ ହୋଇଥିଲେ।

# ୨୫ରେ ଶିକ୍ଷକ ସଂଘ ସହ ଗଣଶିକ୍ଷା ସଚିବଙ୍କ ବୈଠକ

ଭୁବନେଶ୍ୱର,୨୨।୧୧
(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ନିଯୁକ୍ତ ବିଭିନ୍ନ ବର୍ଗର ଶିକ୍ଷକ, କର୍ମଚାରୀଙ୍କ ସହ ବିଭାଗୀୟ ସଚିବ ଆଲୋଚନା କରିବେ। ବିଭିନ୍ନ ସମୟରେ ପ୍ରାଇମେରି ଶିକ୍ଷକ, ଏଲିମେଣ୍ଟାରି ଶିକ୍ଷକଙ୍କ ସମେତ କଳା ଓ କ୍ରୀଡ଼ା ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଦାବି ପୂରଣ ପାଇଁ ଆଗକୁ ମଧ୍ୟ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ତେଣୁ ସେମାନଙ୍କ ସମସ୍ୟାର ସମାଧାନ ସହ ଦାବି ସଂକ୍ରାନ୍ତରେ ଆଲୋଚନା ଲାଗି ଆସନ୍ତା ୨୫ ତାରିଖରେ ରାଜ୍ୟ ସରକାର ବୈଠକ ଡାକିଛନ୍ତି। ଏଥିରେ ବିଭିନ୍ନ ଶିକ୍ଷକ ଓ କର୍ମଚାରୀ ସଂଗଠନର ୩ଜଣ ଲେଖାଏ ସଦସ୍ୟ ସାମିଲ ହୋଇ ଆଲୋଚନା ପର୍ଯ୍ୟାଲୋଚନା କରି ନିଷ୍କର୍ଷ ବାହାର କରିବେ ବୋଲି ସୂଚନା ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

STAR MANAGEMENT COLLEGE
Govt. of Odisha Recognised Under Utkal University
Required urgently Telecaller (15Nos), Faculty - Pol.Sc, Logic, Psy., Biology, Physics, Chemistry, Math. (10Post). Marketing Manager (4Nos), Peon (4Nos), Driver (2Nos) & Admin. (2Nos) (Experience in Education Institutions).
167, Forest Park, Bhubaneswar, Mail id - starmgtcollege@gmail.com
Contact: 7077263799, 9853489329, 9861444447, 9937337659

See Career Appointment on every Wednesday & Saturday

REQUIRED
MARKETING EXECUTIVES
ONLY OFFICES VISIT FOR GODREJ INTERIO.
M/S ARCHANA TRADERS
Tankapani Road, Bhubaneswar
Contact : 9437104943

WALK IN INTERVIEW : 24.11.2024 From 10 am to 2 pm
Campus Supervisor : Qualification : +2, Desirable Experience: 01 year in any Housing Society, Salary : Rs. 18000/pm
Accountant cum Office Assistant : Qualification: +2 knowledge of MS-Word and MS-Excel with Accounting experience, Salary: Rs. 14000/pm,
Plumber : 01year Experience in any Housing Society, Salary : Rs. 12000/pm
Note : (i) Salary is negotiable for eligible candidate
(ii) Free accommodation for self within Society
Please forward your Resume: jvtbbsr@gmail.com / 9078740357 (Whatsapp)
Society : Jalvayu Tower, Niladri Vihar, BBSR-21

# ଦିଲ୍ଲୀ ବାଣିଜ୍ୟ ମେଳାରୁ କନ୍ଧମାଳ ହଳଦୀ କିଣିଲେ ମୁଖ୍ୟମନ୍ତ୍ରୀ

ଦାରିଙ୍ଗବାଡ଼ି, ୨୨।୧୧ (ଅରୁଣ ସାହୁ)

ଦିଲ୍ଲୀ ପ୍ରଗତି ମୈଦାନରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ କନ୍ଧମାଳ ହଳଦୀ କିଣିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଉକ୍ତ ମେଳା ପରିଦର୍ଶନ କରିବା ସହ ଓଡ଼ିଶାରୁ ଯାଇଥିବା ଷ୍ଟଲ୍‌ଗୁଡ଼ିକ ବୁଲି ଦେଖିଥିଲେ। ସେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରୁ ଯାଇଥିବା ମିଶନଶକ୍ତିର ଷ୍ଟଲ୍‌ରୁ କନ୍ଧମାଳରେ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ହଳଦୀ ୫ ଶହ ଗ୍ରାମ କିଣିଥିଲେ। ସେହିପରି କନ୍ଧମାଳ ହଳଦୀ ସମ୍ପର୍କରେ ସେ ଭଲ ଭାବେ ଜାଣନ୍ତି। ଦାରିଙ୍ଗବାଡ଼ିରେ ସେ ଏକାଧିକ ଦିନ ବିତାଇଥିବା ମିଶନଶକ୍ତିର ଝରଣା ସାହୁଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ। ପରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧାରୁ ଆସିଥିବା ଶ୍ରୀ ଅନ୍ନ ଯୋଜନାରେ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ମାଣ୍ଡିଆ ବିକ୍ରି ଷ୍ଟଲ୍‌ରୁ ମିଲେଟ ସାମଗ୍ରୀ କିଣିଥିଲେ। ସୂଚନାଯୋଗ୍ୟ, ୧୩ରୁ ଆରମ୍ଭ ହୋଇଥିବା ଏହି ବାଣିଜ୍ୟ ମେଳା ଆସନ୍ତା ୨୭ରେ ଉଦ୍‌ଯାପିତ ହେବ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଶନଶକ୍ତିର ଷ୍ଟଲରୁ କନ୍ଧମାଳ ହଳଦୀ କିଣୁଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍-ଜି-ଆର୍‌ଏନ୍‌ସି-ଓଟି-ସୋଲାର୍-୨-୨୪-୨୫ ତାରିଖ: ୨୧।୧୧।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି ଟେଣ୍ଡର ବିଜ୍ଞପ୍ତି ନଂ. ଇଏଲ୍-ଜି-ଆର୍‌ଏନ୍‌ସି-ଓଟି-ସୋଲାର୍-୨-୨୪-୨୫, ତା୨୧।୧୧।୨୦୨୪ରିଖ ଅଧୀନରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ତା୧୬।୧୨।୨୦୨୪ରିଖ ୧୬.୦୦ ଘଣ୍ଟିକା କିମ୍ବା ତତ୍‌ପଶ୍ଚାତ୍ ଖୋଲାଯିବା ଲାଗି ଧାର୍ଯ୍ୟ ଅଟେ: **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ରାଞ୍ଚି ଡିଭିଜନର କ୍ଷେତ୍ରାଧିକାର ଅଧୀନରେ ଷ୍ଟେଶନ, ସର୍ଭିସ୍ ବିଲ୍ଡିଂ ଓ ଆବାସିକ କ୍ୱାର୍ଟରଗୁଡ଼ିକରେ ସୋଲାର୍ ପାୱାର୍ ପ୍ଲାଣ୍ଟଗୁଡ଼ିକର ଯୋଗାଣ, ଉତ୍ଥାନ ଏବଂ ସ୍ଥାପନା । **ଟେଣ୍ଡର ମୂଲ୍ୟ:** ₹୧୨,୬୬,୭୦,୫୧୯.୪୬। **ଇଏମ୍‌ଡି/ବିଡ୍ ଅମାନତ:** ₹୭,୮୩,୩୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୧୨।୨୦୨୪ରିଖ ୧୬.୦୦ ଘଣ୍ଟିକା । **ୱେବ୍‌ସାଇଟ୍ ବିବରଣୀ:** https://www.ireps.gov.in । ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ଟେଣ୍ଡରଦାତାଙ୍କ ଦ୍ୱାରା ଟେଣ୍ଡର ଦସ୍ତାବିଜ ସହିତ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-817)

# ହାତୀ ଆକ୍ରମଣରେ ଜଣେ ମୃତ

ସମ୍ବଲପୁର/ ପଡ଼ିଆବାହାଲ, ୨୨।୧୧
(ଭବାନୀ ଶଙ୍କର ଭୋଇ/ ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ପଡ଼ିଆବାହାଲ ବନାଞ୍ଚଳ ଅନ୍ତର୍ଗତ ଜାମଲୋଇ ଗ୍ରାମ ନୂଆବନ୍ଧ ନିକଟରେ ଗୁରୁବାର ରାତିରେ ବଣୁଆ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜାମଲୋଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀ (୩୮)। ଜାମଲୋଇ ଗ୍ରାମ ପଟକୁ ବଣୁଆ ହାତୀପଲ ଆସିଥିବା ସୂଚନା ମିଳିବା ପରେ ଗ୍ରାମବାସୀଙ୍କ ସହ ପୂର୍ଣ୍ଣଚନ୍ଦ୍ର ମଧ୍ୟ ହାତୀ ଘଉଡ଼ାଇବା ପାଇଁ ଯାଇଥିଲେ। ଗ୍ରାମବାସୀ ଫେରିଆସିଥିବାବେଳେ ପୂର୍ଣ୍ଣଚନ୍ଦ୍ରଙ୍କ ଆଉ କୌଣସି ସନ୍ଧାନ ମିଳି ନ ଥିଲା। ତେବେ ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଜାମଲୋଇ ଗ୍ରାମ ନୂଆବନ୍ଧ ନିକଟରେ ପଡ଼ିଥିବା ଅଞ୍ଚଳବାସୀ ଦେଖିଥିଲେ। ତେବେ ହାତୀ ତାଙ୍କୁ ଆକ୍ରମଣ କରି ଦଳି ଦେଇଥିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପଡିଆବାହାଲ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମଗ୍ର ଯୁଯୁମୁରା ବ୍ଲକ୍ ଅଞ୍ଚଳରେ ଦୀର୍ଘଦିନ ହେବ ବଣୁଆ ହାତୀ ଉପଦ୍ରବ ଲାଗି ରହିଥିବାବେଳେ ଏଥିପାଇଁ ବହୁ ଧନଜୀବନ କ୍ଷତି ହେଉଛି। ଅନ୍ୟପକ୍ଷରେ ହାତୀ ଉପଦ୍ରବ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ନିକଟରେ ହାତିବାରୀ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ଦେଖାଦେଇଛି।

# ଦୋକାନ ଭିତରକୁ ପଶିଗଲା ବାର୍‌ହା

ପବିତ୍ରନଗର,୨୨।୧୧(ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗର ବଜାର ଭିତରକୁ ଶୁକ୍ରବାର ରାତି ୮ଟାରେ ନିକଟସ୍ଥ ଜଙ୍ଗଲରୁ ଏକ ବାର୍‌ହା ପଶି ଆସିଥିଲା। ବଜାର ମଧ୍ୟରେ ଏ ଦୋକାନରୁ ସେ ଦୋକାନ ହେବା ସହ ଶେଷରେ ଏମ୍‌ଇ ସ୍କୁଲ ଆଡକୁ ଦୌଡ଼ି ପଳାଇଥିଲା। ବାର୍‌ହାକୁ ଦେଖି ଲୋକମାନେ ଭୟଭୀତ ହୋଇଯାଇଥିଲେ। ବାର୍‌ହାଟି ପରାବିଲ ଗ୍ରାମର ମନ୍ଦିର ସାହି ପଟୁ କ୍ଷିପ୍ରଗତିରେ ବଜାର ଭିତରକୁ ପଶିଆସିବା ସହିତ କିଛି ସମୟ ପାଇଁ ଶ୍ରୀଗଣେଶ ଡିଜିଟାଲ ଓ ଏକାଧିକ ଦୋକାନ ମୁହଁକୁ ଯାଇ ଫେରି ଆସିଥିଲା। କୌଣସି ସ୍ଥାନରେ ଆଘାତ ଲାଗି ବାଟବଣା ହୋଇ ବାର୍‌ହାଟି ଚାଲିଆସିଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି।

**OFFICE OF THE PRINCIPAL**
**P.I.DEGREE COLLEGE, JUNAGARH**
**DIST-KALAHANDI**

Adv.No: 1012/PIDC(J)/KLD/2024 Date:22.11.2024//

**TENDER CALL NOTICE**

Tenders are invited for procurement of Computer Desktop with UPS under Non-Civil head of OHEPEE. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit- www.pidcjunagarh.co.in

Sd./- Principal
P.I. Degree College, Junagarh

Government of Odisha No.B-643
**OFFICE OF THE CHIEF CONSTRUCTION ENGINEER**
**CUTTACK (R&B) CIRCLE, CUTTACK**
E-mail ID - sectcrb_2006@yahoo.co.in
Tel/Fax - 0671-2301751/2302751
('e'-PROCUREMENT NOTICE)
Bid Identification No.CCE.Ctc.(R&B) 10/2024-25

| | | | |
|---|---|---|---|
| 1 | The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building works as mentioned below. | | |
| 2 | No. of work | : | 02 Nos. |
| 3 | Nature of work | : | Building works |
| 4 | Class of contractor | : | 'B' & 'A' Class |
| 5 | Tender paper cost | : | Rs. 10000/- (online) |
| 6 | Available of bid document in the website | : | From 29.11.2024 to 17:30 Hours of 13.12.2024 |
| 7 | Date of opening of bid | : | Dt. 16.12.2024 at 11.00 Hours |
| 8 | The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site. | | |

Sd./- Chief Construction Engineer
OIPR-34012/11/0012/2425 Cuttack (R&B) Circle

**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
TP WESTERN ODISHA DISTRIBUTION LIMITED
Corporate Office : Burla, Dist.-Sambalpur, Pin-768017 (Odisha)
Website : www.tpwodl.com

**NOTICE INVITING TENDER**

T.Notice No. TPWODL/TP/O/SER/ 30 Date : 23.11.2024

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

**Two Years Rate Contract for Scrape Auction.**

Interested bidders to submit Tender Participation Fee and Authorization Letter through email on or before 2nd December 2024, 15:00Hrs, in order to become eligible vendor to participate in the bidding process.

All correspondence regarding the tender details bid submission, date extension etc. shall only take place with the eligible bidders through E-tender system.

For detailed tender documents you may visit Tender section of our website: www.tpwesternodisha.com.

Sd/- Head-Contracts and Procurement

**Government of Odisha, e-Procurement Notice**
INVITATION FOR BIDS (IFB)
Bid Identification No. C.C.E.Dkl. (R&B) 11/2024-25
Email Id - sedklpwd@gmail.com
Letter No. 2265/Dt. 16.11.2024

No.B-631 : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate Bids in double cover system to be received in ONLINE MODE from eligible contractors for Road works as detailed below :

| | | | |
|---|---|---|---|
| 1 | Name of the work | : | Road works |
| 2 | No. of works | : | 02 (Two) Nos. |
| 3 | Estimated cost | : | Rs. 1.19 Crore to 3.08 Crore (as given in column No. 03 of table) |
| 4 | Cost of tender paper | : | Rs. 10,000.00 |
| 5 | Class of contractor | : | 'B' Class & 'A' Class (as given in column No. 07 of table) |
| 6 | Period of completion of work | : | 05 (Five) to 06 (Six) (as given in column No. 08 of table) |
| 7 | Date and time of availability of bid document in the website | : | From Dt. 25.11.2024 to 5.00 P.M. of Dt. 09.12.2024 |
| 8 | Date of opening of bid | : | Dt. 10.12.2024 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
OIPR-34132/11/0019/2425 Dhenkanal (R&B) Circle, Dhenkanal

**JOB VACANCIES**

*A four wheeler dealership needs professional in **Bhubaneswar** for the following positions:-*

| | |
|---|---|
| SALES CONSULTANTS | : Fresher graduates/BBA/ BCOM /BSC / BA having atleast 1 year experience in automobile sales of any 2/3/4 wheeler dealership. |
| SPARE PARTS EXECUTIVE | : Graduate having at least 1 year exp. in automobile spare parts with 2/3/4 wheeler dealership. |
| SALES TEAM LEADER | : Graduates/BBA/ BCOM /BSC / BA having at least 2-3 year experience in automobile sales of any 2/3/4 wheeler dealership. |
| SALES TRAINER | : A Graduate or MBA having training experience on Automobile sales of any 2/3/4 wheeler dealership. |
| ASST. SALES MANAGER | : Graduate or Diploma Automobile having experience of any 2/3/4 wheeler dealership or used car showroom. |
| ADMIN MANAGER | : Graduate having 5 to 10 years experience in admin from any segment preference will given from automobile sector (PF, ESIC, Labour Law, Liasioning). |
| TECHNICAL MANAGER / CO-TECH | : Must be a technical manager or technical head in any 2/3/4 wheeler dealership. |
| E-TECH | : Must be a diploma in automobile at least 2 to 4 yr. experiences in electronics works of any 4 wheeler dealership. |
| TECHNICIAN | : ITI/ DIPLOMA in automobile having at least 1 year experience in any 2/3/4 wheeler dealership/ Garage. |
| FLOOR SUPERVISOR | : ITI/ DIPLOMA in automobile having at least 1 year experience for handling floor in any 2/3/4 wheeler dealership/ Garage. |
| DENTOR | : Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section. |
| BODY SHOP ADVISOR | : Worked in a dealership in 4 wheelers having 1 to 2 years' experience in a 2/3/4wheeler Body shop deptt. |
| DELIVERY COORDINATOR | : Must be Graduate with Computer efficiency having 1-2 years' experience in any 2/3/4 wheeler dealership in sales with having valid driving license. |
| USED CAR MANAGER | : Must be graduate having 2-3 years' experience in any 3/4 wheeler dealership or any used car showroom. |
| USED CAR EXECUTIVE | : Must have 1-2 years' experience in any 2/3/4 wheeler dealership or used car showroom with having valid driving license. |
| DRIVER | : Must have 2-3 years' experience in car driving with having valid license. |

**Salary will not be a constraint for deserving candidates.**
*Interested candidates may send their resume to:-*
capitaltoyota.bbsr@gmail.com &
cc to: csgargsongroup@gmail.com
CONTACT: 9348940535/7855040457/06746667709

# ପ୍ରାବନ୍ଧିକଙ୍କ ସ୍ମୃତିଚାରଣ

ଚାନ୍ଦବାଲି,୨୨ା୧୧
(ଅଶୋକ କୁମାର ପଣ୍ଡା)

ଦିବଗଂତ ପ୍ରାବନ୍ଧିକ ପରୀକ୍ଷିତ ମିଶ୍ରଙ୍କ ଦ୍ୱାଦଶାହରେ ଏକ ସ୍ମୃତିସଭା ତାଙ୍କ ଜନ୍ମମାଟି ଚାନ୍ଦବାଲି ବ୍ଲକର ବଳଭଦ୍ରପୁର ଶାସନ ଗାଁରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତି ଉପରେ ତାଙ୍କର କେତେକ ପ୍ରବନ୍ଧ ପୁସ୍ତକ ଓଡ଼ିଆ ଓ ଇଂଲିଶରେ ପ୍ରକାଶ ପାଇଛି। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କରେ ତାଙ୍କର ଗବେଷଣାଧର୍ମୀ ଲେଖା ମଧ୍ୟ ପ୍ରକାଶ ପାଇଛି। ୮୨ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି। ଶିକ୍ଷାବିତ୍ ସାଧୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୈକୁଣ୍ଠନାଥ ରଥ, ବ୍ରହ୍ମାନନ୍ଦ ପରିଡ଼ା, ଲକ୍ଷ୍ମୀଧର ମହାପାତ୍ର, ରମେଶ ସାମଲ, ରାଜେଶ ସ୍ୱାଇଁ, କିଶୋର ମିଶ୍ର, ବ୍ରଜ କିଶୋର ପଣ୍ଡା, ବସନ୍ତ ପଣ୍ଡା, ପର୍ଶୁରାମ ମିଶ୍ର, ବିକାଶ ମିଶ୍ର, ମାନସ ମିଶ୍ର, ଦୀପକ ରଥ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

**ବୁଡ଼ିବାକୁ ବସିଛି ବୃତ୍ତି**

# ଚିନ୍ତାରେ କାରିଗର

■ବାହାର ରାଜ୍ୟରୁ ଆମଦାନୀ ଜିନିଷ କିଣୁଛନ୍ତି ବେପାରୀ
■ଦେଶୀ ମାଟି ପାତ୍ରର ଚାହିଦା କମୁଛି

ନଳାଙ୍ଗ,୨୨ା୧୧(ସାଇ ଶଙ୍କର ମହାକୁଳ)

ମାଟିରେ ତିଆରି ଜିନିଷର ଚାହିଦା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଘରଠୁ ଆରମ୍ଭ କରି ଦୋକାନ, ହୋଟେଲ ସବୁଆଡ଼େ ଆଜିକାଲି ମାଟିରେ ଜିନିଷ ଦେଖିବାକୁ ମିଳୁଛି। ମାଟି ପାତ୍ରରେ ଖାଇବା, ପିଇବା, ରାନ୍ଧିବାକୁ ଲୋକେ ପସନ୍ଦ କରୁଛନ୍ତି। ମାଟି ପାତ୍ରରେ ରନ୍ଧା ଖାଦ୍ୟ ସୁସ୍ୱାଦୁ ଲାଗୁଥିବାରୁ ଲୋକେ ଏଥିପ୍ରତି ମନ ବଳାଉଛନ୍ତି। ଲୋକେ ଘରେ ମାଟି ହାଣ୍ଡି, ମାଠିଆ, ତାୱା, ଗ୍ଲାସ ଇତ୍ୟାଦି ବ୍ୟବହାର କରୁଛନ୍ତି। ଦୋକାନ ଓ ହୋଟେଲରେ ବ୍ୟବସାୟୀମାନେ ମଧ୍ୟ ବିଶେଷ କରି ମାଂସ ରାନ୍ଧିବା ପାଇଁ ମାଟିହାଣ୍ଡି ରଖୁଛନ୍ତି। ଏବେ ବଜାରରେ ବିଭିନ୍ନ ପ୍ରକାରର ମାଟି ଜିନିଷର ଚାହିଦା ରହିଛି। ହେଲେ ବାହାର ରାଜ୍ୟରୁ ଆସୁଥିବା ମାଟି ସାମଗ୍ରୀକୁ ଲୋକେ କିଣୁଥିବା ବେଳେ ଦେଶୀ ମାଟିରେ ତିଆରି ପାତ୍ର ପ୍ରତି ଆଗ୍ରହ କମୁଛି। ଏହାକୁ ନେଇ ନେଇ ଭଦ୍ରକ ବ୍ଲକ ବାଉଦପୁର ପଞ୍ଚାୟତ ଉଗାଳପୁର ଗ୍ରାମର ମାଟି କାରିଗରମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।



ଜଣେ କୁମ୍ଭକାର ମାଟି ହାଣ୍ଡି ତିଆରି କରୁଛନ୍ତି।

ଏହି ଗ୍ରାମରେ ପ୍ରାୟ ୧୦ରୁ ୨୦ କୁମ୍ଭାର ପରିବାର ମାଟି ପାତ୍ର ଗଢ଼ନ୍ତି। ଭଦ୍ରକ ଜିଲା ସହ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର ଓ ଯାଜପୁର ଜିଲାକୁ ସେମାନଙ୍କ ସାମଗ୍ରୀ ବିକ୍ରି କରନ୍ତି। ସେମାନଙ୍କୁ ମାଟିର ଜିନିଷ ତିଆରି କରିବା ପାଇଁ ମାଟି ମଧ୍ୟ କିଣିବାକୁ ପଡୁଛି। ଭଦ୍ରକ ବ୍ଲକ୍ ଓଲଙ୍ଗ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରୁ ଲାଲ ରଙ୍ଗର ମାଟି ଓ ଗେଲଟୁଆ ପଞ୍ଚାୟତରୁ କଳା ବା ଚିକିଟା ମାଟି ଯାହାକି ଏକ ଟ୍ରାକ୍ଟର ଟ୍ରିପ୍ ପିଛା ୨୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ପଡ଼ିଯାଉଛି। ଯେଉଁଥିପାଇଁ ଉଗାଳପୁର ଗ୍ରାମରେ ଥିବା ମାଟି କାରିଗରମାନେ ଏବେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି ବୋଲି କାରିଗର ପ୍ରତାପ କୁମାର ସାହୁ ଓ ଶତ୍ରୁଘ୍ନ ସାହୁ କହନ୍ତି। ଦିନ ଥିଲା ସେମାନେ ତିଆରି କରୁଥିବା ଜିନିଷର ବହୁତ ଚାହିଦା ଥିଲା। କିନ୍ତୁ ଏବେ ବାହାର ମାଟି ପାତ୍ର ଆଗରେ ସେମାନଙ୍କ ଜିନିଷ ଫିକା ପଡ଼ିଯାଉଛି। ପଶ୍ଚିମବଙ୍ଗ ଓ ଅନ୍ୟ କେତୋଟି ରାଜ୍ୟରୁ ମାଟିରେ ତିଆରି ଜିନିଷ ବଜାରକୁ ଆସିବା ଦ୍ୱାରା ଖୁଚୁରା ବେପାରୀମାନେ ମଧ୍ୟ ତାହା କିଣୁଛନ୍ତି। ଗ୍ରାହକମାନେ ଆମଦାନୀ ଜିନିଷକୁ ବେଶୀ ପସନ୍ଦ କରୁଥିବା ବେଳେ ତାହାର ମୂଲ୍ୟ ଦେଶୀଠାରୁ କମ୍ ରହୁଥିବା ଯୋଗୁ ସେମାନେ କିଣୁଥିବା ଖୁଚୁରା ବେପାରୀ ସୀତାକାନ୍ତ ସାହୁ କହିଛନ୍ତି। ବାହାରୁ ଆସୁଥିବା ଜିନିଷର ମୂଲ୍ୟ ତାଙ୍କ ମୂଲ୍ୟଠାରୁ କମ୍ ଓ ଚିକ୍କଣ ରହୁଛି। ସେମାନେ ଯେତେ ଭଲ ଜିନିଷ ବନେଇଲେ ବି ଚାହିଦା କମିବାରେ ଲାଗିଛି। ଫଳରେ ସେମାନଙ୍କ ଗଡ଼ା ମଜୁରି ମଧ୍ୟ ଉଠିପାରୁ ନାହିଁ। ସେଥିପାଇଁ ସେମାନଙ୍କ ବୃତ୍ତି ବୁଡ଼ିବାକୁ ବସିଛି। କାରିଗରମାନେ ବୃତ୍ତିରୁ ମୁହଁ ଫେରାଇଲେଣି। ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ମିଳିଲେ ସେମାନଙ୍କ ବୃତ୍ତି ଆଗକୁ ବଢ଼ିପାରନ୍ତା ବୋଲି ଗ୍ରାମର ମାଟି କାରିଗର ପ୍ରଶାନ୍ତ ସାହୁ, ଅମୂଲ୍ୟ ସାହୁ, ସନାତନ ବେହେରା, ଖଗେଶ୍ୱର ବେହେରା, ଭାଗିରଥୀ ମୁଦୁଲି ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି।

# ଉତ୍କଳ କେଶରୀଙ୍କ ଜୟନ୍ତୀ




ଭଦ୍ରକ, ୨୨ା୧୧ (ରବିନାରାୟଣ ଖିଲାର)

ଭଦକ୍ରର ଡ. ମହତାବ ଜୟନ୍ତୀ କମିଟି ପକ୍ଷରୁ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପଠାରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ କରାଯାଇଥିଲା। ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଗୟାଧର ପଣ୍ଡା, ମୁଖ୍ୟବକ୍ତା ପ୍ରାଧ୍ୟାପକ ନାସିର ବକ୍ସ, ବରେଣ୍ୟ ଅତିଥି ସାହିତ୍ୟିକ ରତିକାନ୍ତ ଦାସ ଏବଂ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସନ୍ତୋଷ ଦାସ, ଅତିଶ ବେହେରା, ଶିକ୍ଷାବିତ୍ ରମାକାନ୍ତ ନାୟକ, ଅଧ୍ୟାପକ ଶିବଚରଣ ଖାମୁରାଇ, ସାହିତ୍ୟିକ ବାବୁଲାଲ ଦାସ, ଡା. ଅନିଲ କୁମାର ଦାଶ, ଆର୍ଏସ୍ଏସ୍ ଜିଲା ସମ୍ପାଦକ ବସନ୍ତ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କବୟିତ୍ରୀ ଗୀତାରାଣୀ ଆଇଚ, ନାରୀନେତ୍ରୀ କଳ୍ପନା ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ଦମୟନ୍ତୀ ରାଉତ, ଦମୟନ୍ତୀ ନାଥ, ସରୋଜିନୀ ନାୟକ, ସଂଯୁକ୍ତା ଯାଦବ, ଗୌରାଙ୍ଗ ବାରିକ ପ୍ରମୁଖ କବିତା ପାଠ କରିଥିଲେ। ସଙ୍ଗୀତଜ୍ଞ ପ୍ରଶାନ୍ତ ପଟ୍ଟନାୟକ ପ୍ରାରମ୍ଭିକ ସଂଗୀତ ଗାଇଥିଲେ।

# ‘ବହିର ବିକଳ୍ପ ନାହିଁ’

**ସରିଲା ଭଦ୍ରକ ପୁସ୍ତକ ମେଳା**

ଭଦ୍ରକ,୨୨ା୧୧ (ସନାତନ ରାଉତ)

ବହିର ବିକଳ୍ପ ନାହିଁ ବୋଲି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି। ସ୍ଥାନୀୟ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ଭଦ୍ରକ ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ଶୁକ୍ରବାର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସଞ୍ଜୀବ ମଲ୍ଲିକ ଏହି ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଡା. ରବୀନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ପୁସ୍ତକ ମେଳା ହେଉଛି ଆମର ପୁରାତନ ସଂସ୍କୃତି। ମା’ମାନେ ରାତିରେ ଶୋଇବା ବେଳେ ପିଲାମାନଙ୍କୁ ଆମ ସଂସ୍କୃତି ବିଷୟରେ ସମ୍ୟକ୍ ଧାରଣା ଦେବା ଆବଶ୍ୟକ। ଏହାଦ୍ୱାରା ପିଲାମାନେ ଆମ ସଂସ୍କୃତିକୁ ଜାଣିପାରିବେ ଓ ବୁଝିପାରିବେ। ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଯୁଗ ବଦଳିବା ସହ ବହିର ଚାହିଦା କମିଛି, କିନ୍ତୁ ବହିଟିଏ ଧରି ପଢ଼ିବା ଆଉ ଡିଜିଟାଲ ଦୁନିଆ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି ବୋଲି କହିଥିଲେ। ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଥିଲେ, ସୂଚନା ଅଧିକାର ଆଇନ ଯୋଗୁ କୌଣସି ବ୍ୟବସ୍ଥାକୁ ଲୁଚାଇ ହେଉନାହିଁ। ଆଇନର ଅବଦାନ ଅତୁଳନୀୟ କହିବା ସହ ସୂଚନା ଅଧିକାର ଆଇନ ସମ୍ବନ୍ଧରେ ବହୁ ଉପାଦେୟ ତଥ୍ୟ ସେ ଉପସ୍ଥାପନ କରିଥିଲେ। ପୁସ୍ତକ ମେଳା କମିଟିର ସଭାପତି ଅଜୟ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ରତିକାନ୍ତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଧାକର ରାଉତ ଧନ୍ୟବାଦ ଦେଇଥିଲେ।



ଉଦ୍‌ଯାପନୀ ସନ୍ଧ୍ୟାରେ ଚିତ୍ରଶିଳ୍ପୀ ରତିକାନ୍ତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଜ୍ଞାନମେଳା: କୃତୀ ପ୍ରତିଯୋଗୀ ପୁରସ୍କୃତ



ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ବାସୁଦେବପୁର,୨୨ା୧୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ୍ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେବା ଦରକାର ବୋଲି ବିଧାୟକ କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ପାଢ଼ୀ ଏବଂ ଅନ୍ୟତମ ଅତିଥି ଭାବେ ବେତଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଇଂ. ଭାଗୀରଥି ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ଗୟାଧର ମହାପାତ୍ର ସଭାରେ ସଭାପତିତ୍ୱ କରିଥିବା ବେଳେ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଦୈତାରୀ ବେହେରା ଓ ଶ୍ରୀକାନ୍ତ ପାକଳ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଶିକ୍ଷକ ହରେକୃଷ୍ଣ ମହାରଣା ଅତିଥି ପରିଚୟ ପ୍ରଦାନ ଓ ନରସିଂହପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମାକାନ୍ତ ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ମାସିକ ବୈଠକ

ଚାନ୍ଦବାଲି,୨୨ା୧୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଗୋପାଳପୁର କ୍ଲଷ୍ଟର ଅଧୀନ ବାଲିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ବୈଠକରେ ଗୋପାଳପୁର ସାଧନକେନ୍ଦ୍ର ସଂଯୋଜକ ତପନ ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ଅନୀଲ କୁମାର ମିଶ୍ର, ପ୍ରଦୀପ ଦାଶ, ମାଧବାନନ୍ଦ ଓଝା, ନିଶାକର ନାଥ, ବୀଣାପାଣି ଦ୍ୱିବେଦୀ, ପଦ୍ମାବତୀ ଖୁଣ୍ଟିଆ ଓ ଆଲୋକ କୁମାର ଦାସ ଯୋଗ ଦେଇଥିଲେ। ସିଆର୍‌ସିସି ସାହୁ ନମୁନା ପାଠ୍ୟ ଯୋଜନା ଓ ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ କରିଥିଲେ। ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ମାନ ନିର୍ଦ୍ଧାରଣ ଓ କ୍ୟାରିଅର ମାର୍ଗଦର୍ଶନରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ୧୫ ବିଦ୍ୟାଳୟରୁ ମୋଟ ୩୦ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ। ବିଚିତ୍ର ପାତ୍ର, ସୁରଥ ନାୟକ, ସସ୍ମିତା ନାୟକ, ସୂର୍ଯ୍ୟକାନ୍ତ ସେଠୀ, ମାୟାଧର ସାହୁ, ସୁଦର୍ଶନ ସାହୁ, ମମତା ନାୟକ, ସମିତା ଦାସ, ମନସ୍ୱିନୀ ପାଣି, ମାନସୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

# ଶେଷଦିନରେ ଧରିତ୍ରୀ ଷ୍ଟଲ୍‌ରେ ଭିଡ଼

ଭଦ୍ରକ, ୨୨ା୧୧(ସନାତନ ରାଉତ)

ଭଦ୍ରକ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାର ଶେଷଦିନରେ ଶୁକ୍ରବାର ଧରିତ୍ରୀ ଷ୍ଟଲ୍‌ରେ ଭିଡ଼ ହୋଇଛି। ସନ୍ଧ୍ୟାରେ ବହୁ ବୁଦ୍ଧିଜୀବୀ ଓ ବିଭିନ୍ନ ବର୍ଗର ଲୋକେ ଷ୍ଟଲ୍ ପରିଦର୍ଶନ କରିଛନ୍ତି। ଓଡ଼ିଶାର କଳା, ସଂସ୍କୃତି ଓ ସାମାଜିକ ଘଟଣାବଳୀକୁ ନେଇ ଧରିତ୍ରୀର ବିଶେଷାଙ୍କ ପ୍ରକାଶ ପାଉଛି। ଏବେ ଅନେକ ଖବରକାଗଜ ପ୍ରକାଶ ପାଉଥିବା ବେଳେ ଏକମାତ୍ର ‘ଧରିତ୍ରୀ’ ବ୍ୟବସାୟଠାରୁ ଦୂରରେ ରହିଛି ବୋଲି ଷ୍ଟଲ୍‌ରେ ହୋଇଥିବା ଆଲୋଚନାରେ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର କମଳାକାନ୍ତ ସ୍ୱାଇଁ, ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକ, ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ବରିଷ୍ଠ ନାଗରିକ ମଞ୍ଚର ଜିଲା ସଭାପତି ଲଲାଟେନ୍ଦୁ ମହାନ୍ତି, ପଦ୍ମନ ରାୟ ପ୍ରମୁଖ ଷ୍ଟଲ୍ ପରିଦର୍ଶନ କରିଥିଲେ।ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଷ୍ଟଲ୍ ବୁଲି ଦେଖିଥିଲେ। ‘ଅକଳରେ ଅର୍ଥନୀତି’, ‘ସୂତାଖିଅରେ ବିଶ୍ୱ’, ‘ହକି ଓଡ଼ିଶାର ବିଶ୍ୱ’ ଆଦି ବିଶେଷାଙ୍କକୁ ପଢ଼ିବା ସହ ‘ଦାରୁଦିଅଁ’ ପ୍ରତି ଲୋକଙ୍କ ଆଗ୍ରହ ପରିଲକ୍ଷିତ ହୋଇଥିଲା। ବହୁ ସଂଖ୍ୟାରେ ପାଠିକା ପାଠକ ଷ୍ଟଲ୍‌ରୁ ନିଜ ପସନ୍ଦର ବହି ସଂଗ୍ରହ କରିଛନ୍ତି।




ଧରିତ୍ରୀ ଷ୍ଟଲ୍‌ରେ ଉପସ୍ଥିତ ବୁଦ୍ଧିଜୀବୀମାନେ।

# ରାଜ୍ୟସ୍ତରୀୟ ବରିଷ୍ଠ କବାଡ଼ି ପ୍ରତିଯୋଗିତାରେ ଭଦ୍ରକର ଖେଳାଳି



ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳା ଓ ପୁରୁଷ ଦଳର ଖେଳାଳି।

ଭଦ୍ରକ,୨୧ା୧୧(ସନାତନ ରାଉତ)

ଗଞ୍ଜାମ ଜିଲାର ଆସିକାଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତିନିଦିନ ବ୍ୟାପୀ ରାଜ୍ୟସ୍ତରୀୟ ବରିଷ୍ଠ କବାଡ଼ି ପ୍ରତିଯୋଗିତାରେ ଭଦ୍ରକ ଜିଲାର ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି। ଜିଲା ଆଥ୍‌ଲେଟିକ ସଂଘର ସମ୍ପାଦକ ଧିରେନ ପଲେଇ, କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ, ରବିନାରାୟଣ ଓଝା ଓ ସଂଗ୍ରାମୀ ଦେବଦତ୍ତ ନାୟକ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଦଳ ଘୋଷଣା ପରେ ଜିଲା କ୍ରୀଡ଼ା ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଶ୍ୟାମଳ କୁମାର ରାୟ ଖେଳାଳିମାନଙ୍କୁ ଭେଟି ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଦଳ ସହ କୋଚ୍ ସୁମନ୍ତ ନାୟକ ଯାତ୍ରା କରିଛନ୍ତି। ମହିଳା ଦଳରେ ଅଧିନାୟିକା ଭାବେ ସ୍ୱିପିକା ରାଉତ ଓ ପୁରୁଷ ଦଳରେ ଅଧିନାୟକ ଭାବେ ଚନ୍ଦନ କୁମାର କରଙ୍କ ନେତୃତ୍ୱରେ ଉଭୟ ଟିମ୍ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

# ହିନ୍ଦୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଅସୁରାଲି,୨୨ା୧୧ (ସନ୍ତୋଷ ପ୍ରଧାନ)

ଧାମନଗର ବ୍ଲକ ବମକୁରା ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ କରଶର୍ମାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ରମାକାନ୍ତ ପରିଡ଼ା, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ଶିକ୍ଷକ ହରିହର ସାମଲ, କାଳନ୍ଦୀ ଚରଣ ଦ୍ୱିବେଦୀ, ହେମନ୍ତ ସୂତାର, ସୁଜାତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ୧୯୯୨ ମସିହାରୁ ହିନ୍ଦୀ ଶିକ୍ଷୟିତ୍ରୀ ଭାବେ ଚାକିରି ଜୀବନ ଆରମ୍ଭ କରି ଶେଷରେ ବମକୁରା ସରକାରୀ ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି। ବିଦାୟୀ ଶିକ୍ଷୟିତ୍ରୀ କରଶର୍ମାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଉଜ୍ଜ୍ୱଳ ଦଳେଇ, କାଳୀଚରଣ ମାରାଣ୍ଡି, ଆଶିଷ କୁମାର ମଲ୍ଲିକ, ମଧୁସୂଦନ ମାଝୀ, ମାନସ ରଞ୍ଜନ ନାୟକ, ଶୁଭଲକ୍ଷ୍ମୀ ସାହୁ, ପୂର୍ଣ୍ଣିମା ଦାସ, ସସ୍ମିତା ବଳ, ପ୍ରଣବ କିଶୋର ଦାସ, ସାଗରିକା ମିଶ୍ର, ଶଶିକାନ୍ତ ମଣ୍ଡଳ, ଆନନ୍ଦ ଚନ୍ଦ୍ର ପାଗଳ, କମଳ ଲୋଚନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ କରଶର୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ପାଲା ମହୋତ୍ସବ ପ୍ରସ୍ତୁତି

ବାସୁଦେବପୁର,୨୨ା୧୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକାର ସାତଭଉଣୀ ପୀଠସ୍ଥିତ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ କାର୍ଯ୍ୟାଳୟରେ ୯ମ ବାର୍ଷିକ ପାଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଲା ମଣ୍ଡଳରେ ଥିବା ଶତାଧିକ କଳାକାର ଏକତ୍ର ହୋଇ ମହୋତ୍ସବ କିପରି ସଫଳ ହୋଇପାରିବ, ସେନେଇ ଆଲୋଚନା କରିଥିଲେ। ଆସନ୍ତା ଜାନୁଆରୀ ୩୧ରୁ ୩ଦିନ ଧରି ନରେନ୍ଦ୍ରପୁର ଗ୍ରାମରେ ଅଧ୍ୟାପକ ଚିତ୍ତରଞ୍ଜନ ପଣ୍ଡାଙ୍କ ବାପା କହ୍ନେଇ ପଣ୍ଡାଙ୍କ ସ୍ମୃତିରେ ପାଲା ମହୋତ୍ସବ ହେବାକୁ ସ୍ଥିର ହୋଇଛି। ମହୋତ୍ସବରେ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ, ବିଧାୟକ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପାଲା ମଣ୍ଡଳ ସଭାପତି ସନାତନ ପୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସମ୍ପାଦକ କପିଳନାଥ ଶର୍ମା ବିବରଣୀ ପାଠ କରିଥିଲେ। ଉପସଭାପତି ବନବିହାରୀ ସାହୁ, ସାଂସ୍କୃତିକ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ସାଙ୍ଗଠନିକ ସମ୍ପାଦକ ରମାକାନ୍ତ ନାୟକ, ରଞ୍ଜନ ଜେନା, ଦୀନବନ୍ଧୁ ନାୟକ, ମଧୁସୂଦନ ନାୟକ, ପ୍ରମିଳା ମଲିକ, ସୁମିତ୍ରା ମଲିକଙ୍କ ସମେତ ଶତାଧିକ କଳାକାର ଯୋଗଦେଇ ପରାମର୍ଶ ଦେଇଥିଲେ।

# ୨ ଗୋଷ୍ଠୀ ମୁହାଁମୁହିଁ

ଭଣ୍ଡାରିପୋଖରୀ,୨୨ା୧୧
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ଦୋଳଗୋବିନ୍ଦପୁର ଗ୍ରାମରେ ଜବରଦଖଲ ଉଚ୍ଛେଦକୁ କେନ୍ଦ୍ରକରି ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ହାଇକୋର୍ଟଙ୍କ ଆଦେଶ ବଳରେ ଗତ ୧୯ ତାରିଖରେ ପ୍ରଶାସନ ପକ୍ଷରୁ ଏହି ଗ୍ରାମରେ ଆଲାମଚାନ୍ଦ ପୋଖରୀ ଆଡ଼ିରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହାପରେ ଜବରଦଖଲ ଉଚ୍ଛେଦକୁ ସମର୍ଥନକାରୀ ଓ ବିରୋଧୀଙ୍କ ମଧ୍ୟରେ ଆକ୍ଷେପ, ପ୍ରତି ଆକ୍ଷେପ କରାଯାଇଥିଲା। ଏନେଇ ଗୁରୁବାର ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୪୮୫/୨୪) ରୁଜୁ ହୋଇଛି।

# ୧.୨ କେଜି ରୁପା ଗହଣା, ପିସ୍ତଲ ଜବତ

ଚାନ୍ଦବାଲି,୨୨ା୧୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ଶଶିକାଦେଇପୁରଠାରେ ଗତ ୨ ତାରିଖରେ ହୋଇଥିବା ଏକ ଡକାୟତି ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତ ଗୁରୁବାର ଗିରଫ ହୋଇଛନ୍ତି। ସେମାନେ ହେଲେ ବାସୁଦେବପୁର ବ୍ଲକ ବିଦେଇପୁରର ସତ୍ୟଜିତ ନାୟକ(୨୩), ସୋର ଥାନା ଅଧୀନ ଅନନ୍ତପୁରର ସୂରଜ ମଲିକ(୩୭), ଖଇରା ଥାନା ଦୁଡିଗଡ଼ିଆ ଗ୍ରାମର ସଞ୍ଜୟ ଦାସ, ବାସୁଦେବପୁରର ଗହଣା ବ୍ୟବସାୟୀ ଆକାଶ ଦାସ ଓ ଘଣ୍ଟେଶ୍ୱରର ଶିବଶଙ୍କର ସାହୁ। ସେମାନଙ୍କଠାରୁ ୧.୨ କେଜି ରୁପା ଗହଣା, ୪ ମୋବାଇଲ, ୨ ବାଇକ୍ ଓ ଏକ ପିସ୍ତଲ ସହ ୪ଟି ଅଫୁଟା ଗୁଳି ଜବତ କରାଯାଇଥିବା ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ବାଂଶଡ଼ା ଥାନାଧିକାରୀ ଦେବରାଜ ଜେନା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୫ରୁ ୬ଜଣ ଡକାୟତ ଶଶିକାଦେଇପୁରର ବିଜୟ ନାୟକଙ୍କ ଘରେ ପଶି ତାଙ୍କ ପରିବାର ଲୋକଙ୍କୁ ପିସ୍ତଲ, ଖଣ୍ଡା ଦେଖାଇ କିଛି ସୁନା, ରୁପା ଗହଣା ସହ ଏକ ବାଇକ୍ ଓ ମୋବାଇଲ ଫୋନ୍ ନେଇଯାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ବାଂଶଡ଼ା ଏବଂ ଧାମରା ଥାନାଧିକାରୀ ୨ଟି ଟିମ୍ ଗଠନ କରି ଘଟଣାର ତଦନ୍ତ ଚଳାଇଥିଲେ। ଘଟଣାରେ ଏକାଧିକ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସମ୍ପୃକ୍ତ ଡକାୟତ ଗ୍ୟାଙ୍ଗ୍ ସ୍ଥାନୀୟ ଲୋକଙ୍କ ନିକଟରୁ ଖବର ସଂଗ୍ରହ କରି ଲୋକଙ୍କ ଗତିବିଧିକୁ ଲକ୍ଷ୍ୟ ରଖି ଡକାୟତି କରି ଆସୁଥିଲେ। ଏହି ଡକାୟତ ଗ୍ୟାଙ୍ଗ୍ ପାଖରେ କେତେ ମାରଣାସ୍ତ୍ର ଅଛି ଏବଂ କେଉଁଠୁ ପିସ୍ତଲ ଆଣୁଛନ୍ତି ତାହାର ତଦନ୍ତ ଚାଲିଛି। କଇଥଖୋଲା ଗୁଳିକାଣ୍ଡ ଘଟଣାରେ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ ୩ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରିବା ପରେ ବାଂଶଡ଼ା ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣିଥିଲା।



ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ସମ୍ପର୍କରେ ସୂଚନା ଦେଉଛି।

**ଶଶିକାଦେଇପୁରରେ ଡକାୟତି ଘଟଣା: ୫ ଗିରଫ**

ରିମାଣ୍ଡରେ ଆସିଥିବା ଅଭିଯୁକ୍ତ ଏବଂ ଅଟକ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମୁହାଁମୁହିଁ କରିବା ପରେ ବହୁ ତଥ୍ୟ ପୋଲିସର ହସ୍ତଗତ ହୋଇଛି। ଗିରଫ ୫ ଅଭିଯୁକ୍ତଙ୍କ ସହ ରିମାଣ୍ଡରେ ଆସିଥିବା ସୂର୍ଯ୍ୟକାନ୍ତ ନାୟକ(୨୨), ସର୍ବେଶ୍ୱର ନାୟକ(୨୮) ଏବଂ ସୁଶୀଲ ନାୟକ(୨୩)ଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଡକାୟତି କରି ନେଇଥିବା ସୁନାଗହଣାକୁ ସେମାନେ ବାସୁଦେବପୁରର ବ୍ୟବସାୟୀ ଆକାଶ ଏବଂ ଘଣ୍ଟେଶ୍ୱରର ଶିବଶଙ୍କରଙ୍କୁ ବିକ୍ରି କରିଥିଲେ। ସେମାନଙ୍କ ପାଖରୁ ଗହଣା କିଣିଥିବା ଲୋକଙ୍କୁ ମଧ୍ୟ ଥାନାକୁ ଡକାଇ ତଦନ୍ତ ଚାଲିଛି। ଏହି ଗ୍ୟାଙ୍ଗ୍‌ରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ନାୟକାଣୀଡିହୀ, ଚାନ୍ଦବାଲି ଓ ବାଂଶଡ଼ା ଥାନାରେ ମାମଲା ଥିବା ଥାନାଧିକାରୀ ଜେନା କହିଛନ୍ତି।

## ବସ୍‌କୁ ଧକ୍କା ଦେଲା ବାଇକ୍, ୨ ଗୁରୁତର

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଢେଙ୍କିକୋଟ ୨୨୦ ନଂ. ଜାତୀୟ ରାଜପଥର ମଙ୍ଗଳପୁର ପୋଲ ନିକଟରେ ଶୁକ୍ରବାର ବସକୁ ଏକ ବାଇକ୍ ଧକ୍କା ଦେଇ ୨ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ଯାଜପୁର ଜିଲା ପାଣିକୋଇଲି ଥାନା ମାଧପୁର ଗ୍ରାମର ଆଶିଷ ସାହୁ ଓ ଯୁବତୀ ଭୁବନେଶ୍ୱର ୟୁନିଟ ୬ର ବାଗମୟୀ ଶର୍ମା। ଉଭୟ ଘଟଗାଁର ଏକ ମାଇକ୍ରୋଫାଇନାନ୍ସରେ କାର୍ଯ୍ୟରତ ଅଛନ୍ତି। ପାଟଣାରୁ ଢେଙ୍କିକୋଟ ଅଭିମୁଖେ ଯାଉଥିବା ବେଳେ ବସକୁ ଧକ୍କା ଦେଇଥିଲେ।

**କେନ୍ଦୁଝର**

## ସଂକ୍ଷେପରେ

### ଜାତୀୟସ୍ତରୀୟ କ୍ରୀଡ଼ାରେ ଶ୍ରେୟାସଙ୍କୁ ବ୍ରୋଞ୍ଜ



ଶ୍ରେୟାସ ଜେନା

ହାଟଡ଼ିହୀ/ ଛେନାପଦି,୨୨।୧୧ (ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନୂଆରମ୍ଭାସ ଗ୍ରାମର ଶଶିକାନ୍ତ ଜେନା ଓ ଗାୟତ୍ରୀ ଚକ୍ରଙ୍କ ପୁଅ ଶ୍ରେୟାସ ଜେନା ଜାତୀୟ ପେନକାକ ସିଲାଟ(ଏକ ପ୍ରକାଶର ଯୁଦ୍ଧକଳା) ଚାମ୍ପିଅନଶିପ ୨୦୨୪-୨୫ କନିଷ୍ଠ ବିଭାଗରେ ଓଡ଼ିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଶ୍ରେୟାସ ପୂର୍ବରୁ ଜିଲାସ୍ତରୀୟ ପେନକାକ ସିଲାଟ ଚାମ୍ପିଅନଶିପ ଖେଳି ୪ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁରଠାରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସୌମ୍ୟରଞ୍ଜନ ନାୟକ ଓ ମନୋରଞ୍ଜନ ଭଞ୍ଜଙ୍କଠାରୁ ଶିକ୍ଷା ଗ୍ରହଣ କରୁଛନ୍ତି। ପ୍ରକାଶ ଯେ, ଖେଳ ନଭେମ୍ବର ୧୬ ରୁ ୧୮ ପର୍ଯ୍ୟନ୍ତ କାଶ୍ମୀର ଇନଡୋର କ୍ରୀଡ଼ାଙ୍ଗନ, ଶ୍ରୀନଗର, କାଶ୍ମୀର (ଜାମୁ କାଶ୍ମୀର)ରେ ଅନୁଷ୍ଠିତ ହୋଇଥିଲା। ଏହା ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହୋଇଥିଲା। ସଫଳତା ପାଇଁ ଈଶ୍ୱରଙ୍କ ସହ ତାଙ୍କର ବାପା, ମା', ଗୁରୁଜନ ଓ ପ୍ରଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

### ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

ଢେଙ୍କିକୋଟ,୨୨।୧୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳ ଢେଙ୍କିକୋଟ ପଞ୍ଚାୟତ ଢେଙ୍କିକୋଟର ବ୍ୟବସାୟୀ ନିତ୍ୟାନନ୍ଦ ସାହୁଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ଶେଷ ସମୟରେ ଏକମାତ୍ର ପୁତ୍ର ସୁବ୍ରତ ସାହୁ ଉପସ୍ଥିତ ଥିଲେ। ଢେଙ୍କିକୋଟ ବଣିକ ସଂଘର ସଭାପତି ରାଜକିଶୋର ସାହୁ, ସମ୍ପାଦକ ଲଲାଟେନ୍ଦୁ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ଦୁଃଖ ସନ୍ତପ୍ତ ପରିବାରକୁ ସମ୍ବେଦନା ଜଣାଇଥିଲେ। ତାଙ୍କ ବାଡ଼ିରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

### ବଣିଆପାଟ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

କେନ୍ଦୁଝର,୨୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): ସ୍ଥାନୀୟ କଲେଜରୋଡ଼ସ୍ଥିତ ବଣିଆପାଟ ଶିଶୁ ମନ୍ଦିରର ୨୯ତମ ବାର୍ଷିକକ୍ରୀଡ଼ା ଧରଣୀଧର ବିଶ୍ୱବିଦ୍ୟାଳୟର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ସମାରୋହରେ ମୁଖ୍ୟ ଅତିଥିଭାବେ ଭାରତୀୟ ସୈନ୍ୟ ବିଭାଗର ଅବସରପ୍ରାପ୍ତ ମେଜର କିଶୋର ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡା. ଅନିଲ ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ସମ୍ପାଦକ ଭାଗୀରଥି ଗିରି, ଉପ ସଭାପତି ହୃଦାନନ୍ଦ ପ୍ରଧାନ, ସଦସ୍ୟା ମନ୍ଦାକିନୀ ବେହେରା, ପଦ୍ମାବତୀ ଅମାନ୍ତ ଉପସ୍ଥିତ ଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦିନବନ୍ଧୁ ମହାକୁଡ଼ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ାରେ ଶିଶୁ ବାଟିକା ବିଭାଗରେ ମୋଟ ୪୮ ଜଣ , କନିଷ୍ଠ ବିଭାଗରେ ୧୫୦ ଜଣ, ଶିଶୁ ବିଭାଗରେ ୯୦, ବାଲବର୍ଗରେ ୧୪୦, କିଶୋର ବର୍ଗରେ ୭୮ ଏବଂ ଦଶମ ଶ୍ରେଣୀରେ ସ୍ୱତନ୍ତ୍ର ବିଭାଗରେ ୩୩ ଜଣ ଭଉଣୀ, ଭାଇ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନେ ସଙ୍କୁଳସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗନେବେ। ବାର୍ଷିକ କ୍ରୀଡ଼ାରେ ଓମ ନାରାୟଣ ମହାନ୍ତ, ନୀତିଶ ନାଏକ, ଓମ ପ୍ରକାଶ ନାଏକ, ଆୟୁଷ ମହାନ୍ତ ଚାମ୍ପିୟନ ହୋଇଛନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଭଉଣୀ, ଭାଇଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। କ୍ରୀଡ଼ାକୁ ବିଦ୍ୟାଳୟର ସମସ୍ତ ସେବାବ୍ରତୀ ମାନେ ପରିଚାଳନା କରିଥିଲେ।

# ପ୍ରଦୂଷଣର ପ୍ରତିକାର, ସବୁଜ ବଳୟ ପାଇଁ ପରାମର୍ଶ

**ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବଡ଼ବିଲ ଗସ୍ତ**

ବଡବିଲ,୨୨।୧୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲକୁ ୩ ମାସ ବ୍ୟବଧାନରେ ଶୁକ୍ରବାର ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଗସ୍ତ କରିଛନ୍ତି। ଗସ୍ତ ଅବସରରେ ରିଭ୍ୟୁ ମିଟିଂ କରି ଧୂଳି, ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ନିରାକରଣ ଓ ସବୁଜ ବଳୟ ପାଇଁ ପରାମର୍ଶ ଦେଇଥିଲେ। ସୂଚନା ଅନୁଯାୟୀ, ମନ୍ତ୍ରୀ ବଡ଼ବିଲରେ ଖଣି, ଜଙ୍ଗଲ ଓ ପରିବେଶ ବିଭାଗୀୟ ଅଧିକାରୀଙ୍କୁ ନେଇ ବଡ଼ବିଲସ୍ଥିତ ଓଡ଼ିଶା ଖଣି ନିଗମ ଏକଜ୍‌କ୍ୟୁଟିଭ ହଷ୍ଟେଲର କନ୍‌ଫରେନ୍ସ ହଲରେ ରିଭ୍ୟୁ ମିଟିଂ କରିଛନ୍ତି। ଅଗଷ୍ଟ ୬ରେ ମନ୍ତ୍ରୀ ବଡ଼ବିଲ ଗସ୍ତ କରି ରିଭ୍ୟୁ ମିଟିଂ କରିଥିଲେ। ୩ ମାସ ବ୍ୟବଧାନରେ ପୁଣି ବଡ଼ବିଲ ଗସ୍ତ କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ମିଟିଂ କରିଛନ୍ତି। ମିଟିଂରେ ଖଣି ବିଭାଗ, ପରିବେଶ ବିଭାଗ, ଜଙ୍ଗଲ ବିଭାଗ, ଶ୍ରମ ବିଭାଗ ଓ ଅନେକ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଅଞ୍ଚଳରେ ବାୟୁ ପ୍ରଦୂଷଣ ମାତ୍ରାଧିକ ରହୁଥିବା ନେଇ ମନ୍ତ୍ରୀ ଉଦବେଗ ପ୍ରକାଶ କରିଥିଲେ। ଏ ନେଇ କେଉଁ ପଦକ୍ଷେପ ନିଆଯାଉଛି, ତାହା ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସେଠାକୁ ଆସିଥିବା ବିଭିନ୍ନ ଖଣି ଓ କାରଖାନା ଅଧିକାରୀଙ୍କୁ ପ୍ରଦୂଷଣ ମାତାକୁ କିଭଳି କମ୍ କରାଯାଇପାରିବ। ସେ ନେଇ ନୂତନ ଜ୍ଞାନ କୌଶଳ, ଆଧୁନିକ ମେସିନର ବ୍ୟବହାର ସହ ସବୁଜ ବଳୟ ସୃଷ୍ଟି କରିବାକୁ ଖୁଣ୍ଟିଆ ପରାମର୍ଶ ଦେଇଥିଲେ। ସ୍ଥାନୀୟ ନିଯୁକ୍ତି ନିମନ୍ତେ ଖଣି ଓ କାରଖାନାରେ କେତେ ସ୍ଥାନୀୟ ଓ କେତେ ବାହାରୁ ନିଯୁକ୍ତି ଦିଆଯାଇଛି ତଥ୍ୟ ପ୍ରଦାନ କରିବାକୁ ମନ୍ତ୍ରୀ କହିଥିଲେ। ଏହା ବ୍ୟତୀତ ଖଣି ଓ କାରଖାନାର ମାଟି ରାସ୍ତାରୁ ମୁଖ୍ୟ ରାସ୍ତାକୁ ଓସାରିଆ କରିବା ସହ ପାର୍କିଂ ବ୍ୟବସ୍ଥା, ସବୁଜ ବଳୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଖଣି ଲିଜ୍‌ଧାରୀ ଓ କାରଖାନା କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଥିବା ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି।



ରିଭ୍ୟୁ ମିଟିଂରେ ଉପସ୍ଥିତ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଅନ୍ୟମାନେ।

# ଏନ୍‌ଏସ୍ ପୋଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କେନ୍ଦୁଝର,୨୨।୧୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସ୍ଥାନୀୟ ଏନ୍‌ଏସ୍ ପୋଲିସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଯୋଗଦେଇ ସମୟର ସଦୁପଯୋଗ, ପାଠ ସହିତ ଖେଳକୁ ଅଗ୍ରାଧିକାର, ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ସାଧନା ଜାରି ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷକ ଗୁରଦେବ ମହାନ୍ତ, କମଳ ଲୋଚନ ପ୍ରଧାନ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ମହାନ୍ତ ବାର୍ଷିକ କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ବିଜୟ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଗତିକୃଷ୍ଣ ମହାନ୍ତ ଏବଂ ଦଶମ ଶ୍ରେଣୀର ଛାତ୍ରୀ ଆଲିଶା ମୁର୍ମୁ ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ବିବେଚିତ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ବିବେକାନନ୍ଦ ରାଉତ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ରାଉତ, ଶିକ୍ଷୟିତ୍ରୀ ମମତାରାଣୀ ମହାନ୍ତ, ସାଗରିକା ସାହୁ, ଯାତ୍ରୀ ମହାନ୍ତ, କଳାବତୀ ଦେହୁରୀ, ଜୁନିଅର ଆସିଷ୍ଟାଣ୍ଟ ଚିନ୍ମୟ ପ୍ରଧାନ, ଶିକ୍ଷା କର୍ମଚାରୀ ଗଣେଶ୍ୱର ମୁଦୁଲି, ସୁଜାତା ନାଏକ ପ୍ରମୁଖ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ସନ୍‌ରାଇଜ କ୍ଲବ୍‌କୁ ହରାଇ ବହୁତ ହାର୍ଡ ଚାମ୍ପିୟନ



ଅତିଥିମାନେ ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ଅସେଇଁକଳାରେ ୪୯ତମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଯୋଡ଼ା,୨୨।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ଅଶେଇଁକଳାଠାରେ ଇଣ୍ଟର୍ କ୍ଲବ୍ ସ୍ପୋର୍ଟସ ଆଣ୍ଡ ଫୁଟବଲ କୋ ଅର୍ଡିନେଶନ କମିଟି ପକ୍ଷରୁ ଚାଲିଥିବା ୪୯ତମ ନକ୍ ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ଝାଡ଼ଖଣ୍ଡ ରାଜ୍ୟର ୩୨ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସନ୍‌ରାଇଜ୍ କ୍ଲବ୍ ସହିତ ବହୁତ ହାର୍ଡ ମଧ୍ୟରେ ଖେଳାଯାଇଥିଲା। ପେନାଲ୍‌ଟି ସଟ୍‌ରେ ସନ ରାଇଜ କ୍ଲବ୍‌କୁ ହରାଇ ବହୁତ ହାର୍ଡ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଫକିର ମୋହନ ନାୟକ, ଯୋଡ଼ା ପୂର୍ବତନ ନଗରପାଳ ଆର୍‌କେ ଦାସ, କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଏସ ପ୍ରଧାନ ଖଣି ମାଲିକ ସଞ୍ଜୀବ ପ୍ରଧାନ, କ୍ରାକର୍ସ ଇଣ୍ଡିଆ ଆଲୋୟେଜ ପ୍ଲାଣ୍ଟର ସିନିୟର୍ ଜିଏମ ବିଡି ଦାସ, ରଞ୍ଜିତ ମହାକୁଡ଼, ଅଶେଇଁକଳା ସରପଞ୍ଚ ଭାରତୀ ମୁଣ୍ଡା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୫୦ ହଜାର ସହିତ ଟ୍ରଫି ଓ ରନର୍ସଅପ ଦଳକୁ ୪୦ ହଜାର ସହିତ ଟ୍ରଫି ଓ ୭ ଜଣ କୃତୀ ଖେଳାଳିଙ୍କୁ ସାଇକେଲ ପ୍ରଦାନ କରିଥିଲେ। କମିଟି ସଭାପତି ପ୍ରିନ୍ସ ଆପଚ୍ଛ, ସମ୍ପାଦକ ପ୍ରସନ୍ନ ବେହେରା, ଉପଦେଷ୍ଟା ଦ୍ରୋଣ ବେହେରା, ଦୟାନିଧି ପାତ୍ର, କୋଷାଧ୍ୟକ୍ଷ ଶ୍ରୀନିବାସ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ମାଇକ୍ରୋ ପ୍ରୋଜେକ୍ଟ କର୍ମଚାରୀଙ୍କ ପେନ୍‌ସନ ଦାବି

କେନ୍ଦୁଝର,୨୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଅବସରପ୍ରାପ୍ତ ମାଇକ୍ରୋ ପ୍ରୋଜେକ୍ଟ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ପେନ୍‌ସନ୍ ଦାବି କରିଛନ୍ତି। ଜାତୀୟ ରାଜପଥ ଡାକବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀ କରି ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଦାବି ଉପସ୍ଥାପନା କରାଯାଇଛି। ଓଡ଼ିଶାର ୧୭ ଗୋଟି ମାଇକ୍ରୋ ପ୍ରୋଜେକ୍ଟର ୫୬ କର୍ମଚାରୀ ୩୫ରୁ ୩୮ ବର୍ଷ ପାର୍ବତ୍ୟ ଅଞ୍ଚଳରେ ଆଦିମ ଜନଜାତିଙ୍କ ପାଇଁ କାର୍ଯ୍ୟ କରି ଅବସର ନେଇଛନ୍ତି। ଜିଆଇଏସ ଓ ଜିପିଏଫ ମଧ୍ୟ ପାଇଛନ୍ତି। ପେନସନ ସୁବିଧାରୁ ବଞ୍ଚିତ ରହି ଅନାଟନରେ କାଳାତିପାତ କରୁଥିବା କହିଛନ୍ତି। ସରକାରଙ୍କ ନିକଟରେ ଦାବି କରିବା ସତ୍ତ୍ୱେ ପେନ୍‌ସନ୍‌ରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କବିତ୍ରା ଟା ମଙ୍ଗୁଲୁ ମାଝୀ ଓ ପଣ୍ଡାପଡ଼ାର ଚକ୍ରଧର ଜୁଆଙ୍ଗ ଶଯ୍ୟାଶାୟୀ ହୋଇଗଲେଣି। ଦାବିପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ ମାଇକ୍ରୋ ପ୍ରୋଜେକ୍ଟ କର୍ମଚାରୀ ସଂଘର ସଭାପତି ସତ୍ୟନାରାୟଣପ୍ରସାଦ କର, ସମ୍ପାଦକ ବିଷ୍ଣୁ ମହାକୁଡ଼, ବରିଷ୍ଠ ନାଗରିକ ବୁଟା ସିଂହ, ବେଣୁଧର ସାହୁ, ହୃଦାନନ୍ଦ ଦେବ, ଦୋଳଗୋବିନ୍ଦ ନାୟକ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମା' ଜଗତ ଜନନୀ ସେବାଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ

କେନ୍ଦୁଝର,୨୨।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ମା' ଜଗତ ଜନନୀ ସେବାଟ୍ରଷ୍ଟ ପକ୍ଷରୁ ଗରିବ ଏବଂ ଅସହାୟ ଲୋକଙ୍କୁ ମାଗଣାରେ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଜିଲାର ବିଭିନ୍ନ ପ୍ରାନ୍ତରେ କମ୍ବଳ ବଣ୍ଟନ କରାଯାଉଛି। ଜିଲାବାସୀଙ୍କ ମଙ୍ଗଳ ଏବଂ ଜିଲାର ସାମଗ୍ରିକ ଉନ୍ନତି ପାଇଁ ମା' ଜଗତ ଜନନୀ ସେବାଟ୍ରଷ୍ଟ ସର୍ବଦା ପ୍ରତିଜ୍ଞାବଦ୍ଧ ହୋଇ ରହିବ ବୋଲି ଟ୍ରଷ୍ଟର ସଦସ୍ୟ ତଥା ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜିବ କୁମାର ବେହେରା ସୂଚନା ଦେଇଛନ୍ତି। ଗରିବ ରୋଗୀଙ୍କୁ ଚିକିତ୍ସାର ସୁବିଧା ଯୋଗାଇ ଆସିଥିବା ଏହି ସଂସ୍ଥା ଦେବପୀଠର ଉନ୍ନତି, ପାନୀୟ ଜଳର ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା, ଶିକ୍ଷାର ବିକାଶ ପାଇଁ କାର୍ଯ୍ୟକରି ସାମାଜିକ ଦାୟିତ୍ୱବୋଧକୁ ଆପଣେଇ ଆସିଛି।



ସେବା ଟ୍ରଷ୍ଟ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

# ୧୦ ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ବଡଲା,୨୧।୧୧(ଦୁର୍ଗା ପ୍ରସାଦ ଆୟଚ )

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଗତ ୨୦ ରେ ହାଟଡ଼ିହୀ ହାଇସ୍କୁଲରେ ହୋଇଥିବା ଗଣିତ, ବିଜ୍ଞାନ ଓ ପରିବେଶ ମେଳାରୁ ୧୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ହାଟଡ଼ିହୀ ହାଇସ୍କୁଲର ଛାତ୍ର ସ୍ୱସ୍ତିକ ଶୁଭଙ୍କର ସ୍ୱାଇଁଙ୍କ ପର୍ସନାଲ ହାଇଜିନ୍ ଡ୍ୟୁରିଂ ମେନସୁରେସନ ପ୍ରକଳ୍ପ ବ୍ଲକ୍‌ସ୍ତରରେ ପ୍ରଥମ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛି। ମୁରୁପୁର ହାଇସ୍କୁଲର ଜ୍ଞାନେନ୍ଦ୍ର ସାହୁଙ୍କ ଏସିଡ୍ ରେନ୍, ଆରବି ହାଇସ୍କୁଲର ହୃଦୟରଞ୍ଜନ ଦାସଙ୍କ ସ୍ମାର୍ଟ ଟ୍ରେନ୍ ଓ ପ୍ଲାଟଫର୍ମ, ସୋସୋ ଉ.ପ୍ରା ବିଦ୍ୟାଳୟର ଦେବାନିଶ ରାଉତଙ୍କ ସ୍ମାର୍ଟ ଏଗ୍ରିକଲଚର ଫାର୍ମିଙ୍ଗ୍, ଶାସଙ୍କ ହାଇସ୍କୁଲର ଧିରେନ ବାରିକଙ୍କ ସ୍ମାର୍ଟ ଫରେଷ୍ଟ କନଜରଭେସନ, ଆଶାଦେବୀ ହାଇସ୍କୁଲ ଜମ୍ପିରାର ସୌମ୍ୟଜିତ ଜେନାଙ୍କ ଡିଜାଷ୍ଟର ଡ୍ରିମ ଭେସେଲ, ଆଦର୍ଶ ବିଦ୍ୟାଳୟ ସୁନ୍ଦରାପାଳର ଶ୍ରେୟାସ୍ୱୟଂସିନି ବେହେରାଙ୍କ ମ୍ୟାଥମାଟିକାଲ ଗ୍ରାଫ୍ ଗ୍ୟାଲେରି, ଗୋପିନାଥ ଜିଉ ହାଇସ୍କୁଲ ଆମ୍ଭୋର ଶୁଭସ୍ମିତା ପରିଡାଙ୍କ ଅଟୋମେଟିକ ୱାର୍ଟ ସେଗ୍ରିଗେସନ, ଆଦର୍ଶ ବିଦ୍ୟାଳୟ ସୁନ୍ଦରାପାଳର କିର୍ତ୍ତୀମାନ ପରିଡ଼ାଙ୍କ ମାଇଁ ଡ୍ରିମ୍ ଫ୍ୟୁଚର ସିଟି, ଶ୍ରୀ ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ଶିବ ସାହୁଙ୍କ ଆଣ୍ଟି ସୁଇସାଇଡ ଫ୍ୟାନ ପ୍ରକଳ୍ପଗୁଡ଼ିକ ଜିଲାସ୍ତରକୁ ମନୋନୀତ ହୋଇଛି। କୃତୀ ଛାତ୍ରୀଛାତ୍ରଙ୍କୁ ବିଇଓ ଓଁକାର ଅନ୍ୱେଶ, ଏବିଇଓ ତଥା ବିଆରସିସି ପ୍ରମୋଦ ନାୟକ ପ୍ରମୁଖ ପ୍ରଶଂସା କରିଥିଲେ।

### ୭୦ ଗଜସାଥୀଙ୍କୁ ପ୍ରଶିକ୍ଷଣ

ପାଟଣା,୨୨।୧୧(ବୀର କିଶୋର ଦାଶ): ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କେନ୍ଦୁଝର ଜିଲା ପାଟଣା ରେଞ୍ଜ କାର୍ଯ୍ୟାଳୟରେ ଶୁକ୍ରବାର ଗଜସାଥୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଖବରଦାତା ନୃସିଂହନାଥ ସିଂହ, ସମ୍ମାନିତ ଅତିଥିଭାବେ ପାଟଣା ବନପାଳ ପିଅନ ନାଏକ, ସାହାରପଡ଼ା ବନପାଳ ଭୂପତି ସେଠୀ ଓ ଖିରେଇଟାଙ୍ଗରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ହାତୀଙ୍କ ଦ୍ୱାରା ଫସଲ ହାନୀ ଜନିତ କ୍ଷତିପୂରଣ, ଜୀବନହାନୀ, ଘରଭଙ୍ଗା କ୍ଷତିପୂରଣ ସମ୍ପର୍କରେ ଆଲୋକପାତ କରିଥିଲେ। ହାତୀପଲଙ୍କୁ ସୁରକ୍ଷିତ ବିଚରଣ କ୍ଷେତ୍ରରେ ଗଜସାଥୀଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବନପାଳ ଡଲିରାଣୀ ସାହୁ, ଦେବଯାନୀ ମହାନ୍ତ, ଦୀପକ ରାଣାଙ୍କ ସହ ୭୦ଜଣ ଗଜସାଥୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ଢେଙ୍କା, ଧନୁର୍ଜୟପୁରରେ ଜନଜାତୀୟ ଗୌରବ ଦିବସ

ଛେନାପଦି,୨୨।୧୧(ନିରାକାର ପରିଡା)

କେନ୍ଦୁଝର ଜିଲା ଢେଙ୍କା ଓ ଧନୁର୍ଜୟପୁର ପଞ୍ଚାୟତର ୫ଟି ଗ୍ରାମରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଢେଙ୍କା ପଞ୍ଚାୟତସ୍ଥିତ ସଙ୍ଗମ, ପୁରୁଣାପାଣି ଓ ଝଣଝଣାଠାରେ ସରପଞ୍ଚ ସୁବାସିନୀ ସେଠୀଙ୍କ ସଂଯୋଜନାରେ ନୋ ଅଫିସର୍ ଭାବେ କନିଷ୍ଠଯନ୍ତ୍ରୀ ଧୀରେନ୍ଦ୍ର ମହାଲିକ, ପିଇଓ ସୁରେଶ ସେଠୀ, ଏଡ଼ିଇଓ ଭୋଳାନାଥ ମହାନ୍ତ, ଅଙ୍ଗନବାଡ଼ି କର୍ମୀ ମଞ୍ଜୁଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପୁରୁଣାପାଣିଠାରେ ବ୍ଲକ୍ ସାଧନ ସଂଯୋଜକ କାର୍ତ୍ତିକ ପାତ୍ର, ପିଇଓ ହରିହର ସେଠୀ, ଏଡ଼ିଇଓ ଅଶୋକ ସାହୁ, ଅଙ୍ଗନବାଡ଼ି କର୍ମୀ ଗୌରୀ କିସ୍କୁ ପ୍ରମୁଖ ଯୋଗଦେଇଥିଲେ। ଝଣଝଣାରେ ହାଟଡ଼ିହୀ ମସ ଅଧିକାରୀ ଶୁଭମ କୁମାର ପ୍ରଧାନ, ବିପିସି ଆଲୋକ ନାୟକ, ପିଇଓ ନିରାକାର ଦାସ, ଏଡ଼ିଇଓ ଶର୍ମିଷ୍ଠା ମଲ୍ଲିକ, ଅଙ୍ଗନବାଡ଼ି କର୍ମୀ ଭାରତୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ଧନୁର୍ଜୟପୁର ପଞ୍ଚାୟତସ୍ଥିତ କୁଶଟିକିରିଠାରେ ନୋଡାଲ ଅଫିସରଭାବେ କନିଷ୍ଠଯନ୍ତ୍ରୀ ହାଡ଼ିବନ୍ଧୁ ଗୁଡୁ, ପିଇଓ ଅମୀୟ ମାଝୀ, ଏଡିଇଓ ବିଦ୍ୟାଧର ସା, ଅଙ୍ଗନବାଡିକର୍ମୀ ଲକ୍ଷ୍ମୀପ୍ରିୟା ନାଏକ ଯୋଗଦେଇଥିଲେ। ଧନୁର୍ଜୟପୁରଠାରେ ନୋଡାଲ ଅଫିସର ଭାବେ ବିଜୟ ସେଠୀ, ପିଇଓ ଲକ୍ଷ୍ମୀକାନ୍ତ ନାହାକ, ଏଡ଼ିଇଓ ଦୁଃଖୀରାମ ସୋରେନ, ଅଙ୍ଗନବାଡ଼ି କର୍ମୀ ତ୍ରିବେଣୀ ପଦୁରିଆ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପେସା ଦାୟିତ୍ୱ ଓ କ୍ଷମତା, ସ୍ୱଚ୍ଛତା, ଶପଥ, ନିଶାମୁକ୍ତ ଗାଁ ଗଠନ ନିମନ୍ତେ ସଂକଳ୍ପ, ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

# ହନୁମାନ ମନ୍ଦିରରୁ ପୂଜା ସାମଗ୍ରୀ ଚୋରି

**ବାଇକ୍ ଛାଡ଼ି ଦୁର୍ବୃତ୍ତ ଫେରାର**

ପାଟଣା,୨୨।୧୧(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସ୍ୱାମ ଶାସନ ଛକ ନିକଟରେ ଥିବା ହନୁମାନ ମନ୍ଦିରରୁ ଦୁର୍ବୃତ୍ତ ମନ୍ଦିର ଓ ଷ୍ଟୋର ରୁମ୍‌ର ତାଲା ଭାଙ୍ଗି ପୂଜା ସାମଗ୍ରୀ, ସୁନା ଅଳଙ୍କାର ଚୋରି କରିନେଇଛନ୍ତି। ପୋଲିସ ପାଟ୍ରୋଲିଂ ସମୟରେ ଦୁର୍ବୃତ୍ତଙ୍କୁ ଅଟକାଇଥିବା ବେଳେ ବାଇକ୍ ଚୋରି ସାମଗ୍ରୀ ଛାଡ଼ି ପଳାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଦୁର୍ବୃତ୍ତ ମନ୍ଦିର ପରିସରରେ ପଶି ମନ୍ଦିର ଓ ଷ୍ଟୋରର ତାଲା ଭାଙ୍ଗି ପୂଜା ସାମଗ୍ରୀ ନେଇଯାଇଥିଲେ। ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ ସମୟରେ ୨୨୦ନମ୍ବର ପାଟଣା ଢେଙ୍କିକୋଟ ଜାତୀୟ ରାଜପଥରେ ଜଣେ ସନ୍ଦିଗ୍ଧ ବାଇକ ଚାଳଙ୍କୁ ପିଛା କରିଥିଲା। ଚାଳକ ବାଇକ ଛାଡ଼ି ଚମ୍ପଟ ମାରିଥିଲେ। ବାଇକରେ ଥିବ ୨ ବ୍ୟାଗରୁ ପୋଲିସ ଠାକୁରଙ୍କ ପୂଜା ପାଇଁ ବ୍ୟବହୃତ ପିତ୍ତଳ ବାସନ, ସୁନା ପଦକ, ଘଣ୍ଟ, ବାଲଟି, ପିତ୍ତଳ ପରାତ ଆଦିକୁ ଜବତ କରିଥିଲା। ପୂଜକଙ୍କଠାରୁ ସୂଚନା ପାଇ ଥାନା ଅଧିକାରୀ ଉଦୟବୀର କୁଲୁ ଶୁକ୍ରବାର ଚୋରି ସାମଗ୍ରୀ ମନ୍ଦିରକୁ ଆଣିଥିଲେ। କମିଟି ସଭାପତି ଓମ ପ୍ରକାଶ ପରିଡ଼ା, କମିଟି ସଦସ୍ୟ ବିରମୋହନ ଦ୍ୱିବେଦୀ, ପୂଜକ ଜିତେନ୍ଦ୍ର ମିଶ୍ର, ଅଲେଖ ତ୍ରିପାଠୀଙ୍କୁ ଦେଖାଇଥିଲେ। ସାମଗ୍ରୀଗୁଡ଼ିକ ମନ୍ଦିରର ପରିଚାଳନା କମିଟି ସଦସ୍ୟମାନେ ଚିହ୍ନଟ କରିଛନ୍ତି। ପୋଲିସ ଚୋର ଧରିବାକୁ ତନାଘନା ଆରମ୍ଭ କରିଛି।

# ଭାଗ ନେଇଛନ୍ତି ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

**ଜିଲାସ୍ତରୀୟ ସର୍ଗିଫୁଲ ମହୋତ୍ସବ**

କେନ୍ଦୁଝର,୨୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ସର୍ଗିଫୁଲ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାର ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୩୧ ଉଚ୍ଚ ବିଦ୍ୟାଳୟ, ୫୮ ଆଶ୍ରମ ବିଦ୍ୟାଳୟ, ୫ ଅନ୍ୱେଷା ହଷ୍ଟେଲ, ୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଗୋଟିଏ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରୁ ମୋଟ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସୌମ୍ୟ ସାର୍ଥକ ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ଜିଲା ଶିକ୍ଷା ନିରୀକ୍ଷକ(ଏସଏସ୍‌ଡି) ସଞ୍ଜୟ ଧଳ, ମୁଖ୍ୟ ବକ୍ତାଭାବେ ଧରଣୀଧର ବିଶ୍ୱ ବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ସୁଧାକର ଦାସ ଯୋଗଦେଇ ଭଲ ପଢ଼ନ୍ତୁ, ଭଲ ଖେଳନ୍ତୁ ଓ ଦେଶ ଜାତିର ନାମ ରଖନ୍ତୁ ବୋଲି ଶିଶୁଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶ, ବିଜ୍ଞାନ ଶିକ୍ଷକ ରଘୁନାଥ ସାହୁ, ବିଜ୍ଞାନ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି, ବିଜ୍ଞାନ ଶିକ୍ଷକ ସଞ୍ଜିନ ମହାନ୍ତିଙ୍କ ତତ୍ତ୍ୱାବଧାନରେ 'ବିପର୍ଯ୍ୟୟ ପରିଚାଳନାରେ ପ୍ରଯୁକ୍ତି ବିଦ୍ୟାର ଭୂମିକା' ବିଷୟରେ ବିଭିନ୍ନ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ ଓ ଅନ୍ୱେଷା ତରଫରୁ ୪୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲାସ୍ତରୀୟ ସର୍ଗିଫୁଲ ମହୋତ୍ସବରେ ପରମାନନ୍ଦ ସେଠୀଙ୍କ ତତ୍ତ୍ୱାବଧାନରେ ପ୍ରକାଶ ବେଜ, ଭରତ ଚନ୍ଦ୍ର ଦଳେଇ, ସୁକାନ୍ତି ଧଳ, ଭାଗ୍ୟଲକ୍ଷ୍ମୀ ପାତ୍ର ଏବଂ ସୁମିତ୍ରା ଦାସଙ୍କ ପରିଚାଳନାରେ ୧୫ଟି ବାଳକ ଦଳ ଏବଂ ୧୪ଟି ବାଳିକା ଦଳ ଏବଂ ସମୁଦାୟ ୨୦୩ ପିଲା ପ୍ରତିଯୋଗିତାରେ ଭାଗ ନେଇଥିଲେ। କେନ୍ଦୁଝର ଓ ଚମ୍ପୁଆର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତସିଂହାର ଓ ଅକ୍ଷୟ ପିଙ୍ଗୁଆ, କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଆଇଚ, ଗୋନାସିକା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୀର୍ଥନନ୍ଦ ସେଠୀ ଏବଂ ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଚନ୍ଦ୍ର ଶତପଥି, ନରଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅପରିମିତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ, କୃଷ୍ଣାଞ୍ଜନ ଆଚାର୍ଯ୍ୟ, ସନ୍ତୋଷ କୁମାର ସାହୁ ପରିଚାଳନା କରିଥିଲେ।

# ଉପାନ୍ତ ଅଞ୍ଚଳକୁ ଗଡୁନି ସରକାରୀ ବସ୍

**ବାରମ୍ବାର ଅଭିଯୋଗ ପରେ ବି ଫଳ ଶୂନ୍**

ଚମ୍ପୁଆ,୨୨।୧୧(ମହେଶ୍ୱର ଦାସ)



ପୂର୍ବ ସରକାର ରାଜ୍ୟବାସୀଙ୍କ ଗମନାଗମନ ସୁବିଧା ନିମନ୍ତେ ବ୍ଲକ୍ ମୁଖ୍ୟାଳୟରୁ ପଞ୍ଚାୟତଗୁଡ଼ିକ ନିମନ୍ତେ ଲକ୍ଷ୍ମୀ ବସ୍ ସେବା ପ୍ରଚଳନ କରିଥିଲେ। ବର୍ତ୍ତମାନ ତାହା ଲକ୍ଷ୍ମୀ ବସ୍ ଚିହ୍ନ ଉଠିଯାଇ ଓଏସ୍‌ଆର୍‌ଟିସି ବସ୍‌ଭାବେ ଜନସାଧାରଣଙ୍କୁ ସେବା ଯୋଗାଇଆସୁଛି। ସରକାର ସହ ବସ୍ ନାମ ପରିବର୍ତ୍ତନ ହୋଇଥିଲେ ବି ଉପାନ୍ତ ଅଞ୍ଚଳବାସୀ ସେବା ପାଇପାରୁନାହାନ୍ତି। ବସ ସେବା ଆରମ୍ଭର ୧ ବର୍ଷ ପରେ ବି ଚମ୍ପୁଆ ବ୍ଲକ୍‌ର ଉପାନ୍ତ ପଞ୍ଚାୟତ କୁଟାରିପୋଷିକୁ ଉକ୍ତ ବସ୍ ଚଳାଚଳ ହୋଇପାରିଲାନାହିଁ। ପୂର୍ବରୁ ପଞ୍ଚାୟତବାସୀ ବାରମ୍ବାର ଅଭିଯୋଗ କରିଥିଲେ ବି ଫଳ ଶୂନ ରହିଛି।

ସୂଚନା ଅନୁଯାୟୀ, ବସ୍ ରହଣି ପଞ୍ଚାୟତର ପୁରୁଷୋତ୍ତମପୁର ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ମାତ୍ର ଗୋଟିଏ ଥର ବି ଷ୍ଟାଣ୍ଡ ପାଖରେ ବସ୍ ପହଞ୍ଚିପାରିନାହିଁ। କୁଟାରିପୋଷି ପଞ୍ଚାୟତ ଏକ ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ହୋଇଥିବା ବେଳେ ବୈତରଣୀ ନଦୀ ଏହି ପଞ୍ଚାୟତକୁ ଅଲଗାକରି ରଖିଛି। ପଞ୍ଚାୟତର ପ୍ରାୟ ୭୦ ଭାଗ ସୀମା ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଲାଗି ରହିଛି। କୃଷିକୁ ପ୍ରାଧାନ୍ୟ ଦେଉଥିବା ପଞ୍ଚାୟତରେ ପ୍ରାୟ ୮୦ ଭାଗ ଲୋକ ଆଦିବାସୀ ଶ୍ରେଣୀର । ଅଞ୍ଚଳରେ ଯୁବତୀଯୁବକମାନେ ଉଚ୍ଚଶିକ୍ଷା ପାଇଁ ଚମ୍ପୁଆ ଆସିବାକୁ ପଡୁଛି। ବସ୍ ସେବା ପାଇଁ ଗାଁ ମୁଣ୍ଡରୁ ୩ କି.ମି. ଦୂର ଜାମୁଦଳକ ପଞ୍ଚାୟତ ଉପରେ ନିର୍ଭର କରୁଛନ୍ତି। ଶୀତ ଓ ଗ୍ରୀଷ୍ମ ଋତୁରେ ଯେନତେନ ପ୍ରକାରେ ଚମ୍ପୁଆ ମୁଖ୍ୟାଳୟକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆନୁଷଙ୍ଗିକ ସେବା ପାଇଁ ଯାଉଛନ୍ତି। ବର୍ଷାଦିନେ ଗମନାଗମନରେ ପ୍ରଭୂତ ସମସ୍ୟା ଦେଖାଦେଇଥାଏ। ସରକାରୀ ବସ୍ ଚଳାଚଳ ଫଳରେ ପଞ୍ଚାୟତବାସୀ ଗମନାଗମନର ସୁବିଧା ପାଇବା ନେଇ ଆଶାବାଦୀ ଥିଲେ। ମାତ୍ର ପଞ୍ଚାୟତକୁ ଆଜି ପର୍ଯ୍ୟନ୍ତ ବସ୍ ଗଡ଼ିପାରିଲା ନାହିଁ। ସରପଞ୍ଚ ଜୟରାମ ଚାତାର ଜିଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ କରିବା ସହ ଚମ୍ପୁଆ ବିଡିଓଙ୍କୁ ମଧ୍ୟ ଅବଗତ କରିଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। କଲେଜ ପଢୁଆ ପିଲା କଲେଜ ଯିବାରେ ଅସୁବିଧା ଭୋଗୁଛନ୍ତି। ଚାଷୀ ଉତ୍ପାଦକୁ ଚମ୍ପୁଆ ବଜାରକୁ ନେଇ ପାରୁ ନ ଥିବା ସେ କହିଛନ୍ତି। ଜିଲା ପରିବହନ ଅଧିକାରୀ ଗୌରବ ଜେନା କହିଛନ୍ତି, ୨ ମାସ ହେବ ଆପ୍ରୁଭାଲ ପାଇଁ ସରକାରଙ୍କୁ ପଠାଇଛୁ। ଜିପିଏସ ଓ ଆନୁସାଙ୍ଗିକ ବ୍ୟବସ୍ଥା ପରେ ଗାଡ଼ି ଚଳାଚଳ କରିବ।

## ମଦ ଜବତ, ୫ ଗିରଫ

ମୋରଡ଼ା,(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଶୁକ୍ରବାର ପଳାସବଧା, ମାକୁନ୍ଦ, ମାଳିହତା ଗ୍ରାମରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପ୍ରଶାନ୍ତ ମହାନ୍ତ, ବେବି ମହାନ୍ତ, ଖୁଣ୍ଟିଆ ମୁର୍ମୁ, ସୁମତି ସିଂ ଓ କମଳାକାନ୍ତ ସିଂ। ସେମାନଙ୍କଠାରୁ ମୋଟ ୭୨ ଲିଟର ଦେଶୀ ମଦ ଓ ୫.୫୦୦ ଲିଟର ବିଅର ଜବତ ହୋଇଥିବା ମୋରଡ଼ା ଅବକାରୀ ଥାନା ଅଧିକାରୀ ଦୀପକ ରାଉତ ସୂଚନା ଦେଇଛନ୍ତି।

**ମୟୂରଭଞ୍ଜ**

**ସଂକ୍ଷେପରେ**

## ୭୨ କୁଇଣ୍ଟାଲ ମହୁଲ ଜବତ

ବାରିପଦା,୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ଅବକାରୀ ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ମହୁଲ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଖୁଣ୍ଟା ଥାନା ଅଧୀନ ଆନନ୍ଦପୁର ଅଞ୍ଚଳର ଶିଖର ସିଂ(୪୦) ଓ କରକଚିଆ ଅଞ୍ଚଳର ଚିତ୍ତ ସିଂ(୩୫)। ଜିଲାରେ ବେଆଇନ ଦେଶୀ ମଦ କାରବାର ହେଉଥିବା ବେଳେ ଝାଡ଼ଖଣ୍ଡରୁ ମୟୂରଭଞ୍ଜ ଜିଲାକୁ ଚୋରା ମହୁଲ ଫୁଲ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ଜିଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ୟୁନିଟ–୧ ଇନ୍ସପେକ୍ଟର ଶ୍ରୀଧର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ପୂର୍ବ ଯୋଜନା ମୁତାବକ ଶୁକ୍ରବାର ସକାଳେ ଝାରପୋଖରିଆ ଥାନା ଅନ୍ତର୍ଗତ ଧାଙ୍ଗିଡିଶୋଳଠାରେ ମହୁଲ ବୋଝେଇ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଉକ୍ତ ଟ୍ରକ୍‌ରେ ଥିବା ୧୮୦ ବସ୍ତାରୁ ୭୨ କୁଇଣ୍ଟାଲ ମହୁଲ ଜବତ ହୋଇଥିଲା। ଯାହାର ଅନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ କହିଛି। ଏହି ଚୋରା ମହୁଲ କାରବାର ଚେର ଝାଡ଼ଖଣ୍ଡକୁ ଲମ୍ବିଥିବା ବେଳେ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଚଢ଼ାଉରେ ଇନ୍ସପେକ୍ଟର ମହାନ୍ତିଙ୍କ ସମେତ କନଷ୍ଟେବଲ ପ୍ରକାଶ ଚନ୍ଦ୍ର ଦେବତା, ଅମ୍ବିକା ନାୟକ, ସୌମ୍ୟ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ବଡ଼ସାହି,୨୨।୧୧(ସମ୍ବିତ କୁମାର ରାଉତ)– ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ବନଜା ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବଡ଼ସାହି ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ମଧୁସ୍ମିତା ଗିରି ସଭାରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ସୁକାନ୍ତ ପାତ୍ର, ସମ୍ମାନୀତ ଅତିଥି ଭାବେ ବଡ଼ସାହି ଆଇଆଇସି ଉମାଶଙ୍କର ନାୟକ ଓ ଏବିଇଓ ପଦ୍ମଲୋଚନ ଦାସ, ବସନ୍ତ ମଞ୍ଜରୀ ପଟ୍ଟନାୟକ, ରାଧିଆ ଚରଣ ମୁଣ୍ଡା ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ବିଜ୍ଞାନ ପ୍ରଦର୍ଶନୀର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଗଠନ ସମ୍ପାଦକ ତଥା ପ୍ରଧାନଶିକ୍ଷକ ଅଜିତ କୁମାର ଷଡ଼ଙ୍ଗୀ ଅନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳୀ ଯୋଗ ଦେଇଥିଲେ। ବିଭିନ୍ନ ବର୍ଗରେ ମୋଟ ୧୨୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲା। ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପିଲାମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

# ଅବାଧରେ ଚାଲିଛି ଚିମିନି ଇଟାଭାଟି

### ଉଚ୍ଛେଦ ଦାବିକଲେ ବ୍ଲକ୍ ଉପାଧ୍ୟକ୍ଷ

ବାରିପଦା,୨୨।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଅବାଧ ଚିମିନି ଇଟାଭାଟି ଚାଲିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଇଟଭାଟି ଯୋଗୁ ବାୟୁ ପ୍ରଦୂଷଣ ଓ ରାଜସ୍ୱହାନି ଘଟୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ଜିଲାବ୍ୟାପି ବେଆଇନ ଇଟାଭାଟି ଚାଲିଥିବା ବେଳେ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ବେତନଟୀ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି ଜିଲାପାଳ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉଚ୍ଛେଦ ଦାବି କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଖଣି ଓ ଖଣିଜ ସମ୍ପଦ ଉପ ନିର୍ଦ୍ଦେଶକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଉପ ଜିଲାପାଳ ଏବଂ ବେତନଟୀ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବେତନଟୀ ତହସିଲ ଅନ୍ତର୍ଗତ ପାଟଳିପୁରା ପଞ୍ଚାୟତରେ ବେଆଇନ ଭାବେ ଚିମିନି ଇଟା ଭାଟି ଚାଲିଛି। ଚିମିନି ଭାଟିକୁ ୨୦୨୩ରୁ ରାଜ୍ୟ ସରକାର ବନ୍ଦ କରିଛନ୍ତି। ମାତ୍ର କିଛି ବ୍ୟକ୍ତି ନିଜସ୍ୱ ଫାଇଦା ପାଇଁ ସରକାରଙ୍କ ନିୟମକୁ ଅମାନ୍ୟ କରି ଚାଲିଛନ୍ତି। ନିଜର ବ୍ୟବସାୟକୁ ଚଳାଇ ରଖିବା ପାଇଁ ଦାଦାଗିରି କରି ଭାଟିରେ ଶ୍ରମିକମାନଙ୍କୁ ରଖି କାମ କରୁଛନ୍ତି। ଏନେଇ ରାଜସ୍ୱ ନିରୀକ୍ଷକ ଜାଣି ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ କରି ନୀରବ ରହିଛନ୍ତି। ଫଳରେ ପରିବେଶ ପ୍ରଦୂଷଣ ହେବା ସହ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଇଟାଭାଟି ପାର୍ଶ୍ୱ ରାସ୍ତାରେ ଧୂଳି ଉଡ଼ି ବାଟୋଇମାନେ ଅଣ ନିଶ୍ୱାସୀ ହୋଇପଡୁଛନ୍ତି। ଭାଟି ଚଳାଇବା ନିମନ୍ତେ ଆବଶ୍ୟକ ଅନୁମତି ପୂର୍ବରୁ ତହସିଲ ପକ୍ଷରୁ ପ୍ରଦାନ କରାଯାଉଥିବା ବେଳେ ଏବେ ତାହାକୁ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ ହେବ ବୋଲି ବ୍ଲକ ଉପାଧ୍ୟକ୍ଷ ଚେତାବନୀ ଦେଇଛନ୍ତି।

## ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ମିଲର୍ସ


ମିଲର୍ସ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା,୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଧାନ କିଣା ସମସ୍ୟାକୁ ନେଇ ମିଲର୍ସମାନେ ସ୍ୱର ଉଠାଇଛନ୍ତି। କର୍ପୋରେଶନ ଜରିଆରେ ଏଫ୍‌ଏକ୍ୟୁ ଧାନର ଗୁଣବତ୍ତାକୁ ଚିହ୍ନଟ କରି ମିଲର୍ସଙ୍କୁ ପ୍ରଦାନ କରିବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକରେ ଉପସ୍ଥିତ ଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ନିକଟରେ ଦାବି ଜଣାଇଛନ୍ତି । ରାଜ୍ୟ ସଂଘର ୮ଦଫା ଦାବି ପୂରଣ ନ ହେଲେ ଧାନ କିଣା ସ୍ଥଗିତ ରଖାଯିବ ବୋଲି ମିଲର୍ସ ସଂଘ ଚେତାବନୀ ଦେଇଛି।

ଧାନ କିଣାକୁ ନେଇ କଟନୀଛଟନୀ ବାବଦରେ ମିଲର୍ସମାନଙ୍କ ପକ୍ଷରୁ ଦାବି ଉପସ୍ଥାପନା କରାଯାଇଛି। ମିଲରଙ୍କ ଚୁକ୍ତିନାମା ଅନୁଯାୟୀ ଦାବିଗୁଡିକ ମଧ୍ୟରେ କର୍ପୋରେସନ ଜରିଆରେ ଲ୍ୟାମ୍ପ ଓ ମଣ୍ଡି ମାଧ୍ୟମରେ କିଣାଯାଉଥିବା ଏଫଏକ୍ୟୁ ଧାନର ଗୁଣାବତ୍ତା ଠିକ୍ ହେବା ଉଚିତ। ଅଣ ଏଫଏକ୍ୟୁ ଧାନକୁ ଏଫଏକ୍ୟୁ ଗୁଣବତ୍ତା ନୀରିକ୍ଷଣ କରିବା, ସମସ୍ତ ମଣ୍ଡିରେ ଥିବା ଗୋଦାମଗୃହଗୁଡ଼ିକ ସଫା ରଖିବା, ଶୁଖାଇବା ଏବଂ ପରୀକ୍ଷଣ ପାଇଁ ଭିତ୍ତିଭୂମି ସଜାଡ଼ିବା, ମଣ୍ଡିରେ ଧାନ ଶୀଘ୍ର ପହଞ୍ଚାଇବା ସହିତ ଦିବାଲୋକରେ ଧାନ ଉଠାଇବା ନିମନ୍ତେ ସହଯୋଗ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା ମିଲର୍ସ ସଂଘ ପକ୍ଷରୁ ସିଦ୍ଧି ବିନାୟକ ଆଗ୍ରୋର ବିକାଶ ଅଗ୍ରୱାଲ, ସାଇ ଆଗ୍ରୋର ମୁକେଶ ଶର୍ମା, ରାଇରଙ୍ଗପୁରର ମୁକେଶ ଧନଧାନିଆ, ମନୀଷ ଅଗ୍ରୱାଲ ଓ ସୁନୀଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଗଡ଼ିଲା କୃଷି ସଚେତନତା ରଥ



ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲାପାଳ ହେମକାନ୍ତ ସୟ ଓ ଅନ୍ୟମାନେ।।

ବାରିପଦା,୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଖରିଫ ଧାନ ସଂଗ୍ରହ ବାର୍ତ୍ତା ବହନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ଏକ କୃଷକ ସଚେତନତା ରଥ ଗଡ଼ିଛି। ଜିଲାପାଳ ହେମକାନ୍ତ ସୟ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ସବୁଜ ପତାକା ଦେଖାଇ ବାରିପଦାଠାରୁ ଦୁଇଟି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଜିଲାରେ ଥିବା ୪ଟି ସବଡିଭିଜନରେ ମଧ୍ୟ ଏହି ସଚେତନତା ରଥ ଆରମ୍ଭ ହୋଇ ଧାନ ସଂଗ୍ରହ କାର୍ଯ୍ୟକ୍ରମ ସମାପ୍ତ ହେବ ପର୍ଯ୍ୟନ୍ତ ଚାଷୀମାନଙ୍କୁ ସଚେତନ କରାଇବ। ଡିସେମ୍ବର ୨୪ ତାରିଖରୁ ଜିଲାର ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ। ଏହି କୃଷକ ସଚେତନତା ରଥ ବିଭିନ୍ନ ବ୍ଲକରେ ବୁଲି ସଚେତନତା ବାର୍ତ୍ତା ଦେବା ସହ କୃଷକମାନଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ଉତ୍ସାହିତ କରିବ।

## ଘରେ ପଶି ଟଙ୍କା, ସୁନା ଲୁଟ

ଉଦଳା,୨୨।୧୧(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଥାନା ବଡ଼ଗୁଡୁଗୁ ଗ୍ରାମର ସୀତାନାଥ ଦତ୍ତଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ପରିବାର ଲୋକେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଘର ମୁଖ୍ୟ ଗେଟ ତାଲା ଭାଙ୍ଗି ଗଡ଼ରେଜରେ ଥିବା ନଗଦ ୪୦ ହଜାର ଟଙ୍କା ସହିତ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସେହିପରି ଗ୍ରାମର ପ୍ରଦୀପ ସାହୁ ଘରେ ଏକ ରୁମରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ବାହାର ପଟୁ କବାଟ ଦେଇ ଅନ୍ୟ ରୁମଗୁଡ଼ିକରେ ପଶି ଲୁଟି କରିବାକୁ ଚେଷ୍ଟା କରି କିଛି ନ ପାଇ ଖାଲି ହାତରେ ଫେରି ଯାଇଥିବା ଜଣାପଡ଼ିଛି। ପ୍ରଦୀପ ଶୋଇଥିବା ଘରେ ଟଙ୍କା ଏବଂ ଅଳଙ୍କାର ଥିବା କାରଣରୁ ତାହା ଦୁର୍ବୃତ୍ତଙ୍କ ହାବୁଡ଼ରୁ ବର୍ଞ୍ଚି ଯାଇଥିଲା। ଖବରପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରେଳଯାତ୍ରୀଙ୍କ ସମସ୍ୟା ନେଇ ଦାବିପତ୍ର

ରାଇରଙ୍ଗପୁର,୨୨।୧୧(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଭାୟା ଟାଟା ନଗର– ବାଦାମ ପାହାଡ଼ ରେଲୱେ ରୁଟ୍‌ରେ ଯାତାୟାତ କରୁଥିବା ଯାତ୍ରୀଙ୍କ ବିଭିନ୍ନ ସମସ୍ୟା ନେଇ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଦକ୍ଷିଣ ପୂର୍ବ ରେଲୱେ ଚକ୍ରଧରପୁର ଡିଭିଜନ ଜିଏମ୍ ଅନୀଲ କୁମାର ମିଶ୍ରାଙ୍କୁ ଅଳାଁଯୋଡ଼ି ଷ୍ଟେଶନ ମାଷ୍ଟର କମଳ କିଶୋର ସିଂହଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତ। ଅଁଳାଯୋଡ଼ି ଷ୍ଟେଶନରେ ଦ୍ୱିତୀୟ ପ୍ଲାଟଫର୍ମ ଏବଂ ଫୁଟ ଓଭର ବ୍ରିଜ୍ ନିର୍ମାଣ ସମେତ ଗୋରୁମହିଷାଣୀ ଏବଂ ଅଁଳାଯୋଡ଼ି ଷ୍ଟେଶନରେ ଯାତ୍ରୀଙ୍କ ସଂରକ୍ଷଣ ବୁକିଙ୍ଗ କାଉଣ୍ଟର କାର୍ଯ୍ୟକାରୀ କରିବା ନେଇ ଉଲ୍ଲେଖ କରାଯାଇଛି। ଏଥିସହ ବାଦାମପାହାଡ଼– ରାଉରକେଲା ଭାୟା ଟାଟା ନଗର ରେଳ ଷ୍ଟେଶନ ମଧ୍ୟରେ ୨ଟି ମେମୋ ଯାତ୍ରୀବାହୀ ଟ୍ରେନ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବ ଯାତାୟାତ ଘେନି ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହାର ସମାଧାନ ପାଇଁ ଦାବି କରାଯାଇଛି।

## କରଞ୍ଜିଆ ଓକିଲ ସଂଘ ପୂର୍ବତନ ସଭାପତିଙ୍କ ପରଲୋକ

କରଞ୍ଜିଆ ୨୨।୧୧(କବିତା ମହାନ୍ତ): କରଞ୍ଜିଆ ଓକିଲ ସଂଘର ପୂର୍ବତନ ସଭାପତି ବିଦ୍ୟାଧର ମହାନ୍ତ(୯୪)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସେ ୧୯୫୨ରେ କରଞ୍ଜିଆ କୋର୍ଟରେ ଓକିଲ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଓକିଲାତି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କେସ ପରିଚାଳନା କରି ସୁନାମ ଅର୍ଜନ କରିଥିଲେ। ସେ ୩ ଥର କରଞ୍ଜିଆ ଓକିଲ ସଂଘର ସଭାପତି ରହିବା ସହିତ ଯଶିପୁର ବ୍ଲକର ୨ ଥର ଅଧ୍ୟକ୍ଷ ଥିଲେ। ସମାଜସେବା କ୍ଷେତ୍ରରେ ମଧ୍ୟ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କରଞ୍ଜିଆସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ କରଞ୍ଜିଆ କୋର୍ଟ ପରିସରକୁ ନିଆଯାଇଥିଲା। ସେଠାରେ ଏଡିଜେ ଆଶିଷ ରଞ୍ଜନ ତ୍ରିପାଠୀ, ସବ୍‌ଜଜ ଅମିତ କୁମାର ସେଠ, ଓକିଲ ସଂଘ ସଭାପତି ବାଞ୍ଛାନିଧି ପୃଷ୍ଟି, ସମ୍ପାଦକ ଦିବ୍ୟ ପ୍ରସାଦ ସାହୁଙ୍କ ସହିତ ସଂଘର ବହୁ ଓକିଲ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କର ୨ ପୁଅ ଓ ୨ ଝିଅ ଅଛନ୍ତି।

## ଉଚ୍ଛେଦହେଲା ୩୬ ଦୋକାନ



ଜେସିବି ସାହାଯ୍ୟରେ ଦୋକାନ ଉଚ୍ଛେଦ କରାଯାଉଛି।

ବେତନଟୀ,୨୨।୧୧
(ଧରଣୀଧର ମହାନ୍ତି)

ବେତନଟୀ ଚଣ୍ଡିମନ୍ଦିର ବଜାର ଛକସ୍ଥିତ ରାସ୍ତା ପାର୍ଶ୍ୱରୁ ଶୁକ୍ରବାର ପ୍ରଶାସନ ୩୬ଟି ଦୋକାନ ଗୃହ ଉଚ୍ଛେଦ କରିଛି। ଦୀର୍ଘଦିନ ହେଲା ରାସ୍ତା ଜବରଦଖଲ କରି ଏହି ଦୋକାନ ଗୃହଗୁଡ଼ିକ ନିର୍ମାଣ ହୋଇଥିବା ବେଳେ ଏହାକୁ ଉଚ୍ଛେଦ କରିବା ପାଇଁ ଦାବି ହେଉଥିଲା। ଏନେଇ ସୁନିଲ ଅଗ୍ରୱାଲ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଶୁକ୍ରବାର ସେଠାରେ ଥିବା ୪୧ ଟି ଦୋକାନ ମଧ୍ୟରୁ ୩୬ଟି ଦୋକାନକୁ ବେତନଟୀ ତହସିଲଦାରଙ୍କ ଦ୍ୱାରା ଉଚ୍ଛେଦ କରାଯାଇଛି। ଅନ୍ୟ ୫ଟି ଦୋକାନ ମଧ୍ୟରୁ ୩ଟି ଦୋକାନ ଆସନ୍ତା ଫେବୃୟାରୀ ୩ ତାରିଖ ପର୍ଯ୍ୟନ୍ତ ଓ ଆଉ ଦୁଇଟି ଦୋକାନକୁ ଏକ ମାସ ପାଇଁ ହାଇକୋର୍ଟଙ୍କ ରହିତାଦେଶ ଫଳରେ ଉଚ୍ଛେଦ କରାଯାଇନାହିଁ। ମାଜିଷ୍ଟ୍ରେଟ ଭାବେ ମୋରଡ଼ା ତହସିଲଦାର ବିଦ୍ୟାଧର ଦଣ୍ଡପାଟ ଓ ବେତନଟୀ ଭାରପ୍ରାପ୍ତ ତହସିଲଦାର ଦୀପକ କୁମାର ଦାସଙ୍କ ଉପସ୍ଥିତିରେ ଜେସିବି ସାହାଯ୍ୟରେ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ବେତନଟୀ ତହସିଲ ଅଫିସ କର୍ମଚାରୀ ଓ ଆଇନଶୃଙ୍ଖଳା ପାଇଁ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ସହିତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କାରାଗାରରୁ ମୁକ୍ତ ହେଲେ ୨ ଅନ୍ତେବାସୀ

ବାରିପଦା,୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମଣ୍ଡଳ କାରାଗାରରେ କାରାଦଣ୍ଡ ଭୋଗୁଥିବା ୨ ଅନ୍ତେବାସୀ ମୁକ୍ତ ହୋଇଛନ୍ତି। ସେମାନେ ହେଲେ ରାଇରଙ୍ଗପୁର ଅଞ୍ଚଳର ଜୟନ୍ତ ସାମନ୍ତରାୟ ଏବଂ ଝାଡ଼ଖଣ୍ଡ ଇଷ୍ଟ ସିଂହଭୂମ ଜିଲାର ଖୁଦିରାମ ମାର୍ଣ୍ଡି। ଜୟନ୍ତଙ୍କୁ ୨ବର୍ଷ କାରାଦଣ୍ଡ ସମେତ ୧୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୧ବର୍ଷ କାରାଦଣ୍ଡାଦେଶ ଓ ଖୁଦିରାମଙ୍କୁ ୧୦ବର୍ଷ କାରାଦଣ୍ଡ ସମେତ ୫ହଜାର ଟଙ୍କା ଜୋରିମାନା ଏବଂ ଅନାଦାୟ ଅଧିକ ୬ମାସ କାରାଦଣ୍ଡ ଭୋଗିବା ପାଇଁ କୋର୍ଟ ରାୟ ପ୍ରଦାନ କରିଥିଲେ। ତେବେ ଉଭୟ ବାରିପଦା ମଣ୍ଡଳ କାରାଗାରରେ ଅନ୍ତେବାସୀ ଭାବେ କାରାଦଣ୍ଡ ଭୋଗି ସାରିଥିବା ବେଳେ କୋର୍ଟ ଦ୍ୱାରା ନିର୍ଦ୍ଧାରିତ ଜରିମାନା ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ। ଜରିମାନା ଟଙ୍କା ପରିଶୋଧ କରିପାରିବେ ନାହିଁ ବୋଲି ଉଭୟ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ଜଣାଇଥିଲେ। ସେମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଚଳିତ ଗରିବ ଆସାମୀ ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକଙ୍କୁ ସୁପାରିସ କରାଯାଇଥିଲା।ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ଏବଂ ଜିଲାପାଳଙ୍କ ତତ୍ତ୍ୱାବଧାନରେ କାରାମହାନିର୍ଦ୍ଦେଶକ ଉକ୍ତ ଜରିମାନା ଟଙ୍କା ପ୍ରଦାନ କରିଥିଲେ। ଏହାପରେ ୨ ଅନ୍ତେବାସୀଙ୍କୁ କାରାଗାରରୁ ମୁକ୍ତ କରାଯାଇଥିବା ସୂଚନା ମିଳିଛି। ଏନେଇ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳ ଓ କାରାପାଳ ଶଶୀକାନ୍ତ ମହାଳିକଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ଗୋପବନ୍ଧୁ ନଗର,୨୨।୧୧
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପସୁଦା ପଞ୍ଚାୟତ ସାନ ବେଲାକୁଟୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ମୋଟ ୧୪୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ପୁରୁଣା ବାରିପଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀ ସାଇସ୍ମିତା ପଣ୍ଡା ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଖୁଣ୍ଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ କ୍ରିଷ୍ଣା ପ୍ରିୟଦର୍ଶିନୀ ଜେନା ଯୋଗଦେଇ 'ବାଲ ବୈଜ୍ଞାନିକ ପ୍ରଦର୍ଶନୀ'କୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଡ.ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସମିତିସଭ୍ୟ ଭୀମ ସୋରେନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଅନାଦି ବିହାଣି, ସମ୍ମାନିତ ଅତିଥି ବିଆର୍‌ସିସି କୁଳମଣି ନାଏକ, ଏବିଇଓ ଆରତୀ ରାଉତ ଓ ରଞ୍ଜିତା ପଣ୍ଡା ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ସଭାରେ ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ସତ୍ୟ ନାରାୟଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ସାଠୁଆ, ଶିକ୍ଷକ ସମନ୍ୱୟ ସମିତ୍ର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ୧୦୦ ପ୍ରକଳ୍ପ ପ୍ରଦର୍ଶିତ

### ମୋରଡ଼ା ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

ମୋରଡ଼ା,୨୨।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାବିଭାଗ ଆନୁକୁଲ୍ୟରେ ନିଚୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ବିଜ୍ଞାନମେଳାରେ ମୋଟ ୧୦୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ବିଇଓ ମନମୋହନ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୁଣ୍ଟା ବ୍ଲକର ପୂର୍ବତନ ବିଇଓ ସୁଦର୍ଶନ ପଣ୍ଡା, ସମ୍ମାନିତ ଅତିଥିଭାବେ ଏବିଇଓ ପାଲୁ ହାଁସଦା,ସୂର୍ଯ୍ୟକାନ୍ତ ସେଠି, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ସେଠି, ପୁଥୁନାଥ ବାସ୍କେ, ହରେନ୍ଦ୍ର ମହାନ୍ତ, ନିଚୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପିକା ସେଠି, ସ୍ୱତନ୍ତ୍ର ଅତିଥିଭାବେ ଭାଲିଆଡିହା ପଞ୍ଚାୟତ ସରପଞ୍ଚ ସୌଦାମିନୀ ସିଂ ପ୍ରମୁଖ ମଞ୍ଚସୀନ ରହି ବିଜ୍ଞାନମେଳା ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ପ୍ରାଇମେରୀ ବିଭାଗର ୨୩ଟି ଏବଂ ସେକେଣ୍ଡାରୀ ବିଭାଗର ୭୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ମୋଟ ୨୪ଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଛି। ଜିଲାସ୍ତରୀୟକୁ ୭ଟି ପ୍ରକଳ୍ପ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଇଓ ହେମ୍ବ୍ରମ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଏଡିଇଓ ଶଶୀଧର ସିଂ, ବିଜ୍ଞାନ ସୁପରଭାଇଜର ଜ୍ଞାନରଞ୍ଜନ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷୟିତ୍ରୀ ଲିପିକା ସେଠି ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନମେଳା ଆୟୋଜନରେ ନିଚୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଭୀଷ୍ମଦେବ ମହାନ୍ତ,ସଞ୍ଜୟ କୁମାର ଦାସ,ସୁବାସ ସିଂ,ବାସନ୍ତୀ ମାଝୀ, ସୁନିତା ରାମ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ଉକ୍ତ ବିଜ୍ଞାନମେଳାରେ ପ୍ରଦର୍ଶିତ ହୋଇଥିବା ପ୍ରକଳ୍ପ 'ପ୍ରଦୂଷଣ ଓ ଆବର୍ଜନା ପରିଚାଳନା ପୁନଃ ବିନିଯୋଗ' ସମସ୍ତଙ୍କୁ ଆକୃଷ୍ଟ କରିଥିଲା ।କଉକ୍ତ ପ୍ରକଳ୍ପକୁ ଭୋଳଘାଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ସିଦ୍ଧିବିନାୟକ ମାହାନା ପ୍ରସ୍ତୁତ କରିଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ପାତ୍ର ପ୍ରକଳ୍ପର ଗାଇଡ୍ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## କେନ୍ଦୁଆ, ହାତୀଝୁରି ପଞ୍ଚାୟତ ନୂତନ ଗୃହର ଶିଳାନ୍ୟାସ

ବୈଶିଙ୍ଗା,୨୨।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଏବଂ ହାତୀଝୁରୀ ଗ୍ରାମ ପଞ୍ଚାୟତର ନୂତନ ଗୃହ ନିର୍ମାଣ ପାଇଁ ବଡ଼ସାହି ବିଧାୟକ ସନାତନ ବିଜୁଳି ଶିଳାନ୍ୟାସ କରିଛନ୍ତି।

ବୈଶିଙ୍ଗା ପଞ୍ଚାୟତ ୨୨ଟି ରାଜସ୍ୱ ଗ୍ରାମକୁ ନେଇ ଚାଲିଥିବା ବେଳେ ୨୦୧୭ ପଞ୍ଚାୟତ ନିର୍ବାଚନ ବେଳକୁ ଏହି ପଞ୍ଚାୟତ ଭାଙ୍ଗି କେନ୍ଦୁଆ ଏବଂ ବୈଶିଙ୍ଗା ପଞ୍ଚାୟତ ସୃଷ୍ଟି ହୋଇଥିଲା। ବୈଶିଙ୍ଗା ପଞ୍ଚାୟତର ନିଜସ୍ୱ ପଞ୍ଚାୟତ ଗୃହ ଥିବା ବେଳେ କେନ୍ଦୁଆ ପଞ୍ଚାୟତର ଗୃହ ନିର୍ମାଣ ହୋଇ ପାରି ନ ଥିଲା। ଗୃହ ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ ହୋଇଥିଲେ ମଧ୍ୟ ଜାଗା ସ୍ଥିର ହୋଇ ପାରୁ ନ ଥିଲା। ଫଳରେ ବୈଶିଙ୍ଗା ପଞ୍ଚାୟତ ଅଫିସର ପୁରୁଣା ଗୃହରେ କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିଲା। ଶେଷରେ ବର୍ତ୍ତମାନ ଚାଲୁଥିବା ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ପଛ ପଟ ପ୍ଲଟରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ଶୁକ୍ରବାର ସରପଞ୍ଚ ମନମୋହନ ମାଝୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିଜୁଳି ଯୋଗଦେଇ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ସମିତି ସଭ୍ୟ ଶ୍ରୀଧର ପଣ୍ଡିତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖା ପ୍ରମୁଖ ଯୋଗ ଦେଇଥିଲେ। ଏହି ସମୟରେ ଅନ୍ୟ କିଛି ଗ୍ରାମର ବାସିନ୍ଦା ଏହି ଶିଳାନ୍ୟାସ କାର୍ଯ୍ୟ ପୂର୍ବ ଚିହ୍ନିତ ଥିବା ଅନ୍ୟ ଏକ ଜାଗାରେ କରିବା ପାଇଁ ବିଧାୟକଙ୍କ ନିକଟରେ ଯୁକ୍ତି ବାଢ଼ିଥିଲେ। ବିଧାୟକ ଏ ନେଇ ସେମାନଙ୍କ ସହ ଆଲୋଚନା କରିବା ପରେ ସମସ୍ୟା ସମାଧାନ ହୋଇଥିଲା।


ଶିଳାନ୍ୟାସ ଉତ୍ସବରେ ବିଧାୟକ ସନାତନ ବିଜୁଳି ଓ ଅନ୍ୟମାନେ।

ସେହିପରି ଯୁଗୋଳ ଏବଂ ସନ୍ତରା ଗ୍ରାମପଞ୍ଚାୟତକୁ ଭାଙ୍ଗି ହାତୀଝୁରୀ ପଞ୍ଚାୟତ ଗଠନ ହୋଇଥିଲା। ପଞ୍ଚାୟତ ଗଠନର ୭ବର୍ଷ ପରେ ମଧ୍ୟ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇ ପାରୁ ନ ଥିଲା। ଭଡା ଘରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିଲା। ହିତାଧିକାରୀ ରାଶନ ସାମଗ୍ରୀ ଏବଂ ଭତ୍ତା ପାଇଁ ୫ କି.ମି. ଦୂର ଚାଲିଚାଲି ଯାଉଥିଲେ। ବହୁ ପ୍ରତୀକ୍ଷା ପରେ ୧୮ ନଂ. ଜାତୀୟ ରାଜପଥର ହାତୀଝୁରୀ ଛକ ପାର୍ଶ୍ୱରେ ଥିବା ବସୁଧା ପାଣି ଟାଙ୍କି ସଂଲଗ୍ନ ପ୍ଲଟରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ଶୁକ୍ରବାର ହାତୀଝୁରୀ ସରପଞ୍ଚ ସନାତନ ସିଂଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିଜୁଳି ଯୋଗଦେଇ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ସମିତି ସଭ୍ୟ କୃପା ମାର୍ଣ୍ଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖା, ସ୍ୱରୂପ ପଟ୍ଟନାୟକ, ପୀତାମ୍ବର ମହାପାତ୍ର, ରଶ୍ମିତା ମହାପାତ୍ର , ଦେବବ୍ରତ ପରିଡ଼ା, ମନୁ ମହାପାତ୍ର, କ୍ଷୀତିଶ ପାଢୀ ଏବଂ ଶତାଧିକ ପଞ୍ଚାୟତବାସୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ଘଟଣାରେ ୪ ଗିରଫ

ସୋର, ୨୨।୧୧(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ସବିରା ଷ୍ଟେଶନ ବଜାରରେ ଗତ ୨୧ତାରିଖ ବିଳମ୍ବିତ ରାତିରେ ଷ୍ଟେଟବ୍ୟାଙ୍କ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ହୋଇଥିଲା। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ସୋର ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି। ଏନେଇ ସୋର ଥାନା ପରିସରରେ ସିଟି ଡିଏସପି ଶ୍ରୁତାଂଶୁ ଶେଖର ନାୟକ ଓ ସୋର ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ଦ୍ୱାରା ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି। ଉକ୍ତ ଦିନ ସିମୁଳିଆ ଥାନା ଅଧୀନ ଡେଉରାଟି ଦୋକାନୀଗୁଡ଼ିକରୁ ୪ଜଣ ଲକ୍ଷାଧିକ ସାମଗ୍ରୀ ଓ ଟଙ୍କା ଚୋରି କରି ସ୍ଥାନୀୟ ଲୋକ ଓ ସିମୁଳିଆ ପୋଲିସ ଦ୍ୱାରା ଧରାପଡ଼ିଥିଲେ। ସୋର ପୋଲିସ ଏ ସମ୍ବନ୍ଧରେ ଖବରପାଇ ସେଠାରେ ପହଞ୍ଚିଥିଲେ। ଏଟିଏମର ସିସି କ୍ୟାମେରାକୁ ଆଧାର କରି ସମ୍ପୃକ୍ତ ୪ଜଣ ବୋଲି ଜାଣିପାରିଥିଲେ। ସେମାନେ ଏଟିଏମ ଭାଙ୍ଗି ଲୁଟ୍ ଉଦ୍ୟମ ଘଟଣାରେ ସମ୍ପୃକ୍ତ ଥିବା ନେଇ ପୋଲିସ ପାଖରେ ମାନିଥିଲେ। ଏମାନେ ମାସ ପୂର୍ବରୁ ସବିରାର ଏକ ଦୋକାନକୁ ଲୁଟ୍ କରିଥିବା ମାନିଛନ୍ତି। ୪ଜଣଙ୍କ ମଧ୍ୟରେ ୨ଜଣ ଯୁବକ ଥିବା ବେଳେ ୨ଜଣ ନାବାଳକ ଅଛନ୍ତି। ଯୁବକ ଦୁଇଜଣ ହେଲେ ବାସୁଦେବପୁର ଥାନା ଅଧୀନ କୁଣ୍ଡେଇ ଗ୍ରାମର ଲକ୍ଷ୍ମୀକାନ୍ତ ସାମୁଲ ଓ ଅନ୍ୟ ଜଣେ ନେଉଣ୍ଡିଆ ସାହି ଗ୍ରାମର ଯୁଧିଷ୍ଠିର ସେଠୀ। ନାବାଳକଙ୍କ ସୋର ଅଞ୍ଚଳର ଅଟନ୍ତି। ସେମାନଙ୍କଠାରୁ ହାତୁଡ଼ି ଓ ଭାଙ୍ଗିବା ପାଇଁ ସାମଗ୍ରୀ ଜବତ କରାଯାଇଛି। ସେମାନଙ୍କ ବିରୋଧରେ ଥିବା ମାମଲା ସମ୍ବନ୍ଧରେ ତଦନ୍ତ ଚାଲୁ ରହିଛି। ଏନେଇ ସୋର ଥାନାରେ କେସ୍ ନଂ. ୯୭୪/୨୪ ରୁଜୁ ହୋଇଛି।

### ୭ ବଖରା ପୋଡ଼ି ପାଉଁଶ

ସୋର, ୨୨।୧୧(ଜନ୍ମେଜୟ ମିଶ୍ର)

ସୋର ଥାନା ନଟାପଡ଼ା ପଞ୍ଚାୟତର ଚହଳିମା ଗ୍ରାମର ରାଜେନ୍ଦ୍ର ଭଞ୍ଜଙ୍କ ଘରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୭ ବଖରା ପୋଡ଼ିଯାଇଛି। ଘର ମଧ୍ୟରେ ଥିବା ଧାନଚାଉଳ ସହିତ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ସୋରର ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

### ୨୬ରେ ଜିଲାସ୍ତରୀୟ ପେନ୍‌ସନ ଅଦାଲତ

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡ଼ିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ)ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୬ ତାରିଖରେ ଜିଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସରକାରଙ୍କ ବିଭିନ୍ନ ବିଭାଗର ପେନସନ ମଞ୍ଜୁରକର୍ତ୍ତାମାନେ ଠିକ୍ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନସନ କାଗଜ ଏଜି କାର୍ଯ୍ୟାଳୟକୁ ପେନସନ ମଞ୍ଜୁରୀ ନିମନ୍ତେ ପଠାଇବା, ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅବସରକାଳୀନ ଦେୟ କାଗଜପତ୍ର ଓ ସେମାନଙ୍କର ପ୍ରାପ୍ୟ ଠିକ୍ ସମୟରେ ପାଇବା ନିମିତ୍ତ ତଥ୍ୟ ପ୍ରଦାନ କରାଯିବ। ଏଜି କାର୍ଯ୍ୟାଳୟ ପକ୍ଷରୁ ପେନସନର୍ସମାନଙ୍କ ଅବସରକାଳୀନ ପ୍ରାପ୍ୟ ଫଇସଲା ପାଇଁ ଏହିଭଳି କଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

### ବ୍ରାହ୍ମଣ ସମିତିର ଅନ୍ତରା ପଞ୍ଚାୟତ ଶାଖା କମିଟି ଗଠିତ

ଖଇରା, ୨୨।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଆଞ୍ଚଳିକ ବ୍ରାହ୍ମଣ ସମିତିର ଏକ ବୈଠକ ଅନ୍ତରା ବଜାର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ଶତପଥି ସଭାପତିତ୍ୱ କରିଥିଲେ। ଅନ୍ତରା ପଞ୍ଚାୟତ ଶାଖା କମିଟି ଗଠନ କରାଯାଇଥିଲା। ଏଥିରେ ପଦ୍ମଲୋଚନ ଦାଶ ସଭାପତି, ଲୋକନାଥ ପଣ୍ଡା ଉପସଭାପତି, କିଶୋର ଶୁକ୍ଳ ସମ୍ପାଦକ, ଦୟାନିଧି ପତି ଓ ନାରାୟଣ ଶତପଥି ସହସମ୍ପାଦକ, ରତ୍ନାକର ଶୁକ୍ଳ କୋଷାଧ୍ୟକ୍ଷ ଓ ନୃସିଂହ ଚରଣ ଶୁକ୍ଳଙ୍କୁ ଉପ-କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ଅନ୍ତରା ପଞ୍ଚାୟତରେ ସଙ୍ଗଠନ କିଭଳି ସୁଦୃଢ଼ ହୋଇପାରିବ ସେଥିପାଇଁ ନବନିର୍ମିତ କମିଟି କାର୍ଯ୍ୟ କରିବ ବୋଲି ନୂଆ ସଭାପତି ପଦ୍ମଲୋଚନ ଦାଶ ପ୍ରକାଶ କରିଥିଲେ।

## ପଶ୍ଚିମବଙ୍ଗକୁ ପଳାଇଲେ ୪୯ ଟିକିଆ ହାତୀପଲ

### ଯିବାବେଳେ ଯୁବକଙ୍କୁ ଦଳିଦେଲେ

ଜଲେଶ୍ୱର, ୨୨।୧୧ (ରବିନାରାୟଣ ପାତ୍ର/ନବୀନ ସାହୁ)



ଜଲେଶ୍ୱର ରେଞ୍ଜ ଅଧୀନ ରାଇବଣିଆ ବନାଞ୍ଚଳ ମଧ୍ୟରେ ଗତ କିଛିଦିନ ଧରି ଆତଙ୍କ ଖେଳାଉଥିବା ୪୯ଟିକିଆ ହାତୀପଲ ଶୁକ୍ରବାର ଭୋର ସମୟରେ ପଶ୍ଚିମବଙ୍ଗର କେଶରେଖା ରେଞ୍ଜ ଅଧୀନ କୁଣ୍ଡେଇବଣୀ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି। ହାତୀପଲ ଚାଲିଯିବା ପରେ ରାଇବଣିଆ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି। ହେଲେ ଯିବା ବାଟରେ ହାତୀ ଆକ୍ରମଣରେ ପଶ୍ଚିମବଙ୍ଗ କେଶରେଖା ରେଞ୍ଜ ଚାଲିରାଉଥିଆ ୧୦ ନମ୍ବର ପଞ୍ଚାୟତ ଅଧୀନ ଖୁଡଗଡ ଗ୍ରାମର ଯୁବକ ବାଦଲ ମୁର୍ମୁଙ୍କୁ ଦଳି ଦେଇଥିବା ଜଣାଯାଇଛି।

ଗତ ୪ଦିନ ମଧ୍ୟରେ ଏହି ୪୯ଟିକିଆ ହାତୀପଲ ଶହ ଶହ ଏକର ଧାନ ବିଲ ନଷ୍ଟ କରିବା ସହ ଦେଢ଼ଶହ ଘର ମଧ୍ୟ ଭାଙ୍ଗିଦେଇଛି। ଏପରିକି ଶ୍ୟାମନଗର, କାଳିକ, ଝୁଆଡ, ବରଡିହା, କଳମା ଆଦି ପଞ୍ଚାୟତର ଶରତ, କେନ୍ଦୁଖୁଣ୍ଟା, କଙ୍କଡ଼ାଫେରା, ଛୋଟବେଗୁନିଆ, ମହୁଡୁମା, ପାରୁଥିବା, ବଡହଳଦିଗୁଣ୍ଡି, ଛୋଟହଳଦିଗୁଣ୍ଡି, ଲୁହାପଡା ଗାଁ ସହିତ ପଶ୍ଚିମବଙ୍ଗର ଝାଉଁରି, କେନ୍ଦୁବଣି, ପାଇକା, କପ୍ତିପଦା, ଶାଳଗଡିଆ ଗାଁର ଲୋକେ ଭୟରେ ଘରେ ତାଟିକବାଟ ବନ୍ଦ କରି ରହିବା ସହିତ ପ୍ରାୟ ୩୦୦ ଏକର ଚାଷ ନଷ୍ଟ କରିଛନ୍ତି। ତେବେ ଏହି ୪୯ ଟିକିଆ ହାତୀପଲ ପଶ୍ଚିମବଙ୍ଗ ମୁହାଁ ହୋଇଥିବାରୁ ଏହାକୁ ପଶ୍ଚିମବଙ୍ଗ ବନାଞ୍ଚଳ ମଧ୍ୟକୁ ପଠାଇ ଦେବା ପାଇଁ ଗୁରୁବାର ଓଡ଼ିଶା ଜଙ୍ଗଲ ବିଭାଗ ଓ ପଶ୍ଚିମବଙ୍ଗ ଜଙ୍ଗଲ ବିଭାଗ ମଧ୍ୟରେ ସହମତି ପ୍ରକାଶ ପାଇଥିଲା। ସେହି ଅନୁସାରେ ପଶ୍ଚିମବଙ୍ଗର ବନ କର୍ମଚାରୀମାନେ ହାତୀପଲକୁ ସେମାନଙ୍କ ଅଞ୍ଚଳକୁ ନେବାରେ ସହାୟତା କରିଥିଲେ। ଜଲେଶ୍ୱର ଏସସିଏଫ୍ ଜୟଶ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ନିୟୋଜିତ ହୋଇଥିବା ୫ଟି ଟିମ ହାତୀର ଗତିବିଧି ଉପରେ ନଜର ରଖିଥିବା ବେଳେ ଏହି ହାତୀପଲ ଜଲେଶ୍ୱର ସୀମା ଛାଡି ପଶ୍ଚିମବଙ୍ଗ ଅଞ୍ଚଳକୁ ପ୍ରବେଶ କରିଥିଲା । କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ଲାଗି ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ଚାଷୀ ନରେନ ହେମ୍ବ୍ରମ, ରଘୁବର ପାତ୍ର, ବୀରେନ ସରେନ, ଅମଲ କିସ୍କୁ, ଅଭିରାମ ହେମ୍ବ୍ରମ, ସାଗରଜିତ୍ ମାରାଣ୍ଡି, କରନ ସରେନ ଓ ରହିଆ ଟୁଡୁ ପ୍ରମୁଖ ଦାବି କରିଛନ୍ତି। ସାଥୀ ପ୍ରତିକାର ଲାଗି ଟ୍ରେଞ୍ଚ ଖୋଳିବା, ହାତୀ ଯାତାୟାତ ରାସ୍ତାରୁ ଅବରୋଧ ହଟାଇବା, ଗଛ ନ କାଟି ଜଙ୍ଗଲ ସୃଷ୍ଟି କରିବାକୁ ଦାବି କରିଛନ୍ତି।

## ରୋଟାରି ପକ୍ଷରୁ ଶାରଦୀୟ ସମ୍ମାନ ଉତ୍ସବ

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଶାରଦୀୟ ସମ୍ମାନ-୨୦୨୪ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍କୃଷ୍ଟତା ପ୍ରତିପାଦନ କ୍ଷେତ୍ରରେ ବାଲେଶ୍ୱର ସହରର ବିଭିନ୍ନ ଦୁର୍ଗାପୂଜା କମିଟିକୁ ପୁରସ୍କୃତ କରାଯାଇଛି।

କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ରଙ୍କ ପୌରୋହିତ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ସରକାରୀ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟବକ୍ତା ରୋଟାରୀ ଜିଲାର ପୂର୍ବତନ ପ୍ରାନ୍ତପାଳ ରୋ. ଶାନ୍ତନୁ କୁମାର ପାଣି ଯୋଗଦେଇ ଶ୍ରେଷ୍ଠ ବିବେଚିତ ପୂଜା କମିଟିକୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ମୂର୍ତ୍ତି କାରିଗରୀ କୌଶଳ ତୋରଣ, ଆଲୋକସଜ୍ଜା, ଶୃଙ୍ଖଳିତ ମଣ୍ଡପ ଆଦି ବର୍ଗରେ କାଳିମନ୍ଦିର ପୂଜାମଣ୍ଡପ, ରାଣୀପାଟଣା ସାର୍ବଜନୀନ ପୂଜା କମିଟି, କନକଦୁର୍ଗା ପୂଜା କମିଟି, ଇଡ୍‌କୋ ଛକ ପୂଜା କମିଟି, ମଲ୍ଲିକାଶପୁର ନାଥପାଣି ପୂଜା କମିଟି, ନୂଆବଜାର ପୂଜା କମିଟି, ମୋତିଗଞ୍ଜ ମାରୱାଡ଼ି ମନ୍ଦିର ପୂଜା କମିଟି, ଷ୍ଟେଶନ ଛକ ପୂଜା କମିଟି, ଦରଜୀପୋଖରୀ ଛକ ପୂଜା କମିଟି, ମୋତିଗଞ୍ଜ ଚାଉଳିଆସାହି ପୂଜା କମିଟି, ଚାନ୍ଦିମାରି ପଡ଼ିଆ କମିଟିକୁ କ୍ଲବ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଘରୋଇ ଭାବେ ଆୟୋଜିତ ମାଣିଖମ୍ବର ରାଜବାଟୀ ପୂଜାକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଚାରକ ଶିଳ୍ପୀ କେଶୁ ଦାସ, ନିତ୍ୟାନନ୍ଦ ସାହୁ, ବ୍ରଜ ଷଡ଼ଙ୍ଗୀ, ଦେବେନ୍ଦ୍ର ଧଳ ଓ ବିଷ୍ଣୁ ଦାସ କୁଣ୍ଡୁଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କ୍ଲବ ସମ୍ପାଦକ ପ୍ରବାଳ ସିହ୍ନା ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

## ପଡ଼ୋଶୀଙ୍କ କଳି ମେଣ୍ଟାଇବା କାଳ ହେଲା

କାଳିପଦା, ୨୨।୧୧(ରାଜଶ୍ରୀ ପାଣିଗ୍ରାହୀ)

କଳି ରୋକିବାକୁ ଯାଇ ପଡୋଶୀଙ୍କ କୁରାଢ଼ୀ ଆକ୍ରମଣରେ ୬୦ବର୍ଷର ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ପ୍ରଥମେ ବାଲିଆପାଳ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ବୃଦ୍ଧା ହେଲେ ବାଲିଆପାଳ ଥାନା କୁଦମାନସିଂ ଗ୍ରାମର ଯମୁନାମଣି ଜେନା। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବାଲିଆପାଳ ଥାନା କୁଦମାନସିଂ ଗ୍ରାମରେ। ଗ୍ରାମର ହରିଶ ବେହେରାଙ୍କର ପରିବାର ମଧ୍ୟରେ ଝଗଡା ଆରମ୍ଭ ହୋଇ ଏହା ଉଗ୍ରରୂପ ଧାରଣ କରିଥିଲା। ବିଚ୍ ରାସ୍ତା ଉପରକୁ ଆସିବାରୁ ଗ୍ରାମବାସୀ ସେମାନଙ୍କ ମଧ୍ୟରେ ଆପୋସ ସମାଧାନ ପାଇଁ ଉଦ୍ୟମ କରିଥିଲେ। ୬୦ ବର୍ଷର ବୃଦ୍ଧା ଯମୁନାମଣି ଜେନା ଗଣ୍ଡଗୋଳକୁ ସମାଧାନ ପାଇଁ ଚେଷ୍ଟା ଜାରି ରଖିଥିଲା ବେଳେ ପଡୋଶୀଙ୍କ କୁରାଢ଼ୀ ମୁଣ୍ଡରେ ବାଜିଥିଲା। କୁରାଢ଼ୀ ଚୋଟରେ ବୃଦ୍ଧା ଜଣକ ଗୁରୁତର ହୋଇଥିଲେ। ପରିବାର ଲୋକେ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅଧିକ ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ବାଲିଆପାଳ ପୋଲିସ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରୀ ରଖିଛି।

## ଧାରଣା ପରେ ଦିବ୍ୟାଙ୍ଗଙ୍କୁ ମିଳିଲା ଭତ୍ତା



ଧାରଣାରେ ବସିଥିବା ବାର୍ଶା କିସ୍କୁ ଓ ତାଙ୍କ ସ୍ତ୍ରୀ।

ଜଳେଶ୍ୱର, ୨୨।୧୧(ନବୀନ ସାହୁ)

### ହସ୍ତକ୍ଷେପ କଲେ ବିଡିଓ

ଦୀର୍ଘ ୧୦ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହୋଇ ଜଣେ ଦିବ୍ୟାଙ୍ଗ ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ଖବରଦାତାମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡିଓ ହସ୍ତକ୍ଷେପ କରିବା ପରେ ପଞ୍ଚାୟତ ପିଇଓ ୧୦ ମାସର ଭତ୍ତା ପ୍ରଦାନ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତ ତାଳବଣିଆ ଗ୍ରାମରେ।

ବାର୍ଶା କିସ୍କୁ (୫୫)ଙ୍କର ଦୁଇ ଆଖିକୁ ଦେଖା ଯାଉ ନ ଥିଲା ବେଳେ ସରକାରଙ୍କ ତରଫରୁ ଗତ ମାର୍ଚ୍ଚରେ ଭତ୍ତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ କି ତାଙ୍କର ଭତ୍ତା ହୋଇଛି ବୋଲି ପଞ୍ଚାୟତ ଅଫିସର ଜଣାଇ ନ ଥିଲେ। ଅନ୍ୟପଟେ ଭତ୍ତା ପାଇଁ ବାରମ୍ବାର ପଞ୍ଚାୟତ ଏବଂ ବ୍ଲକ ଅଫିସ ଧାଇଁ ଭତ୍ତା ନ ପାଇ ନିରାଶ ହୋଇ ଫେରିଯାଇଥିଲେ। ଫଳରେ ଦୀର୍ଘ ୧୦ମାସରୁ ଅଧିକ ସମୟ ଧରି ଭତ୍ତା ପାଇବାରୁ ବଞ୍ଚିତ ହୋଇଥିଲେ। ବାର୍ଶା କିସ୍କୁ ତାଙ୍କର ଭତ୍ତା ହୋଇଥିବା ଜାଣି ପାରି ଶୁକ୍ରବାର ସକାଳେ ତାଙ୍କ ସ୍ତ୍ରୀ ଜସ୍ମି କିସ୍କୁଙ୍କୁ ସାଙ୍ଗରେ ଧରି ବ୍ଲକ ଅଫିସରେ ପହଞ୍ଚି ବିଡିଓଙ୍କ ଅଫିସ ସମ୍ମୁଖରେ ଭତ୍ତା ପାଇଁ ଧାରଣାରେ ବସିଥିଲେ। ମାତ୍ର ବିଭାଗୀୟ ଅଧିକାରିଣୀ ସଲିମା ରାଉତ୍ ୧ ମାସର ଭତ୍ତା ଦେଇ ବିଦା କରିବାକୁ ଚେଷ୍ଟା କରିଥିବା ବେଳେ ହିତାଧିକାରୀ ସମସ୍ତ ଭତ୍ତା ନେବା ପାଇଁ ଦୀର୍ଘ ସମୟ ଧରି ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ହସ୍ତକ୍ଷେପ ପରେ ବର୍ତ୍ତମାନର ନାମ୍ପୋ ପଞ୍ଚାୟତ ପିଇଓ ତାଙ୍କୁ ୧୦ ମାସର ଭତ୍ତା ଟଙ୍କା ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଦଶ ମାସର ଭତ୍ତା ଟଙ୍କା ପାଇ ହିତାଧିକାରୀ ଖୁସିଥିବା କହିଛନ୍ତି।

## ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ମହତାବ ଜୟନ୍ତୀ

ଖଇରା, ୨୨।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ପ୍ରବାଦ ପୁରୁଷ ଡ. ହରେକୃଷ୍ଣ ମହତାବଙ୍କର ୧୨୫ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଅଧ୍ୟକ୍ଷ ରାଉତ ତାଙ୍କ ଅଭିଭାଷଣରେ ମହତାବ ଜଣେ ବ୍ୟକ୍ତି ନୁହନ୍ତି ଏକ ଅନୁଷ୍ଠାନ, ଓଡ଼ିଶାର ଗୌରବକୁ ମହିମାନ୍ୱିତ କରିବାରେ ତାଙ୍କର ପ୍ରଚେଷ୍ଟା ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଜେନା, ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ଗୋପୀନାଥ ପାତ୍ର ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଅଧ୍ୟାପିକା ଡ. ଆଭାରାଣୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



ଜୟନ୍ତୀରେ ଉପସ୍ଥିତ ଛାତ୍ରୀଛାତ୍ର।

## ‘ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ’



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ୫୦ଶିକ୍ଷୟିତ୍ରୀ ଶିକ୍ଷକ।

ସିମୁଳିଆ, ୨୨।୧୧(ସନ୍ତୋଷ ନାୟକ)

### ନବନିଯୁକ୍ତ ୫୦ ଶିକ୍ଷୟିତ୍ରୀଶିକ୍ଷକ ସମ୍ବର୍ଦ୍ଧିତ

ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନମନସ୍କ କରିବା ଉଦ୍ଦେଶ୍ୟରେ ଗୁରୁବାର ସିମୁଳିଆ ବ୍ଲକ ଅଧୀନ ମାର୍କୋଣାସ୍ଥିତ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ‘ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ’ ଅନୁଷ୍ଠିତ ହୋଇଥିଲା। ଏଥିରେ ୭ଟି ବିଭାଗରେ ୯୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗରୁ ମୋଟ ୭ଜଣ କୃତୀଙ୍କୁ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ଚୟନ କରାଯାଇଛି। ବିଚାରକ ରୂପେ ବାରାପୁରସ୍ଥିତ ମୌଡ଼ମଣି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ନିରଞ୍ଜନ ନାୟକ ଓ ଆରୁହାବାଡ ହାଇସ୍କୁଲ ଶିକ୍ଷକ ରଞ୍ଜନ ଦାସ ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ।

ଏହି ଅବସରରେ ବିଜୁ ପଟ୍ଟନାୟକ ଇନ୍‌ଡ଼ୋର ଷ୍ଟାଡିୟମ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନମନସ୍କ କରାଇବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ବ୍ଲକ ବିଜ୍ଞାନ ସଂଯୋଜକ ଚିତ୍ତରଞ୍ଜନ ମହାନ୍ତି ବିଜ୍ଞାନ ମନୋବୃତ୍ତି ସୃଷ୍ଟି ବିଜ୍ଞାନମେଳାର ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ଅବସରରେ ସିମୁଳିଆ ବ୍ଲକରେ ନବନିଯୁକ୍ତ ୫୦ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ରୂପେ ଜିଲା ପରିଷଦ ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ମହାଲିକ, ଅଜୟ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଳିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୂର୍ଯ୍ୟମଣି ବୋଇତି ଓ ଭାରତୀବନ୍ଦନା ଘୋଷ ମଞ୍ଚ ସଞ୍ଚାଳନା ଓ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଁ ମଜଲିସ୍, ଶଙ୍ଖବେଳା ସାହିତ୍ୟ ସମ୍ମାନ ଘୋଷିତ

ସୋର, ୨୨।୧୧(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋରର ପୁରାତନ ସାହିତ୍ୟ ଅନୁଷ୍ଠାନ ଗାଁ ମଜଲିସ ସାହିତ୍ୟ ସଂସଦ ଓ ସାହିତ୍ୟ ପତ୍ରିକା ଶଙ୍ଖବେଳା ପାଇଁ ଚଳିତବର୍ଷର ସାହିତ୍ୟ ସମ୍ମାନ ଓ ସମ୍ବର୍ଦ୍ଧନା ପାଇବାକୁ ଥିବା ପ୍ରତିଭାଧାରୀମାନଙ୍କ ନାମ ଘୋଷଣା କରାଯାଇଛି। ବିଶିଷ୍ଟ କବି ଶୈଳଜ ରବି ପାଇବେ ଚଳିତବର୍ଷର ମର୍ଯ୍ୟାଦାଜନକ ‘ଗାଁ ମଜଲିସ୍ ସାହିତ୍ୟ ସମ୍ମାନ’। ସେହିପରି ଗାଳ୍ପିକ ଚିତ୍ତରଞ୍ଜନ ଚିରଞ୍ଜୀବ ପାଇବେ ‘ଶଙ୍ଖବେଳା ଗଳ୍ପ ସମ୍ମାନ’, କବି ଗୌତମ ଜେନାଙ୍କୁ ମିଳିବ ‘ଶଙ୍ଖବେଳା କବିତା ସମ୍ମାନ’ ଏବଂ ସାହିତ୍ୟ ଓ ସମ୍ପାଦନା ସମ୍ମାନ ପାଇବେ ଗ୍ରନ୍ଥକାର, ସମ୍ପାଦକ ଓ କବି କୁଳମଣି ବାରିକ। ସେହିପରି ଗାଁ ମଜଲିସ ସ୍ୱତନ୍ତ୍ର ସାହିତ୍ୟ-ସେବା ସମ୍ମାନ ପାଇବେ ରାଧାନାଥ ପାଠାଗାର ସଭାପତି ତଥା ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା। ନାଟ୍ୟକାର ନିର୍ଦ୍ଦେଶକ ସନ୍ତୋଷ ନାରାୟଣଙ୍କୁ ‘ମନମୋହନ ମହାପାତ୍ର ନାଟକ କଳା ସମ୍ମାନ’, ଗାଳ୍ପିକ ସଞ୍ଜୟ ପଣ୍ଡାଙ୍କୁ ‘ଗାଁ ମଜଲିସ ଯୁବ ସାହିତ୍ୟ ସମ୍ମାନ’, କବି ଅମୀୟ ରଞ୍ଜନ ମହାପାତ୍ରଙ୍କୁ ‘ପ୍ରଦ୍ୟୁମ୍ନ ମହନ୍ତୀ କବିତା ସମ୍ମାନ’, କବି ପ୍ରତିଭା ଖିଲାରଙ୍କୁ ‘ସ୍ୱର୍ଣ୍ଣଲତା-ବିଶ୍ୱନାଥ ଲେଖିକା’, ଡ. ବିନୋଦିନୀ ପାତ୍ରଙ୍କୁ ‘ଜୟକୃଷ୍ଣ ବିଶ୍ୱାଳ ସାହିତ୍ୟ-ସେବା ସମ୍ମାନ’, ଡ. ପ୍ରଫୁଲ୍ଲ କୁମାର ସାହୁଙ୍କୁ ‘ଭୁବନାନନ୍ଦ ଦଳେଇ ଶିକ୍ଷା-ସାହିତ୍ୟ ସମ୍ମାନ’, କବି କିଶୋର ମିଶ୍ରଙ୍କୁ ‘ମଦନମୋହନ ଦଳେଇଙ୍କୁ ‘କବି ଗୌରବ ସମ୍ମାନ’, କବି ପ୍ରଫୁଲ୍ଲ ଚକ୍ରଙ୍କୁ ‘ଚିନ୍ତାମଣି ମଲ୍ଲିକଙ୍କୁ ସାହିତ୍ୟ-ଶିକ୍ଷକ ସମ୍ମାନ’, କବି ପିନାକୀ ମିଶ୍ରଙ୍କୁ ‘ଗଣେଶ ମହାପାତ୍ର ଶିକ୍ଷା-ସାହିତ୍ୟ ସମ୍ମାନ’, ନୃତ୍ୟଗୁରୁ ଡ.ମନୋଜ କୁମାର ବେହେରାଙ୍କୁ ‘ଭାଗବତ-କମଳାକାନ୍ତ ଓଝା ନୃତ୍ୟକଳା ସମ୍ମାନ’, ଶୈଳବାଳା ପାଣିଗ୍ରାହୀଙ୍କୁ ‘କନକଲତା ଆଦର୍ଶ ମହିଳା ସମ୍ମାନ’, ନଳିନୀପ୍ରଭା ଉପାଧ୍ୟାୟଙ୍କୁ ‘କୋକିଳ-ଶୁକମଣି ଆଦର୍ଶ ଜନନୀ ସମ୍ମାନ’, ଦୀପ୍ତିରଞ୍ଜନ ମିଶ୍ରଙ୍କୁ ‘ଲୋପାମୁଦ୍ରା ମେଧା ଗୌରବ ସମ୍ମାନ’ ଏବଂ ଦେବେନ୍ଦ୍ର କୁମାର ପ୍ରଧାନ ପାଇବେ ‘ଗାଁ ମଜଲିସ୍ ସ୍ୱତନ୍ତ୍ର ଶିଶୁ ସାହିତ୍ୟ ସମ୍ମାନ’। ସଂସଦ ସଭାପତି ଡ. ରମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନୋନୟନ କମିଟି ବୈଠକର ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ ସଂସଦର ଯୁଗ୍ମ ସମ୍ପାଦକ ଚନ୍ଦ୍ରମୋହନ ମହାପାତ୍ର ସୂଚନା ଦେଇଛନ୍ତି।

## ବିଶ୍ୱକ୍ରିଷ୍ଟାଙ୍କୁ ସ୍ୱର୍ଣ୍ଣ ପଦକ

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ବାଲେଶ୍ୱରର ଖେଳାଳି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୫୭ କି.ଗ୍ରା. ବର୍ଗରେ ବିଶ୍ୱକ୍ରିଷ୍ଟା ସାଇ ଜେନା, ବରଗଡ଼ ଜିଲାର ଖେଳାଳି ହର୍ଷବର୍ଦ୍ଧନ କର ଏବଂ ସମ୍ବଲପୁର ଜିଲାର ଖେଳାଳି ପ୍ରତ୍ୟୁଷ ସିଂ ବର୍ମନ୍‌ଙ୍କୁ ପରାସ୍ତ କରି ଏହି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ତାଙ୍କର ନିଷ୍ଠା ଓ ପ୍ରଚେଷ୍ଟା ଯୋଗୁ ସେ ପ୍ରଥମ ସୋପାନରୁ ଜାତୀୟସ୍ତର ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଶିକ୍ଷକ ଅସିତ୍ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଉଥିଲେ। ଏହି ସଫଳତା ପାଇଁ ପ୍ରଶିକ୍ଷକ ଭୋଇଙ୍କ ସମେତ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସାଧାରଣ ସମ୍ପାଦକ ଅଧୀପ ଦାସ, ସହ-ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, କୁସ୍ତି ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ ସଦସ୍ୟ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସ୍ୱର୍ଣ୍ଣପଦକ ହାସଲ କରି ବିଶ୍ୱକ୍ରିଷ୍ଟା ଜିଲା ପାଇଁ ଗୌରବ ଆଣିଥିବାରୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## ଗଣଧାରଣାରେ ଆଲୋଚନା ବିଫଳ

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

### ଅନଶନରେ ବସିଲେ ପୂର୍ବତନ ବିଧାୟକ

ବାଲେଶ୍ୱର ସଦର ବ୍ଲକ ପରିସରରେ ବିଜେଡିର ପୂର୍ବତନ ବିଧାୟକଙ୍କ ସମେତ ୧୭ଜଣ ନେତୃବୃନ୍ଦ ଶୁକ୍ରବାର ଆମରଣ ଅନଶନରେ ବସିଛନ୍ତି। ସଦର ବ୍ଲକ ଏବଂ ପୌରାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ଓ ବିଲ୍ ପ୍ରଦାନ କରାଯାଉ ନ ଥିବା ପ୍ରତିବାଦରେ ବିଜେଡି ପକ୍ଷରୁ ଗତ ୩ଦିନ ଧରି ଦିବାରାତ୍ର ଗଣଧାରଣା ଦିଆଯାଇଥିଲା। ଧାରଣାସ୍ଥଳରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବିଡିଓ ସମରଜିତ୍ କର ପହଞ୍ଚି ପୂର୍ବତନ ବିଧାୟକ ଦାସ ଏବଂ ନେତୃବୃନ୍ଦଙ୍କ ସହ ଆଲୋଚନା କରି ଧାରଣା ପ୍ରତ୍ୟାହୃତ ପାଇଁ ଅନୁରୋଧ କରିଥିଲେ। ଆଲୋଚନା ଫଳପ୍ରଦ ନ ହେବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ନିଷ୍ପତ୍ତି ନିଆଯାଇଥିଲା। ଅନଶନରେ ବସିବା ସତ୍ତ୍ୱେ ଏଯାବତ୍ କୌଣସି ପ୍ରଶାସନିକ ଆଲୋଚନା ହୋଇ ନ ଥିଲା।

ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଅନଶନସ୍ଥଳରେ ପହଞ୍ଚି ନବୀନ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ରାଜ୍ୟର ବିକାଶ ଚରମ ସୀମାରେ ପହଞ୍ଚିଥିବା ବେଳେ ଭାଜପା ସରକାର ବିକାଶରେ ଅନ୍ତରାୟ ସୃଷ୍ଟି କରୁଛନ୍ତି। ଆଗାମୀ ଦିନରେ ଏହି ଆନ୍ଦୋଳନ ସମଗ୍ର ରାଜ୍ୟକୁ ବ୍ୟାପିବ ବୋଲି ଉଦ୍‌ବୋଧନ ଦେଇ କହିଥିଲେ। ପୂର୍ବତନ ବିଧାୟକ ଦାସ ଓ କାଉନସିଲର ମୀନା ମହାନ୍ତି, ମୀତା ପଟ୍ଟନାୟକ, ସରପଞ୍ଚ ଅଜିତ ମହାପାତ୍ର, ବରେନ୍ଦ୍ର ସେଠୀ, ଧନଞ୍ଜୟ ପାତ୍ର, ଅକ୍ରୁର ତରେଇ, ପୂର୍ବତନ କାଉନସିଲର ସାକିର ଖାନ ଓ ସେକ ଅନସରଙ୍କ ସମେତ ୧୭ଜଣ ଆମରଣ ଅନଶନରେ ବସିରହିଛନ୍ତି।



ବିଜେଡି ପକ୍ଷରୁ ଗଣଧାରଣା।

## ଶିଶୁଙ୍କ ଲୁକ୍କାୟିତ ଗୁଣକୁ ପରିପ୍ରକାଶ କରିଥାଏ

### ଜିଲାସ୍ତରୀୟ ଛାତ୍ର ମହୋତ୍ସବ ‘ସରଗି ଫୁଲ ଉତ୍ସବ’



ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥିଗଣ।

ନୀଳଗିରି,୨୨।୧୧(ପ୍ରଶାନ୍ତ ବିଶ୍ୱାଳ)

ଶିଶୁମାନଙ୍କ ଶୈଶବର ସୃଜନଶୀଳତା ଓ ପ୍ରତିଭାର ବିକାଶ ପାଇଁ ନୀଳଗିରି ବ୍ଲକର ସଜନାଗଡ଼ ପଞ୍ଚାୟତ ଅଧିନ ସରକାରୀ (ଏସ୍ଏସ୍‌ଡି) ତେଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟରେ ପରିସରରେ ଜିଲାସ୍ତରୀୟ ଛାତ୍ର ମହୋତ୍ସବ ‘ସରଗି ଫୁଲ ଉତ୍ସବ-୨୦୨୪’ ଅନୁଷ୍ଠିତ ହୋଇଛି। ଶୁକ୍ରବାର ନୀଳଗିରି ପିଏ ଆଇଟିଡିଏ କାରୁ ସୋରେନ୍ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ‘ସରଗି ଫୁଲ ଉତ୍ସବ’ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଧାୟକ ଖଟୁଆ ତାଙ୍କ ବକ୍ତବ୍ୟରେ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ‘ସରଗି ଫୁଲ ଉତ୍ସବ’ ହୋଇଥାଏ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏମ୍‌ପି ପ୍ରତିନିଧି କରୁଣାକର ପଣ୍ଡା, ନୀଳଗିରି ତହସିଲଦାର ସୋନମ୍ ଦାସ, ତେଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପରିଡ଼ା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥି ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ତେଣ୍ଡା କନ୍ୟାଶ୍ରମର ଶିକ୍ଷକ ବେଣୁଧର ମହାରଣା। ଶେଷରେ ବାଲେଶ୍ୱର ଜିଲା ମଙ୍ଗଳ ଅଧିକାରିଣୀ ବିଦ୍ୟୁତଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାର ଟିଆରଡବ୍ଲ୍ୟୁ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ରତିଯୋଗୀଙ୍କ ନାମ ପଞ୍ଜିକରଣ କରି ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟଗୀତର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଶିକ୍ଷକ ସଂଘର ରତିକାନ୍ତ ପାତ୍ର, ସମ୍ପାଦକ ରାଜୀବଲୋଚନ ପାତ୍ରଙ୍କ ସମେତ ସମସ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ସହଯୋଗ କରିଥିଲେ।

# ଏମ୍ସର ସିନିୟର ରେସିଡେଣ୍ଟ ଡା. ମନୀତା ତମାଙ୍ଗଙ୍କୁ 'ୟୁସି ଚକ୍ରବର୍ତ୍ତୀ ପୁରସ୍କାର'



ଭୁବନେଶ୍ୱର,୨୨।୧୧(ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱରର ପେଡିଆଟ୍ରିକ ସର୍ଜରି ବିଭାଗରେ କାର୍ଯ୍ୟରତ ସିନିୟର ରେସିଡେଣ୍ଟ ଡା. ମନୀତା ତମାଙ୍ଗ ଦେଶର ମର୍ଯ୍ୟାଦାଜନକ 'ୟୁସି ଚକ୍ରବର୍ତ୍ତୀ ପୁରସ୍କାର' ଲାଭ କରିଛନ୍ତି। ନିକଟରେ ଏମ୍ସ ଋଷିକେଶରେ ଆୟୋଜିତ ପେଡିଆଟ୍ରିକ ସର୍ଜନଙ୍କ ସର୍ବଭାରତୀୟ ସମ୍ମିଳନୀ 'ଆଇଏପିଏସ୍‌ସିଏନ୍ ୨୦୨୪'ରେ ଡା. ତମାଙ୍ଗଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତରେ ଶିଶୁରୋଗ ସର୍ଜରି କ୍ଷେତ୍ରରେ କାର୍ଯ୍ୟରତ ସିନିୟର ରେସିଡେଣ୍ଟଙ୍କ ଦ୍ୱାରା ଉଲ୍ଲେଖନୀୟ ଗବେଷଣା ପାଇଁ ଶ୍ରେଷ୍ଠ ସ୍ୱୀକୃତି ଭାବେ ଏହି ପୁରସ୍କାରକୁ ବିବେଚନା କରାଯାଏ। ଇଣ୍ଡିଆନ୍ ଆସୋସିଏଶନ ଅଫ୍ ପେଡିଆଟ୍ରିକ ସର୍ଜନ ଜର୍ନାଲର ସମ୍ପାଦକ ତଥା ଏହି କ୍ଷେତ୍ରର ବିଶିଷ୍ଟ ବିଶେଷଜ୍ଞଙ୍କୁ ନେଇ ଗଠିତ କମିଟି ଦ୍ୱାରା 'ୟୁସି ଚକ୍ରବର୍ତ୍ତୀ ପୁରସ୍କାର' ଚୟନ କରାଯାଇଥିଲା। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ଆବେଦନ ମଧ୍ୟରୁ କେବଳ ୭ଜଣ ପ୍ରାର୍ଥୀ ଏହି ପ୍ରତିଯୋଗିତା ପାଇଁ ତାଲିକାଭୁକ୍ତ ହୋଇଥିଲେ। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ତମାଙ୍ଗଙ୍କୁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରିଛନ୍ତି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ। ଏଥିସହ ତାଙ୍କର ଉଲ୍ଲେଖନୀୟ ସଫଳତା ଅନେକ ଯୁବ ଡାକ୍ତରଙ୍କୁ ବୃତ୍ତିଗତ କ୍ଷେତ୍ରରେ ଉତ୍କର୍ଷ ଆଣିବାକୁ ପ୍ରେରଣା ଯୋଗାଇବ ବୋଲି ଡ. ବିଶ୍ୱାସ କହିଛନ୍ତି। କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ାଙ୍କ ସମେତ ଶିଶୁ ସର୍ଜରି ବିଭାଗର ମୁଖ୍ୟ ଡା. ମନୋଜ କୁମାର ମହାନ୍ତି, ଡା. ସୁବ୍ରତ କୁମାର ସାହୁ, ଡା. ବି. ବି. ତ୍ରିପାଠୀ ଏବଂ ଡା. ଆଦିତ୍ୟ ମାନେକର ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ଓଡ଼ିଶାର ହସ୍ତକଳା ସାମଗ୍ରୀ: ମୁଖ୍ୟମନ୍ତ୍ରୀ

## ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ମଞ୍ଚରେ 'ଓଡ଼ିଶା ରାଜ୍ୟ ଦିବସ ସମାରୋହ'



ଭୁବନେଶ୍ୱର,୨୨।୧୧(ଅନିଲ ଦାସ)

ଓଡ଼ିଶାର ଅନନ୍ୟ ହସ୍ତକଳା ଓ ହସ୍ତତନ୍ତ ସାମଗ୍ରୀ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଛି। ନୂଆଦିଲ୍ଲୀରେ ଚାଲିଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଦେଶ ବିଦେଶର ଲୋକେ ଓଡ଼ିଶାର କଳା, କାରିଗରି ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ୍) ମଞ୍ଚରେ ଶୁକ୍ରବାର ଆୟୋଜିତ ଓଡ଼ିଶା ରାଜ୍ୟ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ପରମ୍ପରା ପ୍ରସାର ଦିଗରେ ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ। ୨୦୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ ଓଡ଼ିଶା। ଏଥିପାଇଁ ନୂତନ ତଥା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଯେଉଁ ପ୍ରତିବଦ୍ଧତା ରହିଛି ସେ ଦିଗରେ ରାଜ୍ୟ ସରକାର ଅଗ୍ରସର ହେଉଛନ୍ତି। ଓଡ଼ିଶାରେ ଆଧୁନିକ ଶିଳ୍ପ ପ୍ରତିଷ୍ଠା ପାଇଁ ସୁଦୃଢ଼ ଭିତ୍ତିଭୂମି ରହିଛି। ରାଜ୍ୟ ସରକାର ଏଥିପାଇଁ ସ୍ୱତନ୍ତ୍ର ସ୍ୱଚ୍ଛ ନୀତି ମଧ୍ୟ ଲାଗୁ କରିଛନ୍ତି। ଓଡ଼ିଶାର ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି ଏବଂ ବିସ୍ତୃତ ଜଙ୍ଗଲ ଦେଶ ବିଦେଶର ଶିଳ୍ପପତି ଓ ଉଦ୍ୟୋଗୀଙ୍କୁ ଆକର୍ଷିତ କରୁଛି। ଆଗାମୀ ଦିନରେ ଓଡ଼ିଶାରେ କିପରି ଅଧିକ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ସେନେଇ ୨୦୨୫ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଆୟୋଜନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର 'ଓଡ଼ିଶା ମଣ୍ଡପ' ପରିଦର୍ଶନ କରିଛନ୍ତି। ସେଠାରେ ପ୍ରଦର୍ଶିତ ହେଉଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ, ମିଶନ ଶକ୍ତି ମହିଳାଙ୍କ ହାତ ତିଆରି ଜିନିଷ, ଜନଜାତି ସଂସ୍କୃତି ଓ କଳାକୃତି ଏବଂ ବିଭିନ୍ନ ଗ୍ରାମୀଣ ଉତ୍ପାଦ ଆଦି ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏଥର 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଥିମରେ ଡିଜାଇନ ହୋଇଥିବା 'ଓଡ଼ିଶା ମଣ୍ଡପ'କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଆମ୍ଫିଥିଏଟର-୧୦ରେ 'ଓଡ଼ିଶା ରାଜ୍ୟ ଦିବସ ସମାରୋହ' ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ଓ ସାଥୀ ରସଗୋଲା ସଙ୍ଗୀତ ଓ ଲୋକପ୍ରିୟ 'ଯା' ଯା'ରେ ଭାଇ ଭାଇ ଯା' ସଙ୍ଗୀତରେ ଓଡ଼ିଶୀ ନୃତ୍ୟନାଟିକା ଏବଂ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ସେହିପରି କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଘୁମୁରା ଓ ବଲାଙ୍ଗୀରର ଘୁଙ୍ଗୁଲି କଳାପରିଷଦ ପକ୍ଷରୁ ଘୁଙ୍ଗୁରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିପରି ଓଡ଼ିଶାର ଲୋକପ୍ରିୟ ଗାୟିକା ସୁସ୍ମିତା ଦାସ ଫ୍ୟୁଜନ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶାର ଏହି ସମୃଦ୍ଧ ନୃତ୍ୟ ଓ ସଙ୍ଗୀତ ଦିଲ୍ଲୀ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ମାସିକ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସନାୟକ, ଭଣ୍ଡାରିପୋଖରୀ ବିଧାୟକ ଇରାଶିଷ ଆଚାର୍ଯ୍ୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ଆବାସିକ ଆୟୁକ୍ତ ବିଶାଲ ଗଗନ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ସ୍କୁଲ ସ୍ତରରେ ବାଧ୍ୟତାମୂଳକ ହୋଇପାରେ ଦକ୍ଷତା ବିକାଶ ପାଠ୍ୟକ୍ରମ : ସିବିଏସ୍‌ଇ ଅଧ୍ୟକ୍ଷ

ଭୁବନେଶ୍ୱର,୨୨।୧୧ (ଅନୁରାଧା ମହାରଣା)

ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ବିକାଶ ଶିକ୍ଷାକୁ ବ୍ୟାପକ କରିବା ଦ୍ୱାରା ଛାତ୍ରୀଛାତ୍ର ଭଲ ନିଯୁକ୍ତି ପାଇପାରିବେ। ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଭୁବନେଶ୍ୱର ଚାପ୍ଟର ସହଯୋଗରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପକ୍ଷରୁ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ଦକ୍ଷତା ସମ୍ମିଳନୀକୁ ଉଦ୍‌ଘାଟନ କରି ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂ ଏହା କହିଛନ୍ତି। ଦକ୍ଷତା ବିକାଶ ପାଠ୍ୟକ୍ରମକୁ ସ୍କୁଲ ସ୍ତରରେ ବାଧ୍ୟତାମୂଳକ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ନେଇ ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସିବିଏସ୍‌ଇର ନିର୍ଦ୍ଦେଶକ(ବିଦ୍ୟାଳୟ ଶିକ୍ଷା) ବିଶ୍ୱଜିତ୍ ସାହା ସ୍ୱାଗତ ଭାଷଣ ଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦକ୍ଷତା ପାଠ୍ୟକ୍ରମରେ ଶିକ୍ଷକଙ୍କ ଆହ୍ୱାନ, ଧନ୍ଦାମୂଳକ ତାଲିମକୁ ପୁନଃଗଠନ, ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଆଇଇଏଲ୍‌ଆଇଟି ମହାନିର୍ଦ୍ଦେଶକ ମଦନ ମୋହନ ତ୍ରିପାଠୀ ଯୋଗଦେଇ ଦକ୍ଷତା ବିକାଶ ଭବିଷ୍ୟତ ଗଠନରେ କିପରି ସହାୟକ ହେବ ସେ ବିଷୟରେ ମତ ରଖିଥିଲେ। ଶିକ୍ଷା ବିଶେଷଜ୍ଞ ରାମ ଶଙ୍କର, ପ୍ରଜ୍ଞା ସିଂ, ଜୟ କୁମାର ବାର୍ଡ୍ଡା, ବିବେକ କୁମାର ସିଂ, ସଞ୍ଜିବ ଦାଶ ପ୍ରମୁଖ ଉତ୍ସବରେ ସାମିଲ ହୋଇଥିଲେ। ଫିନଲ୍ୟାଣ୍ଡ, ଜର୍ମାନୀ, ଆମେରିକା ସମେତ ବିଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଶେଷଜ୍ଞମାନେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ବିକାଶଧାରା, ଶିକ୍ଷାଦାନ ଶିକ୍ଷଣରେ ପ୍ରଯୁକ୍ତିବିଦ୍ୟାର ଏକୀକରଣ, ଏକବିଂଶ ଶତାବ୍ଦୀରେ କର୍ମଜୀବୀଙ୍କ ଚାହିଦା ସହିତ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସିବିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟରୁ ପ୍ରାୟ ୧୦୦୦ ଅଧ୍ୟକ୍ଷ ଓ ୨ ହଜାରରୁ ଅଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଭୂତଳ ଜଳ ହ୍ରାସ ପ୍ରସଙ୍ଗ | ଯୋଜନା ହେଉଛି, ସଫଳତା ନୈରାଶ୍ୟଜନକ

## ଜଳ ସଞ୍ଚୟ ଜନ ଭାଗୀଦାରି ଉପରେ ପୁଣି ଗୁରୁତ୍ୱାରୋପ

ଯାଜପୁର,୨୨।୧୧ (ହର୍ଷବର୍ଦ୍ଧନ ବେହେରା)

ଭୂତଳ ଜଳ ବ୍ୟବହାରକୁ ନେଇ ହୋଇଥିବା କଟକଣାକୁ କେହି ମାନୁନାହାନ୍ତି। ଏଥିଯୋଗୁ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି। ବିଶେଷକରି ଖଣି ଓ ଶିଳ୍ପାଞ୍ଚଳରେ ଲୋକେ ପାଣି ପାଇଁ ହାହାକାର ହେଉଛନ୍ତି। ଏଣୁ ଜଳ ସଂରକ୍ଷଣ ସମେତ ଭୂତଳ ଜଳ ଉତ୍ସ ବୃଦ୍ଧି କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ପୂର୍ବରୁ ବିଭିନ୍ନ ନିଷ୍ପତ୍ତି ନେଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଭୂତଳ ଜଳ ନିମ୍ନଗାମୀ ହେବାରେ ଲାଗିଛି। ଫଳରେ ଗ୍ରୀଷ୍ମଦିନରେ ନଳକୂପ, କୂଅ ଆଦିରୁ ପାଣି ଶୁଖିଯାଉଛି। ଗତ ସେପ୍ଟେମ୍ବର ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳ ସଞ୍ଚୟ ଜନ ଭାଗୀଦାରି ଯୋଜନା ଆରମ୍ଭ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ ଜିଲା ପରିଷଦ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଛି। ତେବେ ପୂର୍ବ ଯୋଜନାଗୁଡ଼ିକ ଭଳି ରାଜ୍ୟରେ ଏହି ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଭୂତଳ ଜଳ ବିକାଶ ନିର୍ଦ୍ଦେଶାଳୟର ଭୂବିଜ୍ଞାନୀମାନେ ଅଧ୍ୟୟନ ଦ୍ୱାରା ଖଣି ଏବଂ ଶିଳ୍ପାୟନ ହେତୁ ଭୂତଳ ଜଳ ହ୍ରାସର ପ୍ରଭାବ ଅନୁମାନ କରିବେ। ଯଦି ଭୂତଳ ଜଳ ହ୍ରାସ ପାଉଥିବାର ଦେଖାଯାଏ, ତେବେ ପ୍ରଭାବିତ ଲୋକଙ୍କୁ ବିକଳ୍ପ ପାନୀୟ ଜଳ ଉତ୍ସ ଯୋଗାଇ ଦେବାକୁ ସମ୍ପୃକ୍ତ ଖଣି ଓ ଶିଳ୍ପ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ। ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଗ୍ରାଉଣ୍ଡ ୱାଟର ରେଗୁଲେଶନ, ଡେଭଲପମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ନିୟମ-୨୦୨୦ର ବିଭିନ୍ନ ଧାରା ଉପରେ ହୋଇଥିବା ବୈଠକରେ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା, ଯାହାକି ଏଯାଏ ଆରମ୍ଭ ହୋଇନାହିଁ। ରାଜ୍ୟର ପ୍ରାୟ ୯୦ ପ୍ରତିଶତ ବ୍ଲକ ଅଞ୍ଚଳରେ ଜଳସ୍ତର ପ୍ରାୟ ୫ ମିଟର ବିଲୋ ଗ୍ରାଉଣ୍ଡ ୱାଟର(ଏମ୍‌ବିଜିଏଲ୍) ରହିଛି। ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ-ଚିଫ(ଇଆଇସି) ଅଚଳ ବୋରୱେଲ ଜରିଆରେ ଭୂତଳ ଜଳ ପୁନଃଭରଣ କରିବାକୁ ନିର୍ବାହୀ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଏକ ନକ୍ସା ପ୍ରସ୍ତୁତ ହୋଇଥିଲା, ଯେଉଁଥିରେ କି ଅଚଳ ବୋରୱେଲର ବାହାର ପାର୍ଶ୍ୱକୁ ଏକ କମ୍ପ୍ରେସର ଜରିଆରେ ଜଳଧୌତ(ଫ୍ଲସ) କରାଯିବ। ବୋରୱେଲ ଚତୁଃପାର୍ଶ୍ୱର ୩ ମିଟର ପର୍ଯ୍ୟନ୍ତ ଉପରେ ୪ ବ୍ୟାସମିଟର ଓ ନିମ୍ନଭାଗରେ ୩ ବ୍ୟାସମିଟର ଖନନ ହେବ। ଏଥିରେ ବାଲି, ମୋଟା ନାଇଲନ ୱେର ଆଦି ବ୍ୟବହାର କରାଯାଇ ଯୋଜନା ଅନୁସାରେ ପ୍ରକ୍ରିୟା ଗଠନ କରାଯିବ ବୋଲି ଯୋଜନାରେ ଦର୍ଶାଯାଇଥିଲା। ଏଥିଯୋଗୁ ବର୍ଷାପାଣି ଗଠନ ପ୍ରଣାଳୀରେ ଭେଦି ଜଳସ୍ତରକୁ ବୃଦ୍ଧି କରିବ ବୋଲି ବିଭାଗ ଆଶାବାଦୀ ଥିଲା। ଏହା ମଧ୍ୟ ଯୋଜନାରେ ସୀମିତ ରହିଛି ବୋଲି ମତପ୍ରକାଶ ପାଇଛି।


**ODISHA PUBLIC SERVICE COMMISSION**

**NOTICE**

No.6626/P.S.C., Dt. 21.11.2024
(1E-07-2024/25) (DR-II)

**No.D-185** : The preliminary Examination for recruitment to the post of **Assistant Executive Engineer (Civil)** under PR & DW Department, pursuant to the Advertisement No. **33 of 2023-24** will be held at Balasore, Berhampur, Bhubaneswar, Cuttack and Sambalpur zones as per the following programme :

**Programme of Examination**

| Date | Time |
|---|---|
| 08.12.2024 (Sunday) | 10.00 A.M. to 11.30 A.M. (10.00 A.M. to 12.00 P.M. for PWD Candidates) |

The candidates are required to download their **"Admission certificate"** and **"Instruction to Candidates"** from website of the Commission **(www.opsc.gov.in) from 03.12.2024 onwards**.

Sd./- Secretary

OIPR-12002/11/0095/2425

See Career Appointment on every Wednesday & Saturday

**Government of Odisha**
**"e" Procurement Notice**
**WORKS DEPARTMENT**
**Bid Identification No.CCEKC-28/2024-25**
e-mail:ccekeonjharpwdcircle@gmail.com
sekcpwd_keonjhar@yahoo.com
**No.B-652:** Letter No.5436, dt.18.11.2024

1. No. of the Work : 4 Number Building Works and 1 number Compound Wall & Approach Road
2. Estimated Cost : Rs.108.91 Lakhs to Rs.386.12 Lakhs
3. Class of Contractor : "B" Class & "A" Class
4. Period of Completion : 4 (Four) Calendar Months to 9 (Nine) Calendar Months
5. Date and Time of availability of Bid document in the portal : From 11.00 Hours of 29.11.2024 to 16.00 Hours of 13.12.2024
6. Last date/time for receipt of bids in the portal : 16.00 Hours of 13.12.2024
7. Date of Opening of Bid from Portal : 11.30 Hours on 16.12.2024
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-Procurement portal "http://tendersodisha.gov.in".

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0059/2425

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୦୪ — **ବିଜ୍ଞାପନ** — ତା:୧୮।୧୧।୨୪

No. CAD-1656: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ଆଇ.ଜି.-୧୨୬୩ (LIG-1263), ଢୁମୁଢୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ କ୍ରିଷ୍ଣା କୁମାରୀ ପଟ୍ଟନାୟକ, ସ୍ୱାମୀ: ଗିରିଜା ଶଙ୍କର ପଟ୍ଟନାୟକ, ସା/ପୋ/ଥା: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତିଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀମତୀ କ୍ରିଷ୍ଣା କୁମାରୀ ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁଚିନ୍ତନ ମିଶ୍ର, ପିତା: ସୁରେନ୍ଦ୍ର କୁମାର ମିଶ୍ର, ସା: ଦୋଳମଣ୍ଡପ ସାହି, ହାବେଲୀ ଲେନ୍, ପୋ: ପୁରୀ-୧, ଥାନା: ପୁରୀ ଟାଉନ, ଜିଲ୍ଲା: ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0334/2425

**ODISHA UNIVERSITY OF TECHNOLOGY AND RESEARCH**
Techno Campus, Ghatikia, P.O.: Mahalaxmi Vihar, Bhubaneswar - 751029, Odisha, INDIA
Tender Notice No. OUTR/Convocation/Medal/2024-25/12
Date: 21.11.2024

**TENDER CALL NOTICE**

No. KK-247: Sealed tenders are invited under two bid systems from Manufacturer/Registered firms / Suppliers / Agencies /Dealers / S.S.I. Units for the supply of Gold Medals and Silver Medals for Academic Awards for the year 2024 Pass out students of OUTR, Bhubaneswar. The tenderers must possess valid up-to-date GST and income tax clearance etc. The sealed tender will be received by speed post/ registered post/ Courier only. **No hand delivery will be accepted. The authority will not be held responsible for any postal delay. The last date of tender submission is 12.12.2024 upto 3:00 P.M. and will be opened on 13.12.2024 at 3.00 P.M**. Tender received after the scheduled date and time will not be accepted. The tender documents with details of terms and conditions are to be downloaded from the University website: **www.outr.ac.in**.
The authority reserves the right to reject/ cancel the tenders in whole or in part without assigning any reason thereof.

OIPR-16005/11/0043/2425 Sd./- Registrar

**DIRECTORATE OF FIRE & EMERGENCY SERVICE HOME GUARDS & CIVIL DEFENCE, ODISHA, CUTTACK**
Address-3rd Floor, Vigilance Building, Nuapatna, Buxibazar, Cuttack-753001
Tel.-0671-2300317, Fax:0671-2300201, E-mail:odishafire-hgs-cd@gov.in

**NOTICE INVITING BID**

**No.D-184:**Online Bids through e-Tender Portal http://tendersodisha.gov.in. are invited from the eligible bidders for selection of a supplier for Procurement of various type of vehicle & equipment, selection of a system integrator for supply, installation and commissioning of IT Assets for Digital Transformation for Directorate General of Fire & Emergency Service, Home Guards & Civil Defence, Govt. of Odisha during the current financial year 2024-25 as per the particulars mentioned below.
**The details of equipment with requirement of the e-RFP is a follows :-**

| Sl No. | Tender call Notice no. | Name of the item | Approx. Quantity |
|---|---|---|---|
| 1 | Tender Call Notice No.-3/2024-25 | Selection of supply, installation and commissioning of IT Assets for Digital Transformation of Odisha Fire & Emergency Service, Odisha | 01 |
| 2 | Tender Call Notice No.-4/2024-25 | Selection of System Integrator for Digital Transformation of Odisha Fire & Emergency Service, Odisha | 01 |
| 3 | Tender Call Notice No.-5/2024-25 | Air Compressed Van for Charging of B.A | 02 |

The above mentioned bids are enabled with Reverse Auction. The Last date of Bid submission is Dt. 30-11-2024. The bid documents with all information relating to the bidding process including Bid schedule, cost of bid documents, Prequalification criteria, Technical specification of the equipment and terms & conditions are available on the websites: www.odishafshgscd.gov.in and http://tendersodisha.gov.in. The authority reserves the right to accept/ reject any part thereof or all the BIDs without assigning any reason thereof.

Sd./- IG of Police
Fire & Emergency Services
Home Guards Odisha, Cuttack
OIPR-12146/11/0002/2425

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**
Near Jail Chowk e-mail id - dfo.sambalpur@odisha.gov.in

**WALK-IN INTERVIEW**

**No.MM-266:**Sambalpur Forest Division requires qualified candidates with Graduation in any subject, preferably in GIS Expert/Remote Sensing/ Programming from a recognized university with additional desirable qualification such as GIS certification, Experience with GIS Software, GIS Mapping, data interpretation, map preparation, developing decision support system, Technical Skills such as use of Python and R language in GIS software or temporal data visualization and data analytics related to natural resources, soft skills like job-specific problem solving ability for temporary engagement as **one GIS Expert** for active wildlife management in this division. The Walk-in interview is scheduled **on 30.11.2024 at 11:00 AM** at Conference Hall of Sambalpur Forest Division.
Candidates are requested to submit a CV in the mail ID- **dfo.sambalpur@odisha.gov.in**
The application form along with detail terms and conditions shall be available on the website **www.sambalpur.nic.in/ www.odishaforest.in 22 .11.2024.**

Sd./-Divisional Forest Officer
Sambalpur Forest Division
OIPR-08104/11/0008/2425

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR**
No.5418/ Date. 18.11.2024

**INVITATIONS FOR BIDS (IFB)**
**2nd Corrigendum to**
**Bid Identification No.CCEKC-22/2024-25**

**No.B-654:**The following changes are made to the works invited vide Bid Identification No. CCEKC-22/2024-25 vide Letter No.4842, dt.21.10.2024.

1. The bid documents in the website www.tendersodisha.gov.in will be available in the website from 11.00 hours of 28.11.2024 to 16.00 hours of 12.12.2024 for online bidding.
2. Bids shall be received only on "online" on or before 16.00 Hours of 12.12.2024.
3. Bids received 'on-line' shall be opened at 11.30 Hours on 13.12.2024 in the office of the Chief Construction Engineer, Keonjhar (R&B) Circle, Keonjhar.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

**All other terms & conditions remained unchanged.**

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0058/2425

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar - 751003, Odisha
Ph.: (0674) 2974145, E-mail: imagebbsr1999@gmail.com
No. 5272/IMAGE Dated: 21.11.2024

**CORRIGENDUM NOTICE**
**With reference to the RFP No. 5055/IMAGE Dt.12.11.2024 for "Selection of Event Management Agency for Krushi Odisha - 2025"**

No. CAD-: The details of information relating to the Corrigendum with reference to the RFP No. 5055/IMAGE Dt.12.11.2024 can be downloaded from **www.agri.odisha.gov.in** from Dt.17.10.2024. Other terms and conditions as mentioned in the RFP document remains unchanged.

**Sd./- Director, IMAGE**
OIPR-01408/11/0014/2425

**GOVERNMENT OF ODISHA**
**OFFICE OF THE EXECUTIVE ENGINEER (AGRIL.) SOIL CONSERVATION, NORTHERN ZONE, AT/PO- BURLA, SAMBALPUR-768017**
No.L-91: e-mail: eenzsc.sambalpur@gmail.com
Notice No.226 Dt.20.11.2024

**NATIONAL COMPETITIVE BIDDING THROUGH e-Procurement**
**Identification No.03/DSC&WD/NZ/2024-25, Dt.20.11.2024**

| | | | |
|---|---|---|---|
| 1 | Nature of Work | : | Restoration of damaged land caused by untreated sewage discharge by Belpahad Municipality, Jharsuguda |
| 2 | Nos. of Work | : | 1 No. |
| 3 | Tendered amount in Rs. | : | Rs.21,08,242/- |
| 4 | Period of Completion | : | 120 days |
| 5 | Date & Time of availability of bid document in the portal | : | From 10.00 Hrs. of 27.11.2024 to 17.30 Hrs. of 02.12.2024 |
| 6 | Last date/time of receipt of original documents in tender box at the office of the undersigned | : | Before 17.30 Hrs. of 05.12.2024 (Except Holidays) |
| 7 | Date & Time of opening of bids | : | 11.00 Hrs. of 06.12.2024 onwards |
| 8 | Name and Address of the Officer Inviting Bid | : | Executive Engineer (Agril.), Soil Conservation, Northern Zone, Sambalpur, At/Po- Burla, Near Planetarium Chowk, Pin- 768017 |

Further details can be seen from the website www.tendersodisha.gov.in.

Sd./- Executive Engineer (Agril.)
Soil Conservation, NZ, Sambalpur
OIPR-01481/11/0003/2425




ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ, ବରିଷ୍ଠ ନେତା ମନୀଷ ସିସୋଡିଆ, ସଞ୍ଜୟ ସିଂ, ଗୋପାଳ ରାୟ, ସତ୍ୟେନ୍ଦ୍ର ଜୈନ ଓ ଅନ୍ୟମାନେ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ 'ରେଓ୍ୱରି ପର୍ ଚର୍ଚ୍ଚା' ଅଭିଯାନର ଶୁଭାରମ୍ଭ କରୁଛନ୍ତି। (ଫଟୋ– ଚମନ ଗୌତମ)

# ଲାଞ୍ଚ ମାମଲାରେ ଆଦାନୀ ଗ୍ରୁପ୍‌ର ସମ୍ପୃକ୍ତି ଚିନ୍ତା ବଢ଼ାଇଛି: ଶ୍ରୀକାନ୍ତ



କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ ଜେନା ଓ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୨୨।୧୧(ସୁନିତ୍ ମିଶ୍ର)

୨ ହଜାର କୋଟି ଟଙ୍କା ଲାଞ୍ଚ ମାମଲାରେ ଆଦାନୀ ଗ୍ରୁପ୍ ସମ୍ପୃକ୍ତି ଏବଂ ଆମେରିକାର କର୍ତ୍ତୃପକ୍ଷଙ୍କ ଅଭିଯୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଏବଂ କର୍ପୋରେଟ୍ ସ୍ୱାର୍ଥ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ସମଗ୍ର ବିଶ୍ୱରେ ଏହି ଘଟଣା ଚହଳ ପକାଉଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଏହାର ଜଟିଳତାକୁ ଦର୍ଶାଉଛି। ଏହା ଶାସନ, ନିୟାମକ ତଦାରଖ ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ନେଇ ଗୁରୁତର ଚିନ୍ତା ବଢ଼ାଇଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ କହିଛନ୍ତି, ଭ୍ରଷ୍ଟାଚାରୀ ଗୌତମ ଆଦାନୀଙ୍କୁ ମୋଦି ସରକାର ଘଣ୍ଟ ଘୋଡ଼ାଉଛି। ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ(ଏସ୍ଇସି) ପକ୍ଷରୁ ଆଦାନୀ ଓ ଅନ୍ୟମାନଙ୍କ ବିରୋଧରେ ଆମେରିକାର ପ୍ରତିଭୂତି ନିୟମ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଭାଜପା ଶାସନରେ ସିକ୍ୟୁରିଟି ଜାଲିଆତି: ଦୁର୍ନୀତି ନିବାରଣ ଅଭ୍ୟାସର ମିଥ୍ୟା ଦାବି ମାଧ୍ୟମରେ ୧୭୫ ମିଲିୟନ ଡଲାରରୁ ଅଧିକ ସଂଗ୍ରହ କରୁଥିବାବେଳେ ଆମେରିକୀୟ ନିବେଶକଙ୍କୁ ବିଭ୍ରାନ୍ତ କରୁଛି। ସରକାରୀ ଡିସ୍‌କମ୍ ଅଧିକ ମୂଲ୍ୟର ସୌରଶକ୍ତି କିଣିବାକୁ ବାଧ୍ୟହେଲା, ଯାହାଦ୍ୱାରା ଗ୍ରାହକଙ୍କ ଉପରେ ବିଦ୍ୟୁତ୍ ବିଲ୍ ଭାର ବଢ଼ିଛି। ଏହି ପକ୍ଷପାତିତା ଆଦାନୀଙ୍କ ବିମାନବନ୍ଦର, ବନ୍ଦର, ମିଡିଆ କମ୍ପାନୀ ଏବଂ ଅନ୍ୟାନ୍ୟ ସମ୍ପତ୍ତି ଅଧିଗ୍ରହଣରେ ପ୍ରତିଫଳିତ ହୋଇଛି, ଯାହାକି ପ୍ରତ୍ୟକ୍ଷ ସରକାରୀ ତତ୍ତ୍ୱାବଧାନରେ କରାଯାଇଛି। ଓଡ଼ିଶାରେ ଆଦାନୀ ଗୋଷ୍ଠୀକୁ ବିକ୍ରି ହୋଇଥିବା ପ୍ରାକୃତିକ ସମ୍ପଦ ଲୁଣ୍ଠନ କରିବାରେ ରାଜ୍ୟ ସରକାରଙ୍କ ଭୂମିକା ପ୍ରତିଫଳିତ ହୋଇଛି। ଓଡ଼ିଶାର ଖଣିଜ ସମ୍ପଦକୁ ଆଦାନୀ ହାତକୁ ଶାଗ ମାଛ ଦରରେ ବିକ୍ରି କରାଯାଇଛି। ଆଦାନୀ ଅଧୀନରେ ଆଜି ଧାମରା ଓ ଗୋପାଳପୁର ବନ୍ଦର ୯୫% ନିୟନ୍ତ୍ରଣରେ ରହିଛି। ସେବି ବିଫଳତା ଓ ହିଣ୍ଡେନ୍‌ବର୍ଗ ରିପୋର୍ଟରେ ବିନୋଦ ଆଦାନୀଙ୍କ ମାଲିକାନାରେ ଥିବା ସଂସ୍ଥାଗୁଡ଼ିକ ସହ ସେବି ଚେୟାରମ୍ୟାନ୍ ମାଧବୀ ପୁରୀ ବୁଚ୍‌ଙ୍କ ଲିଙ୍କ୍ ପ୍ରକାଶ ପାଇଛି ବୋଲି ଶ୍ରୀକାନ୍ତ କହିଛନ୍ତି। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଗନ୍ଧମାର୍ଦ୍ଦନ ପର୍ବତକୁ ଆଦାନୀଙ୍କୁ ଟେକିଦେବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଦାବି କରିଛନ୍ତି।

# ଆଦିବାସୀ, ମହିଳାଙ୍କ ଉପରେ ଅତ୍ୟାଚାର ବୃଦ୍ଧି ଚିନ୍ତାଜନକ: ବିଜେଡି

ଭୁବନେଶ୍ୱର,୨୨।୧୧(ଅନିଲ ଦାସ)

ରାଜ୍ୟରେ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି, ଦୁଇଟି ପିଲା ବିକ୍ରି ଘଟଣାକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଓ ଦଳର ମିଡ଼ିଆ ସଂଯୋଜକ ପ୍ରିୟବ୍ରତ ମାଝୀ ଗତ କିଛିଦିନରେ ରାଜ୍ୟରେ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି ବୋଲି ଅଭିଯୋଗ କରିଛନ୍ତି। ବିଶି କହିଛନ୍ତି, ରାଜ୍ୟରେ ୬୪ ପ୍ରକାରର ଆଦିବାସୀ ଅଛନ୍ତି। ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୩ ପ୍ରତିଶତ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରଠାରୁ ଲଗାତର ଭାବେ ରାଜ୍ୟରେ ଆଦିବାସୀ ଓ ମହିଳାଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଏହି ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ, ଆଦିବାସୀମାନେ ଅତ୍ୟାଚାର ଓ ଶୋଷଣର ଶିକାର ହେବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ପ୍ରଥମେ ପିଡିଏସ୍ ବଣ୍ଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା କାରଣରୁ, ଖାଦ୍ୟ ଅଭାବରୁ ଆମ୍ବଟାକୁଆ ଜାଉ ଖାଇ ୩ ଜଣ ଆଦିବାସୀ ମହିଳାଙ୍କ ମୃତ୍ୟୁ ହୋଇଛି। ଏଭଳି ଏକ ଲଜ୍ଜାଜନକ ଘଟଣା ଜନସାଧାରଣଙ୍କ ମାନସ ପଟରୁ ନ ଲିଭୁଣୁ ପିଲା ବିକ୍ରିଭଳି ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବଲାଙ୍ଗୀର ଜିଲାର ବଙ୍ଗୋମୁଣ୍ଡା ଥାନାଞ୍ଚଳରେ ଏକ ଆଦିବାସୀ ଝିଅକୁ ପ୍ରଥମେ ବଳତ୍କାର ପାଇଁ ଉଦ୍ୟମ କରିବା ଓ ପରେ ଅଖାଦ୍ୟ ଖୁଆଇବା ଭଳି ଅମାନବୀୟ ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏହି ଘଟଣାକୁ ୭ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ରାଜ୍ୟରେ ପୂର୍ବରୁ କେବେ, ବିଶେଷ କରି ଗତ ୨୪ବର୍ଷ ଶାସନ କାଳରେ ଏଭଳି ଅମାନବୀୟ ଘଟଣା ଘଟି ନ ଥିଲା। ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଅଛନ୍ତି, କିନ୍ତୁ ଆଦିବାସୀମହିଳାଙ୍କୁ ବଳାତ୍କାର କରାଯାଉଛି, ଅତ୍ୟାଚାର ଶୋଷଣ କରାଯାଉଛି, ମୁଖ୍ୟମନ୍ତ୍ରୀ ନୀରବ ଦ୍ରଷ୍ଟା ସାଜୁଛନ୍ତି । ସରକାର ନିର୍ଯାତନା ରୋକିବା ପାଇଁ କୌଣସି ଉଦ୍ୟମ ନ କରିବା ଅର୍ଥ ସରକାର ନିଜେ ନିର୍ଯାତନା ଦେଉଛନ୍ତି ବୋଲି ଧରାଯିବ । ପିଲା ବିକ୍ରି ଘଟଣାକୁ ୨୪ ଦିନ ବିତି ଯାଇଥିଲେ ମଧ୍ୟ ପିଲାକୁ ଉଦ୍ଧାର କରିବା ପାଇଁ କୌଣସି ଉଦ୍ୟମ କରା ଯାଇନାହିଁ। କୁଚିଣ୍ଡାରେ ଗୋଟିଏ ଦଳିତ ଝିଅକୁ ଗଣ ବଳାତ୍କାର କରାଗଲା। ସରକାର ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ତାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି । ଏ ସରକାର ହେଉଛନ୍ତି, ସମ୍ବେଦନହୀନ ସରକାର। ଆଦିବାସୀ ଓ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ। ରାଜ୍ୟ ସରକାର ଆଦିବାସୀମାନଙ୍କୁ ନ୍ୟାୟ ଦେବା ପାଇଁ ଉଚିତ ପଦକ୍ଷେପ ନିଅନ୍ତୁ । ପରିସ୍ଥିତିରେ ସୁଧାର ନ ଆସିଲେ, ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଶି ଚେତାବନୀ ଦେଇଛନ୍ତି।

## ବିଶି ଅଯଥା ରାଜନୀତି କରୁଛନ୍ତି: ଭାଜପା

ଭୁବନେଶ୍ୱର, ୨୨।୧୧(ସୁନିତ୍ ମିଶ୍ର)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ଦୁର୍ଭାଗ୍ୟଜନକ। ଏନେଇ ସ୍ଥାନୀୟ ପୋଲିସ ମାମଲା ରୁଜୁକରିବା ସହ କାର୍ଯ୍ୟାନୁଷ୍ଠାନ ନେବା ପ୍ରକ୍ରିୟା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତାଙ୍କୁ ଧରାଯାଇ ଜେଲକୁ ପଠାଯିବ। ମାତ୍ର ବିଜେଡି ସାଂସଦ ନିରଞ୍ଜନ ବିଶି ଏହି ପ୍ରସଙ୍ଗକୁ ନେଇ ଅଯଥା ରାଜନୀତି କରିବାକୁ ଉଦ୍ୟମ କରୁଛନ୍ତି। ଏନେଇ ତାଙ୍କ ଦ୍ୱାରା ଦିଆଯାଇଥିବା ଆଦିବାସୀ ମହିଳା ଅସୁରକ୍ଷିତ ମନ୍ତବ୍ୟ ସମ୍ପୂର୍ଣ୍ଣ ନିରର୍ଥକ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମଲିକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି। ଦିଲୀପ କହିଛନ୍ତି, ବିଜେଡି ଓ ତାଙ୍କ ଦଳର ନେତାମାନେ କୁମ୍ଭୀରକାନ୍ଦଣା ବନ୍ଦ କରନ୍ତୁ। ବିଜେଡି ସରକାରରେ ଥିଲାବେଳେ ବଲାଙ୍ଗୀର ଜିଲାରେ ମମିତା ମେହେର ଘଟଣା ଘଟିଥିଲା। ଏହି ସମୟରେ ବିଶି କେଉଁଠି ଥିଲେ। ସେହିପରି କୋରାପୁଟ ଆଦିବାସୀ ଝିଅ ତଥା କୁନ୍ଦୁଲି ପୀଡ଼ିତାଙ୍କୁ ଯେଉଁଭଳି ନିର୍ଯାତନା ଦିଆଯାଇଥିଲା ସେତେବେଳେ କ'ଣ କରୁଥିଲେ। ସବୁଠାରୁ ଦୁଃଖଦ ବିଷୟ ହେଲା, ଯେଉଁଦିନ ନବୀନବାବୁ ପଦକ ପାଇ ଫେରୁଥିଲେ ସେତେବେଳେ ଦଳୀୟ ନେତା ଓ ତତ୍କାଳୀନ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ଲମ୍ବା ପଦଯାତ୍ରା କରାଯାଇ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ କୁନ୍ଦୁଲି ପୀଡ଼ିତା ନ୍ୟାୟ ନ ପାଇ ଆତ୍ମହତ୍ୟା କରିଥିଲେ। ମାତ୍ର ବିଜେଡି ସରକାର ଏଥିପ୍ରତି ଧ୍ୟାନ ନ ଦେଇ ନବୀନବାବୁଙ୍କ ସମ୍ବର୍ଦ୍ଧନା ସଭାରେ ମାତିଥିଲା। ଏକଥାକୁ ବୋଧେ ବିଶି ଭୁଲିଯାଇଛନ୍ତି। ବିଜେଡି ସରକାର ସମୟରେ ନାରୀ ନିର୍ଯାତନା, ବଳାତ୍କାର, ଶିଶୁ ନିର୍ଯାତନା, ଅପହରଣ, ନିଖୋଜ ଭଳି ଘଟଣା ଚରମସୀମାରେ ପହଞ୍ଚିଥିଲା ବୋଲି ଦିଲୀପ କହିଛନ୍ତି।

# ଉନ୍ନୟନ ଯୋଜନାକୁ ନେଇ ବିଜେଡି–ଭାଜପା ଶୀତଳଯୁଦ୍ଧ

ଭୋଗରାଇ,୨୨।୧୧(ପ୍ରଦୀପ ଦାସ)

ସାଧାରଣ ନିର୍ବାଚନ ୫ ମାସ ବିତିଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଦିନକୁ ଦିନ ସରଗରମ ହେବାରେ ଲାଗିଛି। ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ଏବେଠୁ ବିଜେଡି, ଭାଜପା ନେତାମାନେ ମୁହାଁମୁହିଁ ହୋଇ ଅଣ୍ଟା ଭିଡ଼ିଥିବା ବେଳେ କଂଗ୍ରେସ ବି ପଛରେ ପଡ଼ିନାହିଁ। ଏଭଳି ସ୍ଥିତିରେ ଭୋଗରାଇ ବିଡିଓଙ୍କ ମନମୁଖୀ ଉନ୍ନୟନ କାର୍ଯ୍ୟକୁ ବିରୋଧ କରିଛି ବିଜେଡି।

ବ୍ଲକ ଉନ୍ନୟନ କାର୍ଯ୍ୟକୁ ବିଳମ୍ବିତ କରିବା ଓ ପ୍ରକଳ୍ପ ତାଲିକାକୁ ବଦଳାଇ ଚଞ୍ଚକତା ପୂର୍ବକ ଜିଆଇଏ(ଗ୍ରାଣ୍ଟ ଇନ୍ ଏଡ୍) ଯୋଜନାରେ ଅନ୍ୟ ଏକ ପ୍ରକଳ୍ପ ତାଲିକା ସଂଗ୍ରହ କରି ପଞ୍ଚାୟତସମିତି ବିନା ଅନୁମୋଦନରେ ଭୋଗରାଇ ବିଡିଓ ଚଞ୍ଚକତା କରୁଥିବା ବିଜେଡି ଅଭିଯୋଗ କରିଛି। ବିଡିଓଙ୍କ ଏଭଳି କାର୍ଯ୍ୟ ବିରୋଧରେ ଭୋଗରାଇ ବିଜେଡି ନ୍ୟାୟ ଦାବିରେ ଗଣଆନ୍ଦୋଳନ ଗଢ଼ିତୋଳିବ ବୋଲି ସୂଚନା ଦେଇଛି। ଗୁରୁବାର ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରିଙ୍କ ସମେତ ବିଜେଡି ସମର୍ଥିତ ୪୦ ସରପଞ୍ଚ,୩୯ଜଣ ସମିତି ଓ ଜିଲାପରିଷଦ ସଦସ୍ୟମାନେ ମିଳିତ ହୋଇ ବ୍ଲକ ଘେରାଉ କରିଥିଲେ। ବିଜେଡି ନେତୃମଣ୍ଡଳୀ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଉଦ୍ଦେଶ୍ୟରେ ଭୋଗରାଇ ଭାରପ୍ରାପ୍ତ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୭ଦିନ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ ପଞ୍ଚାୟତ ସମିତି ଜରିଆରେ ପୂର୍ବରୁ ବିଧିବଦ୍ଧ ଭାବେ ବ୍ଲକର ଜିଆଇଏ ପ୍ରକଳ୍ପ ତାଲିକା ଅନୁମୋଦନ ନିମନ୍ତେ ଜିଲାକୁ ପଠା ନ ଗଲେ ପଞ୍ଚାୟତ ପ୍ରତିନିଧିମାନେ ବ୍ଲକ ପରିସରରେ ଆମରଣ ଅନଶନରେ ବସିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ଅପରପକ୍ଷରେ ବିଜେଡି କରିଥିବା ଅଭିଯୋଗ ଓ ଆନ୍ଦୋଳନକୁ ସମାଲୋଚନା କରିଛନ୍ତି ଭୋଗରାଇ ଭାଜପା ନେତୃମଣ୍ଡଳୀ। ଶୁକ୍ରବାର ଭୋଗରାଇର ବରିଷ୍ଠ ଭାଜପା ନେତାମାନେ ଥାନା ଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ବିଜେଡି କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟାର ପ୍ରଳାପ ବୋଲି ସମାଲୋଚନା କରିଛନ୍ତି। ଦୀର୍ଘ ୨୪ବର୍ଷ ବିଜେଡି ଶାସନ କ୍ଷମତାରେ ରହି ଓଡ଼ିଶା ଲୋକଙ୍କୁ ପ୍ରତାରଣା କରି ଉନ୍ନୟନ ଯୋଜନା ଅର୍ଥକୁ ହରିଲୁଟ କରିଛି। ଭୋଗରାଇ ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ଦଳୀୟ ନେତାଙ୍କୁ ତୁଷ୍ଟୀକରଣ କରି ଦୁର୍ନୀତିର ଗନ୍ତାଘରରେ ଉବୁଟୁବୁ ହୋଇଥିବା ବେଳେ ଭୋଗରାଇ ବିଧାୟକ ସରକାରଙ୍କ ଗାଇଡ୍‌ଲାଇନ ଭଲ ଭାବେ ପଢ଼ି ତାଙ୍କ ନେତାଙ୍କୁ ରାଜନୈତିକ ଶିକ୍ଷା ଦିଅନ୍ତୁ ବୋଲି ଭାଜପା ଆହ୍ୱାନ ଦେଇଛି। ରାଜ୍ୟରେ ଭାଜପା ଏକ ସ୍ୱଚ୍ଛ ସରକାର ଗଢ଼ି ସାଧାରଣ ଲୋକଙ୍କ ସୁଖଦୁଃଖର ଭାଗିଦାରୀ ହୋଇଥିବା ବେଳେ ଗଣତାନ୍ତ୍ରିକ ପଦ୍ଧତିରେ ବ୍ଲକ ପ୍ରଶାସନ ସମସ୍ତ ଉନ୍ନୟନ କାର୍ଯ୍ୟ କରୁଛି ବୋଲି ଭାଜପା ନେତାମାନେ ଦାବି କରିଛନ୍ତି। ବିଜେଡି ଶାସନ କାଳରେ ଭୋଗରାଇ ବ୍ଲକରେ ବିଭିନ୍ନ ଉନ୍ନୟନ ଯୋଜନାରେ ଅଦ୍ୟାବଧି ୩୦କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିବାର ଉଦ୍ଦେଶ୍ୟ କ'ଣ ବୋଲି ଭାଜପା ଓଲଟା ପ୍ରଶ୍ନ କରିଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ଅଶୋକ କୁମାର ଦାସ, ରାଧାକାନ୍ତ ପ୍ରଧାନ, ସଞ୍ଜୀବ କୁମାର ସାହୁ, ଶକ୍ତିପଦ ପାଣ୍ଡେ, ନୀଳକଣ୍ଠ ଘୋଷ, ଦିଲୀପ କୁମାର ଦତ୍ତ, ପରମାନନ୍ଦ ପରିଡା, ତରଣୀକାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ଓ ଭାଜପାର ରାଜନୈତିକ ରଣକୌଶଳ ସ୍ଥିତିକୁ ଭୋଗରାଇ କଂଗ୍ରେସ ତୀକ୍ଷ୍ଣ ନଜର ରଖିଥିବା ସୂଚନା ମିଳିଛି।

# ୨ ନେତା ମୁହାଁମୁହିଁ: ଥାନାରେ ପୃଥକ୍ ମାମଲା

ଡେରାବିଶ, ୨୨।୧୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ସମାପନ ପରେ ବ୍ଲକ ପରିସରରେ ୨ ନେତାଙ୍କ ମୁହାଁମୁହିଁ ଓ କଥା କଟାକଟି ହେବା ଘଟଣା ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଛି। ଏ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟରେ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ, ବ୍ଲକ ପରିସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମିତିସଭ୍ୟ ସରୋଜକାନ୍ତ ସାହୁ ଓ ଅବସରପ୍ରାପ୍ତ ଆଧ୍ୟାପକ ତଥା ନେତା ଅଜୟ କୁମାର ରାଉତଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପ୍ରଥମେ କଥା କଟାକଟି ଓ ପରେ ଗାଳିଗୁଲଜ ହେଉଥିଲା। ସେଠାରେ ଉପସ୍ଥିତ ଥିବା ବିଡିଓ ଓ ଜନପ୍ରତିନିଧିମାନେ ଉଭୟଙ୍କୁ ବୁଝାଶୁଝା କରି ଘଟଣାକୁ ଶାନ୍ତ କରିଥିଲେ। ଥାନାରେ ସରୋଜଙ୍କ ଅଭିଯୋଗକୁ ଭିତ୍ତିକରି ଅଜୟଙ୍କ ବିରୋଧରେ ନଂ.୬୩୨/୨୪ରେ ମାମଲା ରୁଜୁ ହୋଇଥିବାବେଳେ ଅଜୟଙ୍କ ଅଭିଯୋଗକୁ ଭିତ୍ତିକରି ସରୋଜଙ୍କ ବିରୋଧରେ ନଂ. ୬୩୩/୨୪ରେ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ ପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଉଭୟଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଉଠାଇ ନ ଥିବାରୁ ମତାମତ ହସ୍ତଗତ ହୋଇପାରିନାହିଁ।

# ଏଆଇସିସି ରିସର୍ଚ୍ଚ କମିଟିରେ ଅରୋପ୍ରସାଦ

ଭୁବନେଶ୍ୱର, ୨୨।୧୧(ସୁନିତ୍ ମିଶ୍ର)



ଅରୋପ୍ରସାଦ ମିଶ୍ର

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ରିସର୍ଚ୍ଚ କମିଟିରେ ଏକମାତ୍ର ଓଡ଼ିଆ ଭାବେ ଅରୋପ୍ରସାଦ ମିଶ୍ରଙ୍କୁ ସ୍ଥାନ ମିଳିଛି। ତାଙ୍କୁ ରିସର୍ଚ୍ଚ କମିଟିର ଜାତୀୟ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ଏଆଇସିସି ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଥିବା କେ.ସି. ବେଣୁଗୋପାଳଙ୍କ ଦସ୍ତଖତରେ ଆସିଥିବା ଚିଠିରେ ଦର୍ଶାଯାଇଛି। ଏଆଇସିସି ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅରୋପ୍ରସାଦ ୨୦୧୯ ସାଧାରଣ ନିର୍ବାଚନରେ ପୁରୀ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ।

## ଅନ୍ୟାନ୍ୟ ଖବର

# ବିଦ୍ୟୁତ୍ ଆଘାତରେ ୬ ବର୍ଷରେ ୯୬ ହାତୀଙ୍କ ମୃତ୍ୟୁ


ଭୁବନେଶ୍ୱର, ୨୨।୧୧(ବନ୍ଦନା ସେଠୀ)

ଗତ ୬ବର୍ଷରେ ରାଜ୍ୟରେ ବିଦ୍ୟୁତ୍ ଆଘାତରେ ୯୬ ହାତୀଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ୨୦୧୯ରେ ବିଦ୍ୟୁତ୍ ଆଘାତରେ ୯ଟି ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିରୁ ୨ଟି ହାତୀଙ୍କର ଆକ୍ସିଡେଣ୍ଟାଲ୍ ଅର୍ଥାତ୍ ଝୁଲି ରହିଥିବା ବିଦ୍ୟୁତ୍ ତାର କିମ୍ବା ଟ୍ରାନ୍ସଫର୍ମରରେ ଶୁଣ୍ଢ ଗଳାଇ ଦୁର୍ଘଟଣା କାରଣରୁ ମୃତ୍ୟୁ ହୋଇଛି। ବାକି ୭ଟି ହାତୀଙ୍କ ଡେଲିବରେଟ୍ ଅର୍ଥାତ୍ ବିଦ୍ୟୁତ୍ ଫାଶ କିମ୍ବା ଶିକାର ପାଇଁ ବସାଯାଇଥିବା ବିଦ୍ୟୁତ୍ ତାର ଆଘାତରେ ମୃତ୍ୟୁ ହୋଇଛି। ସେହିପରି ୨୦୨୦ରେ ୮ ହାତୀ, ୨୦୨୧ରେ ୧୧ ହାତୀ, ୨୦୨୨ରେ ୨୧ ହାତୀ, ୨୦୨୩ରେ ୨୨ ହାତୀ ଏବଂ ୨୦୨୪ ନଭେମ୍ବର ୨୦ ସୁଦ୍ଧା ୨୫ ହାତୀଙ୍କ ବିଦ୍ୟୁତ୍‌ଆଘାତରେ ମୃତ୍ୟୁ ହୋଇଛି। ଏହିପରି ୬ବର୍ଷରେ ଆଖି ବୁଜିଥିବା ୯୬ଟି ହାତୀଙ୍କ ମଧ୍ୟରୁ ୭୯ଟି ହାତୀଙ୍କର ଡେଲିବରେଟ୍ ଏବଂ ୧୭ଟି ହାତୀଙ୍କ ଦୁର୍ଘଟଣାବଶତଃ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେହିପରି ଚଳିତବର୍ଷ ଜାନୁଆରୀରୁ ଏଯାଏ ୬୩ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ସେଥିରୁ ୫୦ଟି ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। କେଉଁ କାରଣ ପାଇଁ ଏତେ ସଂଖ୍ୟକ ହାତୀଙ୍କ ମୃତ୍ୟୁ ହେଉଛି, ତାହାର ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏତେ ପରେ ବି ହାତୀମୃତ୍ୟୁରେ ରୋକ୍ ଲାଗିପାରୁ ନାହିଁ। ତେଣୁ ଏହାକୁ ରୋକିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସେସର ଏଲିଫ୍ୟାଣ୍ଟ ସେଣ୍ଟର ଷ୍ଟଡିର ତଥ୍ୟ ଅନୁଯାୟୀ, ରାଜ୍ୟରେ ଯେତିକି ହାତୀ ରହିବା କଥା, ଏବେ ତା'ଠାରୁ ୪ଶହ ଅଧିକ ହାତୀ ଅର୍ଥାତ୍ ମୋଟ୍ ୨୦୯୮ ହାତୀ ଅଛନ୍ତି। ମାତ୍ର ଯେଉଁ ମାତ୍ରାରେ ହାତୀଙ୍କ ମୃତ୍ୟୁ ହେଉଛି ତାକୁ ଆକଳନ କଲେ, ଆଉ କିଛିବର୍ଷ ପରେ ରାଜ୍ୟ ହାତୀଶୂନ୍ୟ ହେବା ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଏନେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ସୁଶାନ୍ତ ନନ୍ଦ କହିଛନ୍ତି, ବିଦ୍ୟୁତ୍ ଆଘାତରେ ହାତୀଙ୍କ ସମେତ ଅନେକ ସମୟରେ ଲୋକଙ୍କର ମଧ୍ୟ ଜୀବନ ଯାଉଛି। ତେଣୁ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ମିଳିତ ଭାବେ କାମ କଲେ, ନିଶ୍ଚିତ ଭାବେ ହାତୀ ମୃତ୍ୟୁରେ ରୋକ ଲାଗିପାରିବ। ଏବେ ବନ ବିଭାଗ ମଧ୍ୟ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ୍ ଆକ୍ଟ ଅନୁଯାୟୀ ନିଜଆଡୁ ମାମଲା ଦାୟର କରୁଛି ଏବଂ ଦୋଷୀଙ୍କୁ ଧରାଯାଉଛି। ବିଦ୍ୟୁତ୍ ବିଭାଗ ପାୱାର ସପ୍ଲାଏ କରୁଛି। ତେଣୁ କୌଣସି ସ୍ଥାନରେ ହୁକିଂ ଦ୍ୱାରା ବିଦ୍ୟୁତ୍ ଚୋରି ହେଲେ ସେମାନେ ମାମଲା ଦାଏର କରିବା ଆବଶ୍ୟକ ବୋଲି ପିସିସିଏଫ୍ କହିଛନ୍ତି।

# ଚାକିରି, ରୋଜଗାରର ପରିଭାଷାକୁ ବ୍ୟାପକ କରିବାକୁ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୨।୧୧(ସୁନିତ୍ ମିଶ୍ର)




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ସହ ୬ଟି ରାଜ୍ୟର ଯୁବବର୍ଗଙ୍କ ପାଇଁ 'ଜବସ୍ ଆଟ୍ ୟୋର୍ ଡୋର୍ ଷ୍ଟେପ୍: ଏ ଜବସ୍ ଡାଇଗ୍ନୋଷ୍ଟିକ୍ସ ଫର୍ ୟଙ୍ଗ୍ ପିପୁଲ ଅନ୍ ସିକ୍ସ ଷ୍ଟେଟ୍ସ' ଶୀର୍ଷକ ଏକ ରିପୋର୍ଟ ଉନ୍ମୋଚନ କରିଛନ୍ତି। ଏହି ୬ ରାଜ୍ୟ ହେଉଛି ଓଡ଼ିଶା, ହିମାଚଳ ପ୍ରଦେଶ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ। ଏହି ରିପୋର୍ଟ ଉପରୋକ୍ତ ୬ ରାଜ୍ୟର ଚାକିରି ଅନ୍ୱେଷଣ କରିବା ସହ ମାଧ୍ୟମିକ ବିଦ୍ୟାଳୟରୁ ସ୍ନାତକ ହାସଲ କରିଥିବା ଯୁବକଙ୍କ ପାଇଁ ସର୍ବୋତ୍ତମ ନିଯୁକ୍ତି ସୁଯୋଗ ପ୍ରଦାନ କରୁଥିବା ପ୍ରମୁଖ ପ୍ରାଥମିକତା କ୍ଷେତ୍ରକୁ ଚିହ୍ନଟ କରିବ। ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ୬ଟି ରାଜ୍ୟ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପାଇଁ ବିଶ୍ୱବ୍ୟାଙ୍କ୍ ଟିମ୍‌କୁ ପ୍ରଶଂସା କରିବା ସହ ବିଶ୍ୱବ୍ୟାଙ୍କ ଟିମ୍‌କୁ ସର୍ବଭାରତୀୟ ଫ୍ରେମ୍‌ୱାର୍କ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଆଗାମୀ ଦିନରେ ଆମ ଦେଶର ଜନସଂଖ୍ୟା ବିଶ୍ୱ ଅର୍ଥନୀତିର ଡ୍ରାଇଭର ହେବ। ଏଥିପାଇଁ ବିଦ୍ୟାଳୟଗୁଡ଼ିକରେ ଦକ୍ଷତାକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି। ଜାତୀୟ ଶିକ୍ଷା ନୀତିରେ ବିଦ୍ୟାଳୟଗୁଡ଼ିକରେ ଦକ୍ଷତାକୁ ମୁଖ୍ୟସ୍ରୋତରେ ଆଣିବାର ପରିକଳ୍ପନା କରାଯାଇଛି। ବୈଷୟିକ ଜ୍ଞାନକୌଶଳ ଭବିଷ୍ୟତରେ ନିଯୁକ୍ତି ଏବଂ ଆର୍ଥିକ କ୍ଷେତ୍ରକୁ ପରିବର୍ତ୍ତନ କରିବ। ଏଥିପାଇଁ ଭବିଷ୍ୟତରେ କର୍ମଚାରୀଙ୍କୁ ଅପ୍–ସ୍କିଲ୍ ଏବଂ ରି–ସ୍କିଲ୍ କରାଇବାର ଆବଶ୍ୟକତା ରହିଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଶିକ୍ଷା ନୀତିଏବଂ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆରମ୍ଭକରି ଶିକ୍ଷା କ୍ଷେତ୍ରରେ ଏକ ବଡ ପଦକ୍ଷେପ ନିଆଯାଇଛି। ଉଭୟ ନୀତିରେ ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜାତୀୟ ଶିକ୍ଷାନୀତି ମାଧ୍ୟମରେ ୨୦୨୫ ସୁଦ୍ଧା ୫୦% ଛାତ୍ରୀଛାତ୍ରଙ୍କୁ ଦକ୍ଷତାଭିତ୍ତିକ ଶିକ୍ଷା ହାସଲ କରିବା ଏବଂ ୨୦୩୦ ସୁଦ୍ଧା ଦକ୍ଷତାଭିତ୍ତିକ ଶିକ୍ଷା ପ୍ରଦାନ କରୁଥିବା ସମସ୍ତ ମାଧ୍ୟମିକ ବିଦ୍ୟାଳୟକୁ ସ୍କିଲିଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରହିଛି।

# ଯାଯାବର ଗଣହତ୍ୟା ମାମଲାରେ ୬ ଗିରଫ

ସୁନ୍ଦରଗଡ଼,୨୨।୧୧
(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହୀ ଗୀତପଡ଼ାଠାରେ ଗତ ୨୯ତାରିଖ ବିଳମ୍ବିତ ରାତିରେ ଘଟିଥିବା ଯାଯାବର ଗଣହତ୍ୟା ମାମଲାରେ ପୋଲିସ ୬ଜଣଙ୍କୁ ରାଜ୍ୟ ବାହାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ରର ସନ୍ତୋଷିଆ ଭୋସଲେ(୪୫), ଯୋଗେଶ ଭୋସଲେ(୨୫), ଲାଲେ ଭୋସଲେ(୨୦), ଆକବର ପାୱାର(୩୨), ଇନ୍ତେସ ପାୱାର(୩୫) ଓ କର୍ନାଟକର ସୁନୀଲ ପାୱାର(୩୨)। ସମସ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ସୁନ୍ଦରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇଛନ୍ତି। ଟଙ୍କା ଦେଣନେଣ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହା ଏକ ସୁଚିନ୍ତିତ ତଥା ସଂଗଠିତ ଗଣହତ୍ୟା ବୋଲି ସେ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କିଛି ମାସ ହେଲା ମହାରାଷ୍ଟ୍ରର ୱାର୍ଦ୍ଧା ଅଞ୍ଚଳର ଗୋଟିଏ ଯାଯାବର ଗୋଷ୍ଠୀର ୨୦ ଜଣ କରମଡିହୀ ଗୀତପଡ଼ାରେ ଅସ୍ଥାୟୀ ତମ୍ବୁ ତଳେ ରହୁଥିଲେ। ଗତ ୨୯ ତାରିଖ ବିଳମ୍ବିତ ରାତିରେ ଅନ୍ୟ ଏକ ଯାଯାବର ଗୋଷ୍ଠୀର କେତେଜଣ ଲୋକ ଅତର୍କିତ ଆକ୍ରମଣ କରି ଖଣ୍ଡା ଭୁଜାଲିରେ ୩ମହିଳା ସମେତ ୫ଜଣଙ୍କୁ ନିର୍ମମ ଭାବେ ହତ୍ୟା କରି ଫେରାର ହୋଇଯାଇଥିଲେ। ଏହି ଘଟଣା ସେତେବେଳେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଅଭିଯୁକ୍ତଙ୍କୁ

## ଟଙ୍କା ଦେଣନେଣ, ପୂର୍ବ ଶତ୍ରୁତାରୁ ୫ ଜଣଙ୍କୁ ହତ୍ୟା ହୋଇଥିଲା



ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

ଧରିବା ପାଇଁ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଥାନାର ଅଫିସରମାନଙ୍କୁ ଏନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ପ୍ରଥମେ ପୋଲିସ ଗତ ୧୩ ତାରିଖରେ ଅନୁଗୋଳରେ ରହୁଥିବା ଏକ ଯାଯାବର ଗୋଷ୍ଠୀର ୧୩ଜଣଙ୍କୁ ଉଠାଇ ଆଣି ପଚରାଉଚରା କରି ଛାଡ଼ି ଦେଇଥିଲା। ପରେ ଫୋନ୍ କଲ୍‌କୁ ଟ୍ରାକିଂ କରି ମହାରାଷ୍ଟ୍ର ଓ କର୍ନାଟକରୁ ୬ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟରୁ ରିମାଣ୍ଡରେ ଆଣି ପୁଣିଥରେ ଅଧିକ ପଚରାଉଚରା କରାଯାଇ ଅନ୍ୟାନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ତନାଘନା ଉଦ୍ୟମ କରୁଛି ବୋଲି ଡିଆଇଜି ରାୟ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୨୨।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

### ନାବାଳିକାଙ୍କୁ ବଳାତ୍କାର ମାମଲା

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି ହୋଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାର ଶୁଣାଣିକରି ସଦର ଥାନା ଅନ୍ତର୍ଗତ କସଡ଼ା ଗ୍ରାମର ଅଭିଯୁକ୍ତ ବିଦେଶିଆ ପ୍ରଧାନ(୨୨)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଆଉ ୧ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବିଦେଶିଆ ୨୦୨୦ ମେ ୩୧ରେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣକରି ବଳାତ୍କାର କରିଥିଲେ। ଚାଇଲ୍ଡଲାଇନ ଟିମ୍ ଲିଡର ସୁକାନ୍ତି ପାତ୍ର ଖବର ପାଇ ସଦସ୍ୟଙ୍କ ସହ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏଥିସହ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅପହରଣ ଓ ବଳାତ୍କାର ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ୧୮ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏଥିସହ ପୀଡ଼ିତାକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଲିଗାଲ ଏଡ୍‌କୁ ସୁପାରିସ କରିଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ମୋବାଇଲ ଦେଖାଇ ଶିଶୁକନ୍ୟାଙ୍କୁ ବଳାତ୍କାର

ଧାମନଗର, ୨୨।୧୧ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ଜଣେ ୫ ବର୍ଷୀୟ ଶିଶୁକନ୍ୟାଙ୍କୁ ମୋବାଇଲ ଦେଖାଇ ବଳାତ୍କାର କରାଯାଇଛି। ଘଟଣାଟି ୮ ଦିନ ତଳର ହୋଇଥିବା ବେଳେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଧାମନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା (ନଂ.୫୦୮/୨୪) ରୁଜୁ କରି ଅଭିଯୁକ୍ତ କାଞ୍ଚିଆପାଳ ଅଞ୍ଚଳର ପାଗଳା ଦାସ(୫୫)ଙ୍କୁ ଥାନାରେ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ପାଗଳା ଗତ ୧୫ ତାରିଖରେ ଶିଶୁକନ୍ୟାଙ୍କୁ ମୋବାଇଲ ପ୍ରଲୋଭନ ଦେଖାଇ ଏକ ଇଟାଭାଟି ନିକଟକୁ ନେଇ ବଳାତ୍କାର କରିଥିଲେ। ଶିଶୁକନ୍ୟା କାନ୍ଦି କାନ୍ଦି ଯାଇ ତାଙ୍କ ମା'ଙ୍କୁ ଜଣାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପାଗଳା ଗ୍ରାମ ଲୋକଙ୍କ ସାହାଯ୍ୟରେ ସମାଧାନ ପାଇଁ ଚେଷ୍ଟା କରିଥିଲେ। ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାଏକ କହିଛନ୍ତି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ଭଦ୍ରକ ମହିଳା ଇନ୍ସପେକ୍ଟର ମୋନାଲିସା କରଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି।

# ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣାରେ ଆଉ ୪ ଗିରଫ

ଯାଜପୁର/ଯାଜପୁର ଟାଉନ
(ହର୍ଷବର୍ଦ୍ଧନ ବେହେରା/ ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି), ୨୨।୧୧

ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ)ଙ୍କୁ ଆକ୍ରମଣ ଓ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ଅଭିଯୋଗରେ ଆଉ ୪ ଜଣଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଏହାକୁ ମିଶାଇ ଏଯାଏ ୧୪ ଜଣ ଗିରଫ ହୋଇଥିବା ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ୪ ଅଭିଯୁକ୍ତ ହେଲେ ଯାଜପୁର ସଦର ଥାନା ଶଙ୍ଖନାଳି ଗ୍ରାମର ପ୍ରକାଶ କୁମାର ଆଚାର୍ଯ୍ୟ(୩୪) ଓ ସୁଶୀଲ ରାଉତ (୨୮), ଯାହାନପୁର ଗ୍ରାମର ସୁଦର୍ଶନ ଓଝା (୩୫) ଓ ଯାଜପୁର ଟାଉନ ଥାନା ବାଣପୁର ଗ୍ରାମର ଅଚ୍ୟୁତାନନ୍ଦ ନାୟକ (୪୪)। ଏହି ଅଭିଯୁକ୍ତମାନଙ୍କୁ ଟାଉନ ଥାନାରେ ଜେରା କରାଯାଉଥିବାବେଳେ ଶନିବାର କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି। ଘଟଣାରେ ଆହୁରି ଅନେକ ଅଭିଯୁକ୍ତ ରହିଥିବାବେଳେ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ସମୁଦାୟ ୧୬ଟି ଏଫ୍‌ଆଇଆର ଥାନାରେ ଦାଖଲ କରାଯାଇଛି। ଯେଉଁମାନେ ଘଟଣାରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲ ଡିଆଇଜି କହିଛନ୍ତି। ବିଧାୟକଙ୍କୁ ଆକ୍ରମଣ ଘଟଣା ଏବଂ ବିରଜା ହାଟ ବିବାଦକୁ ନେଇ ଯାଜପୁର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୮ ପ୍ଲାଟୁନ ପୋଲିସ ଫୋର୍ସ ଯାଜପୁର ଟାଉନ, ଯାଜପୁର ସଦର ଓ ଧର୍ମଶାଳା ଅଞ୍ଚଳରେ ମୁତୟନ କରାଯାଇଛି। ଖବରଦାତା ସମ୍ମିଳନୀରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲ ଉପସ୍ଥିତ ଥିଲେ।

### ବବିଙ୍କ ଭାଇଙ୍କ ନାଁରେ ୪ ମାମଲା ରୁଜୁ

ଯାଜପୁର ଟାଉନ ଥାନା ପକ୍ଷରୁ ଶୁକ୍ରବାର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଭାଇ ଭବପ୍ରସାଦ ଦାସ(ଲଲ)ଙ୍କ ବିରୋଧରେ ୪ଟି କେସ୍ ରୁଜୁ କରାଯାଇଛି। ଏଥିରେ ଲଲଙ୍କ ନେତୃତ୍ୱରେ ବୁଧବାର ଯାଜପୁର ଟାଉନ୍ ଥାନା ଘେରାଉ, ଯାଜପୁର ବ୍ଲକର ବୁଢ଼ା ପୋଲ ନିକଟରେ ରାସ୍ତାରୋକୋ ଏବଂ ବିରଜା ହାଟକୁ ଆସୁଥିବା ୨ଜଣ ବ୍ୟବସାୟୀଙ୍କୁ ଅଟକାଇ ଧମକ ଦେବା ଓ ଟଙ୍କା ଛଡ଼ାଇ ନେବା ଅଭିଯୋଗ ମୁତାବକ ମାମଲା ରୁଜୁ କରାଯାଇଛି, ଯେଉଁଥିରେ ଲଲଙ୍କ ସମେତ ଯାଜପୁର ସହରର ୩୦ରୁ ଊର୍ଦ୍ଧ୍ୱ ସଂଶ୍ଳିଷ୍ଟ ଥିବା ଜଣାପଡ଼ିଛି।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

କୋରାପୁଟ,୨୨।୧୧(ଅମିତାଭ ବେହେରା)

### ଛାତ୍ରୀଙ୍କୁ ଏକତରଫା ପ୍ରେମରୁ ହତ୍ୟା ମାମଲା

କୋରାପୁଟ ଜିଲା ସେମିଳିଗୁଡ଼ାରେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡ଼ିମାରିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲା ଦୌରା ଜଜ୍ ଦୀପକ ରଞ୍ଜନ ସାହୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ନନ୍ଦପୁର ବ୍ଲକ୍ କୁମାରଗନ୍ଧଣା ଗ୍ରାମର ଗୋପୀନାଥ ଖେମୁଣ୍ଡ।

ସୂଚନା ଅନୁଯାୟୀ, ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ମାଙ୍ଗାଲିଗୁଡ଼ା ଗ୍ରାମର ଚନ୍ଦ୍ରିକା ହନ୍ତାଳ ସେମିଳିଗୁଡ଼ାସ୍ଥିତ ଶିତମ୍ ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପଢୁଥିବା ବେଳେ ଏକ ଭଡ଼ାଘରେ ରହୁଥିଲେ। ଅଭିଯୁକ୍ତ ଗୋପୀନାଥ ଚନ୍ଦ୍ରିକାଙ୍କୁ ଏକତରଫା ପ୍ରେମ କରୁଥିଲେ। ପ୍ରେମରେ ବିଫଳ ହେବାରୁ ପେଟ୍ରୋଲ ଢାଳି ଜାଳିଦେବାକୁ ଚନ୍ଦ୍ରିକାଙ୍କୁ ଧମକ ମଧ୍ୟ ଦେଉଥିଲେ। ୨୦୧୯ ମେ ୩୧ରେ ଗୋପୀନାଥ ଚନ୍ଦ୍ରିକାଙ୍କ ଭଡ଼ାଘର ଭିତରେ ପଶି ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଗୁରୁତର ଚନ୍ଦ୍ରିକାଙ୍କୁ କୋରାପୁଟ,ବ୍ରହ୍ମପୁର ମେଡିକାଲ କଲେଜ ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ତାଙ୍କ ବାପା ଗୋପୀ ହନ୍ତାଳ ସେମିଳିଗୁଡ଼ା ଥାନାରେ ଏକ ମାମଲା ରୁଜୁ କରିଥିଲେ। ପୋଲିସ ଅଭିଯୁକ୍ତ ଗୋପୀନାଥଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ମାମଲା କୋରାପୁଟ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ କେସ୍ ନଂ. ସିଟି ୫୫/୧୯ରେ ବିଚାରାଧୀନ ଥିଲା। ମାମଲାରେ ମୋଟ ୨୧ ସାକ୍ଷୀଙ୍କ ବୟାନ ଏବଂ ମୃତକଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଆଧାରକରି ଅଦାଲତ ଗୋପୀନାଥଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୨୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଜିମୁତବାହନ ସୁନାନୀ ମାମଲା ପରିଚାଳନା କରୁଥିଲେ।

# ଇନ୍‌ଫର୍ମର ସନ୍ଦେହରେ ୨ ଗ୍ରାମବାସୀଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୨୨।୧୧
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବର୍ଡର ତେଲଙ୍ଗାନା ଭେଜେଡୁ ମଣ୍ଡଳ ପେରୁ ଗ୍ରାମର ଉଇକା ରମେଶ ଏବଂ ଉଇକା ଅର୍ଜୁନଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ହତ୍ୟା କରିଛନ୍ତି। ମାଓବାଦୀଙ୍କ ୱାଜେଡୁ ଭେଙ୍କଟାପୁରମ୍ ସଂଗଠନ ସଚିବ ଶାନ୍ତଙ୍କ ଦ୍ୱାରା ଘଟଣାସ୍ଥଳରେ ଏନେଇ ଏକ ହାତଲେଖା ଚିଠିରେ ପୋଲିସ ସୂଚନାଦାତା ଯୋଗୁ ଦୁଇ ଗ୍ରାମବାସୀଙ୍କୁ ହତ୍ୟା କରାଯାଇଥିବା ଲେଖା ରହିଛି। ଏହି ଦୁଇ ୨ ଜଣଙ୍କୁ ମାଓବାଦୀମାନେ ଘରୁ ଉଠାଇ ନେଇ ଗ୍ରାମ ନିକଟରେ ହତ୍ୟାକରି ମୃତଦେହ ଛାଡି ଚାଲି ଯାଇଥିଲେ।

# ମୃତକ ମାଓବାଦୀ ନୁହନ୍ତି, ଗାଁ ମୁଖିଆ

ମାଲକାନଗିରି,୨୨।୧୧
(ଦୁର୍ଯ୍ୟୋଧନ ପାତ୍ର)

## ଘଟଣାର ତଦନ୍ତ ଦାବିକଲେ ପରିବାର ଲୋକେ



ଗ୍ରାମବାସୀ ଓ ଅନ୍ୟମାନେ ଏସ୍‌ପିଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି।

ମାଲକାନଗିରି ଜିଲା ଜିନେଲଗୁଡା ଜଙ୍ଗଲରେ ଗୁରୁବାର ହୋଇଥିବା ଏନ୍‌କାଉଣ୍ଟର ନୂଆ ମୋଡ ନେଇଛି। ପୋଲିସ ଯାହାକୁ ହାର୍ଡକୋର ମାଓବାଦୀ ବୋଲି କହୁଥିଲା, ଶୁକ୍ରବାର ସ୍ଥାନୀୟ ଲୋକେ ତାଙ୍କୁ ଗାଁ ମୁଖିଆ ବୋଲି କହିଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ କାଲିମେଳା ବ୍ଲକ ମେଟାଗୁଡା ଗାଁ ମୁଖିଆ ଏଙ୍କା ସୁନାମଙ୍କ ପାଖରେ ରହିଛି ଅନେକ ମାଛ ଧରା ଡଙ୍ଗା। ସାବେରୀ ନଦୀରେ ସେ ମାଛ ଧରନ୍ତି। ୨୦ ତାରିଖ ବିଳମ୍ବିତ ରାତିରେ ମାଓବାଦୀମାନେ ଏଙ୍କାଙ୍କ ଘରକୁ ଆସି ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଡଙ୍ଗାରେ ସାବେରୀ ନଦୀପାର କରିବାକୁ କହିଥିଲେ। ବାଧ୍ୟ ହୋଇ ଏଙ୍କା ମାଓବାଦୀଙ୍କୁ ଡଙ୍ଗାରେ ଛାଡିବାପରେ ସେଠାରେ ଡିଭିଏଫ୍ ଗୁଳି ଚାଳନା କରିଥିଲେ, ଯେଉଁଥିରେ ଏଙ୍କାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଙ୍କାଙ୍କ ସ୍ତ୍ରୀ, ଭାଇ ଓ ଗାଁ ଲୋକେ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ପହଞ୍ଚି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଭେଟି ଘଟଣାର ତଦନ୍ତ କରିବା ଲାଗି ଦାବି କରିଛନ୍ତି। ଏହା ସହ ଏଙ୍କାଙ୍କ ଛୋଟ ପିଲା ରହିଥିବା ବେଳେ ପରିବାରକୁ କ୍ଷତିପୂରଣ ଦେବା ଲାଗି ମଧ୍ୟ ଗାଁ ଲୋକେ ଡିଆଇଜିଙ୍କ ନିକଟରେ ଦାବି କରିଛନ୍ତି। ତେବେ ଏନେଇ ଗୁରୁବାର ପୋଲିସ ଡିଜି କିନ୍ତୁ ମୃତକ ଜଣେ ମାଓବାଦୀ ବୋଲି କହିଥିଲେ।

# ୨ ଅଭିଯୁକ୍ତଙ୍କୁ ଆଜୀବନ ଦଣ୍ଡାଦେଶ

ଫୁଲବାଣୀ,୨୨।୧୧
(ରାକେଶ କୁମାର ରାଉତ)

ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ରାଜେଶ ଦାସ ଶୁକ୍ରବାର ଏକ ନାବାଳିକା ଗଣବଳାତ୍କାର ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୩୦ ହଜାର ଲେଖାଏ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଉଭୟେ ଅଧିକ ୧୦ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳର ସୁକାନ୍ତ କହଁର ଓ ସରୋଜ କହଁର ଓରଫ ପିଣ୍ଟୁ।

ମିଳିଥିବା ସୂଚନା ଅନୁସାରେ, ୨୦୨୧ ଏପ୍ରିଲ ୨୮ ତାରିଖରେ ଫିରିଙ୍ଗିଆ ଥାନା ଅଞ୍ଚଳର ୧୨ ବର୍ଷୀୟା ନାବାଳିକା ଜଣକ ଗ୍ରାମରେ ଏକ ବିବାହ ଭୋଜି ଖାଇ ଫେରୁଥିବା ବେଳେ ବାଟରେ ୨ଟି ବାଇକ୍‌ରେ ୪ ଜଣ ଆସି ତାଙ୍କୁ ଅପହରଣ କରିନେଇଥିଲେ । ସେମାନେ ପ୍ରାୟ ୧୦ କି.ମି. ଦୂର ଏକ ନିଛାଟିଆ ସ୍ଥାନକୁ ନେଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚେତାଶୂନ୍ୟ ହେବା ପରେ ତାଙ୍କୁ ରାସ୍ତାକଡ଼ରେ ଫିଙ୍ଗି ଚାଲିଯାଇଥିଲେ । ପରିବାର ଲୋକେ ଝିଅକୁ ଖୋଜାଖୋଜି କରି ପାଇ ନ ଥିଲେ। ଜଣେ ଅଟୋଚାଳକ ରକ୍ତାକ୍ତ ଅବସ୍ଥାରେ ନାବାଳିକାଙ୍କୁ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଝିଅକୁ ଉଦ୍ଧାର କରି ଘଟଣା

### ନାବାଳିକା ଗଣବଳାତ୍କାର ମାମଲା

ସମ୍ପର୍କରେ ଜାଣିବା ପରେ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ମୋଟ ୨୨ ଜଣଙ୍କ ସାକ୍ଷ୍ୟ ଏବଂ ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ୨ ଜଣଙ୍କୁ ଦଣ୍ଡିତ କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ମହେଶ୍ୱର କହଁରଙ୍କୁ ଖଲାସ କରିଛନ୍ତି। ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ସିଦ୍ଧାନ୍ତ କହଁର ଏବେ ବି ଫେରାର ଅଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚୋରି କଲା ଲୋକର ଏକ ପାପ,
ଚୋରି ଗଲା ଲୋକର ସହସ୍ରେ ପାପ ।**

ପର ଦ୍ରବ୍ୟ ହରଣକରିବା ବା ଚୋରି କରିବା ପାପରେ ଲେଖା ହୋଇଥାଏ। ସେହିପରି ଯାହାର ଚୋରି ହୋଇଥାଏ, ସେ ବହୁ ଲୋକଙ୍କୁ ଅଯଥାରେ ସନ୍ଦେହ କରିଥାଏ। ଫଳରେ ସେ ଅଧିକ ପାପ କରିବସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚିଙ୍ଗୁଡ଼ି ମାଛର ଝୋଳ
ମାଆଟି ପୁଅଟି ଖାଇ ଜାଣିଥିଲେ
ବହୂଟା ଆସିଲେ ଗୋଳ ।**

ସାଧାରଣତଃ ପରିବାରର ସଦସ୍ୟଙ୍କ ସଂଖ୍ୟା ଯେତେ ବଢ଼େ ଖାଦ୍ୟର ଆବଶ୍ୟକତା ସେତେ ଅଧିକ ଦେଖାଦିଏ। ତେଣୁ ଖାଦ୍ୟର ଆବଶ୍ୟକତା ବା ପରିମାଣ ପରିବାରର ସଦସ୍ୟଙ୍କ ସଂଖ୍ୟା ଉପରେ ନିର୍ଭର କରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ, ସ୍ୱାମୀ ଗିରଫ

ଓଡ଼ଗାଁ, ୨୨।୧୧
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଗିରିଡିପଲ୍ଲୀ ପଞ୍ଚାୟତ ଖାଡ଼ସାହି ଗ୍ରାମରେ ଶୁକ୍ରବାର ସକାଳେ ପାରିବାରିକ କଳହରୁ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତା ହେଉଛନ୍ତି, ବାସନ୍ତୀ ପ୍ରଧାନ (୫୯)। ସ୍ତ୍ରୀ ସ୍ୱାମୀ ଭିତରେ କଳି ଝଗଡ଼ାକୁ ନେଇ ଉତ୍ତ୍ୟକ୍ତ ହୋଇପଡ଼ିଥିବା ସ୍ୱାମୀ ଗଦାଧର ପ୍ରଧାନ(୬୨) ଟାଙ୍ଗିଆରେ ବାସନ୍ତୀଙ୍କ ବେକରେ ଏକ ଚୋଟ ପକାଇଥିଲେ। ସେଠାରେ ବାସନ୍ତୀ ଟଳିପଡ଼ିଥିଲେ। ଗଦାଧରଙ୍କୁ ଭୟ କରି ଗ୍ରାମବାସୀ କେହି ବାସନ୍ତୀଙ୍କୁ ଉଦ୍ଧାର କରିପାରି ନ ଥିଲେ। ଖବରପାଇ ନିକଟସ୍ଥ ଡହଙ୍ଗୀ ଗାଁରୁ ଝିଅ ମିନତି ପ୍ରଧାନ ଓ ଜ୍ୱାଇଁ ପହଞ୍ଚିଥିଲେ। ସେତିକିବେଳକୁ ଘର ମଧ୍ୟରୁ ରକ୍ତ ବୋହି ଆସି ଦାଣ୍ଡ ଦୁଆରସାରା ହୋଇଯାଇଥିଲା। ସଙ୍ଗେସଙ୍ଗେ ବାସନ୍ତୀଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଝିଅ ମିନତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିଥିଲା। ଥାନାରେ ନଂ. ୩୪୮/୨୪ରେ ହତ୍ୟା ମାମଲା ରୁଜୁକରିବା ସହ ପୋଲିସ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ମିନତିଙ୍କ ଅଭିଯୋଗ ଅନୁସାରେ, ବାପା ଗଦାଧର ପ୍ରାୟ ସମୟରେ ମା' ବାସନ୍ତୀଙ୍କୁ ଗାଳିମନ୍ଦ କରିବା ସହ ଅମାନୁଷିକ ଭାବେ ପିଟାପିଟି ଓ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ୨୧ ତାରିଖରେ ବାସନ୍ତୀ ମାଡ଼ ଖାଇ ଆହତ ହୋଇଥିବାରୁ ଓଡ଼ଗାଁ ଥାନାରେ ସ୍ୱାମୀଙ୍କ ନାମରେ ଅଭିଯୋଗ କରିବା ସହ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ହେଲେ ପୋଲିସ ଅଭିଯୋଗକୁ ପାରିବାରିକ କଳହ ଭାବି ହାଲୁକା ଭାବେ ଗ୍ରହଣ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ହୁଏତ ଏଭଳି ହତ୍ୟାକାଣ୍ଡକୁ ଏଡ଼ାଇ ଦିଆଯାଇପାରିଥାନ୍ତା ବୋଲି ମିନତି କହିଛନ୍ତି। ପୋଲିସ ତଦନ୍ତ ପରେ ଅଭିଯୁକ୍ତ ଗଦାଧରଙ୍କୁ ଗିରଫ କରିଥିଲା। ପରେ ଡାକ୍ତରୀ ପରୀକ୍ଷା କରି କୋର୍ଟ ଚାଲାଣ କରିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୨ମାମଲାରେ ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ

ଗୁଣପୁର,୨୨।୧୧
(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ ପାଡ଼ାଗାଣ୍ଡା ଡାକୁ ମାଝି ହତ୍ୟା ମାମଲାରେ ଗୁଣପୁର ଏଡିଜେ କୋର୍ଟରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଏଡିଜେ ଶେଖ ମହମ୍ମଦ କ୍ୱାଇସ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିସହ ଚନ୍ଦ୍ରପୁର ବ୍ଲକର ମରିଚଗୁଡ଼ା ଗ୍ରାମର ସିମନ ମାଝି ପ୍ରାସ୍କାଙ୍କ ଘର ବିସ୍ଫୋରଣରେ ଉଡାଇ ଦେବା ଘଟଣାରେ ମଧ୍ୟ ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଅଭିଯୁକ୍ତଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨୦୦୪ ଅଗଷ୍ଟ ୧୩ରେ ଡାକୁ ମାଝିଙ୍କ ସମେତ ଅନ୍ୟ ୨ ଜଣ ଅପରାହ୍ନରେ ବାଇକରେ ବ୍ଲକ ଅଫିସରୁ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଚନ୍ଦ୍ରପୁର ନିକଟ ଜଙ୍ଗଲରେ ମୁଖାପିନ୍ଧା ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ



ରାୟ ପରେ ସବ୍ୟସାଚୀ କୋର୍ଟରୁ ଫେରୁଛନ୍ତି।

ଅଧ୍ୟକ୍ଷ ଡାକୁ ମାଝି ଗୁରୁତର ହୋଇ ତଳେ ପଡି ଯାଇଥିଲେ। ଏହାପରେ ମାଓବାଦୀମାନେ ଆସି ଧାରୁଆ ଅସ୍ତ୍ରରେ ଡାକୁଙ୍କ ବେକ କାଟି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁଳିମାଡ଼ରେ ଗୁରୁତର ଅନ୍ୟ ୨ଜଣ ଚନ୍ଦ୍ରପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏ ନେଇ ସବ୍ୟସାଚୀଙ୍କ ସମେତ ଅନ୍ୟ ୫ ଜଣଙ୍କ ନାମରେ ମାମଲା ହୋଇଥିଲା। ପୂର୍ବରୁ ୫ ଜଣ ସାକ୍ଷ୍ୟ ପ୍ରମାଣ ଅଭାବରୁ ଖଲାସ ହୋଇଥିଲେ। ଏହାପରେ ସବ୍ୟସାଚୀ ପଣ୍ଡା ଗିରଫ ହୋଇଥିଲେ। ତାଙ୍କର ବିଚାରଣା ପ୍ରକ୍ରିୟା ଗୁଣପୁର ଏଡିଜେ କୋର୍ଟରେ ହୋଇଥିଲା। ବିଚାରଣା ସମୟରେ ୧୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ରାୟ ପ୍ରକାଶ କରି ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସେହିପରି ୨୦୦୩ ଅଗଷ୍ଟ ୨୯ରେ ମରିଚଗୁଡ଼ାରେ ସିମନ ମାଝି ପ୍ରାସ୍କାଙ୍କୁ ପୋଲିସ ଇନଫର୍ମର ସନ୍ଦେହ କରି ତାଙ୍କ ଘରକୁ ମାଓବାଦୀମାନେ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଏନେଇ ଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ମଧ୍ୟ ସବ୍ୟସାଚୀଙ୍କ ସମେତ ଅନ୍ୟ ୯ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ଅନ୍ୟ ଅଭିଯୁକ୍ତମାନେ ଖଲାସ ହୋଇଥିଲେ। ଗୁଣପୁର ଏଡିଜେ ବିଚାରଣା ସମୟରେ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ। ସମସ୍ତ ସାକ୍ଷୀଙ୍କ ବୟାନ ପରେ ତଥ୍ୟ ପ୍ରମାଣ ଅଭାବରୁ କୋର୍ଟ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶେଷ ଦିନରେ ନିବେଶକ ଯୋଡ଼ିଲେ ୭ ଲକ୍ଷ କୋଟି

- ସେନ୍‌ସେକ୍ସରେ ୧୯୬୧ ପଏଣ୍ଟ ବୃଦ୍ଧି
- ନିଫ୍ଟି ୨୪,୦୦୦ଅଙ୍କର ନିକଟବର୍ତ୍ତୀ



ମୁମ୍ବାଇ,୨୨।୧୧: ଅନ୍ତରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ପୁଞ୍ଜି ବଜାର କାରବାର ବେଶ ଉତ୍ସାହଜନକ ରହିଛି। ଏପରିକି ଘରୋଇ ଶେୟାର ବଜାରର ନିବେଶକ ଚଳିତ ସପ୍ତାହର ଶେଷ କାରବାର ଦିବସରେ ୭ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ଯୋଗ କରିଛନ୍ତି। ପୂର୍ବ କାର୍ଯ୍ୟ ଦିବସର କାରବାର ଶେଷ ସୁଦ୍ଧା ଭାରତୀୟ ପୁଞ୍ଜି ବଜାରର ପରିମାଣ ପ୍ରାୟ ୪୨୫.୪ ଲକ୍ଷ କୋଟି ଥିଲା। ଶୁକ୍ରବାରର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକମାନେ ୭.୩ ଲକ୍ଷ କୋଟି ଯୋଗ କରିବାରୁ ଚଳିତ ସପ୍ତାହର ଶେଷ କାରବାର ଦିବସ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୩୨.୭ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଶେଷ କାରବାର ଦିବସରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାର ବେଶ ଉତ୍ସାହଜନକ ରହିଛି। ଫଳରେ ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର କାରବାର ୨.୫୪% ବୃଦ୍ଧି ସହ ୭୯,୦୦୦ ଅଙ୍କ ଅତିକ୍ରମ କରିଥିଲାବେଳେ ନିଫ୍ଟି ୫୦ କାରବାରରେ ୫୫୭.୩୫ ପଏଣ୍ଟ ବଢି ୨୪,୦୦୦ଅଙ୍କର ନିକଟବର୍ତ୍ତୀ ହୋଇଛି।

ଅପରପକ୍ଷରେ ବିଏସଇ ମିଡକ୍ୟାପର କାରବାରରେ ୧.୨୬% ବୃଦ୍ଧି ଘଟିଥିଲାବେଳେ ସ୍ମଲକ୍ୟାପର କାରବାର ୦.୯୦% ବଢିଛି। ଏପରିକି ନିଫ୍ଟି ମିଡକ୍ୟାପ କାରବାରରେ ୧.୧୬% ବୃଦ୍ଧି ଘଟି ୫୫,୦୧୬.୮୫ ଅଙ୍କରେ ରହିଥିଲାବେଳେ ସ୍ମଲକ୍ୟାପର କାରବାର ୦.୯୦% ବଢି ୮୫୮୯.୭୦ ଅଙ୍କ ଏବଂ ବ୍ୟାଙ୍କିଙ୍ଗ କାରବାରରେ ୭୬୨.୫୦ ପଏଣ୍ଟ ବଢି ୫୧,୧୩୫.୪୦ ଅଙ୍କରେ ରହିଛି। ସେହିଭଳି ସେକ୍ଟରିଆଲ କାରବାରରେ ଉଭୟ ରାଷ୍ଟ୍ରାୟତ ଏବଂ ଘରୋଇ ବ୍ୟାଙ୍କ ସମେତ ଆଇଟି, ମେଟାଲ, ଅଟୋ,ଏଫଏମସିଜି ଏବଂ ଫାଇନାନ୍ସ ଶିଳ୍ପର ନିବେଶକମାନେ ପ୍ରାୟ ୨ରୁ ୪%ର ନିବେଶ ବୃଦ୍ଧି କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୯୬୧ (୧୯୬୧.୩୨) ପଏଣ୍ଟ ବଢି ୭୯,୧୧୭(୭୯,୧୧୭.୧୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୫୫୭ (୫୫୭.୩୫) ପଏଣ୍ଟ ବୃଦ୍ଧି ଘଟି ୨୩,୯୦୭ (୨୩,୯୦୭.୨୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବଜାରରେ ଜେସିବିର ନୂତନ ଉତ୍ପାଦ

**ଭୁବନେଶ୍ୱର, ୨୨।୧୧**



ଜେସିବି ଇଣ୍ଡିଆ ଲିମିଟେଡ୍‌ର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଫୁଏଲ ମାଷ୍ଟର ଜେସିବି ନେକ୍ଷ୍ଟ ୨୧୫ ଏଲ୍‌ସି ଏକ୍ସାଭେଟର'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଶ୍ରୀବିନାୟକ ଜେସିବି (ଶ୍ରୀ ବିନାୟକ ମୋଟର୍ସ)ର କଟକ-ପୁରୀ ବାଇପାସ୍ ରୋଡ୍ (ଟଙ୍କପାଣି ରୋଡ୍ ବାସୁଆଖାଇ) ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ସ୍ଥାନୀୟ ଏକ ଘରୋଇ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜେସିବି ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ (ଓଡ଼ିଶା) ପ୍ରଭୁ ବିଶ୍ୱାଳଙ୍କ ସମେତ ଶ୍ରୀ ବିନାୟକ ମୋଟର୍ସର ଏମ୍‌ଡି ରାକେଶ କୁମାର ଅଗ୍ରୱାଲ, ଚିରାଗ ଅଗ୍ରୱାଲ, ବିନୟ କୁମାର ଗୁପ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଉଲ୍ଲେଖଯୋଗ୍ୟ, ଫୁଏଲ ମାଷ୍ଟର ଜେସିବି ନେକ୍ଷ୍ଟ ୨୧୫ ଏଲ୍‌ସି ଏକ୍ସାଭେଟରରେ ଶକ୍ତିଶାଳୀ ଇଞ୍ଜିନ ସାଙ୍ଗକୁ ୧୪%ରୁ ଅଧିକ ତୈଳ ସଞ୍ଚୟକାରୀ ଏବଂ ୫%ରୁ ଅଧିକ କାର୍ଯ୍ୟକ୍ଷମ ହେଉଛି। ଏପରିକି ଏହି ମଡେଲର ଡିଜାଇନ ଓ ଫିଚର ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ଏହାର କ୍ଷମତା, ଗୁଣାତ୍ମକତା ଏବଂ ବୈଶିଷ୍ଟ୍ୟତା ଅନ୍ୟ ମଡେଲଠାରୁ ଭିନ୍ନ ଓ ଉଚ୍ଚକୋଟୀର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ନିର୍ମାଣ କ୍ଷେତ୍ରରେ ଏହାର କାର୍ଯ୍ୟଦକ୍ଷତା ଓ ତୈଳ ସଞ୍ଚୟ କ୍ଷମତା ମାଲିକଙ୍କୁ ବେଶ୍ ଲାଭଦାୟକ ଓ ସହାୟକ ହେବ ବୋଲି ଆକଳନ କରାଯାଇଛି।

# ରେକିଟ୍ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ

**ନୂଆଦିଲ୍ଲୀ,୨୨।୧୧**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱ ଶୌଚାଳୟ ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ସମଗ୍ର ବିଶ୍ୱରେ ସୁସ୍ଥ ସମୁଦାୟ ଗଠନ ଓ ପରିମଳର ଗୁରୁତ୍ୱ ଉପରେ ବିଶେଷ ଭାବେ ଆଲୋକପାତ କରାଯାଇଥାଏ। ଅପରପକ୍ଷରେ ଚଳିତ ବର୍ଷର ବିଷୟ ବସ୍ତୁ 'ଶୌଚାଳୟ-ଶାନ୍ତି ପାଇଁ ଏକ ସ୍ଥାନ' ଶୀର୍ଷକ ରହିଛି,ଯାହା ଏକ ଅଧିକ ସମାନ ଏବଂ ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନରେ ସ୍ଥାୟୀ ପରିମଳ ସମାଧାନର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ସେହିଭଳି ଦେଶର ପ୍ରମୁଖ ପ୍ରତିଷ୍ଠାନ ଜାଗରଣ ପହଲ, ଗ୍ରାମାଳୟ, ଏଜେୱାଇଏସ୍ ଏବଂ ସେସେମ୍ ୱାର୍କସପ୍ ଇଣ୍ଡିଆ ସମେତ ୧୦୦ରୁ ଅଧିକ ଅଂଶୀଦାରଙ୍କ ସହଯୋଗରେ ରେକିଟ୍‌ର ପ୍ରମୁଖ ଅଭିଯାନ ଡେଟଲ ବନେଗା ସ୍ୱସ୍ଥ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଥିଲାବେଳେ ଆନିମେଟେଡ୍ ଭିଡିଓ ଏବଂ କମିକ ବୁକ୍ ସମେତ ମଜାଦାର ଏବଂ ଆକର୍ଷଣୀୟ ପଦ୍ଧତି ମାଧ୍ୟମରେ ପିଲାମାନଙ୍କୁ ପରିମଳ ଏବଂ ସ୍ୱଚ୍ଛତା ବିଷୟରେ ସଚେତନ କରାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ଥିଲା। ଯାହାର ଏକ ଅଂଶ ଭାବେ ଏହି ଉତ୍ସବରେ ଭାରତର ପ୍ରଥମ ସ୍ୱଦେଶୀ ମୁପେଟ୍ସ କେକେ କିତାନୁ ଏବଂ ନୀଲା ଯାଦୁଗର ଅଂଶଗ୍ରହଣ କରିଥିଲେ,ଯାହାକୁ ଆୟୁଷ୍ମାନ ଖୁରାନାଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏ ସମ୍ପର୍କରେ ରେକିଟର ଏକଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ (ସାଉଥ୍ ଏସିଆ) ଗୌରବ ଜୈନ କହିଛନ୍ତି, ଆମେ ଏକ ସ୍ୱଚ୍ଛ ଏବଂ ସୁସ୍ଥ ଭାରତ ଗଠନ ପାଇଁ ପ୍ରୟାସ ଆରମ୍ଭ କରିଛୁ। ଏପରିକି ପରିମଳ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ଏହି ଅବସରରେ ଆମେ ସ୍ୱଚ୍ଛ ଭାରତ ମିଶନର ସଫଳତାକୁ ଗର୍ବର ସହ ପାଳନ କରୁଛୁ, ପିଲାମାନଙ୍କ ପାଇଁ ପରିମଳ ଶିକ୍ଷାକୁ ଅଧିକ ଆକର୍ଷଣୀୟ କରିବା ସହିତ ଆମର ପ୍ରୟାସରେ ଆମେ କେକେ କିତାନୁ ଏବଂ ନୀଲା ଯାଦୁଗରଙ୍କୁ ଉପସ୍ଥାପନ କରିବାକୁ ଉତ୍ସାହିତ ଅଛୁ।

# ଡ୍ରିମ୍‌ସ ଅଧ୍ୟକ୍ଷଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ



**ଭୁବନେଶ୍ୱର,୨୨।୧୧ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ଗ୍ରୁପ୍ ଏବଂ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଉଦ୍ୟୋଗପତି ଡ.ପ୍ରମୋଦ ଚନ୍ଦ୍ର ରଥଙ୍କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଉତ୍କର୍ଷ ହାସଲ ନିମନ୍ତେ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜିତ 'ଓଡ଼ିଶା ଇନ୍‌ଫ୍ରାଷ୍ଟ୍ରକଚର କନ୍‌କ୍ଲେଭ-୨୦୨୪' ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଯୋଗଦେଇ ଡ. ରଥଙ୍କୁ ଏହି ସମ୍ମାନ ପ୍ରଦାନ ସହ ଶୁଭେଚ୍ଛା ଜଣାଇଥିଲେ। ଏପରିକି ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ୱେଲ୍‌ଫେୟାର ଆସୋସିଏସନର ସଭାପତି ଜେ.ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମାନ ସମାରୋହ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ସଙ୍ଗଠନର ଉପଦେଷ୍ଟା ଜଗନ୍ନାଥ ପ୍ରଧାନ,ସମ୍ପାଦକ ଦିଲୀପ କୁମାର ଜେନା, ଶିଳ୍ପୋଦ୍ୟୋଗୀ ଇଂ. ଦୁର୍ଗାପ୍ରସାଦ ରଥ, ଇଂ ଶିବପ୍ରସାଦ ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ୧୯୫୮ ଜାନୁୟାରୀ ୨୬ରେ କଟକ ଜିଲା ଟାଙ୍ଗୀଠାରେ ଜନ୍ମ ଗ୍ରହଣ କରିଥିବା ଡ.ରଥ ଶିକ୍ଷା ସମାପ୍ତି ପରେ ନିର୍ମାଣ କ୍ଷେତ୍ରରେ ପାଦ ଦେଇଥିଲେ। ଏପରିକି ତାଙ୍କ ଦ୍ୱାରା ସ୍ଥାପିତ 'ଶ୍ରୀ ଦୁର୍ଗା କଣ୍ଟେଭ୍ ପ୍ରା.ଲିଃ' ଦୀର୍ଘ ୫୦ବର୍ଷ ଧରି ଭାରତୀୟ ରେଳପଥ,ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ, କୃଷି, ଜଳସେଚନ ଭଳି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରମୁଖ ବିଭାଗ ଅଧୀନରେ ଅନେକ ବୃହତ୍ ପ୍ରକଳ୍ପ ହାତକୁ ନେଇ ସଫଳତାର ସହ ସମୟ ଅବଧି ଭିତରେ ସମ୍ପନ୍ନ କରି ନିଜର କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ଉଚ୍ଚତର ଓ ଗୁଣାତ୍ମକ ବୈଷୟିକ ଏବଂ ଡାକ୍ତରୀ ଶିକ୍ଷା, ଉନ୍ନତ ଚିକିତ୍ସା ସୁବିଧା ପାଇଁ କଟକର ଟାଙ୍ଗୀଠାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ଓ ପଦ୍ମିନୀ କେୟାର ସୁପରସ୍ପେଶିଆଲିଟି ହସ୍ପିଟାଲ ଭଳି ଅନୁଷ୍ଠାନ ସ୍ଥାପନକରି ଡ. ରଥ ସାଧାରଣରେ ପ୍ରଶଂସାଭାଜନ ହୋଇଛନ୍ତି।

# ବିଜ୍‌ନେସ ଭାଲ୍ୟୁ ଡେଜ୍ ସେଲ୍

**ନୂଆଦିଲ୍ଲୀ,୨୨।୧୧**

ଦେଶର ପ୍ରମୁଖ ଇ କମର୍ସ ପ୍ଲାଟଫର୍ମ ତଥା ଅନଲାଇନ ବି୨ବି ମାର୍କେଟପ୍ଲେସ ଆମାଜନ ବିଜନେସର ସ୍ୱତନ୍ତ୍ର ବିକ୍ରୟ ଅଫର 'ବିଜନେସ୍ ଭାଲ୍ୟୁ ଡେଜ୍ ସେଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ ଅଫର ୨୦୨୪ ନଭେମ୍ବର ୨୧ରୁ ଡିସେମ୍ବର ୬ ପର୍ଯ୍ୟନ୍ତ ଉପଲବ୍ଧ। ଏପରିକି ଏହି ୧୬ ଦିନିଆ ସ୍ୱତନ୍ତ୍ର ବିକ୍ରୟ ଅଫର ଅବଧି ମଧ୍ୟରେ ବ୍ୟବସାୟିକ ଗ୍ରାହକମାନଙ୍କୁ ଲାପଟପ୍, ମନିଟର, ସ୍ମାର୍ଟ ଟିଭି, ସ୍ମାର୍ଟୱାଚ୍, ସିକ୍ୟୁରିଟି କ୍ୟାମେରା, ଛୋଟ ଓ ବଡ଼ ଉପକରଣ, ଅଫିସ୍ ଆସବାବପତ୍ର, ଡେକୋର ଓ ଫର୍ଣ୍ଣିସିଂ ଏବଂ ଅନ୍ୟାନ୍ୟ ଅଫିସ୍ ଉନ୍ନତି ଉତ୍ପାଦର ଲକ୍ଷାଧିକ ଉତ୍ପାଦ ସମେତ ବିଭିନ୍ନ ବର୍ଗରେ ୭୦% ପର୍ଯ୍ୟନ୍ତ ଅସାଧାରଣ ରିହାତିରେ ଉତ୍ପାଦ ଉପଲବ୍ଧ ହେଉଛି, ଏହାବ୍ୟତୀତ ଗ୍ରାହକମାନେ ତିନୋଟି କ୍ରୟରେ ୯୯୯୯ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ଏହି ସମୟ ମଧ୍ୟରେ ପାଇପାରିବେ, ରିହାତି ବ୍ୟତୀତ ବିଜନେସ ଭାଲ୍ୟୁ ଡେଜ ସେଲ୍ କ୍ରୟ ଦକ୍ଷତା ବୃଦ୍ଧି ପାଇଁ ବ୍ୟାପକ ବ୍ୟବସାୟ ସମାଧାନ ମଧ୍ୟ ପ୍ରଦାନ କରାଯାଉଛି। ବ୍ୟାବସାୟିକ ଗ୍ରାହକମାନେ ମାତ୍ର ୩୯୯ ଟଙ୍କାରେ ପ୍ରାଇମ ସବସ୍କ୍ରିପସନ ଆକସେସ୍ କରିପାରିବେ,ଯାହା ଦ୍ୱାରା ମଲ୍ଟି-ୟୁଜର ଆକାଉଣ୍ଟ କ୍ଷମତା ସହିତ ମାଗଣା ଏବଂ ଦ୍ରୁତ ଶିପିଂ ସକ୍ଷମ ହୋଇପାରିବ। ସେହିପରି ଏହି ବୈଶିଷ୍ଟ୍ୟ ଦଳଗୁଡ଼ିକୁ କଷ୍ଟମାଇଜେବଲ୍ ଅନୁମୋଦନ ନୀତି ଏବଂ ବଜେଟ୍ ନିୟନ୍ତ୍ରଣ ସହିତ ଗୋଟିଏ ଆକାଉଣ୍ଟ ଅଧୀନରେ ଏକାଧିକ ସଦସ୍ୟ ଯୋଡିବାକୁ ଅନୁମତି ଦେଇଥାଏ। ଆମାଜନ୍ ପେ ଲ୍ୟାଟର ସୁବିଧା ଯୋଗ୍ୟ ଗ୍ରାହକମାନଙ୍କୁ ସେଲ୍ ସମୟରେ ନଗଦ ପ୍ରବାହକୁ ଅପ୍ଟିମାଇଜ୍ କରିବା ପାଇଁ ତୁରନ୍ତ କ୍ରେଡିଟ୍ ବିକଳ୍ପ ପ୍ରଦାନ କରିଥାଏ। ଏଥିସହିତ 'ବିଲ୍ ଟୁ ସିପ୍ ଟୁ' ଫିଚର, ଜିଏସଟି ଇନପୁଟ୍ କ୍ରେଡିଟ୍ ବେନିଫିଟ୍ ବଜାୟ ରଖିବା ସହ ବିଭିନ୍ନ ସ୍ଥାନରେ କ୍ରୟ ଓ ଡେଲିଭରି ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏପରିକି ବଲ୍କ ଅର୍ଡର ପାଇଁ ଗ୍ରାହକମାନେ ପ୍ରି-କନଫିଗର୍ଡ ରିହାତି ପାଇପାରିବେ ଏବଂ buybulk@amazon.com ସହ ଯୋଗାଯୋଗ କରି ବିଶେଷ ସହାୟତା ପାଇପାରିବେ।

ବିଜନେସ ଭାଲ୍ୟୁ ଡେଜ ସମୟରେ ଆମାଜନ ବ୍ୟବସାୟର ବିଭିନ୍ନ ବର୍ଗରେ ଆକର୍ଷଣୀୟ ଡିଲ୍ ସାମିଲ ରହିଛି,ଯେଉଁଥିରେ ସ୍ମାର୍ଟୱାଚ୍ ଉପରେ ୭୫% ପର୍ଯ୍ୟନ୍ତ ରିହାତି, ଲାପଟପରେ ୬୦% ପର୍ଯ୍ୟନ୍ତ ରିହାତି, ଟପ୍ ସେଲିଂ ଲାପଟପ୍ ଉପରେ ବିପୁଳ ପରିମାଣରେ କ୍ରୟ ରିହାତି, ମନିଟର ଉପରେ ୭୦% ପର୍ଯ୍ୟନ୍ତ ରିହାତି, ୱାସିଂ ମେସିନରେ ୪୦% ପର୍ଯ୍ୟନ୍ତ ରିହାତି, ଏସି ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଅନ୍ୟ ଟ୍ରେଣ୍ଡିଂ ଡିଲ୍ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଘର ଓ ରୋଷେଇ ଉପକରଣ ଉପରେ ୭୦% ପର୍ଯ୍ୟନ୍ତ ରିହାତି, ମିକ୍ସର ଗ୍ରାଇଣ୍ଡର ଓ ଜୁସର ଉପରେ ୬୦% ପର୍ଯ୍ୟନ୍ତ ରିହାତି, ରୋଷେଇ ଘରର ଅନ୍ୟାନ୍ୟ କାରବାରରେ ୭୦% ପର୍ଯ୍ୟନ୍ତ ରିହାତି ସାମିଲ ରହିଛି।


# Classified Everyday 0674-2580101, 2549949



REAL ESTATE

SALE

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob-9556187814. D-2008

Duplex and Apartment sale near Kalinga Nagar DAV School, Bhubaneswar. 9777433701. D-76212

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

ତ୍ରିନାଥ ବଜାର ମହାଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-2030

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-2032

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



CONSTRUCTION

Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469. D-76203




Newly open health benefits SPA special offer @ 799 Bapuji Nagar. 8018429809. D-76172

Newly open health benefits SPA by expert therapist. Contact- 8280961126. D-76169

## AFFIDAVIT

I, Naresh Kumar Gadatya, At- Karkachia, P.O.- Kandajuri, P.S.-Loisingha, Dist.- Balangir declare that in my Daughter's Aadhaar Card bearing No.-xxxx xxxx 0764 her name has been mentioned as Swatik Gadatya instead of Swatimayee Gadatya. By this affidavit No.276, dt. 21.11.2024 sworn before the Executive Magistrate, Deogaon I have changed her name from Swatik Gadatya to Swatimayee Gadatya for all purposes. D-2034

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Prasant Kumar Sahoo, S/o- Late Biswanath Sahoo, resident of Vill- Baghamunda, P.O.- Krushnanagar-patana, Jiola, Dist.- Puri, Odisha, PIN- 752108 declare by this affidavit No.- 29, dtd. 20.11.2024 that now onwards I shall be known as PRASANTA KUMAR SAHOO for all future purposes. D-76173

I, Bidutlata Tripathy, W/o- Achutananda Satapathy, R/o-Vill/P.O.-Narasinghpur, P.S.- Pattamundai, Dist.- Kendrapara, PIN- 754215 declare by this affidavit No.- 05/2024, dtd. 19.10.2024. In my all ducuments my name is Bidutlata Tripathy but in my husband Army Ex-service man and his service records my name and date of birth has been wrongly mentioned as Bidyut Satapathy DOB- 24.04.1964. I hereby declare that Bidutlata Tripathy and Bidyut Satapathy DOB- 02.04.1961 is one and same person for all future purposes. D-76174

I, Nalini Prava Behera, W/o- Khirod Chandra Behera, At- Sriram Nagar, P.O.-Khordha, P.S.- Town khordha, Pin- 752055, Odisha declare by this affidavit No.- 1331, dtd on 01.10.24, Nalini Prava Behera and Mousumi Behera both the names are same and one person. I shall be known as Nalini Prava Behera for all future purposes. D-73564

I, Preetiprada Nayak (33 yrs), W/o- Biswajit Mohapatra, resident of ward No.-13, Apartibindha, P.O./P.S./ Dist.- Bhadrak, Pin- 756100, odisha declare by this affidavit No.- 4110, dtd- 12.06.2024 that now onwards I shall be known as PREETIPRADA MOHAPATRA for all future purposes. D-2037

## ମନେ ପଡ଼ନ୍ତି

୩୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଳରାମ ପଟ୍ଟନାୟକ

ଆବିର୍ଭାବ- ୦୯.୦୮.୧୯୧୮
ତିରୋଧାନ- ୦୬.୧୨.୧୯୯୩

ଆଜି ଏହି ୩୧ତମ ଶ୍ରାଦ୍ଧ ବାର୍ଷିକୀରେ ଆମେମାନେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସ୍ୱଭାବ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ।

ଶୋକସନ୍ତପ୍ତ

ତୁମର ଧର୍ମପତ୍ନୀ, ବାବୁ, ଟୁକୁ, ସୁନା, ମନି ଏବଂ ବନ୍ଧୁ ଓ ପରିବାରବର୍ଗ

ଧ-୭୧୪୯୦


**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# "ଯେଉଁ ନାଟକରେ ଅଧୁରା ମଣିଷ ପୂରା ହୁଏ- ମୁଁ ସେଇ ନାଟକ ଲେଖେ"

– ମନୋଜ ମିତ୍ର

ମନୋଜ ମିତ୍ରଙ୍କ ଜନ୍ମ ପରାଧୀନ ଭାରତର ଖୁଲନା ଜିଲା (ଏବର ବାଂଲାଦେଶ)ରେ, ୨୨ ଡିସେମ୍ବର ୧୯୩୮ରେ। ସାତକ୍ଷୀରା ସବ୍‌ଡିଭିଜନର ଧୂଲିହର ତାଙ୍କ ଗାଁ। ସ୍କଟିଶ୍ ଚର୍ଚ୍ଚ କଲେଜରୁ ସ୍ନାତକ ଓ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀଧାରୀ ମନୋଜଙ୍କ ବୃତ୍ତି ଅଧ୍ୟାପନା। ୧୯୫୭ରୁ ମଞ୍ଚ ଅଭିନୟ ଆରମ୍ଭ ଓ ପରେ ପରେ ନାଟ୍ୟ ରଚନା, ନିର୍ଦ୍ଦେଶନା ଓ ଅଭିନୟ। ୬୦ରୁ ଊର୍ଦ୍ଧ୍ୱ ନାଟକର ସଫଳ ରଚୟିତା ଏଇ ନାଟ୍ୟରଥୀଙ୍କର ନାଟକସମଗ୍ର ଛ'ଖଣ୍ଡରେ 'ମିତ୍ର ଓ ଘୋଷ' ପ୍ରକାଶନୀ ପକ୍ଷରୁ ପ୍ରକାଶିତ, ଯାହାର ଭୂମିକା ଲେଖିଛନ୍ତି ପବିତ୍ର ସରକାର। ବଙ୍ଗଳା ଭାଷାରେ ଭାରତୀୟ ନାଟ୍ୟ-ସାହିତ୍ୟକୁ ବିରଳ ଅବଦାନ ପାଇଁ ସେ ବହୁ ପୁରସ୍କାରରେ ସମ୍ମାନିତ, ଯହିଁରେ ଅନ୍ତର୍ଭୁକ୍ତ ଶ୍ରେଷ୍ଠ ଅଭିନେତା ଭାବେ ଫିଲ୍ମ ଫେୟାର ପୁରସ୍କାର (୧୯୮୦), ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର (୧୯୮୫), ବାଂଲାଦେଶର ମୁନିର ଚୌଧୁରୀ ପୁରସ୍କାର (୨୦୧୧), ଦୀନବନ୍ଧୁ ପୁରସ୍କାର (୨୦୧୨), ଏସିୟାଟିକ୍ ସୋସାଇଟିର ସ୍ୱର୍ଣ୍ଣପଦକ (୨୦୦୫)। ପଶ୍ଚିମବଙ୍ଗ ସରକାରଙ୍କ ସର୍ବୋଚ୍ଚ ସାରସ୍ୱତ ପୁରସ୍କାର 'ବଙ୍ଗ ବିଭୂଷଣ'ରେ ସମ୍ମାନିତ ସେ। ମନୋଜ ଥିଲେ ପଶ୍ଚିମବଙ୍ଗ ନାଟ୍ୟ ଏକାଡେମୀର ଦୀର୍ଘକାଳୀନ ସଭାପତି। ୧୨ ନଭେମ୍ବର ୨୦୨୪ ପୂର୍ବାହ୍ଣରେ ୮୬ବର୍ଷ ବୟସରେ ପ୍ରୟାତ ଏହି କିମ୍ବଦନ୍ତୀପ୍ରତିମ ନାଟ୍ୟବ୍ୟକ୍ତିତ୍ୱଙ୍କ ସ୍ମୃତି ପ୍ରତି ନିବେଦିତ ଏଇ ଆଲେଖ୍ୟ।

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ



ଭାରତ-ଭାରତୀ

ମନୋଜ ମିତ୍ର ଆବାଲ୍ୟରୁ ଅଭିନୟ ପ୍ରତି ଆଗ୍ରହୀ ଥିଲେ ବି ତାଙ୍କ ବାପାଙ୍କ ମନ ପୁଅର ଏହି ଆକାଂକ୍ଷା ପ୍ରତି ଅନୁକୂଳ ନ ଥିଲା। କଲେଜରେ ଭର୍ତ୍ତି ହେବା ପରେ ସେ କ୍ରମେ ମଞ୍ଚ ଅଭିନୟ ପ୍ରତି ଢଳିଥିଲେ। ୧୯୫୭ରେ ଆରମ୍ଭ ହୋଇଥିଲା ତାଙ୍କର ପ୍ରଥମ ମଞ୍ଚ ଅଭିନୟ। ତା'ପରେ ଆଉ ସେ ପଛକୁ ଫେରି ଚାହିଁନାହାନ୍ତି। ୧୯୫୮ ଫେବୃଆରୀ ୧୦ ତାରିଖରେ ମଞ୍ଚସ୍ଥ ହୁଏ 'ପଥେର୍ ପାଞ୍ଚାଲୀ', ଯହିଁରେ 'ଅପୁ'ର ବନ୍ଧୁ ପ୍ରଣବ ଚରିତ୍ରରେ ମନୋଜଙ୍କୁ ଅଭିନୟ କରିବାର ସୁଯୋଗ ମିଳେ। 'ଅପୁ' ଚରିତ୍ରରେ ପାର୍ଥପ୍ରତିମ ଚୌଧୁରୀ। ଏହି ସମୟକୁ ସେ ମୂଳତଃ ଗଳ୍ପ ହିଁ ଲେଖୁଥିଲେ। ପାର୍ଥପ୍ରତିମଙ୍କ ପ୍ରୋତ୍ସାହନରେ ଲେଖିଲେ ଜୀବନର ପ୍ରଥମ ନାଟକ 'ମୃତ୍ୟୁର ଚୋଖେ ଜଲ୍'। ୧୯୭୨ରେ 'ଚାକ ଭାଂଗା ମଧୁ' ନାଟକ ମାଧ୍ୟମରେ ତାଙ୍କ ଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପ୍ତ ହେବାକୁ ଲାଗିଲା। 'ବାଞ୍ଛାରାମେର ବାଗାନ୍', 'ଘରେ ବାଇରେ' ଓ 'ଶତ୍ରୁ' ଭଳି ଏକାଧିକ ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ଦର୍ଶକଙ୍କ ହୃଦୟ ଜୟ କଲା। ବଙ୍ଗଳା ଚଳଚ୍ଚିତ୍ର ଇତିହାସ ତାଙ୍କ ପାଇଁ ସ୍ଥାନଟିଏ କରିଦେଲା 'ଅଦାଲତ ଓ ଏକ୍‌ଟି ମେୟେ' ଚଳଚ୍ଚିତ୍ରର ମୁକ୍ତି ପରେ।

ଅବିଭକ୍ତ ଭାରତରେ ଜନ୍ମିତ ମନୋଜ ଦେଶ ସ୍ୱାଧୀନ ହେବା ପରେ ସପରିବାର ଭାରତକୁ ଚାଲିଆସିଲେ। ସେଇଦିନଠୁଁ ତାଙ୍କର ଘର ହେଲା କଲକାତା। ୧୯୭୯ରେ ଅଭିନେତା ଭାବେ ତାଙ୍କର ପ୍ରଥମ ପ୍ରବେଶ ଘଟିଲା ଚଳଚ୍ଚିତ୍ରରେ। ତପନ ସେନ୍‌ଙ୍କ ପରିଚାଳିତ 'ବାଞ୍ଛାରାମେର ବାଗାନ୍'ରେ ବାଞ୍ଛା ଭୂମିକାରେ ତାଙ୍କ ଅଭିନୟ ତାଙ୍କୁ କାଳଜୟୀ କଲା। ମନୋଜଙ୍କର ନାଟ୍ୟଦଳ 'ଋତାୟନ' ଓ 'ସୁନ୍ଦରମ୍'। ଏହି ଦଳ ମାଧ୍ୟମରେ ସେ ନିଜର ଓ ଅନ୍ୟ ସମକାଳୀନ ଭଲ ନାଟକର ଅଭିନୟ କରାଉଥିଲେ। ଯେଉଁସବୁ ଲୋକପ୍ରିୟ ନାଟକର ରଚନା ଓ ମଞ୍ଚାୟନ କରିଥିଲେ ମନୋଜ, ତନ୍ମଧ୍ୟରେ ଅନ୍ତର୍ଭୁକ୍ତ- 'ଚାକ ଭାଂଗା ମଧୁ', 'ମେଷ ଓ ରାକ୍ଷସ', 'କେନାରାମ ବେଚାରାମ', 'ଅଲକାନନ୍ଦାର ପୁତ୍ରକନ୍ୟା', 'ପରବାସ', 'ନୈଶଭୋଜ', 'ପୁଁଟି ରାମାୟଣ'; ଏକାଂକିକା- 'ମୃତ୍ୟୁର ଚୋଖେ ଜଲ୍', 'କାକ ଚରିତ୍ର' 'ଆଁଖି ପଲ୍ଲବ', 'ମହାବିଦ୍ୟା' ଓ 'ପାଖି'।



ନାଟ୍ୟକାର ଭାବେ ତାଙ୍କର ବିଶେଷତ୍ୱ ହେଉଛି ବୁଦ୍ଧିଜୀବୀ ଓ ସାଧାରଣ ଦର୍ଶକ- ଉଭୟଙ୍କ ପାଇଁ ତାଙ୍କ ନାଟକଗୁଡ଼ିକ ଗ୍ରହଣୀୟ ହେବା। ବ୍ୟବସାୟିକ ମଞ୍ଚରେ ଦୀର୍ଘକାଳ ଧରି ତାଙ୍କ ନାଟକ ଅଭିନୀତ ହେବା ଓ ଦର୍ଶକଙ୍କ ମନୋଲୋକରେ ବସାବାନ୍ଧି ରହିବା ଥିଲା ମନୋଜଙ୍କ ପାଇଁ ସବୁଠୁଁ ବଡ଼ ସଫଳତା।

ମନୋଜଙ୍କ ନାଟକରେ ନିହିତ ଜୀବନମୁଖୀ ବକ୍ତବ୍ୟ, ଗଭୀର ମାନବିକତା ଓ ଉନ୍ନତ କାରୁକଳା ରାତି ପରେ ରାତି ତାଙ୍କ ନାଟକକୁ ମଞ୍ଚରେ ମତାଇ ରଖେ। ନାଟକର ବିଷୟ ଚୟନ ଓ ଆକର୍ଷଣୀୟ ଭଙ୍ଗୀରେ ତା'ର ଉପସ୍ଥାପନା ତାଙ୍କ ନାଟକକୁ ଯେଉଁ ବିଚକ୍ଷଣତା ପ୍ରଦାନ କରିଛି, ତାହା କେବଳ ବଙ୍ଗଳା ନାଟ୍ୟ-ସାହିତ୍ୟ ନୁହେଁ, ସମକାଳୀନ ଭାରତର ଅନ୍ୟ ପ୍ରାନ୍ତୀୟ ଭାଷାର ନାଟକରେ ଦୁର୍ଲଭ। ନିଜ ନାଟକରେ କେବେ ସେ ହାସ୍ୟ ତ କେବେ ବେଦନାର ପ୍ରବକ୍ତା ('ମୃତ୍ୟୁର ଚୋଖେ ଜଲ୍'- ୧୯୫୯, 'ନୀଲକଣ୍ଠେର ବିଷ'- ୧୯୬୧), କେବେ ରୋଷାନ୍ୱିତ ('ଚାକ ଭାଂଗା ମଧୁ'- ୧୯୬୯, 'ନୈଶଭୋଜ'- ୧୯୮୫) ତ କେବେ କାବ୍ୟଚଟୁଳ ଓ ଜିଜ୍ଞାସାସଂକୁଳ ('ତକ୍ଷକ'- ୧୯୬୪), 'ଅଶ୍ୱତ୍‌ଥାମା'- ୧୯୬୩), କେବେ ପୁଣି ରହସ୍ୟ ରୋମାଞ୍ଚରେ ଭରା ('ବ୍ଲାକ୍‌ପ୍ରିନ୍ସ'- ୧୯୬୪, 'ଅବସନ୍ନ ପ୍ରଜାପତି'-୧୯୬୪, 'ବେକାର ବିଦ୍ୟାଳଙ୍କାର'- ୧୯୬୪, 'ଆସକ୍ତ ଗୋଲାପ'-୧୯୬୫, 'ପାହାଡ଼ୀ ବିଛେ'-୧୯୭୬-୭୭)।

କେବଳ ଆମୋଦଧର୍ମୀ ନାଟ୍ୟ ରଚନା ନୁହେଁ, ବ୍ୟକ୍ତି ମଣିଷର ନିଃସଂଗତା, ଶୋଷଣକଷଣର ପ୍ରତିବାଦ, ଶ୍ରେଣୀ-ପ୍ରତାରଣା ଆଦି ବିଷୟରେ ସେ ନିୟତ ଆଗ୍ରହୀ। 'ନାଟକ ସମଗ୍ର' (୧ମ ଭାଗ)ର 'ମୁଖବନ୍ଧ'ରେ ପବିତ୍ର ସରକାର କହନ୍ତି: "ମନୋଜ ଏପରି ଜଣେ ନାଟ୍ୟକାର, ଯାହାଙ୍କ ନାଟକରେ ବକ୍ତବ୍ୟ ଆଦୌ ଏକ ବୋଝ ନୁହେଁ। ଶାଣିତ କୌତୁକତା, ଅସାମାନ୍ୟ ସଂଳାପ, ଘଟଣାର ଅପୂର୍ବ ବିନ୍ୟାସ, ପ୍ୟାରୋଡି ଓ କ୍ୟାରିକେଚରର ଛୁଙ୍କ ଓ ଚରିତ୍ର-କଳ୍ପନାର ଯାଦୁକରିତାରେ ବକ୍ତବ୍ୟର ବୋଝକୁ ସେ ହାଲୁକା କରିଦିଅନ୍ତି।" ପ୍ରୟୋଜନ ପଡ଼ିଲେ ମାନବେତର ଜଗତରୁ ତାଙ୍କ ନାଟକକୁ ସେ ଚରିତ୍ର ଝାମ୍ପି ନିଅନ୍ତି। ଯଥା: ତାଙ୍କ ନାଟକ 'କାକ ଚରିତ୍ର'(୧୯୮୨), ଯହିଁରେ କୁଆଟିଏ ହେଉଛି ନାଟକର ଚରିତ୍ର। 'କୃଷ୍ଟି' ପତ୍ରିକାରେ ୧୯୮୫ରେ ପ୍ରକାଶିତ ଏକ ନିବନ୍ଧରେ ମନୋଜ କହନ୍ତି: "ମୁଁ ମୋ' ନାଟକରେ ଏପରି ବିଷୟକୁ ଗୁରୁତ୍ୱ ଦେବାକୁ ଚାହେଁ, ଯହିଁରେ ଦୀନ, ନିପୀଡ଼ିତ ମଣିଷ ତା'ର ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ମଣିଷ ପରି ମଣିଷ ହୋଇ ଉଠିବାର ସମ୍ଭାବନା ରଖେ। ଏ ଦେଶର ଅଗଣିତ ଘଟଣା। ଭିତରେ ମୁଁ ଏଇ ମଣିଷଙ୍କୁ ଖୋଜେ, ମଣିଷର ଏଇ ସଂଗ୍ରାମକୁ ଫୁଟେଇବାକୁ ଚାହେଁ।"

ମନୋଜଙ୍କ ମତରେ ୧୯୫୪-୫୫ ('ଗଣନାଟ୍ୟ ସଂଘ'ର ଯୁଗ)ରେ ଯେଉଁ ନାଟକସବୁ ଲେଖାଯାଇଛି, ପ୍ରାୟ ଅନେକରେ ନାଟ୍ୟକାରମାନେ ନାଟକର ବିଷୟବସ୍ତୁ ଉପରେ ଜୋର୍ ଦେଇଛନ୍ତି। ଘଟଣାପ୍ରବାହ ଦ୍ୱାରା ଚାଳିତ ହୋଇ ସିଦ୍ଧାନ୍ତରେ ଉପନୀତ ହୋଇ ନାହିଁ ନାଟକ, ହୋଇଛି ଚାପଗ୍ରସ୍ତ ହୋଇ। ଏପରି ନାଟ୍ୟକାରଙ୍କୁ ସେ 'ବକ୍ତବ୍ୟ କୈବଲ୍ୟବାଦୀ' ବୋଲି ଆଖ୍ୟାୟିତ କରିଛନ୍ତି। ମଣିଷକୁ ନେଇ ସିନା ସାହିତ୍ୟ, ଏସବୁ ନାଟକରେ କିନ୍ତୁ ମଣିଷ ଅନୁପସ୍ଥିତ। ବକ୍ତବ୍ୟ ସର୍ବସ୍ୱତା ବଙ୍ଗଳା ନାଟକକୁ କ୍ରମେ ଶିଥିଳ ଓ ବୈଚିତ୍ର୍ୟହୀନ କରିପକାଇଛି। ଭାରତୀୟ ନାଟ୍ୟଧାରାର ବିକାଶ ପ୍ରତି ଯେଉଁମାନେ ଧ୍ୟାନଶୀଳ, ସେମାନେ ଅବଶ୍ୟ ସ୍ୱୀକାର କରିବେ ଯେ କେବଳ ବଙ୍ଗଳା ନାଟ୍ୟ-ସାହିତ୍ୟ ନୁହେଁ, ଓଡ଼ିଆ ସମେତ ଭାରତର ନାନା ପ୍ରାନ୍ତୀୟ ନାଟ୍ୟ-ଜଗତରେ ଊଣାଅଧିକେ ଏପରି ସ୍ଥିତି ଉପୁଜିଛି। କେଉଁଠି ସାମାନ୍ୟ ତ କେଉଁଠି ସଙ୍ଗିନ୍।

ମନୋଜଙ୍କ ଉକ୍ତିରୁ କେହି ମନେକରିବା ଉଚିତ ନୁହେଁ ଯେ, ତାଙ୍କ ନାଟକ ବକ୍ତବ୍ୟ ବିବର୍ଜିତ। ନାଟ୍ୟରୀତି ଓ ପ୍ରକରଣର ସମୁଚିତ ପ୍ରୟୋଗରେ ସେ ତାଙ୍କ ନାଟକର ନିର୍ମାଣ ଏପରି କରନ୍ତି ଯେ ନାଟକ ଅସ୍ୱାଭାବିକ, ଦର୍ଶକବୈରି ନ ହୋଇ ବକ୍ତବ୍ୟର ମାହାତ୍ମ୍ୟକୁ ବଜାୟ ରଖେ। ଚିରାଚରିତ ଦୃଷ୍ଟିରୁ ଜଣେ ଛାଞ୍ଚଢଳା ନାଟ୍ୟକାର ନୁହନ୍ତି ମନୋଜ। ତାଙ୍କ ନାୟକ ଯେପରି ଗୋଟିପଣେ ଦୋଷଶୂନ୍ୟ ତୁଳସୀ ନୁହେଁ, ଖଳନାୟକ ସେହିପରି ଗୋଟିପଣେ ଦୋଷଦୁଷ୍ଟ ବିଛୁଆତି ନୁହନ୍ତି। ଶ୍ରେଣୀ ବ୍ୟବସ୍ଥାଜନିତ ବ୍ୟାଧିର ବାହକ ହେବା ସତ୍ତ୍ୱେ ତାଙ୍କ ଖଳନାୟକ ପୂରାପୂରି ଅମଣିଷ ନୁହନ୍ତି କି ତାଙ୍କ ନାୟକ ମାନବୀୟ ସଂକୀର୍ଣ୍ଣତାରୁ ସମ୍ପୂର୍ଣ୍ଣ ମୁକ୍ତ ନୁହନ୍ତି। ମାନବ ଚରିତ୍ରର ସାମଗ୍ରିକତାକୁ ନାଟକରେ ତୋଳିଧରିବା ମନୋଜଙ୍କ ଧ୍ୟେୟ। ଏହି କାରଣରୁ ତାଙ୍କ ନାଟକରେ ବକ୍ତବ୍ୟ ଥାଏ ସତ, କିନ୍ତୁ ତାହା ବକ୍ତୃତା ହୋଇଉଠେ ନାହିଁ।


ନିଜ ସମୟର ନାଟ୍ୟକାରମାନଙ୍କ ମଧ୍ୟରେ ମନୋଜ ସବୁଠୁଁ ଅଧିକ ମୌଳିକ- ଉଭୟ ନାଟ୍ୟ ରଚନାରେ ଓ ମଞ୍ଚାୟନରେ। 'ଦୂରଦର୍ଶନ'ର 'ଧାରାବାହିକ'ରେ ମଧ୍ୟ ସେ ସଭିଙ୍କ ଆଖିରେ ପଡ଼ିଲା ପରି ପ୍ରତିଭା, 'ଆଦର୍ଶ ହିନ୍ଦୁ ହୋଟେଲ' ଯାହାର ଏକ ନିଦର୍ଶନ। ରବୀନ୍ଦ୍ରଭାରତୀ ବିଶ୍ୱବିଦ୍ୟାଳୟ ନାଟ୍ୟ ବିଭାଗରେ ଅଧ୍ୟାପକ ଥାଇ ସେ ବୃତ୍ତି ବିରତ ହୁଅନ୍ତି ୨୦୦୩ରେ ଓ ତାଙ୍କର ଦେହାନ୍ତ ହୁଏ ୧୨ ନଭେମ୍ବର ୨୦୨୪ରେ। ନାଟକକୁ ପାଠ୍ୟ-ସାହିତ୍ୟର ମହିମା ପ୍ରଦାନ କରିଥିବା ଏହି ଯୁଗାନ୍ତକାରୀ ନାଟ୍ୟବ୍ୟକ୍ତିତ୍ୱଙ୍କୁ ପଶ୍ଚିମବଙ୍ଗ ସରକାର ରବୀନ୍ଦ୍ର ସଦନ (ତାଙ୍କ ଅନ୍ତିମ କର୍ମସ୍ଥଳ) ପରିସରରେ ତୋପ ସଲାମି ଦେଇ ବିଦାୟ ଦିଅନ୍ତି। ଏଥିସହିତ ବଙ୍ଗ ନାଟ୍ୟ-ଜଗତରେ ସୃଷ୍ଟିହୁଏ ଶୋକର ଏକ ଅକଳ୍ପିତ ଆବହ। ବଙ୍ଗଳା ନାଟକର ମହତ୍ ତ୍ରୟୀଙ୍କ ମଧ୍ୟରୁ ମୋହିତ ଚଟ୍ଟୋପାଧ୍ୟାୟ ଓ ବାଦଲ ସରକାରଙ୍କର ଆଗରୁ ପରଲୋକ ହୋଇଛି। ଏବେ ଲୋକାନ୍ତର ଗମନ କଲେ ମନୋଜ ମିତ୍ର ଏବଂ ତାଙ୍କ ତିରୋଧାନ ସହିତ ବଙ୍ଗ-ନାଟ୍ୟ-ଜଗତର ଏକ ମହାନ୍ କାଳଖଣ୍ଡ ସବୁଦିନ ପାଇଁ ନିଷ୍ପ୍ରଦୀପ ହୋଇଗଲା।

ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

ସମକାଳୀନ ଓଡ଼ିଆ ଗଳ୍ପ

### ନାରୀସ୍ୱର



**ସଂ. ଓ ସମ୍ପାଦନା:** ଡ. ସୁନନ୍ଦା ମିଶ୍ର ପଣ୍ଡା
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୬୦୦/-

୫୯୦ ପୃଷ୍ଠାର ଆଲୋଚ୍ୟ ଗଳ୍ପ ସଂକଳନଟିରେ ମୋଟ ୪୦ଟି ଗଳ୍ପ ସ୍ଥାନ ପାଇଛି। ବସନ୍ତ କୁମାର ପଟ୍ଟନାୟକ, ଶୈଳରାଣୀ ମିଶ୍ର, ବୀଣାପାଣି ମହାନ୍ତି, ଶକୁନ୍ତଳା ପଣ୍ଡା, ସୁଧାଂଶୁବାଳା ପଣ୍ଡା, ବନଜ ଦେବୀ, ପ୍ରତିଭା ରାୟ, ଇନ୍ଦିରା ଦାଶ, ଅର୍ଚ୍ଚନା ନାୟକ, ସୁଲୋଚନା ଦାସ, ଗୋଲାପ ମଞ୍ଜରୀ କର, ଯଶୋଧାରା ମିଶ୍ର, ଗାୟତ୍ରୀ ସରାଫ୍, ସରୋଜିନୀ ସାହୁ, ସୁସ୍ମିତା ରଥ, ଜୟନ୍ତୀ ରଥ, ସୁସ୍ମିତା ବାଗ୍‌ଚୀ, ବିୟତ୍‌ପ୍ରଜ୍ଞା ତ୍ରିପାଠୀ, ପାରମିତା ଶତପଥୀ, ମମତାମୟୀ ଚୌଧୁରୀ, ମୋନାଲିସା ମିଶ୍ର, ସ୍ୱାଗତିକା ସ୍ୱାଇଁ, ଗାୟତ୍ରୀବାଳା ପଣ୍ଡା ଓ ଲିପ୍‌ସା ପଟେଲ- ଏହି ଗାଳ୍ପିକାମାନଙ୍କ ମଧ୍ୟରୁ କେଇଜଣ। ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକ ସମ୍ପୃକ୍ତ ଲେଖିକାଙ୍କର ସର୍ବଶ୍ରେଷ୍ଠ ଗଳ୍ପ ହେଉ ବା ନ ହେଉ, ଏଗୁଡ଼ିକ ଯେ ପ୍ରତିନିଧି ସ୍ଥାନୀୟ ଓ ସୁଖପାଠ୍ୟ ଏଥିରେ ସନ୍ଦେହ ନାହିଁ। 'ପୂର୍ବାଭାଷ'ରେ ସମ୍ପାଦିକା ସଂକଳନର ଆୟୋଜନ ଓ କ୍ରିୟାଶୀଳତା ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଛନ୍ତି। ୧୯୨୩ରୁ ୧୯୮୩ ମଧ୍ୟରେ ଜନ୍ମିତ ଲେଖିକାମାନେ ସଂକଳନରେ ସ୍ଥାନ ପାଇଛନ୍ତି। ଅତଏବ ବିଂଶ ଶତକର ଶେଷ ୫୦ ବା ୬୦ ବର୍ଷର ଗଳ୍ପ ଏ ସବୁ। ତେଣୁ ସମକାଳର ସମାଜ ଓ ଜୀବନର ଚିତ୍ର ନିଜ ନିଜ ତରିକାରେ ଲେଖିକାମାନେ ପ୍ରଦାନ କରିଛନ୍ତି। ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଡ. ତନ୍ମୟ ପଣ୍ଡା ସଂକଳନର ପ୍ରଚ୍ଛଦଲେଖରେ ଲେଖିଛନ୍ତି, "ଏମିତି କିଛି ଅନୁଭବ ରହିଛି, ଯାହା କେବଳ ନାରୀମାନଙ୍କୁ ହିଁ ପ୍ରାପ୍ତ ହୋଇଥାଏ।" ଏ ଦୃଷ୍ଟିରୁ ଓଡ଼ିଆ ଗଳ୍ପର 'ନାରୀସ୍ୱର' ସଂକଳନ ପ୍ରକାଶର ଯାଥାର୍ଥ୍ୟ ରହିଛି। ଆଶା, ସଂକଳନଟି ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ।

### ମରୁଦ୍ୟାନର ସନ୍ଧାନେ



**ଲେଖିକା:** ଡ. ବିୟତପ୍ରଜ୍ଞା ଆଚାର୍ଯ୍ୟ
**ପ୍ରକାଶକ:** ରନ୍ଚିରା ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୦/-

ଆଲୋଚ୍ୟ ସଂକଳନଟି ୨୦ଟି ଗଳ୍ପର ସମାହାର। ମୁଖବନ୍ଧରେ ଗାଳ୍ପିକା ଲେଖିଛନ୍ତି: "ରୋଗୀ ଓ ଭୋଗୀଙ୍କ ଗହଳିରେ ଏକ ଡାକ୍ତର, ଯୋଗୀ ଭାବେ ନିତ୍ୟ ଚଳନ କରୁଥାଏ। ପ୍ରତିଦିନ ଚତୁଃପାର୍ଶ୍ୱରେ ନୂତନ କାହାଣୀ ଗଢ଼ି ଉଠୁଥାଏ। x x କିଛିଟା ଗଳ୍ପ ମୋର ପାଠକୀୟ ଆଦୃତି ଲାଭ କଲାପରେ ଆତ୍ମପ୍ରତ୍ୟୟ ଜାତ ହେଲା ଯେ, ହୁଏତ ଲୋକେ ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ କାହାଣୀ ସେଇମାନଙ୍କ ଜରିଆରେ ହିଁ ଶୁଣିବାକୁ ଚାହୁଁଛନ୍ତି।" ସୁତରାଂ ନିଜ ଗଳ୍ପର ଆଦୃତି ଭିତରୁ ଜନ୍ମ ନେଇଥିବା ଆତ୍ମବିଶ୍ୱାସ ହେଉଛି ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକର ଉତ୍ସ। ଗଳ୍ପଗୁଡ଼ିକର ବିଷୟବସ୍ତୁ ବିବିଧ, କିନ୍ତୁ ଅନୁଭୂତି ପ୍ରସୂତ। ଲେଖିକା ଜଣେ ଜୈବରସାୟନ ବିଜ୍ଞାନୀ। ତାଙ୍କ ଚେତନାରେ ବିଜ୍ଞାନର ଆଭା, ଅଥଚ କାହାଣୀ ସଂରଚନାରେ କଳ୍ପନା ଓ ଅଲୌକିକତା ଫେଣ୍ଟିହୋଇ ଏପରି ଏକ ବାତାବରଣ ସୃଷ୍ଟି କରନ୍ତି, ଯାହା ବକ୍ତବ୍ୟକୁ ପାଠକମୁଖୀ କରାଏ। ପୁସ୍ତକର ପ୍ରଥମ ଗଳ୍ପ 'ଶତାବ୍ଦୀର ଶେଷ ସନ୍ଧ୍ୟା'ରେ ଦୀପ ଭିତରୁ ଜାଗରିତ ହେଉଛି ଏକ ଅଭିଶପ୍ତ ଆତ୍ମା, ଯେ ତାଙ୍କୁ ତିନୋଟି ବର ମାଗିବାକୁ କହୁଛି। ଗାଳ୍ପିକା ନିଜ ପାଇଁ ନୁହେଁ ଦେଶ ଓ ଜାତି ପାଇଁ ବର ମାଗୁଛନ୍ତି। ପ୍ରଥମ ବର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ଦ୍ୱିତୀୟ ବର ଭାରତର ପ୍ରଗତି ଓ ତୃତୀୟରେ ଓଡ଼ିଶାର ଉନ୍ନତି। ମାତ୍ର ମାନବ ରୂପ ଧାରଣ କରିଥିବା ଆତ୍ମା ଏ ତିନୋଟିଯାକ ବର ପ୍ରଦାନ ପାଇଁ ନିଜର ଅକ୍ଷମତା ପ୍ରକାଶକରି ଯୁବଶକ୍ତିର ଜାଗରଣ ଦ୍ୱାରା ଏହା ସମ୍ଭବ ବୋଲି କହୁଛି। ଗଳ୍ପଟିରେ ଯେଉଁ ସାଧାରଣ ବଚନଭଙ୍ଗୀ ଓ ଗଭୀର ପ୍ରତୀକାତ୍ମକତା ପ୍ରକଟିତ, ଏହା ପାଠିକାପାଠକଙ୍କୁ ଯେ ଉଦ୍‌ବୁଦ୍ଧ କରିବ, ଏଥିରେ ସନ୍ଦେହ ନାହିଁ। ସଂକଳନଟିରେ ଓଡ଼ିଆ ଗଳ୍ପର ବାଟଭଂଗା ପାଠକଙ୍କୁ ଅବଶ୍ୟ ବିମୋହିତ କରିବ।

## କାଳକାଳକୁ



"ସ୍ୱର୍ଗ ବୋଲି କିଛି ନାହିଁ। କ୍ଷୁଣ୍ଣତା ଓ ଖୁସି ପାଇଁ ହସ ହସ ହୋଇ ଲଢ଼ିଚାଲ। ଲଢ଼ିବା ହିଁ ଜୀବନ।"
– ଡି.ଏଚ୍. ଲରେନ୍ସ

**ଡି.ଏଚ୍. ଲରେନ୍ସଙ୍କ** ଜନ୍ମ ୧୧ ସେପ୍ଟେମ୍ବର ୧୮୮୫ରେ ଓ ପରଲୋକ ୨ ମାର୍ଚ୍ଚ ୧୯୩୦ରେ, ଇଂଲଣ୍ଡରେ। ଏକାଧାରରେ କବି, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ପେଣ୍ଟର୍ ଏହି ଲେଖକଙ୍କ ପ୍ରସିଦ୍ଧ ଉପନ୍ୟାସ ମଧ୍ୟରେ 'ସନ୍ସ ଆଣ୍ଡ ଲଭର୍ସ' (୧୯୧୩), 'ଦ ରେନ୍‌ବୋ' (୧୯୧୫), 'ଉଇମେନ୍ ଇନ୍ ଲଭ୍' (୧୯୨୦) ଓ 'ଲେଡି ଚାଟାର୍‌ଲୀସ୍ ଲଭର୍' (୧୯୨୮)। ମୌନତା ଓ ସାମାଜିକ ନିଃସଙ୍ଗତା ତାଙ୍କ ଲେଖାର ପ୍ରମୁଖ ପ୍ରସଙ୍ଗ। ୧୯୬୦ରେ 'ଲେଡି ଚାଟାର୍‌ଲୀସ୍ ଲଭର୍' ଅଶ୍ଳୀଳତାର ଆରୋପରେ ଅଦାଲତର ସମ୍ମୁଖୀନ ଓ ଅଭିଯୋଗମୁକ୍ତ। ଇ.ଏମ୍. ଫୋର୍ଷ୍ଟର୍‌ଙ୍କ ମତରେ- "ଆମ ପିଢ଼ିର ସର୍ବଶ୍ରେଷ୍ଠ କଳ୍ପନାଶ୍ରୟୀ ଔପନ୍ୟାସିକ ହେଉଛନ୍ତି ଲରେନ୍ସ।" ଲରେନ୍ସ କହନ୍ତି: "ବିତେଇବା ପାଇଁ ଜୀବନ, ସାଇତିବା ପାଇଁ ନୁହେଁ।"

## କବିତା

### ଶୀତପକ୍ଷ

ଅଶ୍ୱିନୀ କୁମାର ମିଶ୍ର

ଏ ଶୀତପକ୍ଷରେ
ମା' ନ ଥିବା ଛୁଆ
ଯେମିତି ଖୋଲାପଡ଼ିଆ
ଏକା ଜହ୍ନକୁ ଛାଡ଼ି
କେହି ନାହାନ୍ତି ଆଖେପାଖେ
ଗଳେଇଦେବାକୁ
ତା' ବେକରେ
ସୁଏଟର୍ କିମ୍ବା ସେଇଭଳି
ଶୀତବସ୍ତ୍ରଟିଏ।

ଏପଟେ କୋଟ୍, ଟାଇ ପରିହିତ
ବାସ୍ନାୟିତ ମଣିଷଙ୍କ ହାତେ
ଝୁଲାବ୍ୟାଗ୍, ଫୋଲ୍ଡର୍‌ର ମହକ
ସୁସ୍ୱାଦୁ ଖାଦ୍ୟରୁ ବାମ୍ଫ
ସଂବେଳନ ସାରା
ହେଲୋ ହାଏ ଗିନି ଓ ପଖୌଜ
ଚେହେରାରେ ଏକା ମାଟି
ଦିଶୁଥା'ନ୍ତି ଭିନେ ଭିନେ,
ଆକାଶର ମୁହଁଟିରେ
କେଉଁ ଦିଗେ ସୂର୍ଯ୍ୟୋଦୟ
କେଉଁଠି ସୂର୍ଯ୍ୟାସ୍ତ।

ଅସ୍ପଷ୍ଟ ଆଲୁଏ
ନକ୍ଷତ୍ରଙ୍କ ଚଲାବୁଲା କୁହୁଡ଼ି ବସ୍ତିରେ
ସେମାନଙ୍କ ରଣ ପିଠଉରେ
ଛାଇଯାଏ ସହର, ପ୍ରାନ୍ତର
ମହାଶୂନ୍ୟ କରଗତ
ଚନ୍ଦ୍ରଉଦିଆଙ୍କ ସ୍ୱରେ
ବାଣ, ହାବେଳିରେ।
ଧୂଆଁ ଉଠେ ଅନ୍ୟପଟେ
ଗାଆଁ ମଥାନରୁ,
ଛିଡ଼ା ହୋଇଥାଏ ଟ୍ରାନ୍ସଫର୍ମରଟିଏ
ପୋଡ଼ିଲା ଆୟୁଷ ଧରି
ଯେମିତି ନିକାଞ୍ଚନ ମରୁଭୂଇଁ ଦେହେ
ଗଛ ଏକ ଶୁଖିଲା ଖଜୁରି।

ମୋ: ୯୪୩୮୬୧୫୭୪୨

### ଗୋଟେ ଘରର ଭାଗ୍ୟ

ହୃଦାନନ୍ଦ ପାଣିଗ୍ରାହୀ

କେହି ସାଥୀ ନୁହନ୍ତି ସବୁଦିନେ କାହାରି
ତଥାପି କିଛି କଥା, କିଛି ଦୃଶ୍ୟ
ଆମକୁ ହଲ୍‌ଚଲ୍ କରୁଥାଏ ବାରମ୍ବାର
ଏ ମାୟା ଜଗତରେ।

ବାଟଚଲା ଲୋକ, ସାହିପଡ଼ିଶା ଦେଖନ୍ତି
ତୁନିହେଇ ଛିଡ଼ାହେଇଚି ଘରଟି
ଯେଉଁ ଘର ଭୋଗିଚାଲିଛି ହତାଦର ଓ କଷ୍ଟ।
ଆନନ୍ଦ, କୋଳାହଳ ସବୁ
ଉଚ୍ଛୁଳି ପଡୁଥିଲା ଯେଉଁଠି ଦିନେ
ଉଭେଇଯାଇଛି ସେଠୁ ଅନ୍ତରମିଶା ଡାକ
ତିନିଭାଇର ଏ ଘର
ଭ୍ରମ ଆଣୁଚି ଗୋଟେ ଭୂତଖାନାର।

ଜୀବନ ଜୀବିକା ଧରି
ଯେ ଯୁଆଡ଼େ ଚାଲିଗଲେଣି ଏଠୁ
କାହିଁ କେତେ ଦୂରକୁ
ସ୍ୱର ମିଳେଇ ନ ପାରି
ଘରଟିର କ୍ଷୟକ୍ଷତି ସାଥିରେ।
ଲୋକେ କଥାହୁଅନ୍ତି-
ବଡ଼ଭାଇର ଗନ୍ଧ ବାସନା ନାହିଁ
ଘରଛାଡ଼ି, ଗାଁଛାଡ଼ି ଯାଇଚି ଯେ ଯାଇଚି
ମଝିଆଁ ଦିନେ ଆସିଲା
ଘରଚାବି ଖୋଲି, ଅଣ୍ଡଳା ଅଣ୍ଡଳି କରି
ଗାଡ଼ିରେ ନଦିଚାଲିଲା ତା' ଜିନିଷପତ୍ର
ଘରଟା ସେମିତି ଚାହିଁଥାଏ ମଟମଟ କରି
ସାନ ବି ସେମିତି ପଡ଼ିଚି ଯାଇ କେଉଁ ବନସ୍ତରେ
ତା' ସଂସାରକୁ ଧରି।

ଘରର ନାହିଁ କିଛି କହିବାର ଶକ୍ତି
ନାହାନ୍ତି ଘରର ସେ ଥାନପତି
ଯିଏ ଚେୟାରଟିଏ ପକେଇ
ଦାଣ୍ଡପିଣ୍ଡାରେ ବସୁଥିଲେ ଦିନେ,
କେବେଠୁଁ ମାରାପଡ଼ିଗଲେଣି।
କିଏ ଜାଣିଚି
ନିୟତି କ'ଣ ସବୁ ଲେଖିଚି ଏ ଘରର
କପାଳରେ!
ମାଟିରେ ମିଶୁମିଶୁ ତା' ଭିତରେ
ହୁଏତ ଦିନେ ହେଇଯାଇଥିବ ଆଉକାହାର!

ମୋ: ୯୪୩୭୯୮୭୪୨୯

### ବାତ୍ୟା

ସୂର୍ଯ୍ୟ ମିଶ୍ର

ତିନି ତାନ୍ତ୍ରିକ ଆସନ୍ତି,
କତିପୟ ମୁଣ୍ଡୁଳା, ଯନ୍ତ୍ର ଓ ଚକ୍ର ତୋଳନ୍ତି
ଖଡ଼ିକି ମୁରୁଜରେ, ମିଛିମିଛିକା
ମନ୍ତ୍ର ପଢ଼ି ଗଣନା କରନ୍ତି।
ସାତତାଳ ଲଙ୍ଘୁଥାଏ ରାଜାଙ୍କ ବ୍ୟସ୍ତତା।
ମନେପଡ଼େ ପୁରୁଣା କିମ୍ବଦନ୍ତୀ ଓ
ଭରା ଅନ୍ଧାରରାତି,
ଘର ଥିବା ଲୋକର ହୃଦୟ ନ ଥିବ ତ
ହୃଦୟ ଥିବା ଲୋକର ଘର ନ ଥିବ।

ନିଜ ଭିତରର ସଂଶୟ ଓ
ଅବିଶ୍ୱାସରେ ଇତିହାସ ରଚି
ଆସନ୍ତା ଅତିଥିମାନଙ୍କ
ଆଖି ଆଗରେ ଝୁଲାଇଦେବା
ଚଳିବନାହିଁ, ଚଳିବନାହିଁ।
ସମୁଦ୍ରର କ୍ଷୁଧାରେ ମିଶିଯିବାକୁ ଭୂଗୋଳ,
ହଜିଯିବାକୁ ସୂର୍ଯ୍ୟ ଓ ଉଡ଼ିଯିବାକୁ
ନଡ଼ିଆଗଛର ବାହୁଙ୍ଗା
ଦିଆଯିବ ନାହିଁ, ଆଦୌ ନାହିଁ।
ରାଇଜକୁ ନିରାପଦ ରଖିବାକୁ ହେବ।

ତାନ୍ତ୍ରିକମାନଙ୍କ କଥାଭାଷା ଓ ମନ୍ତ୍ରପାଠରେ
ତୋଷାମଦ ଓ ଛଳନାମିଶି
ଦୃଢ଼ କରନ୍ତି ବିଶ୍ୱାସ:
ତୋଫାନର ଆଖି ଫୁଟିଯିବ,
ନିରାଶ୍ରୟ ଚଢ଼େଇ ଆସି
ଫୁଲକୁଣ୍ଡ ଉପରେ ବସିବ,
ଠାକୁରଙ୍କ ତାଲୁରୁ ଖସିପଡ଼ିବ ତମାଳ,
ଅଦିନରେ ଛୁଟିବ ମଲ୍ଲୀର ମହକ,
ଟଳିଯିବ ନିଶ୍ଚୟ ବିପଦ।

ନିଶ୍ଚିନ୍ତ ନିଦରେ ନିରୁଦ୍ଦିଷ୍ଟ ହୋଇଯାଏ ଦୁଃସ୍ୱପ୍ନ।
ସକାଳୁ ଦେଖିଲାବେଳକୁ
ଛିନ୍ନଛତ୍ର ହୋଇଯାଇଥାଏ
ରାଜାଙ୍କ ସୁରମ୍ୟ ଉଦ୍ୟାନ ତ
ଭାଙ୍ଗିଯାଇଥାଏ ପ୍ରାସାଦର ପ୍ରାଚୀର।

ପ୍ରକୃତି ପ୍ରତିଶୋଧ ନେଇସାରିଥାଏ
କଳଙ୍କିଲଗା ଏକତରଫା ବିଶ୍ୱାସ ଉପରେ।

ମୋ: ୬୩୭୧୪୩୫୨୮୮

## ଆଉ ଏକ ବୃଦ୍ଧାଶ୍ରମ

ସନ୍ତୋଷ କୁମାର ଅଦାବର

ଦିନିଗଳ୍ପ

- ବନିତା, ଆଣିଲୁ ଝିଅ ସେ ଔଷଧଟା। ମୁଣ୍ଡଟା ଖାଇଁ ଖାଇଁ ହେଉଛି।
- ହଉ ମାଆ, ଆଣୁଛି।
- ସେ କେମିତି ଅଛନ୍ତି ଝିଅ? ଆଜି ଡାକ୍ତର ଆସି ତାଙ୍କୁ ଇଞ୍ଜେକ୍‌ଶନଟିଏ ଦେବାର ଥିଲା। ପ୍ରତି ତିନି ଦିନରେ ଗୋଟିଏ ଇଞ୍ଜେକ୍‌ଶନ ଦେବାର ଅଛି ତ। ତୋର କୁନିକୁ ଜଳଖିଆ ଦେଇ ଦେ।
- ହଁ ମାଆ, ଆପଣ ବ୍ୟସ୍ତ ହୁଅନ୍ତୁନି। ବାବୁ ଫୋନ୍ କରି ଡାକ୍ତରଙ୍କୁ କହିଛନ୍ତି। ଡାକ୍ତର ଆସି ଇଞ୍ଜେକ୍‌ଶନ ଦେଇଯିବେ। ସବୁ ଠିକ୍ ଚାଲିଛି। କୁନି ବି ଜଳଖିଆ ଖାଇ ସାରି ପଛପଟ ଘର ବାରଣ୍ଡାରେ ବହି ଦେଖୁଛି। ବଡ଼ବାବୁଙ୍କୁ ଟିକିଏ ଭଲ ଲାଗିଛି। ବାଡ଼ିରେ କଅଁଳିଆ ସୂର୍ଯ୍ୟକିରଣରେ ବସିଛନ୍ତି।

ଅବସରପ୍ରାପ୍ତ ଅଧିକାରୀ ବୀରେନ୍ଦ୍ର ବାବୁ ଆଉ ତାଙ୍କ ପତ୍ନୀ ସୁରେଖା ଦେବୀ ବୟସର ଅପରାହ୍ନରେ। ଏକମାତ୍ର ପୁଅ ମୋହିତ ଘରଠାରୁ ବହୁଦୂରରେ ଏକ ସହରରେ ତାଙ୍କ ପତ୍ନୀ ଏବଂ ପୁଅକୁ ନେଇ ରହୁଛନ୍ତି। ଉଚ୍ଚଶିକ୍ଷିତ ଚାକିରିଆ ପିଲା ସେ। ମୋଟା ଅଙ୍କର ଦରମା ବି ମିଳୁଛି। ପତ୍ନୀ ମୀରା ଶ୍ୱଶୁର ଘରେ ଖାପଖୁଆଇ ପାରିଲାନି ବୋଲି ସ୍ୱାମୀ ସାଙ୍ଗରେ ରହୁଛି। ମୋହିତବାବୁ କିନ୍ତୁ ତାଙ୍କ ବାପା ମାଆଙ୍କର କୌଣସିଟିରେ ଅସୁବିଧା ହେବାକୁ ଦିଅନ୍ତିନି। ଫୋନ୍‌ରେ ଅର୍ଡର ଦେଲେ ସବୁ କାମ ବନିଯାଏ। ମାସିକ କିଛି ପାଉଣା ସହ ଖାଇବା ପିଇବା ସୁବିଧା ଦେଇ ନିଯୁକ୍ତ କରିଛନ୍ତି ବନିତାକୁ।

ବନିତାର ପରିଚୟ କହିଲେ ତା'ର ଦଶ ବର୍ଷର ଝିଅ ସୀମା ଆଉ ସେ। ଏ ବୁଢ଼ାବୁଢ଼ୀ ଦୁହେଁ ବି କିଛି କମ୍ ନୁହନ୍ତି ବନିତା ପାଇଁ। ବାପାମାଆ ଭଳି ସ୍ନେହ ପାଇଛି ସେ ତାଙ୍କଠାରୁ। ଗତ ପାଞ୍ଚ ବର୍ଷ ହେବ ରହି ଆସୁଛି ତାଙ୍କ ଘରେ। ବୀରେନ୍ଦ୍ର ବାବୁ ଏବଂ ସୁରେଖା ଦେବୀଙ୍କର ସୁଖଦୁଃଖରେ ଭାଗବଣ୍ଟା କରି ନିଜେ ବଞ୍ଚିବାର ବାଟଟିଏ ପାଇଛି ସେ। ନିଜର ଝିଅ ନ ଥିଲେ ବି ଆଉ ପୁଅ ଦୂରରେ ରହୁଥିଲେ ବି ବନିତାର ଭରସାରେ ଆଉ ତା'ର ଝିଅ ସୀମାର ହସକୁ ଦେଖି ବୁଢ଼ାବୁଢ଼ୀ ଅଧିକାଂଶ ସମୟ ଖୁସିରେ ବିତାଇ ଦିଅନ୍ତି।

ଏଇ ଗଲାମାସରୁ ବୁଢ଼ାବୁଢ଼ୀଙ୍କୁ ବାର୍ଦ୍ଧକ୍ୟଜନିତ ରୋଗ ଟିକିଏ ଅଧିକ ମାତ୍ରାରେ ମାଡ଼ିବସିଛି। ରୋଗାକ୍ରାନ୍ତ ଶରୀରକୁ ମନ ବି ଭାରାକ୍ରାନ୍ତ। ବୁଢ଼ାବୁଢ଼ୀ ଦୁହେଁ ରହି ଆସୁଛନ୍ତି ଦୁଃଖର ଆବେଗରେ। ସନ୍ଧ୍ୟାବେଳେ ସୀମା ଗପଟିଏ ପଢୁଥିବା ସମୟରେ ତା' ମାଆକୁ ପଚାରିଲା- ମାଆ, ବୃଦ୍ଧାଶ୍ରମ କ'ଣ? ବନିତା ବୁଝେଇ ଦେବା ଆଗରୁ ସୁରେଖାଦେବୀ କହିଲେ- 'ଏଇ ଆମ ଘର। ଏଇଟା ତ ବୃଦ୍ଧାଶ୍ରମ।' କୋମଳ ମନରେ ବୁଝିପାରିବାର କଠିନତାକୁ ବନିତା ବୁଝିପାରି ଝିଅ ସୀମାକୁ ସେଠାରୁ ନେଇ ଆସିଲା ତାଙ୍କୁ ରହିବା ପାଇଁ ଦିଆଯାଇଥିବା ବଖରାକୁ। ତୁ ଏଇଠି ଥା। ପରେ ତୋତେ ବୃଦ୍ଧାଶ୍ରମ ବିଷୟରେ କହିବି କହି ସେ ଚାଲିଆସିଲା ବୁଢ଼ାବୁଢ଼ୀଙ୍କ ପାଖକୁ। ବୁଢ଼ୀ ଗପ କହିଲା ଢଙ୍ଗରେ ବୁଢ଼ାକୁ ବୁଝାଉଥାଏ- ହେଇ, ଶୁଣୁଚ। ମୋହିତ ବାପା। ସତରେ ଏଇ ଘରଟା ଗୋଟାଏ ବୃଦ୍ଧାଶ୍ରମ। ଠିକ୍ କହିଲି ନା। ଯେଉଁଠି ପୁଅବୋହୂ ଥାଇ ବୃଦ୍ଧ ବାପାମାଆଙ୍କ କଥା ବୁଝୁନାହାନ୍ତି, ତାହା ବୃଦ୍ଧାଶ୍ରମ ନୁହଁ ଆଉ କ'ଣ? ବୁଢ଼ା କହିଲା- 'ସେମିତି କହ ନା ମୋହିତ ବୋଉ। ପୁଅ ଆମର କ'ଣ ଅସୁବିଧା କରୁଛି ଯେ?' ସାଙ୍ଗରେ ନେଲାନି କି ପାଖରେ ରଖିଲାନି। ବୃଦ୍ଧ କାଳେ ଦୁଃଖରେ ଘାଣ୍ଟୁଛି। କେବଳ ଖାଇବା, ପିଇବା, ପୋଷାକ, ଔଷଧ ବ୍ୟବସ୍ଥା କରିଦେଲେ ଦୁଃଖଟା ପଳେଇଗଲା।' ଅଳ୍ପ ରାଗିକି ବୁଢ଼ୀ କହିଲା। ବୁଢ଼ୀର ଏ କଥାରେ ବୁଢ଼ାର ନା ବୁଝିବାର ଶକ୍ତି ଥିଲା ନା ବୁଢ଼ୀକୁ ବୁଝାଇବାର ସାମର୍ଥ୍ୟ ଥିଲା। ସେ ଚୁପ୍ ହୋଇ ଶୁଣୁଥାଏ ଆଉ ବୁଢ଼ୀ କହି ଚାଲିଥାଏ। ଅଧା କଥା ଶୁଣି ଚାଲିଯାଇଥିବା ସୀମାର କୋମଳ ମନକୁ ବୃଦ୍ଧାଶ୍ରମ ବିଷୟରେ ଭିନ୍ନ ଏକ ଦୃଷ୍ଟାନ୍ତ ଦେଇ ବୁଝାଇବାର ଉପାୟଟିଏ ମନେମନେ ଭାବୁଥାଏ ବନିତା।

ମୋ: ୯୭୭୭୯୧୦୭୨୮

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୨୩/୨୦୨୪ Bhubaneswar, Saturday, November 23/ 2024

# ପ୍ରଥମ ଦିବସରେ ୧୭ ଉଇକେଟ ପତନ

## ପ୍ରଥମ ଟେଷ୍ଟ: ପର୍ଥରେ ବୋଲରଙ୍କ ଆଧିପତ୍ୟ

## ଭାରତ ୧୫୦, ଅଷ୍ଟ୍ରେଲିଆ ୬୭/୭

**ପର୍ଥ, ୨୨।୧୧**

ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଶୁକ୍ରବାର ଆରମ୍ଭ ହୋଇଛି ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ। ପର୍ଥର ବାଉନ୍ସି ଓ ସୁଇଂ ପିଚ୍‌ରେ ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ଗୋଟିଏ ଦିନରେ ୧୭ଟି ଉଇକେଟର ପତନ ଘଟିଛି। ବ୍ୟାଟରଙ୍କୁ କଡ଼ା ପରୀକ୍ଷାରେ ପକାଇଛନ୍ତି ଦ୍ରୁତ ବୋଲର। ଭାରତ ୧୫୦ ରନରେ ଅଲ୍‌ଆଉଟ ହୋଇଥିବାବେଳେ ପ୍ରଥମ ଦିବସ ଷ୍ଟମ୍ପ ବେଳକୁ ଅଷ୍ଟ୍ରେଲିଆ ୬୭ ରନ ମଧ୍ୟରେ ୭ ଉଇକେଟ ହରାଇ ସାରିଛି। ଅଷ୍ଟ୍ରେଲିଆର କୌଣସି ପିଚ୍‌ରେ ପ୍ରଥମ ଦିବସରେ ଏତେ ସଂଖ୍ୟକ ଉଇକେଟ ପତନ ହେବା ୧୯୫୨ ପରେ ଏହା ପ୍ରଥମ। ଅର୍ଥାତ୍ ୭ ଦଶନ୍ଧି ପରେ ଏପରି ଘଟଣା ଦେଖିବାକୁ ମିଳିଛି। ୩ ଉଇକେଟ ସୁରକ୍ଷିତ ଥିବାବେଳେ ଅଷ୍ଟ୍ରେଲିଆ ଏବେ ଭାରତ ପ୍ରଥମ ଇନିଂସଠାରୁ ୮୩ ରନ ପଛରେ ରହିଛି। ତେଣୁ ମ୍ୟାଚ ରୋମାଞ୍ଚକ ହେବା ନିଶ୍ଚିତ ହୋଇଛି।


ଯଶପ୍ରୀତ୍ ବୁମ୍ରା

### ପଦାର୍ପଣରେ ନୀତୀଶ ପ୍ରଭାବୀ

ଏହି ମ୍ୟାଚରେ ୩ ଖେଳାଳିଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ ହୋଇଥିଲା। ସେମାନେ ହେଲେ ଭାରତର ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା ଓ ଅଷ୍ଟ୍ରେଲିଆର ନାଥନ ମ୍ୟାକସ୍ୱିନି। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ୫ ରନରେ ପ୍ରଥମ ଏବଂ ୭୩ ରନ ମଧ୍ୟରେ ୬ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବିବାଦୀୟ ଭାବେ ଆଉଟ ହୋଇଥିବା ଲୋକେଶ ରାହୁଲ ୨୬ ରନ କରିଥିବାବେଳେ ବିରାଟ କୋହଲିଙ୍କ ସମେତ ଅନ୍ୟ ୫ ବ୍ୟାଟର ନିରାଶ କରିଥିଲେ। ତେବେ ଜୀବନର ପ୍ରଥମ ଟେଷ୍ଟ ଖେଳିଥିବା ନୀତୀଶ ସାହସର ସହିତ ଅଷ୍ଟ୍ରେଲିଆ ଫାଷ୍ଟ ବୋଲରଙ୍କୁ ମୁକାବିଲା କରିଥିଲେ। ନୀତୀଶ ଓ ରିଷଭ ପନ୍ତ ଆକ୍ରମଣାତ୍ମକ ବ୍ୟାଟିଂ କରି ୭ମ ଉଇକେଟରେ ମୂଲ୍ୟବାନ ୪୮ ରନର ଭାଗୀଦାରି ଗଢ଼ିବା ଯୋଗୁ ଭାରତ ସ୍କୋର ୧୦୦ ଅତିକ୍ରମ କରି ଆଗକୁ ବଢ଼ିଥିଲା। ପନ୍ତ ୩୭ ରନକରି ଆଉଟ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ଲୋୟର ଅର୍ଡର ବ୍ୟାଟରମାନେ ଏଭଳି ଏକ ପିଚ୍‌ରେ ଘରୋଇ ବୋଲରଙ୍କୁ ମୁକାବିଲା କରିବା ସମ୍ଭବ ନ ଥିଲା। ଫଳରେ ଭାରତ ଇନିଂସ ୪୯.୪ ଓଭରରେ ୧୫୦ରେ ସୀମିତ ରହି ଯାଇଥିଲା। ୫୯ ବଲ୍‌ର ସମ୍ମୁଖୀନ ହୋଇଥିବା ନୀତୀଶ ୬ ଚୌକା ଓ ୧ ଛକା ସହାୟତାରେ ଦଳ ପକ୍ଷରୁ ସର୍ବାଧିକ ୪୧ ରନକରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜେଲଉଡ୍ ୪ଟି ଏବଂ ମିଚେଲ ଷ୍ଟାର୍କ, ଅଧିନାୟକ ପ୍ୟାଟ୍ କମିନ୍ସ ଓ ମିଚେଲ ମାର୍ଶ ୨ଟିଲେଖାଏ ଉଇକେଟ ନେଇଥିଲେ।

### ବୁମ୍‌ରାଙ୍କ ଘାତକ ବୋଲିଂ

ପିଚ୍ କଣ୍ଡିଶନରୁ ଭାରତୀୟ ବୋଲର ମଧ୍ୟ ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ। ଫଳରେ ଘରୋଇ ବ୍ୟାଟରମାନେ କ୍ରିଜ୍‌ରେ ଟିଷ୍ଠି ରହିବାକୁ ସଂଘର୍ଷ କରିଥିଲେ। ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଇଥିବା ବୁମ୍‌ରା ଜଣେ ଲିଡରର ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ


ଜୋଶ ହାଜେଲଉଡ୍

କରିଥିଲେ। ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ମହମ୍ମଦ ସିରାଜ ଓ ହର୍ଷିତ ରାଣା। କୌଣସି ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ହାତଖୋଲା ଶଟ୍ ଖେଳିବାକୁ ଦେଇ ନ ଥିଲେ ଏହି ତିନି ପେସର। ବୁମ୍‌ରାଙ୍କ ଘାତକ ବୋଲିଂ ଯୋଗୁ ମାତ୍ର ୧୯ ରନ ମଧ୍ୟରେ ୩ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା ଅଷ୍ଟ୍ରେଲିଆ। ଏମାନଙ୍କ ମଧ୍ୟରୁ ଅଭିଜ୍ଞ ଷ୍ଟିଭେନ ସ୍ମିଥ ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଥିବାବେଳେ ଉସମାନ ଖ୍ୱାଜା ୮ ଓ ନବାଗତ ମ୍ୟାକସ୍ୱିନି ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ମାର୍ନସ ଲାବୁସେନ (୨), ଟ୍ରାଭିସ ହେଡ୍ (୧୧), ମିଚେଲ ମାର୍ଶ (୬) ଓ କମିନ୍ସ (୩) ମଧ୍ୟ ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଷ୍ଟମ୍ପ ବେଳକୁ ଆଲେକ୍ସ କାରେ ସର୍ବାଧିକ ୧୯ ଓ ମିଚେଲ ଷ୍ଟାର୍କ ୬ ରନକରି ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ବୁମ୍‌ରା ମାତ୍ର ୧୭ ରନରେ ୪ଟି, ସିରାଜ ୨ଟି ଓ ହର୍ଷିତ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୫୦/ଅଲ୍‌ଆଉଟ (ନୀତୀଶ କୁମାର ରେଡ୍ଡୀ-୪୧, ରିଷଭ ପନ୍ତ-୩୭, ଲୋକେଶ ରାହୁଲ-୨୬, ଜୋଶ ହାଜେଲଉଡ୍-୪/୨୯, ମିଚେଲ ଷ୍ଟାର୍କ-୨/୧୪, ପ୍ୟାଟ୍ କମିନ୍ସ-୨/୬୭, ମିଚେଲ ମାର୍ଶ-୨/୧୨)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୬୭/୭ (ଆଲେକ୍ସ କାରେ-୧୯*, ଯଶପ୍ରୀତ୍ ବୁମ୍‌ରା-୪/୧୭, ମହମ୍ମଦ ସିରାଜ-୨/୧୭, ହର୍ଷିତ ରାଣା-୧/୩୩)।

# ରାହୁଲଙ୍କ ଆଉଟକୁ ନେଇ ପ୍ରଶ୍ନବାଚୀ



**ପର୍ଥ, ୨୨।୧୧ (ପି.ଟି.):** ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟର ପ୍ରଥମ ଦିବସରେ ଲୋକେଶ ରାହୁଲଙ୍କ ଆଉଟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଭୟ ଦେଶର ପୂର୍ବତନ ଖେଳାଳିମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରାହୁଲଙ୍କ କଟ୍ ବିହାଇଣ୍ଡ ଆବେଦନକୁ ଫିଲ୍ଡ ଅମ୍ପାୟର ରିଚାର୍ଡ କେଟେଲବର୍ଗ ନାକଚ କରି ଦେଇଥିଲେ। ଏହାକୁ ଡିଆର୍‌ଏସ୍ ମାଧ୍ୟମରେ ଅଷ୍ଟ୍ରେଲିଆ ଖେଳାଳିମାନେ ଚ୍ୟାଲେଞ୍ଜ କରିଥିଲେ। ତୃତୀୟ ଅମ୍ପାୟର ରିଚାର୍ଡ ଇଲିଂୱର୍ଥ ଏହାକୁ ଆଉଟ ଘୋଷଣା କରିଥିଲେ। ମାତ୍ର ମିଚେଲ ଷ୍ଟାର୍କଙ୍କ ବଲ୍ ରାହୁଲଙ୍କ ବ୍ୟାଟ୍ କିମ୍ବା ପ୍ୟାଡ୍‌ରେ ବାଜିଥିଲା, ତାହା ସ୍କ୍ରିନରେ ସ୍ପଷ୍ଟ ହୋଇ ନ ଥିଲା। ତେଣୁ ରବି ଶାସ୍ତ୍ରୀ, ମାଇକେଲ ହସୀ, ମାଥ୍ୟୁ ହେଡେନ, ମାର୍କ ୱ, ୱାସିମ ଜାଫର ଆଦି ଉଭୟ ଦଳର ଅନେକ ପୂର୍ବତନ ଖେଳାଳି ଏହି ନିଷ୍ପତ୍ତି ବିବାଦୀୟ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ଆଇସିସି ଏଲିଟ ଅମ୍ପାୟର ସିମନ ଟଫେଲ ମଧ୍ୟ ରାହୁଲ ଏ କ୍ଷେତ୍ରରେ ଅନ୍‌ଲକି ବୋଲି ଅନୁଭବ କରିଛନ୍ତି। ତେଣୁ ଦ୍ୱନ୍ଦ୍ୱ ଥିଲେ ଆଉଟ ଦିଆଯିବା ଉଚିତ ନୁହେଁ ବୋଲି ମତପ୍ରକାଶ ପାଇଛି।

# ଓଡ଼ିଶାର ତନଭି, ପ୍ରଗତି-ବିଶାଖାଙ୍କ ସହଜ ବିଜୟ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ):** ସ୍ଥାନୀୟ ନୀଳାଦ୍ରିବିହାର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଏବଂ ଶହୀଦ ନଗରସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୟୋନେକ୍ସ ସନ୍‌ରାଇଜ ୪୭ତମ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ବ୍ୟକ୍ତିଗତ ଇଭେଣ୍ଟରେ ପ୍ରାୟ ସମସ୍ତ ମାନ୍ୟତାପ୍ରାପ୍ତ ଖେଳାଳି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ରାଜସ୍ଥାନର ସଂସ୍କାର ସାରସ୍ୱତ ତେଲଙ୍ଗାନାର ସାଇ ପ୍ରସାଦଙ୍କୁ, ଉତ୍ତର ପ୍ରଦେଶର ଭୁମେଶ ଉତ୍ତରାନି ମିଜୋରାମର ସାଇଲୋ ଭନଲାଲଙ୍କୁ, ଦିଲ୍ଲୀର ଗିନପଲ ଏସ୍ ବିହାରର ସାକ୍ଷମ ବତସାଙ୍କୁ ହରାଇ ଦେଇଛନ୍ତି। ମହାରାଷ୍ଟ୍ରର ପ୍ରଜ୍ୱଳ ସୁନବାନେ ଆନ୍ଧ୍ରପ୍ରଦେଶର ଉମା ମହେଶ୍ୱର ରେଡ୍ଡୀଙ୍କୁ ପରାସ୍ତ କରିଛନ୍ତି। ବାଳିକା ବିଭାଗରେ ଟପ୍ ସିଡ୍ ହରିୟାଣାର ମେଧାବୀ ନାଗର ଛତିଶଗଡର ରେବାରାଜେ ବର୍ମାଙ୍କୁ, ଦୁର୍ଗା କନ୍ଦରପୁ ଉତ୍ତର ପ୍ରଦେଶର କାଜନ ପନୱରଙ୍କୁ, ତାମିଲନାଡୁର ଆର୍ଦର୍ଶିନୀ ଶ୍ରୀ ଓଡ଼ିଶାର ଗୀତାଶ୍ରୀ ଦେଇଙ୍କୁ, ଓଡ଼ିଶାର ତନଭି ପତ୍ରି ମହାରାଷ୍ଟ୍ରର ମଧୁମିତା ନାରାୟଣଙ୍କୁ ୨୧-୧୫, ୨୧-୧୧ରେ ହରାଇ ଦେଇଛନ୍ତି। ବାଳିକା ଡବଲ୍ସରେ ଓଡ଼ିଶାର ପ୍ରଗତି ପରିଡ଼ା ଓ ବିଶାଖା ଟପ୍ପୋଙ୍କ ଯୋଡ଼ି ହିମାଚଳ ପ୍ରଦେଶର ଗାରିମା ବର୍ମା ଓ ପ୍ରଜ୍ଞା ବର୍ମାଙ୍କୁ ୨୧-୮, ୨୧-୧୪, ପଞ୍ଜାବର ସମୃଦ୍ଧି ଭରଦ୍ୱାଜ ଓ ସାନଭି ନଟିୟାଲ ଯୋଡ଼ି ଆସାମର ଭବିଷ୍ୟତ ଚାଙ୍ଗମି ଓ ଶାନ୍ତିପ୍ରିୟା ହଜାରିକାଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

# ମାର୍ଚ୍ଚ ୧୪ରୁ ମେ' ୨୫

## ଆଇପିଏଲ୍ ୨୦୨୫

**ନୂଆଦିଲ୍ଲୀ, ୨୨।୧୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆସନ୍ତାବର୍ଷ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଲାଗି ଦିନ ଧାର୍ଯ୍ୟ କରିଛି। ଏହି ବ୍ୟୟବହୁଳ ଟି୨୦ ଲିଗ୍ ୨୦୨୫ ମାର୍ଚ୍ଚ ୧୪ରୁ ମେ ୨୫ ପର୍ଯ୍ୟନ୍ତ ହେବ। ବିସିସିଆଇ ଏହାଛଡ଼ା ଇଭେଣ୍ଟର ୨୦୨୬ ଓ ୨୦୨୭ ସିଜନ କେବେ ହେବ ସେ ସମ୍ପର୍କରେ ସୂଚନା ଦେଇଛି। ରବିବାରଠାରୁ ଜେଦାହଠାରେ ହେବାକୁଥିବା ଦୁଇ ଦିନିଆ ମେଗା ଖେଳାଳି ନିଲାମିରେ ଅତିରିକ୍ତ କେତେଜଣ ଖେଳାଳିଙ୍କୁ ସାମିଲ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ବାରମ୍ବାର ଆଘାତଜନିତ ସମସ୍ୟାରେ ରହୁଥିବା ଇଂଲଣ୍ଡ ପେସ୍ ବୋଲର ଜୋଫ୍ରା ଆର୍ଚର, ଭାରତରେ ଜନ୍ମିତ ଆମେରିକୀୟ ପେସର ସୌରଭ ନେତ୍ରାଭାଲକର ଏବଂ ଅନ୍‌କ୍ୟାପ୍‌ଡ ମୁମ୍ବାଇ ଉଇକେଟକିପର-ବ୍ୟାଟର ହାର୍ଦ୍ଦିକ ତାମୋର। ବିସିସିଆଇ ଆଇପିଏଲ୍‌କୁ ନେଇ ଏହାର ଯୋଜନା ସମ୍ପର୍କରେ ସମସ୍ତ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଅବଗତ କରାଇଛି। ଟୁର୍ନାମେଣ୍ଟର ୨୦୨୬ ସଂସ୍କରଣ ମାର୍ଚ୍ଚ ୧୫ରୁ ଆରମ୍ଭ ହେବ ଏବଂ ଗ୍ରାଣ୍ଡ ଫିନାଲେ ପାଇଁ ମେ ୩୧ ଦିନ ଧାର୍ଯ୍ୟ କରାଯାଇଛି। ୨୦୨୭ ସଂସ୍କରଣ ପୁଣି ଥରେ ମାର୍ଚ୍ଚ ୧୪ରେ ଆରମ୍ଭ ହେବ। ଫାଇନାଲ ୩୦ ତାରିଖରେ ହେବ। ସମସ୍ତ ୩ ଫାଇନାଲ ରବିବାରକୁ ରଖାଯାଇଛି। ବିସିସିଆଇ ଆହୁରି ମଧ୍ୟ ଆଇପିଏଲ୍ ମ୍ୟାଚ ସଂଖ୍ୟା ବୃଦ୍ଧି କରିଛି। ଏହା ସାଢେ ୧୦ ସପ୍ତାହ ଧରି ଚାଲିବ। ଚଳିତବର୍ଷ ଆଇପିଏଲ୍‌ରେ ଆର୍ଚରଙ୍କୁ ସ୍ଥାନ ମିଳି ନ ଥିଲା। କହୁଣିରେ ଇଞ୍ଜୁରୀ ଯୋଗୁ ସେ ୨୦୨୩ ସଂସ୍କରଣରେ ତାଙ୍କ ଦଳ ତରଫରୁ ସମସ୍ତ ମ୍ୟାଚ ଖେଳି ପାରି ନ ଥିଲେ। ଚଳିତବର୍ଷ ପ୍ରାରମ୍ଭରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍)ରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ନେତ୍ରାଭାଲକରଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଆୟୋଜକ ଦେଶ ୟୁଏସ୍‌ଏ ୮ରେ ପ୍ରବେଶ କରିପାରିଥିଲା। ଏହି ପୂର୍ବତନ ୧୯ ବର୍ଷରୁ କମ୍ ଭାରତୀୟ ଖେଳାଳି ରଣଜୀ ଟ୍ରଫିରେ ମୁମ୍ବାଇ ପାଇଁ ଖେଳିଛନ୍ତି। କମ୍ପ୍ୟୁଟର ଇଞ୍ଜିନିୟରିଂ ପଢିବା ଲାଗି ସେ ୟୁଏସ୍‌ଏକୁ ପଳାଇଥିଲେ। ବର୍ତ୍ତମାନ ସେ ଓରାକଲ ନାମକ ଏକ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। ଆମେରିକାରେ ଯାଇ ବସବାସ କରିବା ପରେ ୟୁଏସ୍ ଖେଳାଳିରେ ପରିଣତ ହୋଇଥିବା ଉନ୍ମୁକ୍ତ ଚାନ୍ଦ ଟି୨୦ ବିଶ୍ୱକପ୍‌ରେ ଖେଳି ନ ଥିଲେ ମଧ୍ୟ ତାଙ୍କ ନାମ ଆଇପିଏଲ ଖେଳାଳି ତାଲିକାରେ ସ୍ଥାନ ପାଇବା ଏବଂ ନେତ୍ରାଭାଲକରଙ୍କ ନାମ ତାଲିକାରେ ସାମିଲ କରା ନ ଯିବାକୁ ନେଇ ଅନେକେ ଅସନ୍ତୁଷ୍ଟ ଥିଲେ।

# ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟକୁ ସର୍ବଭାରତୀୟ ଯୋଗ୍ୟତା

## ହକିରେ କିଟ୍ ଓ ସମ୍ବଲପୁର, ଭଲିବଲରେ କିଟ୍ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ଓ ଭଲିବଲ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ଉଭୟ ହକି ଓ ଭଲିବଲରେ ଏହି ଯୋଗ୍ୟତା ପାଇଛି। ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ସମ୍ବଲପୁର, କିଟ୍, ଏମ୍‌ଜି କାଶି ବିଦ୍ୟାପୀଠ ଓ ବୀର ବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରି ଶୀର୍ଷ ୪ ଦଳଭାବେ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛନ୍ତି। ଡିସେମ୍ବର ୧୨ରୁ ୧୮ ପର୍ଯ୍ୟନ୍ତ ହରିଦ୍ୱାରର ଗୁରୁକୁଳ କାଙ୍ଗ୍ରି ବିଶ୍ୱବିଦ୍ୟାଳୟରେ ହେବାକୁଥିବା ସର୍ବଭାରତୀୟ ପ୍ରତିଯୋଗିତାରେ ଏହି ୪ ଦଳ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ପ୍ରଥମଥରପାଇଁ ୨ଟି ବିଶ୍ୱବିଦ୍ୟାଳୟ ହକି ଦଳ ସର୍ବଭାରତୀୟ ପ୍ରତିଯୋଗିତାରେ ଭାଗନେବେ। କିଟ୍ ଓ ସମ୍ବଲପୁରର ମହିଳା ହକି ଦଳ ମଧ୍ୟ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛି। ସେହିପରି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ଭଲିବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ଆୟୋଜକ ଦଳ ସମେତ କିଟ୍, ଏମ୍‌ଜି କାଶି ବିଦ୍ୟାପୀଠ ଓ ଆଦାମାସ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇ ଶୀର୍ଷ ୪ ଦଳର ମାନ୍ୟତା ପାଇଛନ୍ତି। ଏହି ଦଳ ଗୁଡ଼ିକ ୨୦୨୫ ଜାନୁୟାରୀ ୬ରୁ ୧୦ ପର୍ଯ୍ୟନ୍ତ କୋଟ୍ଟାୟମର ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟରେ ହେବାକୁଥିବା ସର୍ବଭାରତୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଆହାନ ମିଶ୍ରଙ୍କୁ ଡବଲ ଟାଇଟଲ

## ଏଆଇଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଟେନିସ ଆସୋସିଏଶନ (କେଡିଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୧୬ ଓ ୧୮ ବର୍ଷରୁ କମ୍ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ ଟୁର୍ନାମେଣ୍ଟ ଗତ ୧୮ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗ, ମେଘାଳୟ, ଛତିଶଗଡ଼, କର୍ଣ୍ଣାଟକ,ତେଲଙ୍ଗାନା, ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ, ଉତ୍ତର ପ୍ରଦେଶ ଓ ଆୟୋଜକ ଓଡ଼ିଶା ସମେତ ୧୦ ରାଜ୍ୟରୁ ୫୫ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ଆହାନ ମିଶ୍ର ଉଭୟ ୧୬ ଓ ୧୮ ବର୍ଷରୁ କମ୍ ବାଳକ ବର୍ଗର ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ତେଲଙ୍ଗାନାର ନଲାଗୁଣ୍ଡଲା ପାର୍ଥିବଙ୍କୁ ୬-୨, ୬-୧ରେ ଏବଂ ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଛତିଶଗଡ଼ର ମହମ୍ମଦ ଆରିଜ ଖାଁଙ୍କୁ ୬-୦, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ଆହାନ ଓ ସତଭ୍ୟା କର୍ମକାରଙ୍କ ଯୋଡ଼ି କର୍ଣ୍ଣାଟକର ନୀହାର ସୁରେଶ କୁମାର ଓ ଓଡ଼ିଶାର ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଯୋଡ଼ିଙ୍କଠାରୁ ୪-୬, ୨-୬ ସେଟ୍‌ରେ ହାରିଯାଇଥିଲେ। ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ସଂରଚନା ଦାସ ୭-୫, ୬-୭(୪), ୬-୧ ସେଟ୍‌ରେ ତାମିଲନାଡୁର ଜେମିମା ରିବେକାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସଭାପତି ମଧୁସୂଦନ ପାଢ଼ୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କେଡିଟିଏ ସମ୍ପାଦକ ଅସିତ ପ୍ରଧାନ, ଉପସଭାପତି ଦାମୋଦର ପ୍ରଧାନୀ, ଟୁର୍ନାମେଣ୍ଟ ରେଫରି ଯତୀନ ବସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ବିଜେତା ଓ ରନରଅପ୍ ଖେଳାଳି ଯଥାକ୍ରମେ ୨୫ ଓ ୨୦ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇଛନ୍ତି।




କୋଝିକୋଡେଠାରେ ଅନୁଷ୍ଠିତ ଆଇଏକେଓ ଜାତୀୟ କିକ୍‌ବକ୍ସିଂରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀଙ୍କୁ ଶୁକ୍ରବାର କନ୍ହେୟାଲାଲ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# କିସ୍, ରେଭେନ୍‌ଶା ଓ ବ୍ରହ୍ମପୁର ବିଜୟୀ

## ପୂର୍ବାଞ୍ଚଳ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ବାସ୍କେଟବଲ୍

**ଭୁବନେଶ୍ୱର, ୨୨।୧୧ (ବିଜୟ ରଣା)**

ଭାରତୀୟ ବିଶ୍ୱବିଦ୍ୟାଳୟ ଆସୋସିଏଶନ ତତ୍ତ୍ୱାବଧାନରେ ସ୍ଥାନୀୟ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବାଞ୍ଚଳ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ବାସ୍କେଟବଲ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ କିସ୍, ରେଭେନ୍‌ଶା ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜୟ ହାସଲ ସହ ପ୍ରତିଯୋଗିତାରେ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟ ୫୭-୪୩ରେ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିବାବେଳେ ରେଭେନ୍‌ଶା ୪୧-୪୦ରେ ବିନୋଦ ବିହାରୀ ମାହତୋ କୋୟଲାଞ୍ଚଳ ବିଶ୍ୱବିଦ୍ୟାଳୟକୁ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୫୯-୫୪ରେ ପିଟି. ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ନ୍ୟାଶନାଲ ସ୍ପୋର୍ଟ୍ସ ୟୁନିଭର୍ସିଟି, ଶ୍ରୀଶ୍ରୀ ୟୁନିଭର୍ସିଟି, ମଣିପୁର ୟୁନିଭର୍ସିଟି ଓ ବର୍ଦ୍ଧମାନ ୟୁନିଭର୍ସିଟି ବିଜୟ ଲାଭ କରିଛନ୍ତି। ଟୁର୍ନାମେଣ୍ଟରେ ମୋଟ ୫୭ବିଶ୍ୱବିଦ୍ୟାଳୟ ଭାଗନେଇଛନ୍ତି। ତନ୍ମଧ୍ୟରେ ଓଡ଼ିଶାରୁ ୧୧ଟି ବିଶ୍ୱବିଦ୍ୟାଳୟ ରହିଛି। କିସ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ କିଟ୍ ଡିମ୍ଡ ୟୁନିଭର୍ସିଟିର ଭାଇସ୍ ଚାନ୍‌ସେଲର ପ୍ରଫେସର ସରଣଜିତ୍ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି (ରେଜିଷ୍ଟ୍ରାର); ଡ. ଗଗନେନ୍ଦୁ ଦାଶ (କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ), ଲାଲାଟେନ୍ଦୁ ମିଶ୍ର (କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ) ଏବଂ ରୁଦ୍ରକେଶ ଜେନା (କିସ୍‌ର କ୍ରୀଡ଼ା ଉପନିର୍ଦ୍ଦେଶକ ତଥା ଆୟୋଜକ ସମ୍ପାଦକ) ପ୍ରମୁଖ ଉପସ୍ଥିତ ଥିଲେ।

# ଜଳବାୟୁ ପରିବର୍ତ୍ତନ କ୍ରୀଡ଼ା ଓ ସ୍ୱାସ୍ଥ୍ୟ ପ୍ରତି ବିପଦ

**ବାକୁ, ୨୨।୧୧ (ଏପି)**

ଜଳବାୟୁ ପରିବର୍ତ୍ତନ ଦ୍ୱାରା ଖେଳ ଓ କ୍ରୀଡ଼ାବିତ୍‌ଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି। ଏଠାରେ ଅନୁଷ୍ଠିତ ଜାତିସଂଘର ଜଳବାୟୁ ସମ୍ମିଳନୀରେ କ୍ରୀଡ଼ା ସହିତ ସମ୍ପୃକ୍ତ ବ୍ୟକ୍ତିବିଶେଷମାନେ ସେମାନଙ୍କ ମତବ୍ୟକ୍ତ କରି କହିଛନ୍ତି। ଦଶନ୍ଧି ଧରି ପ୍ରଫେଶନାଲ ଟ୍ରାଇଥଲେଟ ରହି ଆସିଥିବା ପ୍ରଜ୍ଞା ମୋହନ ଗ୍ରୀଷ୍ମଋତୁରେ ଯେତେବେଳେ ଜନ୍ମଭୂମି ଭାରତକୁ ଫେରନ୍ତି ଦେଶରେ ପୂର୍ବାପେକ୍ଷା ତାପମାତ୍ରା ଖୁବ୍ ବୃଦ୍ଧି ପାଇଥିବା ସେ ଅନୁଭବ କରିଥିଲେ। ଏଥିପାଇଁ ସେ ଭାରତରେ ଆଥ୍‌ଲେଟଙ୍କୁ ଅଧିକ ସମୟ ଟ୍ରେନିଂ ଦେଇ ପାରି ନ ଥିଲେ। ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ମଧ୍ୟ ତାଙ୍କୁ ସମାନ ଅବସ୍ଥା ସାମ୍ନା କରିବାକୁ ପଡ଼ିଥିଲା। ବିଶ୍ୱରେ ଯେପରି ତାପମାତ୍ର ବୃଦ୍ଧି ପାଇବାରେ ଲାଗିଛି, ଏହା ଖେଳକୁ ନଷ୍ଟ କରିଦେବ ବୋଲି ସେ କହିଛନ୍ତି। ଆମେରିକାନ ଡିସ୍କସ୍ ଥ୍ରୋୟର ସାମ୍ ମାଟିସ କହିଛନ୍ତି, ୨୦୨୧ରେ ଓରେଗନ୍‌ସ୍ଥିତ ୟୁଜେନ୍‌ଠାରେ ୨୦୨୧ ୟୁଏସ୍ ଅଲିମ୍ପିକ ଟ୍ରାଏଲ୍ସ ବେଳେ ସେଠାରେ ତାପମାତ୍ରା ୪୪ଡିଗ୍ରୀ ସେଲ୍‌ସିଅସ ଥିଲା। ଫଳତଃ ସେଠାରେ କିଛି ସମର୍ଥକ, ଅଫିସିଆଲ ଓ ଆଥ୍‌ଲେଟ ବେହୋସ ହୋଇଯାଇଥିଲେ। ନ୍ୟୁଜିଲାଣ୍ଡ ଫୁଟ୍‌ବଲ ଖେଳାଳି କେଟି ରୁଡ୍ ଟୋକିଓ ଅଲିମ୍ପିକ୍ସ ପାଇଁ ସେମାନଙ୍କୁ ହିଟ୍ ଚାମ୍ବରରେ କିପରି ପ୍ରସ୍ତୁତ ହେବାକୁ ପଡ଼ିଥିଲା। ତାହା ମନେ ପକାଇ କହିଥିଲେ। ଅଧିକ ତାପମାତ୍ର ଓ ଆର୍ଦ୍ରତା ଯୋଗୁ ୱାର୍ମଅପ୍‌କୁ କାଟଛାଣ୍ଟ କରିବାକୁ ପଡ଼ିଥିଲା। ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଯଦି ଆବଶ୍ୟକ ପଦକ୍ଷେପ ନିଆ ନ ଯାଏ ତେବେ ଭବିଷ୍ୟତରେ ଟ୍ରାଏଥଲନ ଖେଳ ଏହାର ସତ୍ତା ହରାଇ ବସିବ ବୋଲି ମୋହନ ଆଲୋଚନା ଚକ୍ରରେ ଭାଗ ନେଇ କହିଥିଲେ।

# ଭୁବନେଶ୍ୱର ଜିମ୍ନାଷ୍ଟିକ୍ସ ଦଳ ଘୋଷିତ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ୪୩ତମ ରାଜ୍ୟ ପ୍ରତିଯୋଗିତା ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମସ୍ଥିତ ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ବୟସ ବର୍ଗରେ ମହିଳା ଓ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତା ପାଇଁ ଶୁକ୍ରବାର ଭୁବନେଶ୍ୱର ଦଳ ଘୋଷିତ ହୋଇଛି। ୧୨ ବର୍ଷରୁ କମ୍ ବାଳକ ବର୍ଗରେ ଜୀଶନ ଅହମଦ ଖାଁ ଓ ତନ୍ମୟ ପାଢ଼ୀ, ୧୪ ବର୍ଷରୁ କମ୍ ବାଳକରେ ମହମ୍ମଦ ବରକତ ଅଲୀ ଓ ସଜଳ କୁମାର ସାମଲ ଅଂଶଗ୍ରହଣ କରିବେ। ସେହିପରି ସବ୍‌ଜୁନିୟର ବାଳିକାରେ ଆରାଧ୍ୟା ମଲିକ, ଶରନ୍ୟା ମିଶ୍ର, ସିଦ୍ଧିକ୍ଷା ସାହୁ ଓ ଶ୍ରେୟାସୀ ପ୍ରିୟଦର୍ଶିନୀ ଭାଗନେବେ। ସିନିୟର ବାଳିକାରେ ଜେଏମ୍ ରିତିକା ଦାସ ଓ ରଶ୍ମିରେଖା ସାହୁ ଅଂଶଗ୍ରହଣ କରିବେ ବୋଲି ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏଶନ ସମ୍ପାଦକ ନରେନ୍ଦ୍ର କୁମାର ଶେଠୀ ପ୍ରକାଶ କରିଛନ୍ତି।


ଭୁବନେଶ୍ୱର ଡେଭଲପ୍‌ମେଣ୍ଟ ଅଥରିଟି ଉପାଧ୍ୟକ୍ଷ ଏନ. ତିରୁମାଲା ନାଏକଙ୍କୁ ଶୁକ୍ରବାର ସାକ୍ଷାତ କରିବା ଅବସରରେ ଓଡ଼ିଶା ରୋଲ୍‌ବଲ୍ ଦଳର ଖେଳାଳି ଓ କର୍ମକର୍ତ୍ତା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ